

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar



ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ବିଷ୍ଣୁଦେବଙ୍କ ନିର୍ଦ୍ଦେଶ | ୬

ODISHA BHASKAR ଯାହା ଆପଣଙ୍କ କଥା କହେ

ଶିଳ୍ପାଙ୍କ ହାତଧରି ନାଚିଲେ ଅକ୍ଷୟ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୬ Vol. 21 No-336 6 MARCH 2025 THURSDAY BHUBANESWAR ଗୁରୁବାର, ୬ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦







ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡାର ବହୁ ଚର୍ଚ୍ଚିତ ବାରିମୂଳ ଆଶ୍ରମକୁ ସାରଥୀ ବାବା ଯାଇପାରିବେ ନାହିଁ । ତେବେ ନିଜ ଅସୁସ୍ଥ ଭାଇଙ୍କୁ ଭେଟିବା ଲାଗି ସେ କେତେକ ସର୍ତ ଆଧାରରେ କେନ୍ଦ୍ରାପଡ଼ା ଯାଇ ପାରିବେ ବୋଲି ଆଜି ହାଇକୋର୍ଟ ସାରଥୀ ବାବା ଓରଫ ସନ୍ତୋଷ ରାଉଳଙ୍କ ପକ୍ଷରୁ ରୁଜୁ ଏକ ଆବେଦନର ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି । ଅଦାଲତଙ୍କ ପୂର୍ବ ଆଦେଶର ପୁନଃ ବିର୍ଚାର ପାଇଁ ସାରଥୀଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ କେନ୍ଦ୍ରାପଡା ଯିବା ପାଇଁ ସାରଥୀଙ୍କ ନିମନ୍ତେ କେତେକ ସର୍ତ ରଖିଛନ୍ତି । ୨ ମାସରେ ଥରେ ସାରଥୀ କେନ୍ଦ୍ରାପଡା ଯାଇପାରିବେ, ସକାଳ ୫ଟାରୁ ସନ୍ଧ୍ୟା ସାଢେ ୫ଟା ଯାଏଁ ସେ କେନ୍ଦ୍ରାପଡ଼ାରେ ରହିପାରିବେ, କୌଣସି ପରିସ୍ଥିତିରେ ସେ ବାରିମୂଳ ଆଶ୍ରମ ଯାଇପାରିବେ ନାହିଁ । ସେହିପରି କେନ୍ଦ୍ରାପଡା ଯିବା ପୂର୍ବରୁ ତାଙ୍କୁ ଅନ୍ୟୁନ ୭ଦିନ ଆଗରୁ କୋର୍ଟଙ୍କୁ ଜଣାଇବାକୁ ପଡିବ, କେନ୍ଦ୍ରାପଡ଼ା ଥାନା ଏବଂ ନିଜେ ରହୁଥିବା ଥାନା ଅଧିକାରୀଙ୍କୁ ମଧ୍ୟ କେନ୍ଦ୍ରାପଡ଼ା ଗସ୍ତର ୭ ଦିନ ଆଗରୁ ଅବଗତ କରିବାକୁ ହାଇକୋର୍ଟ ସର୍ତ ରଖିଛନ୍ତି । ଉପରୋକ୍ତ ସର୍ତ ଆଧାରରେ ସାରଥୀ ବାବା କେନ୍ଦ୍ରାପଡା ଯାଇପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ।

## ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ ଉଦ୍‌ଯାପିତ

# ମା’ନାମ ମଧୁର ଅତି...

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ଏକ ଅଗ୍ରଣୀ ଓଡ଼ିଶୀ ସଙ୍ଗୀତ ଅନୁଷ୍ଠାନ ଶ୍ରୁତି ଦ୍ୱାରା ଆୟୋଜିତ ୨୦ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ ୨୦୨୫ ବୁଧବାର ରବିନ୍ଦ୍ର ମଣ୍ଡପରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଶେଷ ସଂଧ୍ୟାରେ ଲଘୁ ସଙ୍ଗୀତ ଗାୟନ କରିଥିଲେ ଗୁରୁ ଡ଼ ବିଜୟ କୁମାର ଜେନାଙ୍କ ଦ୍ୱାରା ମା ନାମ ମଧୁର ଅତୀ, ରବି ନାରାୟଣ ଦାସଙ୍କ ଦ୍ୱାରା ଅଜଣା ଏଇ ନଇ, ହରପିୟା ସ୍ୱାଇଁଙ୍କ ଦ୍ୱାରା ହେ ଫଗୁଣ କାନ୍ଦନା ରେ, ଗୁରୁ ଚନ୍ଦନ କୁମାର ଜେନାଙ୍କ ଦ୍ୱାରା ତୁମକୁ ପାରୁନିତ ଭୁଲି, ଶୁଭଲକ୍ଷ୍ମୀ ଓଝାଙ୍କ ଦ୍ୱାରା ଏ ମଧୁରାତି ଯାଏ ବିତି, ଗୁରୁ ନିମକାନ୍ତ ରାଉତରାୟଙ୍କ ଦ୍ୱାରା ସୁଅ ତ ସୁଅ ବୟସ ସୁଅ, ଗୀତାମଞ୍ଜରୀ ବେହେରାଙ୍କ ଦ୍ୱାରା ଯା ଯା ଯାରେ ଯା ଫୁଲ ରସିଆ, ହିମାଂଶୁ ଶେଖର ସ୍ୱାଇଁଙ୍କ ଦ୍ୱାରା ମୋ ପାଇଁ ଜଳେ ସିଏ, ଗୁରୁ ଡ଼ ସଙ୍ଗୀତା ଗୋସାଇଁଙ୍କ ଦ୍ୱାରା ନକହି ନକହି କହିଦେଲି, ରାଜେନ୍ଦ୍ର କୁମାର ବାରିକଙ୍କ ଦ୍ୱାରା ଚନ୍ଦ୍ର ତୁ ଭଲ କିରଣକୁ ନେଇ, ଅନୁଜା ତାରିଣୀ ମିଶ୍ରଙ୍କ ଦ୍ୱାରା ହେ ମୋର ଆଖି ଲୁହ, ସ୍ୱଦେଶ ମହାନ୍ତିଙ୍କ ଦ୍ୱାରା ଏ ଜୀବନ ଏମିତିକା ଗଙ୍ଗ ସିଉଳୀ, ବୈଷ୍ଣବୀ ଘୋଷଙ୍କ ଦ୍ୱାରା ମନ ହଜିଯାଏ ଆକାଶର ନୀଳେ, ପ୍ରଦୋଶ ପ୍ରସୁନ ବିଶ୍ୱାଳଙ୍କ ଦ୍ୱାରା ସୁଷମା ଗୋ, ରୂପକ କୁମାର ପରିଡ଼ାଙ୍କ ଦ୍ୱାରା ମମତାର ବାଲିଘର ଏବଂ ବାଳକୃଷ୍ଣ ଜେନାଙ୍କ ଦ୍ୱାରା ପୁଣ୍ୟର ନଦୀ ତିରେ। ଉଦ୍‌ଯାନପନୀ ସଂଧ୍ୟାର ଅତିଥିମାନେ ଥିଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ପ୍ରଦୀପ ମିଶ୍ର, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର, ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ନିମକାନ୍ତ ରାଉତରାୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଗୁରୁ ଡ଼ ବିଜୟ କୁମାର ଜେନା ଏବଂ ଶ୍ରୁତି ଅନୁଷ୍ଠାନର ସମ୍ପାଦିକା ହରପ୍ରିୟା ସ୍ୱାଇଁ । କାର୍ଯ୍ୟକ୍ରମର ଉଦଘୋଷକ ଥିଲେ ଡ଼କ୍ଟର ମୃତ୍ୟୁଞ୍ଜୟ ରଥ । ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଗୁରୁ ଡ଼ ବିଜୟ କୁମାର ଜେନା, ଶ୍ରୁତି ଅନୁଷ୍ଠାନର ଉପ ସଭାପତି ମାନସ ରଞ୍ଜନ ସ୍ୱାଇଁ, ସମ୍ପାଦିକା ହରପ୍ରିୟା ସ୍ୱାଇଁ, ସହ ସମ୍ପାଦକ ରଶ୍ମିରଞ୍ଜନ ସ୍ୱାଇଁ ଓ କୋଷାଧକ୍ଷ ବାଳକୃଷ୍ଣ ଜେନାଙ୍କ ସହଯୋଗରେ ଏହି ଓଡ଼ିଶୀ ସଙ୍ଗୀତ କାର୍ଯ୍ୟକ୍ରମ ସାଫଲ୍ୟମଣ୍ଡିତ ହୋଇପାରିଛି ।



## ୮୮ ଗ୍ରାମ୍ ହିରୋଇନ୍ ଜବତ

କଟକ(ଭାସ୍କର ନ୍ୟୁଜ୍): କ୍ୟାଣ୍ଟନ୍‌ମେଣ୍ଟ୍ ଥାନା ଅଧିନସ୍ଥ ବାଲିଯାତ୍ରା ପଡିଆ ନିକଟସ୍ଥ ଗଡଗଡିଆ ଘାଟ ନକିଟରୁ ୮୮ଗ୍ରାମ୍‌ର ହିରୋଇନ୍ ଜବତ କରାଯାଇଛି । ଜବତ ହିରୋଇନ୍‌ର ମୂଲ୍ୟ ପାଖାପାଖି ଏକ ଲକ୍ଷ ବୋଲି ପୋଲିସ୍ ସୁତ୍ରରୁ ପ୍ରକାଶ । ଏହି ଘଟଣାରେ ପୋଲିସ୍ ଅଭିଯୁକ୍ତ ଦୀନେଶ କୁମାର ଜେନାକୁ ଗିରଫ କରିଛି । ଦୀନେଶ୍‌ର ଘର ହେଉଛି ଜଗତସିଂହପୁର ଜିଲ୍ଲାର ନୂଆଗାଁ ଥାନା ଅଧିନସ୍ଥ ଭଟଣା ଗ୍ରାମରେ । କ୍ୟାଣ୍ଟନ୍‌ମେଣ୍ଟ୍ ପୋଲିସ୍ ଏହି ଘଟଣାରେ ଅଭିଯୁକ୍ତ ନିକଟରୁ ଗୋଟିଏ ଦୁଇ ଚକିଆ ଯାନ ମଧ୍ୟ ଜବତ କରିଛି ।



ଜୟଦେବ ଭବନରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସମାରୋହ ଅବସରରେ ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ



କଟକ(ଭାସ୍କର ନ୍ୟୁଜ୍): ବିଜୁ ପଟ୍ଟନାୟକ କେବଳ ଏକ ନାମ ନଥିଲେ - ସେ ଥିଲେ ଏକ ଭାବନା, ଏକ ଆନ୍ଦୋଳନ, ନିଜ ଭିତରେ ଏକ ବିପ୍ଳବ । ସେ ଏପରି ଏକ ଓଡ଼ିଶାର ସ୍ୱପ୍ନ ଦେଖିଥିଲେ ଯାହା ମର୍ଯ୍ୟାଦା ଏବଂ ସ୍ୱାଭିମାନ ସହିତ ଉଚ୍ଚ ହୋଇ ଠିଆ ହେବା ସହ ଯେଉଁଠାରେ ଯୁବପିଢ଼ି ନେତୃତ୍ୱ ନେବେ, ଯେଉଁଠାରେ ମହିଳାମାନେ ପୁରୁଷଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଚାଲିବେ, ଯେଉଁଠାରେ ଶିଳ୍ପ, ଶିକ୍ଷା ଏବଂ ପ୍ରଗତି ପ୍ରତ୍ୟେକ ଗ୍ରାମ ଏବଂ ପ୍ରତ୍ୟେକ ଘରକୁ ଛୁଇଁବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମଠାରେ ଆୟୋଜିତ ୧୦୯ ତମ ବିଜୁ ପଟ୍ଟନାୟକ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଏହି ମତପ୍ରକାଶ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ଼କ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ରଶ୍ମିରଂଜନ ସାମନ୍ତରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରି ମନୋଜ କୁମାର ରଥ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାଂ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଯୋଗ ଦେଇ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ପାପ ଯିଏ କରିବ ପ୍ରାୟଶ୍ଚିତ କରିବ: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଞ୍ଚାୟତିରାଜ ଦିବସ ପାଳନକୁ ନେଇ ନବୀନଙ୍କ ବୟାନକୁ କଡା କାଉଂଟର କରିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ପାପ ଯିଏ କରିବ ପ୍ରାୟଶ୍ଚିତ କରିବାକୁ ପଡିବ।୨୦୧୧-୧୨ ରୁ ବିଜେଡି ପଲ୍ଲୀ ସଭା, ଗ୍ରାମସଭା ବନ୍ଦ କରିଥିଲା । ଗଣତନ୍ତ୍ର ବ୍ୟବସ୍ଥାକୁ କଣ୍ଠରୋଧ କଲେ । ଲୋକେ ୨୦୨୪ ରେ ତାହାର ଉତ୍ତର ଦେଲେ । ଗଣତନ୍ତ୍ର ବ୍ୟବସ୍ଥାକୁ ହତ୍ୟା କରିବାକୁ ନେଇ ଇନ୍ଦିରା ଗାନ୍ଧୀଙ୍କ ଅବସ୍ଥା କଣ ହୋଇଥିଲା ବୋଲି ଉଦାହରଣ ଦେଇ କହିଛନ୍ତି ମନମୋହନ ।

## ମେୟର-ବିଧାୟକ କଥା କଟାକଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମେୟର ସୁଲୋଚନା ଦାସ ଓ ଏକାମ୍ର ବିଧାୟକ ବାବୁ ସିଂ କଥା କଟାକଟି । ସୁଭଦ୍ରାକୁ ନେଇ କଟାକ୍ଷ କଲେ ସୁଲୋଚନା। ୫ ହଜାର ଟଙ୍କାରେ ମହିଳା କିଭଳି ସଶକ୍ତ ହେବ ? କେତେ ମହିଳା ସଶକ୍ତ ହୋଇଛନ୍ତି ? ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପାଉଛନ୍ତି ମହିଳା। କିଭଳି ସଶକ୍ତ ଜଣେ ହେବ । ଏକଥା ଗଣମାଧ୍ୟମ ଯାଇ ମହିଳାଙ୍କୁ ପଚାରିଲେ ସେମାନେ କହିପାରିବେ ବୋଲି ସୁଲୋଚନା ଦାସ କହିଛନ୍ତି । ଅନ୍ୟପଟେ ଏ ପ୍ରସଙ୍ଗରେ ଏକାମ୍ର ବିଧାୟକ ବାବୁ ସିଂ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ୨୪ ବର୍ଷରେ ଯାହା କରିନଥିଲେ ତାହା ଆମେ କରିଛୁ। ଭୋଟ ବ୍ୟାଙ୍କ ହାତରୁ ଚାଲିଯାଉଛି ବୋଲି ଭୟ କରୁଛନ୍ତି। ସେ କଥାରୁ ଦୂରେଇ ରୁହନ୍ତୁ ମେୟର। ବିଗତ ସରକାର ଯଦି ଚାହୁଁଥିବେ ମାଆ ମାନଙ୍କୁ ବ୍ରେକ ଦେବେ କିନ୍ତୁ ସେମାନେ ପାରିବେ ନାହିଁ । ଆମେ ଏହାକୁ ନେଇ ବିତର୍କ କରିବା ନାହିଁ। ବରମୁଣ୍ଡାରେ ୫ ଜଣ ମହିଳା ଏକାଠି ହୋଇ ଟେଷ୍ଟ ହାଉସ କରିଛନ୍ତି। ଏହା ବଡ ଉପଲବ୍ଧି ବୋଲି ବାବୁ ସିଂ କହିଛନ୍ତି ।

## ପୂର୍ବତଟ ରେଳପଥର ସୁରକ୍ଷା ବାଡ଼ କାର୍ଯ୍ୟ ପାଇଁ ୧ହଜାର କୋଟିରୁ ଅଧିକ ଅନୁମୋଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରେଲୱେ ସୁରକ୍ଷାକୁ ବୃଦ୍ଧି କରିବା ଏବଂ ଟ୍ରେନର ଚଳାଚଳ ଗତିରେ ଉନ୍ନତି ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ କ୍ଷେତ୍ରାଧିକାରରେ ବିଭିନ୍ନ ରେଳ ସେକ୍ସନର ସମ୍ବେଦନଶୀଳ ଅଞ୍ଚଳ ମାନଙ୍କରେ ସୁରକ୍ଷା ବାଡ଼ ପ୍ରକଳ୍ପ ଆରମ୍ଭ କରାଯାଇଛି। ସୁରକ୍ଷାକୁ ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥ ମଧ୍ୟରେ ୮୬୫ କୋଟି ଟଙ୍କା ବ୍ୟୟରେ ମୋଟ ୨୭୯୨ କିଲୋମିଟର ସୁରକ୍ଷା ବାଡ଼ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟଗୁଡ଼ିକର ଲକ୍ଷ୍ୟ ହେଉଛି ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା, ଅନଧିକୃତ ଅନୁପ୍ରବେଶକୁ ବନ୍ଦ କରିବା ଏବଂ ରେଳ ଟ୍ରାକ୍ ନିକଟରେ ଗୃହପାଳିତ ପଶୁ ଏବଂ ବନ୍ୟ ପ୍ରାଣୀଙ୍କ ଗତିବିଧିକୁ ପ୍ରତିବନ୍ଧିତ କରିବା। ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରି, ପୂର୍ବତଟ ରେଳପଥ ଏକ ସୁରକ୍ଷିତ ଏବଂ ଦକ୍ଷ ରେଳପଥ ନେଟୱାର୍କ ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି । ଏହା ବ୍ୟତୀତ, ଟିଟିଲାଗଡ଼ ଏବଂ ଲାଖୋଲି ମଧ୍ୟରେ ଏବଂ ବଲାଙ୍ଗୀର-ଥେରୁବାଲି-ସିଙ୍ଗାପୁର ରୋଡ୍ ରେଳ ସେକ୍ସନ ମଧ୍ୟରେ ଟ୍ରାକ୍ ସେଫ୍ଟି ଫେନ୍ସିଂ କାର୍ଯ୍ୟ ପାଇଁ ୨୦୭ କୋଟି ମଞ୍ଜୁର କରାଯାଇଛି।

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୋଟ ବ୍ୟାଙ୍କ ବଢ଼ାଇବାକୁ କଂଗ୍ରେସ କସରତ ଆରମ୍ଭ କରିଛି। ପଂଚାୟତ ନିର୍ବାଚନ ରେ ଦଳର ଭୋଟ ପ୍ରତିଶତ ୩୦ ପ୍ରତିଶତ ବୃଦ୍ଧି କରିବାକୁ ରୋଡ଼ ମ୍ୟାପ ପ୍ରସ୍ତୁତ କରିଛି କଂଗ୍ରେସ। ଏଥିପାଇଁ ବୁଧବାର ଦିନ କଂଗ୍ରେସ ଭବନରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟସ୍ତରୀୟ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପିସିସି ସଭାପତି ଭକ୍ତ ଦାସଙ୍କ ସହ ସୁଦର୍ଶନ ଦାସ ଓ ଅନ୍ୟ କାର୍ଯ୍ୟକର୍ତା ଯୋଗ ଦେଇଥିଲେ। ଆଗକୁ ପଞ୍ଚାୟତ ସ୍ତରରେ ଲୋକଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ କରିବ ଦଳ। ପ୍ରତି ଜିଲ୍ଲା, ବ୍ଲକ ଓ ପଞ୍ଚାୟତସ୍ତରରେ ହେବ ଶିବିର। ପ୍ରତି ପଞ୍ଚାୟତରୁ ୨୦ ଜଣଙ୍କୁ ଚୟନ କରାଯିବ। ଏହି ମାନେ ପଞ୍ଚାୟତ ନିର୍ବାଚନରେ ଦଳ ପାଇଁ କାମ କରିବେ ବୋଲି କହିଛନ୍ତି ପିସିସି ସଭାପତି ।

## ୧୦ରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଓ ପାଇଁ ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତି କଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଭାରତୀୟ ଜନତାପାର୍ଟି (ବିଜେପି) ଶାସନ କ୍ଷମତାକୁ ଆସିବା ପରେ ଶାସନକଳ ସଂପୂର୍ଣ୍ଣ ବିଗିଡ଼ି ଯାଇଛି। ରାଜ୍ୟରେ ନାରୀ ହତ୍ୟା, ଧର୍ଷଣ ଓ ନିର୍ଯ୍ୟାତନା ଦିନକୁ ଦିନ ହୁ ହୁ ହୋଇ ବଢ଼ିବାରେ ଲାଗିଛି, ଯାହାକି ଅତ୍ୟନ୍ତ ଉଦ୍‌ବେଗର ବିଷୟ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ଏହାର ପ୍ରତିବାଦରେ କଂଗ୍ରେସ ଦଳପକ୍ଷରୁ ଆଗାମୀ ୧୦ ତାରିଖ ସୋମବାର ଦିବା ୧୧ ଘଣ୍ଟା ସମୟରେ ଓଡ଼ିଶାର ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ପ୍ରତ୍ୟେକ ଜିଲ୍ଲା ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତି କରିଛନ୍ତି। ଉକ୍ତ ପର୍ଯ୍ୟବେକ୍ଷକମାନେ ଖୁବଶୀଘ୍ର ନିଜ ଦାୟିତ୍ୱରେ ଥିବା ଜିଲ୍ଲାକୁ ଗସ୍ତକରିବେ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ସଭାପତିଙ୍କ ସହ ଆଲୋଚନା କରିବେ। କାର୍ଯ୍ୟକ୍ରମ ପରେ ଓଡ଼ିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସଂପୃକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବେ।

# ଭୁବନେଶ୍ୱରର ନୂଆ ଡିସିପି ଭାବେ ଦାୟିତ୍ୱ ନେଲେ ଜଗମୋହନ ମୀନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ନୂଆ ଡିସିପି ଭାବେ ଦାୟିତ୍ୱ ନେଲେ ଜଗମୋହନ ମୀନା । ଦାୟିତ୍ୱ ଗ୍ରହଣ ପରେ ଅପରାଧ ତଦନ୍ତ, ଅଭିଯୁକ୍ତକୁ ତୁରନ୍ତ ଗିରଫ ଉପରେ ଗୁରୁତ୍ୱ ଦିଆଯିବା ସହ ସିସିଟିଭି ସର୍ଭିଲାନ୍ସ ବୃଦ୍ଧି ଓ ସାଇବର ଥାନାକୁ ସୁଦୃଢ଼ କରାଯିବ ବୋଲି କହିଛନ୍ତି । ନବ ନିଯୁକ୍ତ କନଷ୍ଟେବଳଙ୍କୁ ବ୍ୟବହାର କରି ସିସିଟିଏନଏସ୍‌କୁ ସୁଦୃଢ଼ କରାଯିବ ବୋଲି ସେ କହିଛନ୍ତି ।



## ଅଙ୍କୁର ଜରିଆରେ ସହରାଞ୍ଚଳ ସଂସ୍କାରକୁ ଆଗେଇ ନେବାର ପ୍ରୟାସ

ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ସ୍ଥାୟୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହର ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ନଗର ଉନ୍ନୟନ ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅଟଳ ନେଟୱାର୍କ ଫର୍ ନଲେଜ୍, ଅର୍ବାଲାଇଜେସନ୍ ଆଣ୍ଡ୍ ରିଫର୍ମସ୍ (ଅଙ୍କୁର) ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ସହର ନବସୃଜନ, ସହଯୋଗ ଏବଂ ସୁଶାସନକୁ ପ୍ରୋତ୍ସାହିତ କରିବା ଓ ଆଗେଇନେବା ଦିଗରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ। ଏହି ବୈଠକରେ ବରିଷ୍ଠ ଅଧିକାରୀ, ସହର ବିଶେଷଜ୍ଞ ଏବଂ ସହଭାଗୀ ସଂଗଠନମାନଙ୍କୁ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି ଓଡ଼ିଶାର ସହରାଂଚଳ ବିକାଶକୁ ତ୍ୱରାନ୍ୱିତ କରିବାର ରଣନୀତି ପ୍ରସ୍ତୁତ କରିବା ପାଇଁ ଏକତ୍ରିତ କରାଯାଇଥିଲା। ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରିବା, ଭିତ୍ତିଭୂମି ସ୍ଥିରତାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତ ଶାସନକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା ।

## କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କନଷ୍ଟେବଲ / ସିପାହୀ ନିଯୁକ୍ତି ପାଇଁ ହୋଇଥିବା ପରୀକ୍ଷାରେ କୃତକାର୍ଯ୍ୟ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ରାଜ୍ୟ ପ୍ରବରଣ ମଣ୍ଡଳୀ ପକ୍ଷରୁ କନଷ୍ଟେବଲ / ସିପାହୀ ନିଯୁକ୍ତି ପାଇଁ ହୋଇଥିବା ପରୀକ୍ଷାରେ କୃତକାର୍ଯ୍ୟ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ୨୦୮୦ ପଦବୀ ପାଇଁ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିପାଇଁ ଅନୁଷ୍ଠିତ ପରୀକ୍ଷାରେ ସମୁଦାୟ ୧୮୫୩ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। କନଷ୍ଟେବଲ / ସିପାହୀ ଭାବେ ଏହି ନିଯୁକ୍ତି ଲୋକଙ୍କୁ ଆହୁରି ଉନ୍ନତ ପୋଲିସ ସେବା ପ୍ରଦାନରେ ସହାୟକ ହେବା ସହ ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି।

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତୀ । ଏହି ଅବସରରେ ଭୁବନେଶ୍ୱର ଫରେଷ୍ଟ ପାର୍କରେ ବିଜୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ।

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟସ୍ତରୀୟ ଶିବିର

# ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ ର ଛାମୁଆ ସଂଗଠନ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ଏକ ରାଜ୍ୟସ୍ତରୀୟ ଚିନ୍ତନ ଶିବିର ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଆସନ୍ତା ୨୦୨୭ରେ ଅନୁଷ୍ଠିତ ହେବାକୁ ଥିବା ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ରଣ କୌଶଳ ପ୍ରସ୍ତୁତି ଥିଲା ଚିନ୍ତନ ଶିବିରରେ ମୁଖ୍ୟ ଆଲୋଚ୍ୟ ବିଷୟ । ସଂଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଚିନ୍ତନ ଶିବିର କୁ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦଘାଟନ କରି କହିଥିଲେ ଯେ କଂଗ୍ରେସ ଦଳ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏକ ନମ୍ବର ଦଳ ହେବ ରାଜ୍ୟରେ ଏବଂ ଖୁବ୍ କମ ରେ ୬୦୦ ଜିଲ୍ଲା ପରିଷଦ ଆସନ ଜିତିବାର ଲକ୍ଷ୍ୟ ରଖିଛି କଂଗ୍ରେସ । ସେଥିପାଇଁ ତୃଣମୂଳ ସ୍ତରରେ ପଞ୍ଚାୟତ ଠାରୁ ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତର ପର୍ଯ୍ୟନ୍ତ ସଂଗଠନ ଓ ସଂଘର୍ଷ ପାଇଁ ସେ ଆହ୍ୱାନ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ଓ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶ ଓ ମୂଲ୍ୟବୋଧ ଭିତ୍ତିକ ରାଜନୀତିକୁ ତୃଣମୂଳରେ ପହଞ୍ଚାଇ ପାରିଲେ କଂଗ୍ରେସ ଦଳ ମଜଭୁତ ହୋଇପାରିବ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗ ଦେଇ ପଞ୍ଚାୟତ ବ୍ୟବସ୍ଥା ର ଲକ୍ଷ୍ୟ କିପରି ପଥ ଭ୍ରଷ୍ଟ ହୋଇଛି ତାର ଅବତାରଣା କରିବା ସହିତ କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ନାରୀନେତ୍ରୀ ନିରୁପମା ପାତ୍ର, ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ସର୍ବ ଭାରତୀୟ ନେତା ସଚିନ ନାୟକ, ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ ପ୍ରମୁଖ ଉଦ୍‌ଘାଟନୀ ଅଧିବେଶନରେ ବକ୍ତବ୍ୟ ରଖିଥିଲେ ।

# ସହରସ୍ତରୀୟ ସୁଭଦ୍ରା ଶୋଭାଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସହର ସ୍ତରୀୟ ସୁଭଦ୍ରା ଶୋଭାଯାତ୍ରା । ସୁଭଦ୍ରା ସହିତ ସାମିଲ ହେବା ଓଡ଼ିଶା ସମୃଦ୍ଧିର ମଙ୍ଗ ଧରିବା ବାର୍ତ୍ତା ନେଇ ସହର ସ୍ତରୀୟ ସୁଭଦ୍ରା ପଦଯାତ୍ରା ଆୟୋଜିତ ହୋଇଛି। ଏହାର ଲକ୍ଷ୍ୟ ରାଜ୍ୟର ସମସ୍ତ ଯୋଗ୍ୟ ମହିଳାଙ୍କୁ ସାମିଲ କରିବା। ଖଣ୍ଡଗିରି ଠାରୁ ଏହି ରାଲି ଆରମ୍ଭ ହୋଇ ଜାଗମରା ଚାଲିଥିବା ବେଳେ ଯେଉଁମାନେ ସହର ରହି ସୁଭଦ୍ରା ଲାଭ ପାଇଛନ୍ତି ସେମାନଙ୍କ ଭିତରୁ ୩୦୦ ମହିଳା ଏହି ରାଲିରେ ଯୋଗ ଦେଇଥିଲେ। ସୁଭଦ୍ରା ସହାୟତା ଦେଲେ ଆମ ସରକାର, କୋଟିଏ ମହିଳାଙ୍କ ସ୍ୱପ୍ନ ହେଲା ସାକାର। ଏହି ନାରା ଦେଇଛନ୍ତି ସୁଭଦ୍ରା ହିତାଧିକାରୀ। ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ସୁଭଦ୍ରା ଏକ ବଡ ସ୍କିମ। ଏହି ଶୋଭାଯାତ୍ରାରେ ଏକାମ୍ର ତଥା ବିଜେପି ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗ ଦେଇଛନ୍ତି ।



# ବିଜୁ ଜୟନ୍ତୀରେ ମେଗା ରକ୍ତ ଦାନ ଶିବିର

କଟକ(ଭାସ୍କର ନ୍ୟୁଜ୍): ପ୍ରବାଦ ପୁରୁଷ ତଥା ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜୟନ୍ତୀ ପାଳନ ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଅବସରରେ କଟକ ମହାନଗର ନିଗମ ମେୟର ସୁବାସ ସିଂ ଗଡଖାଇ ସ୍ଥିତ ବାସଭବନରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା । ଏହି ମେଗା ରକ୍ତ ଦାନ ଶିବିରରେ ସେଣ୍ଟ୍ରାଲ୍ ରେଡ୍‌କ୍ରସ, ରାମଚନ୍ଦ୍ର ଭଞ୍ଜ ମେଡିକାଲ ଓ ହସ୍ପିଟାଲ ମେଡିକାଲ ଟିମ ମେଡିକାଲ ଉପକରଣ ସହିତ ବ୍ଲଡ଼ ସଂଗ୍ରହରେ ସହାୟତା କରିଥିଲେ । ଏହି ମେଗା ରକ୍ତ ଦାନ ଶିବିରରେ ୧୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଜିଲ୍ଲା ପରିଷଦ ଅଧକ୍ଷ କିଶୋର ମିଶ୍ର, ଜିଲ୍ଲା ପରିଷଦ କୃଷି କମିଟି ଅଧକ୍ଷ ଆଶିଷ ସାହୁ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ପ୍ରଫୁଲ୍ଲ ସିଂ, ବିଶ୍ୱଜିତ ମହାନ୍ତି, ଡ଼. ନିବେଦିତା ଦାସ, ଜଗନ୍ନାଥ ସ୍ୱାଇଁ, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ, ସୌମେନ୍ଦ୍ର ସାହୁ, ଜନ ଆଶିଷ ବରାଳ, ଦୀପ୍ତି ରଞ୍ଜନ ରାୟ, ପ୍ରଦୀପ ବାରିକ, ସାକିଲ ଏକତାର, ସୟଦ ଶେଖାଓ୍ୱତ୍ ଅଲି, ମିହିର ରନ ସାହୁ , ମିତାଲି ଭଞ୍ଜ, ବିଶ୍ୱନାଥ ଧୀର, ପ୍ରତାପ ଚନ୍ଦ୍ର ସାହୁ, ସୌମ୍ୟ ଦର୍ଶନ ବେହେରା ଏବଂ ସମସ୍ତ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ, ଅଧକ୍ଷା, ମହାନଗର ନିଗମର ସମସ୍ତ କର୍ପୋରେଟର ପ୍ରମୁଖ ଯୋଗ ଦେଇଥିଲେ। ଏଥିପୂର୍ବରୁ ସକାଳ ୮ ଘଟିକାରେ କଟକ ମହାନଗର ନିଗମ ବିଜୁ ଭବନ ପରିସରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇଥିଲା ।

# ପ୍ରଥମ ଦୃଷ୍ଟିବାଧିତ ମହିଳା ତୀରନ୍ଦାଜୀ ପ୍ରତିଯୋଗିତାର ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତବର୍ଷ ଅନ୍ତର୍ଜାତୀୟ ମହିଳା ଦିବସରେ ଭାରତର ପ୍ରଥମ ଥର ପାଇଁ ଦୃଷ୍ଟିବାଧିତ ମହିଳା ତୀରନ୍ଦାଜୀ ପ୍ରତିଯୋଗିତା ରାଜଧାନୀ ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ଭାରତ ସରକାରଙ୍କ ନିଯୁକ୍ତି ମହାନିର୍ଦ୍ଦେଶାଳୟ ପରିସରରେ ଆୟୋଜିତ ହେବାକୁ ଯାଉଛି । ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଭାରତ ସରକାରଙ୍କ ନିଯୁକ୍ତି ମହାନିର୍ଦ୍ଦେଶାଳୟ ଏବଂ ସାମାଜିକ ଅନୁଷ୍ଠାନ ‘ବୁଲସଆଇ’ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରତିଯୋଗିତାର ଲୋଗୋକୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିଜ ସରକାରୀ ବାସଭବନ ଠାରେ ଆନୁଷ୍ଠାନିକ ରୂପେ ଉନ୍ମୋଚିତ କରିବା ସହ ଖେଳାଳି ମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଲୋଗୋର ନିମ୍ନ ଭାଗରେ ଇଂରାଜୀ ଭାଷାରେ ଫୋକସ ଅନ୍ ଏବିଲିଟି, ନଟ୍ ଡିସବିଲିଟିରେ ଏକ ପ୍ରେରଣାଦାୟୀ ଟ୍ୟାଗ୍ ଲାଇନ୍ ରହିଛି । ଉନ୍ମୋଚନ କାର୍ଯ୍ୟକ୍ରମରେ ‘ବୁଲସ୍‌ଆଇ’ର ଅଧକ୍ଷ ତ୍ରିଲୋଚନ ବେଉରା, ଉପଦେଷ୍ଟା ଡ. ରଶ୍ମୀ ରଞ୍ଜନ ସାହୁ, ଶିବାନୀ ଶଶୀକାନ୍ତ ମହାନ୍ତି ଏବଂ କୋଷାଧକ୍ଷ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦ରୁ ଉର୍ଦ୍ଧ୍ୱ ଖେଳାଳି ଏହି ତୀରନ୍ଦାଜୀ ପ୍ରତିଯୋଗିତାରେ ଭାଗନେବା ପାଇଁ ଇତି ମଧ୍ୟରେ ନାମ ପଞ୍ଜୀକରଣ କରିଥିବାର ଜଣାପଡିଛି ।




ନିବେଶ ଶୀର୍ଷକ ୱେବିନାରକୁ ମୋଦୀଙ୍କ ସମ୍ବୋଧନ | ୬

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ତେଲଗୁରେ ଡେବ୍ୟୁ କରିବେ ସୋନାକ୍ଷୀ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୬ Vol. 21 No-336 6 MARCH 2025 THURSDAY BHUBANESWAR ଗୁରୁବାର, ୬ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୮ରେ ବ୍ରହ୍ମପୁର ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୩(ଭାସ୍କର ନ୍ୟୁଜ): ଆସନ୍ତା ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ। ଏହିଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଗସ୍ତରେ ଯିବେ। ଗଞ୍ଜାମ ଗସ୍ତ ଅବସରରେ ବ୍ରହ୍ମପୁରରେ ଜନସଭାର ଆୟୋଜନ କରାଯାଇଛି। ମହିଳାମାନଙ୍କୁ ସଶକ୍ତ ଏବଂ ସ୍ୱାବଲମ୍ବୀ କରିବା ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ସହାୟତା ଏହିଠାରୁ ବିତରଣ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି।

### ସାର୍ବଜନୀନ ହେବନି ଚାବି ହଜିବା ଘଟଣା ରିପୋର୍ଟ

କଟକ,୫।୩(ଭାସ୍କର ନ୍ୟୁଜ): ବୁଧବାର ହାଇକୋର୍ଟରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ନୂଆମୋଡ଼ ଆସିଛି। ରାଜ୍ୟ ସରକାର ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ରତ୍ନଭଣ୍ଡାର ଚାବି ହଜିବା ଘଟଣା ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଏହି ଘଟଣାର ତଦନ୍ତ କରୁଥିବା ଜଷ୍ଟିସ ରଘୁବର ଦାସ କମିଶନ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇ ସାରିଛନ୍ତି। ଆସନ୍ତା ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

### ସୁଭଦ୍ରା ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ହେବ ଘରେ ଘରେ ସର୍ଭେ

ଭୁବନେଶ୍ୱର,୫।୩(ଭାସ୍କର ନ୍ୟୁଜ): ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ସରକାରୀ ଅଧିକାରୀ ଘର ଘର ବୁଲି ସର୍ଭେ କରିବେ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସୁଭଦ୍ରା ଯୋଜନାର ଲାଭ ପାଇଁ ଆବେଦନ କରିବାର ଶେଷ ତାରିଖ ୩୧ ତାରିଖ ରହିଥିଲା।

ସେନ୍‌ସେକ୍ସ: ୭୩,୭୩୦.୨୩
ସର୍ବାଧିକ: ୩୪.୧ ଡିଗ୍ରୀ
ସର୍ବନିମ୍ନ: ୧୯.୨ ଡିଗ୍ରୀ

### ୫।୩।୨୦୨୫ ର ମତାମତ

ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରାଯିବା ଉଚିତ୍ ନୁହେଁ କି?




### ଆଜିର ପ୍ରସଙ୍ଗ

ଜଂଘରେ ଜଗନ୍ନାଥଙ୍କ ଟାଟୁ କରିଥିବା ବିଦେଶିନୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଜିତ ଅନିର୍ବାଣ



ପଞ୍ଚାୟତିରାଜ ଦିବସ ଘୁଞ୍ଚାଇ
ବିଜୁ ଜନ୍ମଦିନ କଲେ ପାଳନ,
ବିଜେପି ସର୍କାର ରାଜ୍ୟରେ ଥିଲେ ବି
ବିଜୁବାବୁଙ୍କୁ ସେ ଦେଲେ ସମ୍ମାନ।
ଲୋକ ମୁଖ୍ୟମନ୍ତ୍ରୀ ବାବୁ ମୋହନ,
ପାଞ୍ଚ ତାରିଖର ଛୁଟି କାଟିଦେଇ
ଭାଙ୍ଗିଦେଲେ ଯାହା ଲୋକଙ୍କ ମନ !!

## ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ

# ବିଜୁବାବୁ ଥିଲେ ଓଡ଼ିଶାର ପଥ ପ୍ରଦର୍ଶକ




- ବିଜୁବାବୁଙ୍କ ପ୍ରତ୍ୟେକ ପଦକ୍ଷେପ ଆମକୁ ପ୍ରେରଣା ଦେଉଛି
- ତାଙ୍କ ଅଧୁରା ସ୍ୱପ୍ନକୁ ଆମ ସରକାର ପୂରଣ କରିବ
- ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନାରେ ୧୦ହଜାର କୋଟି ବ୍ୟୟ ହେବ

ଭୁବନେଶ୍ୱର, ୫।୩(ଭାସ୍କର ନ୍ୟୁଜ): ବିଜୁବାବୁ ଥିଲେ ଓଡ଼ିଶାର ପଥ ପ୍ରଦର୍ଶକ। ବିଜୁ ବାବୁଙ୍କ ପ୍ରତ୍ୟେକଟି ପଦକ୍ଷେପ ଆମକୁ ପ୍ରେରଣା ଦେଉଛି। ଓଡ଼ିଶା ପାଇଁ ସେ ଅନେକ ସ୍ୱପ୍ନ ଦେଖିଥିଲେ ଏବଂ ତାକୁ ପୂରଣ କରିବା ପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଦ୍ୟମ କରିଥିଲେ । ଓଡ଼ିଶାର ଶିଳ୍ପାୟନ, ମହିଳାମାନଙ୍କ ସଶକ୍ତିକରଣ ଥିଲା ତାଙ୍କର ସ୍ୱପ୍ନ । ବିଜୁବାବୁଙ୍କ ସ୍ୱପ୍ନ ଓ ଆମ ସରକାରଙ୍କ କାର୍ଯ୍ୟକ୍ରମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ବିଜୁ ବାବୁ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଚିନ୍ତା କରିଥିଲେ । ଆଜି ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛି । ବିଜୁ ବାବୁ ଓଡ଼ିଶା ପାଇଁ ଯେଉଁସବୁ ସ୍ୱପ୍ନ ଦେଖିଥିଲେ, ତାକୁ ଆମ ସରକାର ପୂରଣ କରିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସ୍ଥାନୀୟ ଜୟଦେବ ଭବନ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ଶିଳ୍ପ କ୍ଷେତ୍ରକୁ ବହୁତ ପ୍ରାଧାନ୍ୟ ଦେଉଥିଲେ । ସେ ନିଜେ ଅନେକ କାରଖାନା ପ୍ରତିଷ୍ଠା କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସବୁ ଗୁଡିକୁ ସରକାରଙ୍କୁ ଦେଇ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୋଧହୁଏ ଏଭଳି ନିଷ୍ପତ୍ତି ନେବାରେ, ସେ ଥିଲେ ବିଶ୍ୱର ଏକମାତ୍ର ବ୍ୟକ୍ତିତ୍ୱ। ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ, ପଞ୍ଚାୟତିରାଜ କ୍ଷେତ୍ରରେ, ● ପୃଷ୍ଠା ୫ ଦେଖନ୍ତୁ






## ମାଡ଼ି ଆସୁଛି ଅସହ୍ୟ ତାତି

# ୫ ଦିନ ସିଝାଇବ



ଭୁବନେଶ୍ୱର,୫।୩(ଭାସ୍କର ନ୍ୟୁଜ): ଗ୍ରୀଷ୍ମ ଆରମ୍ଭରୁ ଅନୁଭୂତ ହେଲାଣି ଅସହ୍ୟ ତାତି। ପ୍ରତିଦିନ ତାପମାତ୍ରାରେ ବୃଦ୍ଧି ଘଟୁଛି। ଆଗାମୀ ୫ ଦିନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ତେଣୁ ଏ ନେଇ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏପରିକି ରାଜ୍ୟର ଅନେକ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନକେନ୍ଦ୍ର ପୂର୍ବାନୁମାନ କରିଛି ଯେ ଆସନ୍ତା ୪ରୁ ୫ଦିନ ରାଜ୍ୟର ● ପୃଷ୍ଠା ୫ ଦେଖନ୍ତୁ

## ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ନବୀନ

# ବିଜୁ ବାବୁଙ୍କ ଅବଦାନ ଅବିସ୍ମରଣୀୟ



ଭୁବନେଶ୍ୱର,୫।୩(ଭାସ୍କର ନ୍ୟୁଜ): ଓଡ଼ିଶାବାସୀଙ୍କ ପ୍ରିୟ ନେତା, ମହାନ ଜନନାୟକ, ବିଜୁ ବାବୁଙ୍କ ୧୦୯ ତମ ଜୟନ୍ତୀ ବୁଧବାର ଶଙ୍ଖ ଭାବନରେ ବିପୁଳ ଉତ୍ସାହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଉଦବୋଧନ ଦେଇ ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ବିଜୁ ବାବୁ,ଏ ଦୁଇଟି ଶବ୍ଦ ଶୁଣିଲେ ପ୍ରତି ଓଡିଆଙ୍କ ଛାତି ● ପୃଷ୍ଠା ୫ ଦେଖନ୍ତୁ

## ବିଜୁବାବୁଙ୍କ ଜୟନ୍ତୀ ପାଳିତ

# 'ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁବାବୁ'



ଭୁବନେଶ୍ୱର,୫।୩(ଭାସ୍କର ନ୍ୟୁଜ): ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ତଥା ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁବାବୁ ଜଣେ କିମ୍ବଦନ୍ତୀ ପୁରୁଷ। ସ୍ୱତନ୍ତ୍ରତା ଓ ସଫଳତାପୂର୍ଣ୍ଣ ବୈପ୍ଲବିକ ଜୀବନଶୈଳୀ ଦ୍ୱାରା ଉତ୍କଳ ଜନନୀର ବୀରପ୍ରସବିନୀ ନାମକୁ ସେ ଯଥାର୍ଥରେ ପ୍ରତିପାଦିତ କରିପାରିଛନ୍ତି। ଜାତିର ମୁକ୍ତିଦାତା ସାଜି ଧରାପୃଷ୍ଠରେ ଅବତରଣ ● ପୃଷ୍ଠା ୫ ଦେଖନ୍ତୁ

## ଗେରୁଆ ହେବ ସରକାରୀ ସ୍କୁଲ ରଙ୍ଗ

ଭୁବନେଶ୍ୱର,୫।୩(ଭାସ୍କର ନ୍ୟୁଜ): ଓଡ଼ିଶାର ସରକାରୀ ସ୍କୁଲ କୋଠାଗୁଡ଼ିକୁ ଗେରୁଆ ରଙ୍ଗ କରାଯିବ। ଏ ନେଇ ନୂତନ ରଙ୍ଗ କୋଡ୍ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ଓଡ଼ିଶା ସ୍କୁଲଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଏ ନେଇ ଚିଠି ଲେଖାଯାଇ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠିରେ ଉଲ୍ଲେଖ ରହିଛି ଯେ ରାଜ୍ୟ ସରକାର ନୂତନ ରଙ୍ଗ କୋଡ୍ ଅନୁମୋଦନ କରିବାକୁ କହିଛନ୍ତି। ଚିଠିରେ ରଙ୍ଗକୋଡ୍‌ର କପି ମଧ୍ୟ ସଂଲଗ୍ନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଶ୍ରୀସ୍କୁଲ ସମେତ ସମସ୍ତ ସରକାରୀ ବିଦ୍ୟାଳୟରେ ନିର୍ମାଣ, ମରାମତି ଓ ନବୀକରଣ କାର୍ଯ୍ୟ ସମୟରେ ଅନୁମୋଦିତ ରଙ୍ଗକୋଡ୍ ଗ୍ରହଣ କରିବା ପାଇଁ ସଂପୃକ୍ତ କ୍ଷେତ୍ର ଅଧିକାରୀମାନଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରାଯାଇଛି। ଏହି ନିର୍ଦ୍ଦେଶ ସ୍କୁଲ କୋଠାଗୁଡ଼ିକର ରଙ୍ଗକୋଡ୍ ସମ୍ବନ୍ଧୀୟ ସମସ୍ତ ପୂର୍ବ ନିର୍ଦ୍ଦେଶକୁ ରଦ୍ଦ କରିବ। ଚିଠିର ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶାର ସରକାରୀ ସ୍କୁଲଗୁଡ଼ିକର ରଙ୍ଗକୋଡ୍ ଗେରୁଆ ରଙ୍ଗ ହେବ ବୋଲି ଜଣାପଡ଼ିଛି।




ଓଡ଼ିଶା
ଭାସ୍କର
ସମ୍ପାଦକୀୟ



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ। ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ। କଷ୍ଟ ମଣିଷକୁ ଶକ୍ତିଶାଳୀ କରେ। ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ।

-ଶିରିଡି ସାଇ



### ଦକ୍ଷିଣ ଭାରତରେ ଭାଷା ଯୁଦ୍ଧ

## ଆଲୋଚନା ଜରିଆରେ ସମାଧାନ ଲୋଡ଼ା

ଦୁଇଟି ପ୍ରସଙ୍ଗକୁ ନେଇ ଏବେ କେନ୍ଦ୍ର ସହ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ବିବାଦ ତୀବ୍ର ହେବାରେ ଲାଗିଛି। ପ୍ରଥମତଃ କେନ୍ଦ୍ର ସରକାର ଲାଗୁ କରିଥିବା ଜାତୀୟ ଶିକ୍ଷାନୀତିରେ ତ୍ରିଭାଷୀ ସୂତ୍ରର ପ୍ରଚଳନକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଦକ୍ଷିଣ ଭାରତର ଅନେକ ନେତା ବିରୋଧ କରୁଛନ୍ତି। ଏହାଦ୍ୱାରା ହିନ୍ଦୀ ଭାଷାକୁ ସେମାନଙ୍କ ଉପରେ ଲଦି ଦିଆଯାଉଛି ବୋଲି ଅଭିଯୋଗ କରିବା ସଙ୍ଗେ ସଙ୍ଗେ କୌଣସି ପରିସ୍ଥିତିରେ ହିନ୍ଦୀକୁ ଦକ୍ଷିଣ ଭାରତବାସୀ ଗ୍ରହଣ କରିବେ ନାହିଁ ବୋଲି ସେମାନେ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଭାଷାକୁ ନେଇ ଏକରକମ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଛନ୍ତି। ଦକ୍ଷିଣ ଭାରତ ବିଶେଷ କରି ତାମିଲନାଡୁରେ ହିନ୍ଦୀ ଭାଷାକୁ ବିରୋଧର ଏହା ପ୍ରଥମ ଘଟଣା ନୁହେଁ। ଅତୀତରେ ତ୍ରିଭାଷୀ ସୂତ୍ର ଜରିଆରେ ହିନ୍ଦୀର ପ୍ରଚଳନ ବିରୋଧରେ ଏକାଧିକବାର ହିଂସାତ୍ମକ ଆନ୍ଦୋଳନ ମୁଣ୍ଡ ଟେକିଥିବାର ଦୃଷ୍ଟାନ୍ତ ରହିଛି। ଦକ୍ଷିଣ ଭାରତୀୟ ଭାଷା ଗୁଡ଼ିକ ମଧ୍ୟରେ ତାମିଲ ଯେ ଏକ ସମୃଦ୍ଧ ତଥା ଐତିହ୍ୟ ସମ୍ପନ୍ନ ଶାସ୍ତ୍ରୀୟ ଭାଷା, ଏଥିରେ ସନ୍ଦେହର ଅବକାଶ ନାହିଁ। ମାତ୍ର ଏହାର ଅର୍ଥ ନୁହେଁ ଯେ ଭାରତରେ ରାଜଭାଷାର ମାନ୍ୟତା ଲାଭ କରିଥିବା 'ହିନ୍ଦୀ'କୁ ବିରୋଧ କରି ବିଦେଶୀ ଇଂରାଜୀ ଭାଷାର ପ୍ରଚଳନକୁ ପ୍ରୋତ୍ସାହନ ଦେବା। ସଂସ୍କୃତକୁ ତାମିଲନାଡୁ ଓ ଅନ୍ୟ ଦକ୍ଷିଣ ଭାରତ ରାଜ୍ୟରେ ଏକ 'ମୃତଭାଷା' ରୂପେ ବିବେଚନା କରାଯିବା ମଧ୍ୟ ଦୁର୍ଭାଗ୍ୟଜନକ ମନେହୁଏ। ମୁଖ୍ୟତଃ ଚାରୋଟି ଦକ୍ଷିଣ ଭାରତୀୟ ଭାଷା ଯଥା- ତାମିଲ, ତେଲୁଗୁ, ମାଲାୟାଲମ୍ ଓ କନ୍ନଡ ଭାଷାଭାଷୀ ଲୋକ ଏବେ ଦେଶର ବିଭିନ୍ନ ରାଜ୍ୟରେ ବସବାସ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବେଶ୍ ପ୍ରତିଷ୍ଠା ଓ ସୁଖ୍ୟାତି ଅର୍ଜନ କରିଛନ୍ତି। ସେମାନେ ଇଂରାଜୀ ସହିତ ହିନ୍ଦୀକୁ ଗ୍ରହଣ କରିନେଇ ସେଥିରେ ବାର୍ତ୍ତାଳାପ କରିଥାନ୍ତି। ମୋଟାମୋଟି ଭାବରେ ଆଜିକାଲି ଭାରତର ଏକ ବିସ୍ତୃତ ଅଞ୍ଚଳରେ ଉଭୟ ଇଂରାଜୀ ଓ ହିନ୍ଦୀର ପ୍ରଚଳନ ଥିବା ସ୍ଥଳେ ଦକ୍ଷିଣ ଭାରତର ମୁଷ୍ଟିମେୟ ରାଜନେତା ହିନ୍ଦୀ ଭାଷା ବିରୋଧରେ ଯୁଦ୍ଧ ଡାକରା ଦେବା କୌଣସି ପରିସ୍ଥିତିରେ ସ୍ପୃହଣୀୟ ବା ଗ୍ରହଣୀୟ ନୁହେଁ। ହିନ୍ଦୀର ପ୍ରଚଳନକୁ ଯଦି ସେମାନଙ୍କର ଏତେ ବିରୋଧ, ତେବେ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ର ଗୁଡ଼ିକ ଉପଭୋଗ କରିବାକୁ ଏତେ ଆଗ୍ରହର କାରଣ ମଧ୍ୟ ବୁଝି ହେଉନାହିଁ। ଅନ୍ୟ ଏକ ବଡ଼ ପ୍ରସଙ୍ଗ ନେଇ ବିଭିନ୍ନ ଦକ୍ଷିଣ ଭାରତୀୟ ରାଜ୍ୟ ବିଶେଷ କରି ତାମିଲନାଡୁ ସହ କେନ୍ଦ୍ରର ଲଢ଼େଇ ଆରମ୍ଭ ହୋଇଯାଇଛି। ଜନସଂଖ୍ୟା ଆଧାରରେ ନିର୍ବାଚନ ମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତୀବ୍ର ବିରୋଧ କରି ଏହାଦ୍ୱାରା ସଂସଦରେ ତାମିଲନାଡୁର ଆସନ ସଂଖ୍ୟା ହ୍ରାସ ପାଇବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ଜନସଂଖ୍ୟା ଏବଂ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣକୁ ନେଇ ଷ୍ଟାଲିନ୍ ଦେଇଥିବା କେତେକ ମନ୍ତବ୍ୟ ଏବେ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ନବବିବାହିତ ଦମ୍ପତି ଏବେ ଶୀଘ୍ର ଶୀଘ୍ର ସନ୍ତାନ ଜନ୍ମ କରନ୍ତୁ, ନଚେତ୍ ଲୋକସଭା ଆସନ ସଂଖ୍ୟା ହ୍ରାସ ପାଇବ ବୋଲି ସେ ବିଚିତ୍ର ମତ ରଖିଛନ୍ତି। ତାମିଲନାଡୁବାସୀ ଆଉ ପରିବାର ନିୟନ୍ତ୍ରଣ ନକରି ଏଣିକି ଏକାଧିକ ସନ୍ତାନ ଜନ୍ମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଷ୍ଟାଲିନ୍ ଆହୁରି ଦର୍ଶାଇଛନ୍ତି, 'ପୂର୍ବରୁ ଅଧିକ ସନ୍ତାନ ଜନ୍ମ କରିବା ପୂର୍ବରୁ ଶହେଥର ଚିନ୍ତା କରିବାକୁ ଆମେ ଲୋକଙ୍କୁ କହୁଥିଲୁ। ମାତ୍ର ବର୍ତ୍ତମାନ ପରିସ୍ଥିତି ବଦଳି ଯାଇଛି ଏବଂ ଆମକୁ କହିବାକୁ ପଡୁଛି ଶୀଘ୍ର ଶୀଘ୍ର ସନ୍ତାନ ଜନ୍ମ କର।' ତେବେ ଷ୍ଟାଲିନ୍ ଭୁଲିଯିବା ଉଚିତ୍ ନୁହେଁ ଯେ ଜାତୀୟ ଜନଗଣନା ପରେ ଲୋକସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକର ପୁନଃ ସୀମା ନିର୍ଦ୍ଧାରଣ ଏକ ସାମ୍ବିଧାନିକ ବ୍ୟବସ୍ଥା ଏବଂ ଏଥିରେ କିଛି ଅସ୍ୱାଭାବିକତା ନାହିଁ। ତେଣୁ ଏହାକୁ ବିରୋଧ କରିବାର କୌଣସି ଅର୍ଥ ନାହିଁ। ବରଂ ସମଗ୍ର ଦେଶରେ ଯେପରି ବିନା ବାଛ ବିଚାରରେ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ କରାଯାଏ, ସେଥିପ୍ରତି ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ। କେନ୍ଦ୍ର ସରକାର କାଳ ବିଳମ୍ବ ନକରି ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ସହ ଆଲୋଚନା କରି ସେମାନଙ୍କ ମଧ୍ୟରୁ ସନ୍ଦେହ ଦୂର କରିବା ବିଜ୍ଞତାର କାର୍ଯ୍ୟ ହେବ।

# ପଦଯାତ୍ରାର ଐତିହାସିକ ପୃଷ୍ଠଭୂମି



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ଭାରତ ହେଉଛି ଏଭଳି ଏକ ମହାନ ଦେଶ ଯେ କି ତା'ର ଗୌରବୋଜ୍ଜ୍ୱଳ ଐକ୍ୟ ଯୋଗୁ ସମସ୍ତଙ୍କୁ ସଠିକ୍ ମାର୍ଗରେ ପରିଚାଳିତ କରିବା ସହ ସମସ୍ତଙ୍କୁ ସମୃଦ୍ଧି, ଶାନ୍ତି ଓ ଚିରନ୍ତନ ସୁଖ ଆଡ଼କୁ ଆଗେଇ ନେଇ ପାରିବ। ଭାରତୀୟ ଜୀବନଦର୍ଶନ ସହ ପଦଯାତ୍ରା ଅଙ୍ଗାଙ୍ଗୀ ଭାବେ ଜଡିତ। ବୈଦିକ ଯୁଗରୁ ବିଂଶୋତ୍ତର ଶତାବ୍ଦୀ ପର୍ଯ୍ୟନ୍ତ ମାନବ ସଭ୍ୟତାର ଏଯାତ୍ରା ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ରୂପ ନେଇଛି। ଆର୍ଯ୍ୟମାନେ ପଦବ୍ରଜରେ ସାରା ବିଶ୍ୱକୁ ଆବର୍ତ୍ତ କରିଥିବାରୁ ଭାରତର ଅନ୍ୟନାମ ଆର୍ଯ୍ୟାବର୍ତ୍ତ। ବିଶ୍ୱ ମାନବ ସହ ଏକାତ୍ମ ହେବାର ଇଚ୍ଛା ଏହି ପଦଯାତ୍ରା ଦ୍ୱାରା ସାଧିତ ହୋଇଥାଏ। ଅପରର ସୁଖ ଦୁଃଖରେ ସହଭାଗୀ ହେବାର ପ୍ରେରଣା ଏଇଠାରୁ ସେ ଆହରଣ କରିଥାଏ। ପୁରାଣ ଯୁଗର ଉପାଖ୍ୟାନଟିଏ ଆଜି ମଧ୍ୟ ହୃଦ କନ୍ଦରରେ ଝଙ୍କୃତ ହୁଏ। ଋକ୍ ବେଦର ମହିଦଶା ଐତ୍ରେୟ ବ୍ରାହ୍ମଣ ଓ ପତ୍ନି ଇତରା ଦେବତାଙ୍କ ପାଖରେ ନିଜ ପୁତ୍ର ରୋହିତକୁ ବଳି ଦେବା ପାଇଁ ସତ୍ୟ ସିଦ୍ଧ ଥିବାରୁ ରୋହିତ ବାପାଙ୍କର ଏହି ନିଷ୍ପତିକୁ ଅସ୍ୱୀକାର କରି ଘର ଛାଡି ଚାଲି ଯାଇଥିଲା। ଯାତ୍ରା ପଥରେ ଦେବରାଜ ଇନ୍ଦ୍ର ରୋହିତକୁ ଆଉ ପଛକୁ ନଫେରି ନିଜ ଯାତ୍ରା ପଥରେ ଆଗୁସାର ହେବା ପାଇଁ ଉତ୍ସାହ ଦେଇ କହନ୍ତି 'ଚରୈବତି ଚରୈବତି'। ସେହି ଇନ୍ଦ୍ରଙ୍କ ପ୍ରେରଣାରେ ରୋହିତ ମୃତ୍ୟୁକୁ ଅତିକ୍ରାନ୍ତ କରିଯାଏ। ଏହା ପ୍ରମାଣ ସିଦ୍ଧ କରିଥାଏ ସ୍ଥାଣୁତ୍ୱ ଜୀବନ ନୁହେଁ ଗତିଶୀଳ ହିଁ ଜୀବନ। ତେଣୁ ସେହି କାଳରୁ ଜ୍ଞାନ ଆହରଣ ଓ ଜ୍ଞାନ ବିତରଣର ମହାନ ଆଧାର ଥିଲା 'ପଦବ୍ରଜ'। ଇତିହାସ ତଥା ପୁରାଣ ପୃଷ୍ଠାକୁ ରୋମନ୍ଥନ କଲେ ଜଣାପଡ଼େ ମୁନୀ, ଋଷିମାନେ ପଦବ୍ରଜରେ ଯାଇ ତାଙ୍କ ଶିଷ୍ୟ ତଥା ସମାଜର କଲ୍ୟାଣ କରୁଥିବା ବେଳେ ମନ୍ତ୍ରୀମାନେ ପଦବ୍ରଜରେ ଭ୍ରମଣ କରି ଜନତାଙ୍କ ସମସ୍ୟା ସଙ୍କଟ ସମ୍ବନ୍ଧରେ ଅବଗତ ହେବା ସହ ରାଜାଙ୍କ ପାଖରେ ତାହା ଉପସ୍ଥାପନା କରୁଥିଲେ। ଅନେକ ସମୟରେ ରାଜଗୁରୁମାନେ ରାଜାମାନଙ୍କୁ ରଥ, ଅଶ୍ୱ ଓ ହସ୍ତୀ ପରିତ୍ୟାଗ ପୂର୍ବକ ପାଦରେ ଚାଲି ଚାଲି ଜନତା ଜନାର୍ଦ୍ଦନଙ୍କ ଦୁଃଖ ସୁଖ ସହ ଏକାତ୍ମ ହେବାର ନିର୍ଦ୍ଦେଶ ଦେଉଥିଲେ। ଏହା ଫଳରେ ରାଜା ମହାରାଜଙ୍କ ଅହଂଭାବ ଦୂରୀଭୂତ ହେବା ସହ ସାଧାରଣ ପ୍ରଜାଙ୍କ ଜୀବନ ସହ ସେମାନେ ସଂଶ୍ଳିଷ୍ଟ ହୋଇ ପାରୁଥିଲେ। ସମର୍ଥ ଗୁରୁ ରାମଦାସ ନିଜର ସୁଯୋଗ୍ୟ ଶିଷ୍ୟ ଶିବାଜୀଙ୍କୁ ଦ୍ୱାର ଦ୍ୱାର ବୁଲି ଭିକ୍ଷା କରିବାକୁ କହିଥିଲେ ଫଳରେ ପ୍ରଜାଙ୍କ ଆର୍ଥିକ ସ୍ଥିତି ବିଷୟରେ ସେ ଉପଲବ୍ଧି କରିପାରିଥିଲେ। ମାତ୍ର ଆଜି ସେ ରାଜା ନାହାଁନ୍ତି କି ନାହାଁନ୍ତି ସେ ମନ୍ତ୍ରୀ ଯେଉଁମାନେ ପଦବ୍ରଜରେ ଯାତ୍ରା କରି ପ୍ରଜାଙ୍କ ସମସ୍ୟାର ସମାଧାନ କରିବେ? ଆଜି ନେତାମାନଙ୍କ ଆଗମନ କାଳରେ ମାଳ ମାଳ ଗାଡି ହଜାର ହଜାର ସଂଖ୍ୟାରେ ନେତାଙ୍କ ଜୟଗାନ କରୁଥିବା ଭାଟ, ଟାଉଟରମାନଙ୍କ ଆଗମନକୁ ଦେଖି ସାଧାରଣ ଜନତା ତ୍ରସ୍ତ! 'ପ୍ରବର୍ଦ୍ୟା' ବୌଦ୍ଧଧର୍ମର ଏକ ଅଙ୍ଗ ଥିଲା। ଏହି ପ୍ରବର୍ଦ୍ୟା ଥିଲା ଅତ୍ୟନ୍ତ ନିରଳସ ନିରାଡମ୍ବର ପଦଯାତ୍ରା। ବୁଦ୍ଧଙ୍କ ଦ୍ୱାରା ପ୍ରଚାରିତ ଏହି ପ୍ରବର୍ଦ୍ୟା ସ୍ଥାନୀୟ ଲୋକ ବିଶ୍ୱାସକୁ ବିଶ୍ୱଧର୍ମ କରିବା ସହ ଜନତାର ବିଶ୍ୱାସଭାଜନ ହୋଇଥିଲେ।

ବର୍ତ୍ତମାନ ଆସନ୍ତୁ ବିଚାର କରିବା ଏ ଯୁଗର ସନ୍ନ୍ୟାସୀ ବିବେକାନନ୍ଦଙ୍କ ବିଷୟରେ ଯିଏ କହିଥିଲେ ଭାରତର ଆତ୍ମାକୁ ଚିହ୍ନିବାକୁ ହେଲେ ତା'ର ଗ୍ରାମ ତଥା ପୁରପଲ୍ଲୀକୁ ଭ୍ରମଣ କରିବାକୁ ହେବ। ୧୮୮୭ ମସିହାରୁ ୧୮୯୨ ପର୍ଯ୍ୟନ୍ତ ପଦବ୍ରଜରେ ସାରା ଭାରତ ଭ୍ରମଣ କରି ସେ ଯେଉଁ ମଧୁର ଏବଂ ତିକ୍ତ ଅନୁଭୂତି ସାଉଁଟି ଥିଲେ ତାହା ତାଙ୍କ ବ୍ୟକ୍ତିତ୍ୱକୁ ଅପରାଜେୟ କରିଥିଲା। ସ୍ୱାଧୀନତା ସଂଗ୍ରାମର ଆଦ୍ୟ ପୁରୋଧା ମହାତ୍ମାଗାନ୍ଧୀ ଓ ବିନୋବାଙ୍କର ମୁଖ୍ୟ ଅସ୍ତ୍ର ଥିଲା ପଦଯାତ୍ରା। ଦେଶ ସ୍ୱାଧୀନତା ହାସଲ କରିବା ପୂର୍ବରୁ ଦେଶବାସୀଙ୍କୁ ଏକତାର ରଜ୍ଜୁରେ ବାନ୍ଧିବା ସହ ତାଙ୍କ ସାମର୍ଥ୍ୟ ବୃଦ୍ଧି କରିବା ପାଇଁ ସେ ନିଜର ପ୍ରୟାସ ଜାରି ରଖିଥିଲେ। ସମସ୍ତଙ୍କ ହୃଦୟରେ ଦୃଢ ଆତ୍ମବିଶ୍ୱାସକୁ ଜାଗ୍ରତ କରିବା ପାଇଁ ମହାତ୍ମାଗାନ୍ଧୀ ପଦଯାତ୍ରାକୁ ମାଧ୍ୟମ କରିଥିଲେ। ସାରା ଭାରତ ଭ୍ରମଣ କାଳରେ ଭାରତୀୟଙ୍କ ଜୀବନଶୈଳୀ ସହ ନିଜ ଜୀବନକୁ ସାମିଲ କରିଦେଇଥିଲେ। ଭାରତୀୟଙ୍କ ଦାରିଦ୍ର୍ୟ ତାଙ୍କୁ ଏପରି ପ୍ରଭାବିତ କରିଥିଲା ଯେ ସେ ସାଧାରଣ ଜନତାର ଖାଦ୍ୟ ଖାଇବା ସହ ଆଣ୍ଠୁଲୁଚା ଧୋତି ପିନ୍ଧୁଥିଲେ। ପଦଯାତ୍ରା ମାଧ୍ୟମରେ ଜନସଚେତନତା ସୃଷ୍ଟି ଉପରେ ତାଙ୍କର ଅସୀମ ଆସ୍ଥା ଥିଲା ଯେଉଁଥିରେ ସେ ସଫଳତା ମଧ୍ୟ ହାସଲ କରିଥିଲେ। ଏହି ପଦଯାତ୍ରା ମାଧ୍ୟମରେ ବିନୋବାଜୀ ତାଙ୍କର 'ଭୂଦାନ' ଆନ୍ଦୋଳନରେ ସଫଳତା ହାସଲ କରି ପାରିଥିଲେ। ତାଙ୍କର ଏହି ଆନ୍ଦୋଳନ ଜମିଦାର ସାଉକାରମାନଙ୍କ ହୃଦୟକୁ ପରିବର୍ତ୍ତନ କରିବା ସହ ସେମାନେ ହଜାର ହଜାର ଏକର ଜମି ଭୂମିହୀନଙ୍କ ପାଇଁ ସ୍ୱଇଚ୍ଛାରେ ବିନୋବାଙ୍କୁ ପ୍ରଦାନ କରିଥିଲେ। ବୁଦ୍ଧ, ବିବେକାନନ୍ଦ, ମହାତ୍ମାଗାନ୍ଧୀ, ବିନୋବା, ଗୋପବନ୍ଧୁ, ଚୈତନ୍ୟଙ୍କ ପଦଯାତ୍ରା ଥିଲା ଅହଙ୍କାର ଶୂନ୍ୟ। ନିଜର ସତ୍ତାର ବଡିମା ଏବଂ ସାମର୍ଥ୍ୟ କଳନା କରିବା ସେମାନଙ୍କର ଉଦ୍ଦେଶ୍ୟ ନଥିଲା। ଜନତାଙ୍କ ଜୀବନର ସମସ୍ୟା ଖୋଜି ତା'ର ସମାଧାନର ସୂତ୍ର ବାହାର କରିବାରେ ସେମାନେ କେତେ ସାମର୍ଥ୍ୟବାନ ତାହା ହିଁ ଥିଲା ତାଙ୍କ ପଦଯାତ୍ରାର ସଫଳ ମାପକାଠି।

କିନ୍ତୁ ଆଜି ଏ ଭ୍ରଷ୍ଟ ନେତା ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଠାରୁ ଦୂରେଇ ଯାଇ ପଦଯାତ୍ରାକୁ ନିଜ ନିର୍ବାଚନ ରଣନୀତିର ଏକ ଅମୋଘ ଅସ୍ତ୍ର ଭାବରେ ଗ୍ରହଣ କରି ନେଇଛନ୍ତି। ଜନସମ୍ପର୍କ ଯାତ୍ରା ଆଜି ନିଜ ବଡିମା ପ୍ରଦର୍ଶନ ଯାତ୍ରାରେ ପରିଣତ ହୋଇଛି। ଯେତେ ଯାତ୍ରା ତାହା ପରିବର୍ତ୍ତନ ହେଉ ବା ଜନସମ୍ପର୍କ ହେଉ ସବୁଥିରେ କେବଳ ନିଜ ଦଳ ଏବଂ ନେତାଙ୍କ ଶକ୍ତି ପ୍ରଦର୍ଶନ ସେହି ସବୁ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହୁଛି। ତେଣୁ ଆଜି ନେତୃବର୍ଗଙ୍କର ଏହି ସବୁ ବିଭିନ୍ନ ନାମକରଣ ଯାତ୍ରା ତା'ର ମୌଳିକ ଉଦ୍ଦେଶ୍ୟ ଠାରୁ ଦୂରେଇ ଯିବା ଫଳରେ ଅହଂମୁକ୍ତ ହୋଇ ପାରୁନାହିଁ। ପରିଶେଷରେ ଏତିକି କହିବି ଅନନ୍ତ କାଳରୁ ଗୌରବୋଜ୍ଜ୍ୱଳ ଐତିହ୍ୟ ବହନ କରିଥିବା ଏହି 'ପଦଯାତ୍ରା'ର ମହତ୍ୱକୁ କ୍ଷୁର୍ଣ୍ଣ ନକରି ଏଥିରେ ଆମ ଅନ୍ତରାତ୍ମା ସାମିଲ ହେବା ସହ ଜନତା ଜନାର୍ଦ୍ଦନଙ୍କ ନିଜ ହୃଦୟରେ ଅନୁଭବ କରିବାର ବ୍ୟାକୁଳତା ଜାଗ୍ରତ ହେଲେ ସମାଜରୁ ସବୁ ଦୁଃଖ ଅଚିରେ ଦୂର ହେବା ସହ 'ପଦଯାତ୍ରା'ର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ଏଥିରେ କୌଣସି ସନ୍ଦେହ ନାହିଁ।

# ଉଚ୍ଚଶିକ୍ଷାରେ ମହିଳାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ



ମାନସ କୁମାର କର
କୋଣାର୍କ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଆଜି ମହିଳାମାନେ ଶିକ୍ଷା, ଗଣମାଧ୍ୟମ, ସ୍ୱାସ୍ଥ୍ୟସେବା, ସଶସ୍ତ୍ର ବାହିନୀ ଏବଂ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ନେତୃତ୍ୱ ନେଉଛନ୍ତି। ଦେଶ ପୂର୍ବରୁ ମହିଳା ନେତୃତ୍ୱ ଗ୍ରହଣ କରିବାରେ ଏକ ବିରାଟ ପରିବର୍ତ୍ତନ ଦେଖିଛି। ଭାରତୀୟ ଉଚ୍ଚଶିକ୍ଷା ପରିଦୃଶ୍ୟ ମଧ୍ୟ ଏକ ଶକ୍ତିଶାଳୀ ମହିଳା ନେତୃତ୍ୱ ଶକ୍ତି ସହିତ ପରିବର୍ତ୍ତନ ହେଉଛି। ସେମାନେ ଦେଶର ପ୍ରଗତି ପାଇଁ ମୂଳଦୁଆ ସ୍ଥାପନ କରିଛନ୍ତି, ସାମାଜିକ-ଆର୍ଥିକ ଅଭିବୃଦ୍ଧି ପାଇଁ ସୁଯୋଗ ଖୋଲିଛନ୍ତି, ଆତ୍ମନିର୍ଭରଶୀଳତା ଏବଂ ଜୀବନର ଗୁଣବତ୍ତା ବୃଦ୍ଧି କରିଛନ୍ତି। କହିବା ବାହୁଲ୍ୟ ଯେ, 'ବିକଶିତ ଭାରତ' ଅଭିମୁଖେ ଯାତ୍ରାରେ ମହିଳା ସଶକ୍ତିକରଣ ପାଇଁ ଶିକ୍ଷା ଆବଶ୍ୟକ। ଶିକ୍ଷିତ ମହିଳାମାନେ ପରିବର୍ତ୍ତନ ଆଣନ୍ତି, ପରିବାରକୁ ଉନ୍ନତ କରନ୍ତି, ସମ୍ପ୍ରଦାୟକୁ ମଜବୁତ କରନ୍ତି ଏବଂ ଜାତୀୟ ପ୍ରଗତି ସୁନିଶ୍ଚିତ କରନ୍ତି, ଯାହା ଭବିଷ୍ୟତ ପିଢ଼ି ଉପରେ ଏକ ସ୍ଥାୟୀ ପ୍ରଭାବ ପକାଇଥାଏ।

ନେତୃତ୍ୱ ସମ୍ପର୍କରେ, ତଥ୍ୟ ଦର୍ଶାଉଛି ଯେ ଭାରତୀୟ ଉଚ୍ଚଶିକ୍ଷା ପୁରୁଷ ପ୍ରାଧାନ୍ୟ ରହିଛି, ଯଦିଓ ମହିଳାମାନେ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ୨୦୨୧ରେ, ମହିଳାମାନେ ଭାରତୀୟ ଉଚ୍ଚଶିକ୍ଷାର ନେତୃତ୍ୱ କେବଳ ୯.୫୫ ପ୍ରତିଶତ ନେଇଥିଲେ, ଯେତେବେଳେ ପୁରୁଷମାନେ ୮୯.୫୭ ପ୍ରତିଶତ ନେତୃତ୍ୱ ନେଇଥିଲେ। ଏହା ଶିକ୍ଷାଗତ ନେତୃତ୍ୱରେ ମହିଳା ନେତୃତ୍ୱକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କରିଥାଏ। ଯଦି ଆମେ ଭାରତକୁ ଆନ୍ତର୍ଜାତୀୟ ପରିଦୃଶ୍ୟ ସହିତ ତୁଳନା କରିବା, ତେବେ ଏକ ବିସ୍ତୃତ ବ୍ୟବଧାନ ଦେଖାଯାଏ। ଆନ୍ତର୍ଜାତୀୟ ସ୍ତରରେ, ବିଶ୍ୱର ଶ୍ରେଷ୍ଠ ୨୦୦ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୨୫% ମହିଳାମାନଙ୍କ ଦ୍ୱାରା ପରିଚାଳିତ। ଭଲ ଖବର ହେଉଛି ଯେ ଏହି ଚିତ୍ର ଦ୍ରୁତଗତିରେ ବଦଳୁଛି ଏବଂ ବିଶେଷକରି ଗତ କିଛିବର୍ଷ ମଧ୍ୟରେ ଏହା ପରିବର୍ତ୍ତନ ହୋଇଛି।

ଅତୀତରେ ମଧ୍ୟ, ଦେଶ ଅନେକ ଦୂରଦୃଷ୍ଟି ସମ୍ପନ୍ନ ମହିଳା ନେତ୍ରୀ ଦେଖିଛି, ଯେଉଁଥିରେ ସାବିତ୍ରୀବାଇ ଫୁଲେଙ୍କ ପରି ସମାଜ ସଂସ୍କାରକ ମଧ୍ୟ ସାମିଲ ଅଛନ୍ତି, ଯିଏ ତାଙ୍କ ସ୍ୱାମୀ ଜ୍ୟୋତିରାଓ ଫୁଲେଙ୍କ ସହିତ ମିଶି ୧୮୪୮ ମସିହାରେ ଭାରତରେ ପ୍ରଥମ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଏବଂ ଏହିପରି ମହିଳା ଶିକ୍ଷା ଏବଂ ସାମାଜିକ ନ୍ୟାୟର ସମର୍ଥନ କରିଥିଲେ।

ଦେଶ ସାମ୍ନାରେ ଥିବା ଚ୍ୟାଲେଞ୍ଜଗୁଡ଼ିକ ମଧ୍ୟରେ ଗୋଟିଏ ପଟେ ସାମାଜିକ ପକ୍ଷପାତ ଏବଂ ଅନ୍ୟପଟେ ପ୍ରତିଷ୍ଠାନଗୁଡ଼ିକରେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକ ଅନ୍ତର୍ଭୁକ୍ତ। ଅନେକ ମହିଳା ଏବେ ବି ସେମାନଙ୍କ ପ୍ରତି ପକ୍ଷପାତର ସମ୍ମୁଖୀନ ହୁଅନ୍ତି, ବିଶେଷକରି ପାରମ୍ପରିକ କ୍ଷେତ୍ରରେ ସେମାନଙ୍କର ନେତୃତ୍ୱ କ୍ଷମତାକୁ ନେଇ। ମହିଳାମାନେ ନିଜର ବୃତ୍ତିଗତ ଉନ୍ନତି ପାଇଁ ଜଣେ ପରାମର୍ଶଦାତା ଖୋଜିବା ଏବଂ ଏକ ନେଟୱାର୍କ ଗଠନ କରିବାରେ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସାରା ବିଶ୍ୱରେ ମହିଳା ନେତ୍ରୀଙ୍କ ପାଇଁ ପ୍ରମୁଖ ସମସ୍ୟାଗୁଡ଼ିକ ହେଉଛି କାର୍ଯ୍ୟ-ଜୀବନ ସନ୍ତୁଳନ ଏବଂ ବରିଷ୍ଠ ନେତୃତ୍ୱ ପଦବୀରେ କମ୍ ପ୍ରତିନିଧିତ୍ୱ। ଭାରତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ମାଧ୍ୟମରେ ସାରା ଦେଶରେ ମହିଳା ଅଧ୍ୟାପକଙ୍କ ଅଭିମୁଖୀକରଣ ଏବଂ ତାଲିମ ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିଛି। ଏହି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ମହିଳାମାନଙ୍କୁ ନେତୃତ୍ୱ ଭୂମିକା ପାଇଁ ପ୍ରସ୍ତୁତ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ଦକ୍ଷତା ଏବଂ ଜ୍ଞାନରେ ସଜ୍ଜିତ କରିବା।

ଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କୁ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାରେ ସାହାଯ୍ୟ କରିବା ପାଇଁ ଅନ୍ୟ ଦେଶଗୁଡ଼ିକ ନେତୃତ୍ୱ ତାଲିମ ଏବଂ ଅନ୍ତର୍ଭୁକ୍ତି ଉପରେ ଧ୍ୟାନ ଦେଉଥିବା କାର୍ଯ୍ୟକ୍ରମ ସୃଷ୍ଟି କରିଛନ୍ତି। କିଛି ଦେଶ ଶିକ୍ଷା କ୍ଷେତ୍ରରେ ମହିଳାଙ୍କ ସଂଖ୍ୟାରେ ଚମତ୍କାର ବୃଦ୍ଧି ରେକର୍ଡ କରିଛନ୍ତି, କିନ୍ତୁ ଭାରତ ସମେତ ବିଶ୍ୱର ଅନ୍ୟ ଦେଶଗୁଡ଼ିକୁ ଏ କ୍ଷେତ୍ରରେ ଆହୁରି ବହୁତ ଆଗକୁ ଯିବାକୁ ବାକି ଅଛି।

ଶିକ୍ଷାରେ ସଶକ୍ତିକରଣ କେବଳ ପ୍ରବେଶର ପ୍ରଶ୍ନ ନୁହେଁ, ଏଥିରେ ମହିଳାମାନଙ୍କୁ ଶିକ୍ଷକ, ନେତା ଏବଂ ମଡେଲ ଭାବରେ ସଶକ୍ତ କରିବା ମଧ୍ୟ ଜଡିତ। ସ୍କୁଲ ଏବଂ କଲେଜରେ ମହିଳାଙ୍କ ସଂଖ୍ୟା ବୃଦ୍ଧି ଝିଅମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ଏକ ପ୍ରେରଣାଦାୟକ ଶକ୍ତି ଭାବରେ କାର୍ଯ୍ୟ କରେ। ଉଚ୍ଚଶିକ୍ଷା ପ୍ରତିଷ୍ଠାନର ନେତୃତ୍ୱ ନେବାରେ ମହିଳାଙ୍କ ଭୂମିକା ଉପରେ ବିଭିନ୍ନ ଦୃଷ୍ଟିକୋଣ ଏକ ଅନ୍ତର୍ଭୁକ୍ତ ଏବଂ ନବସୃଜନଶୀଳ ଦୃଶ୍ୟ ସୃଷ୍ଟି କରେ। ମହିଳା ପ୍ରଫେସରମାନେ ପ୍ରଗତିଶୀଳ ଶିକ୍ଷା ନୀତି ଏବଂ ଗବେଷଣା ଗୁଣବତ୍ତାର ମେରୁଦଣ୍ଡ ଗଠନ କରିଛନ୍ତି। ମହିଳାମାନେ ବର୍ତ୍ତମାନ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଏବଂ ଗବେଷଣା ପ୍ରତିଷ୍ଠାନର ନେତୃତ୍ୱ ନେଉଛନ୍ତି, ଯାହା ବିଶ୍ୱବିଦ୍ୟାଳୟ ଜୀବନରେ ସେମାନଙ୍କର ବଢୁଥିବା ପ୍ରଭାବର ପ୍ରମାଣ। ବାଳିକା ଏବଂ ମହିଳାଙ୍କ ପାଇଁ କାର୍ଯ୍ୟକ୍ରମ ଏବଂ ଫେଲୋସିପ୍, ବିଶେଷକରି (ଏସଟିଇଏମ) କ୍ଷେତ୍ରରେ, ବିଶ୍ୱ ସୃଜନଶୀଳତା ଏବଂ ଉତ୍କର୍ଷତା ସୃଷ୍ଟି କରିବାରେ ସାହାଯ୍ୟ କରିଛି। ମହିଳାମାନେ ବର୍ତ୍ତମାନ ଭାରତର କିଛି ଉଚ୍ଚ-ପ୍ରୋଫାଇଲ୍ ବିଶ୍ୱବିଦ୍ୟାଳୟ ଏବଂ ପ୍ରତିଷ୍ଠାନର ନେତୃତ୍ୱ ନେଉଛନ୍ତି। ସେମାନେ ଶିକ୍ଷାକୁ ଅଧିକ ସୁଗମ ଏବଂ ସମାନ କରୁଛନ୍ତି। ମହିଳା ନେତୃବୃନ୍ଦ ଶିକ୍ଷାକ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ମହିଳା-ନେତୃତ୍ୱାଧୀନ ପ୍ରତିଷ୍ଠାନ, ଯେଉଁଥିରେ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ।

ମହିଳାମାନେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରୁଛନ୍ତି ଏବଂ ସେମାନଙ୍କ ମହତ୍ତ୍ୱାକାଂକ୍ଷାକୁ ରୂପ ଦେଉଛନ୍ତି। ତେଣୁ ଏହା ସ୍ପଷ୍ଟ ଯେ ମହିଳା ନେତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣୁଛନ୍ତି ଏବଂ ସେମାନେ ଭଲ ପରିଚାଳିକା।

ମହିଳାମାନେ ଶିକ୍ଷକ ଏବଂ ପରିବର୍ତ୍ତନର ଏଜେଣ୍ଟ। ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରି ଏବଂ ସମ୍ପ୍ରଦାୟକୁ ସଶକ୍ତ କରି ଶୂନ୍ୟସ୍ଥାନ ପୂରଣ କରି ସେମାନେ ଭଲ ନେତାଙ୍କ ଭୂମିକା ଗ୍ରହଣ କରୁଛନ୍ତି। ଏକ ଶକ୍ତିଶାଳୀ, ସମାଧାନ-ମୁଖୀ ଏବଂ ପ୍ରତିକ୍ରିୟାଶୀଳ କର୍ମଶକ୍ତି ଭାବରେ, ମହିଳାମାନେ ବିଶେଷ ଭାବରେ ଅପରିହାର୍ଯ୍ୟ କାରଣ ସେମାନେ କେବଳ ଆର୍ଥିକ ପ୍ରଗତି ନୁହେଁ ବରଂ ସାମାଜିକ ନ୍ୟାୟ ମଧ୍ୟ ସୁନିଶ୍ଚିତ କରନ୍ତି। ଶିକ୍ଷାରେ ମହିଳାମାନଙ୍କର ସବୁଠାରୁ ପ୍ରଭାବଶାଳୀ ଭୂମିକା ବୟସ୍କ ସାକ୍ଷରତା ଏବଂ ଦକ୍ଷତା ବିକାଶରେ ଦେଖାଯାଏ। ମହିଳା ଶିକ୍ଷକମାନେ ଗ୍ରାମୀଣ ଏବଂ ସୀମାନ୍ତ ସମ୍ପ୍ରଦାୟରେ ସାକ୍ଷରତା ହାର ବୃଦ୍ଧି କରିବାରେ ଏବଂ ସେମାନଙ୍କର ସାମାଜିକ-ଆର୍ଥିକ ଅବସ୍ଥା ପରିବର୍ତ୍ତନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

ମହିଳା ଉଦ୍ୟୋଗୀମାନେ ମଧ୍ୟ ସାରା ଭାରତରେ ଶିକ୍ଷା ଦିଗରେ ବିଭିନ୍ନ ଅଭିନବ ସମାଧାନ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଛନ୍ତି। ମହିଳା ପାଣ୍ଠି ପ୍ରଦାନକାରୀଙ୍କ ପରିବର୍ତ୍ତନକାରୀ ମଡେଲ, ଡିଜିଟାଲ୍ ଶ୍ରେଣୀଗୃହ ପରୀକ୍ଷଣ ଏବଂ ଏଆଇ-ଆଧାରିତ ବିଶ୍ଳେଷଣକୁ ପ୍ରୋତ୍ସାହିତ କରିଛି। ଏହା ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନକୁ ଉନ୍ନତ କରିଛି ଏବଂ ଉଚ୍ଚମାନର ଶିକ୍ଷା ପ୍ରତି ସେମାନଙ୍କର ପ୍ରବେଶକୁ ବୃଦ୍ଧି କରିଛି। ସାମାଜିକ ବିକାଶ ଏବଂ ବୈଷୟିକ ଶିକ୍ଷା ପରସ୍ପରକୁ ସାହାଯ୍ୟ କରୁଛି। ଉଚ୍ଚଶିକ୍ଷାରେ ମହିଳା ନେତାଙ୍କ ସଂଖ୍ୟା ବୃଦ୍ଧି କେବଳ ଉଚ୍ଚଶିକ୍ଷା ପାଇଁ ନୁହେଁ ବରଂ ଭାରତର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଲିଙ୍ଗଗତ ସମାନତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ଶିକ୍ଷା ନୀତି, ୨୦୨୦ ଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣର ଗୁରୁତ୍ୱକୁ ବୁଝି ଅନେକ ସଂସ୍କାର ପ୍ରସ୍ତାବ ଦେଇଛି। ଉଚ୍ଚଶିକ୍ଷାରେ ନେତୃତ୍ୱ ତାଲିମ ଏବଂ ପରାମର୍ଶ ସୁବିଧା ମହିଳାମାନଙ୍କୁ ଶିକ୍ଷାଗତ ନେତା ଭାବରେ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। 'ବିକଶିତ' 'ଆତ୍ମନିର୍ଭରଶୀଳ ଭାରତ'ର ଦୃଷ୍ଟିକୋଣରେ ଭାରତର 'ଜନସଂଖ୍ୟା ଲାଭାଂଶ'ର ସୁଯୋଗ ନେବା ପାଇଁ, ଉଚ୍ଚଶିକ୍ଷାରେ ମହିଳାମାନଙ୍କର ଅଂଶଗ୍ରହଣ ବୃଦ୍ଧି କରିବା ଆବଶ୍ୟକ। ଏହା ଭାରତକୁ 'ବିଶ୍ୱ ଗୁରୁ' କରିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

# ଭାବନାତ୍ମକ ବିକାର : ପାରାନୋୟା



ଡା. ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୧୩୨୪୩୩୩୩୩

ତ୍ରିନାଥବାବୁ ଜଣେ ଆଧ୍ୟାତ୍ମିକ ସମାଜସେବୀ ଲୋକ। ତାଙ୍କର ବୃତ୍ତିଗତ ଜୀବନ ବି ଅଛି ହେଲେ କିଛି ଦିନ ତଳେ ତାଙ୍କର ଜଣେ ପରିଚିତ ବନ୍ଧୁଙ୍କ ଶାରୀରିକ ଅସୁବିଧା ନେଇ ମୋତେ ଜଣାଇଲେ। ସେ କହିଲେ ଯେ ସେ ବାବୁ ଜଣଙ୍କ ବେଳେ ବେଳେ ଚିଡ଼ି ଯାଉଛନ୍ତି ଓ ତାଙ୍କ ଭିତରେ ସନ୍ଦେହ ଲକ୍ଷଣ ଟିକିଏ ଦେଖାଯାଉଛି। ବଡ଼ ବ୍ୟସ୍ତ ଲାଗୁଛି ଯେହେତୁ ସେ ମୋ ପରାମର୍ଶ ମାଗିଲେ ମୁଁ ତାଙ୍କୁ କହିଲି ଏହା ଏକ ପ୍ରକାର ମାନସିକ ବିକାରରୁ ସୃଷ୍ଟି ହୋଇଥିବା ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ। ପାରାନୋୟା ହେଉଛି ଏକ ଭାବନାତ୍ମକ ବିକାର। ଏହି ମାନସିକ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ଠାରେ ଚିଡ଼ଚିଡ଼ା ସ୍ୱଭାବ, ଅତ୍ୟଧିକ ସମ୍ବେଦନଶୀଳତା ଓ ଆତ୍ମବିଶ୍ୱାସର ଅଭାବ ଓ ସନ୍ଦେହୀ ମନୋଭାବ ଆଦି ଲକ୍ଷଣ ଦେଖାଯାଏ। ଅତ୍ୟଧିକ ବୟସ୍କ ରୋଗୀ ପୂର୍ବ ସମୟରେ କରିଥିବା ଅନେକ କାର୍ଯ୍ୟ ଓ କହିଥିବା ଅନେକ କଥାର ପୁଙ୍ଖାନୁପୁଙ୍ଖ ବିଚାର କରି, ନିଜକୁ ସେସବୁ ପାଇଁ ଅପରାଧି ମନେ କରିଥାନ୍ତି ଏବଂ ଭାବିଥାନ୍ତି ଯେ ସମସ୍ତେ ତାଙ୍କୁ ଘୃଣା ଦୃଷ୍ଟିରେ ଦେଖୁଛନ୍ତି। ତେଣୁ ସେ ହିନମନ୍ୟତା ଭାବନାର ଶିକାର ହୋଇଥାନ୍ତି। ଏଭଳି ରୋଗୀଙ୍କ କ୍ଷେତ୍ରରେ ଯେ କୌଣସି ସମସ୍ୟା ସୃଷ୍ଟି ହେଲେ, ସେମାନେ ତାହାକୁ ନିଜ କୃତକର୍ମର ପରିଣାମ ବୋଲି ଭାବିଥାନ୍ତି। ତେଣୁ ସେମାନଙ୍କ ଠାରେ ଆତ୍ମବିଶ୍ୱାସ କମ ହୋଇଯାଏ। ନିଜ ବନ୍ଧୁବାନ୍ଧବ ଓ ସାଙ୍ଗସାଥିଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିଥାନ୍ତି। ତେଣୁ ସେମାନେ ଅନ୍ୟମାନଙ୍କ ଠାରୁ ନିଜକୁ ଦୂରେଇ ରଖିଥାନ୍ତି। ଅନେକ ପ୍ରକାର ଶାରୀରିକ ଓ ମାନସିକ ଓ ସାମାଜିକ ସମସ୍ୟା ପାରାନୋୟାର କାରଣ ହୋଇଥାଏ। ବୃଦ୍ଧାବସ୍ଥାରେ ଶ୍ରବଣ ଶକ୍ତିର ହ୍ରାସ ପାରାନୋୟାର ଲକ୍ଷଣ ଗୁଡ଼ିକୁ ବୃଦ୍ଧି କରିବାର ଅନ୍ୟ ଏକ କାରଣ। ଯେ କୌଣସି ବୟସରେ ଏହି ମାନସିକ ରୋଗ ଦେଖାଦେଇପାରେ। କିନ୍ତୁ ବୟସାଧିକ୍ୟ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ରୋଗର ଆଶଙ୍କା ଅଧିକ ଥାଏ। ଅନ୍ୟମାନଙ୍କ ଉପରେ ସନ୍ଦେହ କରିବାର ପ୍ରବୃତ୍ତି ବଢ଼ିଯାଏ। ଯାହାଦ୍ୱାରା ରୋଗୀ ଉଦବିଗ୍ନ ହୋଇ ଆତ୍ମଘାତି କାର୍ଯ୍ୟକଳାପ, ବିକୃତି ଚିନ୍ତାଧାରା, ଭ୍ରମାତ୍ମକ ଦୃଷ୍ଟିକୋଣ ଆଦି ଭାବନାତ୍ମକ ବିକାର ଦ୍ୱାରା ଗ୍ରସିତ ହୁଅନ୍ତି।

ରୋଗୀ ନିଜ ଚିନ୍ତାଧାରାର ସଫଳ ମୂଲ୍ୟାଙ୍କନ କରିପାରନ୍ତି ନାହିଁ। ଅନ୍ୟମାନଙ୍କର ସଫଳତା ଦେଖିବା ପରେ ନିଜକୁ ଅଯୋଗ୍ୟ ମନେ କରିଥାନ୍ତି। ଗମ୍ଭୀର ରୋଗୀମାନଙ୍କୁ ବାଦ ଦେଲେ କେତେ ଜଣ ରୋଗୀଙ୍କ କ୍ଷେତ୍ରରେ ପାରାନୋୟା ଲକ୍ଷଣଗୁଡ଼ିକୁ ମନୋ ଚିକିତ୍ସକମାନେ ମଧ୍ୟ ଜାଣିପାରନ୍ତି ନାହିଁ। କାରଣ ସେଭଳି ରୋଗୀ ମନୋଚିକିତ୍ସକଙ୍କ ସାମ୍ନାରେ ସୁସଙ୍ଗଠିତ ଓ ରଚନାତ୍ମକ ବିଚାରଧାରା ବ୍ୟକ୍ତ କରିଥାନ୍ତି। ଏଭଳି ରୋଗୀଙ୍କ ଚିକିତ୍ସା ସମୟ ସାପେକ୍ଷ। ଏହି ମାନସିକ ରୋଗର ସମ୍ପୂର୍ଣ୍ଣ ଚିକିତ୍ସା ନାହିଁ। କିନ୍ତୁ କେତେକ ସାଇକୋଲୋଜିକାଲ ଥେରାପି ଏବଂ ଔଷଧ ଦ୍ୱାରା ଏହି ରୋଗର ଲକ୍ଷଣକୁ ହ୍ରାସ କରାଯାଇପାରେ। ଏହା ସହିତ ଜଣେ ବ୍ୟକ୍ତି ସନ୍ତୁଳିତ ଆହାର, ଯୋଗ ଓ ବ୍ୟାୟାମ, ସାମାଜିକ ମିଳାମିଶା ବୃଦ୍ଧି ଓ ଖୁସି ରହିବାକୁ ଚେଷ୍ଟା କରିବା ଦ୍ୱାରା ଏହି ରୋଗରୁ ଦୂରେଇ ରହିପାରିବ। ମନ ଓ ମସ୍ତିଷ୍କକୁ ସୁସ୍ଥ ରଖିବା ଦ୍ୱାରା ଶରୀର ସୁସ୍ଥତା ଲାଭ କରିଥାଏ। ଏହା ସେତେ ବଡ଼ ମାନସିକ ରୋଗ ନୁହେଁ କିନ୍ତୁ ଏହାକୁ ପ୍ରାଥମିକ ସ୍ତରରୁ ମାନସିକ ରୋଗ ବିଶେଷଜ୍ଞଙ୍କୁ ଦେଖାଇ ଚିକିତ୍ସା ଆରମ୍ଭ କଲେ ଏଥିରୁ ଉପଶମ ମିଳିବ। ଏ କ୍ଷେତ୍ରରେ ରୋଗୀର ଆତ୍ମୀୟ ସ୍ୱଜନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସେମାନେ ରୋଗୀଟି ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ। ସେ କିପରି ଠିକ ସମୟରେ ଖାଇବେ, ବିଶ୍ରାମ ନେବେ, ଔଷଧ ଖାଇବେ ଓ ତାଙ୍କୁ ମାନସିକ ଚିଡ଼ଚିଡ଼ା କରୁଥିବା କୌଣସି କଥା ଯେପରି ତାଙ୍କ ପାଖରେ ନପହଞ୍ଚେ ସେ ଦିଗକୁ ଗୁରୁତ୍ୱ ଦେବେ। ପ୍ରାଣାୟମ, ସକାଳ ପ୍ରାତଃ ଭ୍ରମଣ ଖୁବ ଭଲ। ଖାଦ୍ୟ ତାଲିକାରେ ଟଟକା ପନିପରିବା, ଶାଗ, ଦେଶୀ ମାଛ ଦେଲେ ଭଲ। ଫଳ ଓ ପଇଡ଼ ସହିତ ରୋଗୀଟି ଯେପରି ନିର୍ଦ୍ଧାରିତ ସମୟରେ ବିଶ୍ରମ ନେବ ସେ ଦିଗକୁ ଦେଖନ୍ତୁ। ରୋଗୀଟି ଖୋଲାଖୋଲି ଭାବେ ତା'ର ଆତ୍ମୀୟ ସ୍ୱଜନଙ୍କ ସହିତ ମିଳାମିଶା କରନ୍ତୁ ଏବଂ ଆଧ୍ୟାତ୍ମିକ ପୁସ୍ତକ ତାଙ୍କୁ ପଢ଼ିବା ପାଇଁ ଦିଅନ୍ତୁ। ଦେଖିବେ ସେ ଏଥିରୁ ନିଶ୍ଚିନ୍ତ ଆରୋଗ୍ୟ ଲାଭ କରିବେ।



# ସୁଖାନୁଭୂତି



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ଜୀବନର ସର୍ତ୍ତ ହେଉଛି ଆମର ଦୃଷ୍ଟି। 'ନେବା' କିମ୍ବା 'ଉପଭୋଗ' କରିବା ଅପେକ୍ଷା ଦେବା ଓ ତ୍ୟାଗ କରିବାରେ ଅଧିକ ଆନନ୍ଦିତ ହେବା ଉଚିତ୍। 'ଦେବା'ରେ ଆନନ୍ଦ ଥାଏ ଏବଂ ମନକୁ ପ୍ରକୃତରେ ସନ୍ତୁଷ୍ଟ କରିଥାଏ। ଆମେ ଜଣେ ବ୍ୟକ୍ତିକୁ ଆମେ କେତେବେଳେ ସୁଖୀ କହୁ? ପରିତୃପ୍ତ ଜୀବନଧାରା, ଜୀବନର ଗୁରୁତ୍ୱପୂର୍ଣ୍ଣ ଦିଗ, ଯଥା: କର୍ମସଂସ୍ଥାନ, ଧନସମ୍ପଦ, ବ୍ୟକ୍ତି ସମ୍ପର୍କ, ସ୍ୱାସ୍ଥ୍ୟ ଇତ୍ୟାଦିର ଅନୁକୂଳତା ଏବଂ ସର୍ବଦା ସକାରାତ୍ମକ ଚିନ୍ତନର ଅଧିକାରୀ ବ୍ୟକ୍ତି ହିଁ ସୁଖୀ। ମାତ୍ର ଏହି ପ୍ରକାର ସୁଖୀ ଜୀବନ ଜିଉଁଥିବା ମନୁଷ୍ୟମାନଙ୍କର ଯେ ସୁଖର ଅନୁଭବ ରହିଥିବ, ତାହା କହିହେବନି। ଅନେକ ବ୍ୟକ୍ତି ସୁଖ ଓ ଦୁଃଖକୁ ନିଜ ପରିସ୍ଥିତିର ଅବଦାନ ବୋଲି ଭାବନ୍ତି। ଯଦି ସୁଖର ଅନୁଭବ ମନୁଷ୍ୟର ପରିସ୍ଥିତି ଉପରେ ପର୍ଯ୍ୟବସିତ ହୋଇଥାନ୍ତା, ତେବେ କେହି ବି ସୁଖର ଅନୁଭବୀ ହୋଇନଥାନ୍ତେ। କାରଣ କାହାରି ଜୀବନ ଦୁଃଖଶୂନ୍ୟ ନୁହେଁ। ଆମେ କାହା ପାଇଁ କିଛି କରିବା ଦ୍ୱାରା ଯେଉଁ ସନ୍ତୋଷ ମିଳେ ତାହା ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ। ସାକ୍ଷାତକାର ଦେବାକୁ ଯିବା ସମୟରେ ଯଦି କୌଣସି ଯୁବକ ଦୃଢ଼ ସଂକଳ୍ପ ଓ ଆତ୍ମବିଶ୍ୱାସରେ ଭରପୂର ହୁଏ, ତେବେ ତାଙ୍କୁ ଚାକିରୀ ମିଳିବା ନିଶ୍ଚିତ, କାରଣ ନୀରିକ୍ଷକମାନେ ମଧ୍ୟ ଅନୁଭବ କରନ୍ତି ଯେ ସେ ହେଉଛି ସେହି ବ୍ୟକ୍ତି ଯାହାକୁ ଆମେ ଅପେକ୍ଷା କରିଥିଲୁ। ବିଶ୍ୱାସ ଅଭାବରେ ସଫଳତା ସମ୍ଭବ ନୁହେଁ, କାରଣ ଯୁଦ୍ଧ ଶେଷ ହେବା ପୂର୍ବରୁ ଅସ୍ତ୍ର ଶସ୍ତ୍ର ରଖିଥିବା ସୈନିକ କେବେ ବି ବିଜୟୀ ହୁଅନ୍ତି ନାହିଁ। କାମ ଆରମ୍ଭ ହେବା ପୂର୍ବରୁ ଯଦି ମନ ସନ୍ଦେହ, ଭୟ, ଆଶଙ୍କାରେ ଭରିଯାଏ, ତେବେ ତାହା କାର୍ଯ୍ୟ ପୂର୍ଣ୍ଣ ହୋଇ ନଥାଏ। ସଫଳତାର ଚାବିକାଠି ହେଉଛି : ସାହସିକ ମନ। ମନ ଯଦି ନିଷ୍କ୍ରିୟ ହେଲା ତେବେ ଶରୀର କେବେ ବି ସକ୍ରିୟ ହୋଇପାରିବ ନାହିଁ। ନିଜର ସଫଳତା ବିଷୟରେ ମନରେ ଆତ୍ମବିଶ୍ୱାସ ରହିବା ଜରୁରି। ନିଜକୁ ଆତ୍ମବିଶ୍ୱାସ ଆଣିବା ଜରୁରି ଯେ, ମୋର ଅସୀମ ଶକ୍ତି ଅଛି। ଅନ୍ୟମାନେ ଯାହା କରିପାରିବେ ନାହିଁ, ମୁଁ ତାହା କରି ଦେଖାଇ ପାରିବି। ଯଦି ନିଜ ଗୋଡରେ ଠିଆ ହେବାର ସାହସ ଧୈର୍ଯ୍ୟ ନାହିଁ, ତେବେ ସେଭଳି ଲୋକମାନେ ନିଜ ଜୀବନରେ କ'ଣ କରିପାରିବେ? ସମସ୍ତେ ନିଜ ନିଜ ଉପାୟରେ ସୁଖ ଦୁଃଖ ବିତାଉଛନ୍ତି। ଓଶୋଙ୍କ କହିବା ଅନୁଯାୟୀ, ଆପଣଙ୍କ ସ୍ୱପ୍ନ ପୂରଣ କରିବାକୁ କେହି ଏଠାରେ ନାହାଁନ୍ତି। ସମସ୍ତେ ନିଜର ଭାଗ୍ୟ ଗଢିବା ପାଇଁ ଚେଷ୍ଟା କରୁଛନ୍ତି। ଅନେକ ସମୟରେ ଅଜାଣତରେ ଆମର ଧାରଣା ଥାଏ ଯେ, ଯଦି ଆମେ ଯାହା ଇଚ୍ଛା କରୁଛୁ ତାହା ପୂରଣ ନହେଲେ ଆମେ ଖୁସି ପାଇ ପାରିବୁ ନାହିଁ। ଏହି ଧାରଣା ଭିତ୍ତିହୀନ। ଅନେକ ସମୟରେ, ବର୍ତ୍ତମାନରେ ଆମେ ଯେଉଁ ବିଫଳତା କିମ୍ବା ପ୍ରତିକୂଳତା ଦେଖୁଛୁ ତାହା ଆମ ଜୀବନର ଏକ ଟର୍ଣ୍ଣିଂ ପଏଣ୍ଟରେ ସାବ୍ୟସ୍ତ ହୁଏ, ଯାହା ଆମେ କେବେ କଳ୍ପନା କରି ନଥିଲୁ। ସଫଳତା ଓ ସଂଘର୍ଷ ଏକା ସାଙ୍ଗରେ ଚାଲିଥାଏ। କେବଳ ଉଚ୍ଚତାକୁ ଛୁଇଁବା ନୁହେଁ, ସେଠାରେ ନିଜକୁ ବଜାୟ ରଖିବା ମଧ୍ୟ ଏକ ଚ୍ୟାଲେଞ୍ଜ। ଠିକ୍ ଅଛି, ଗୋଟିଏ କାମ କରିବା ଦ୍ୱାରା ଆମେ ସେଥିରେ ଦକ୍ଷ ହୋଇଥାଉ। ଏବଂ ପରବର୍ତ୍ତୀ ସମୟରେ ସହଜ ହୋଇଯାଏ, କିନ୍ତୁ ଏହା କରିବା ଦ୍ୱାରା ଆମେ ନିଜ ସୁବିଧା ପରିସରରେ ରହିଥାଉ। ରୋମ୍‌ର ମହାନ ଦାର୍ଶନିକ ସେନେକା କହନ୍ତି- "କଠିନ ମାର୍ଗ ମଧ୍ୟ ଆମକୁ ସଫଳତାର ଶୀର୍ଷକୁ ନେଇଯାଇଥାଏ। ତେଣୁ କଠିନ ମାର୍ଗକୁ ଭୟ କରିବା ଉଚିତ୍ ନୁହେଁ, ବରଂ ଚ୍ୟାଲେଞ୍ଜର ସହିତ ତାକୁ ଗ୍ରହଣ କରିବା ଉଚିତ୍। ସୁଖାନୁଭୂତି ମନର ଏକ ଅବସ୍ଥା। ସୁଖର ଅନୁଭବ ଏକ ଅଭିରୁଚି, ପରିଣତି ନୁହେଁ। ଯେ ପର୍ଯ୍ୟନ୍ତ ଜଣେ ଇଚ୍ଛା ନକରିଛି, କୌଣସି ସୁଖ ତାକୁ ସୁଖର ଅନୁଭବ ଦେଇ ପାରିବନି। ତେଣୁ ବାହ୍ୟ ପରିବେଶରୁ ସୁଖର ଅନୁଭବ ଆସେନାହିଁ; ସୁଖର ଉପଲବ୍ଧ ମନ ଭିତରେ ହିଁ ସୃଷ୍ଟି ହୋଇଥାଏ।



ଉମରକୋଟ, (ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକ ଅନ୍ତର୍ଗତ ଭଣ୍ଡାରୀଗୁଡା ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ଆଡମ୍ବର ସହ ପାଳନ ହୋଇଯାଇଛି । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଦ୍ୟାଳୟ ଛୁଟି ନରହି ପାଠ ପଢା ସହ ବିଜୁ ବାବୁଙ୍କ ଜନ୍ମଦିନ ପାଳନ ହୋଇଛି । ପ୍ରଧାନ ଶିକ୍ଷକ ପ୍ରକାଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀ ବାବୁରାମ ସାହୁ ସଭା ପରିଚାଳନା କରିଥିଲେ । ଶିକ୍ଷକଶିକ୍ଷୟତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ବିଜୁ ବାବୁଙ୍କ ଜୀବନର ଆଦର୍ଶତା ଓ ଦେଶ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ସୂଚନା ଦେବା ସହ ତାଙ୍କ ବ୍ୟକ୍ତିତ୍ୱକୁ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସହକାରୀ ଶିକ୍ଷକ, ମିହିର ରଞ୍ଜନ ପଣ୍ଡା, ବିଶ୍ୱ ରଞ୍ଜନ ମୁଦୁଲି, ଯୋଗେଶ୍ୱର ମାଝୀ, ଅର୍ଜୁନ ମହାରଣା, ପବିତ୍ର ଢ଼ାଲି, ସ୍ୱପ୍ନେଶ୍ୱର ନାୟକ, ଜ୍ୟୋତିର୍ମୟ ଘରାମି, ପରେଶ ମହାପାତ୍ର ଓ ସହକାରୀ ଶିକ୍ଷୟିତ୍ରୀ ରୋଜିସ୍ମିତା ରାଉଳ, ଅଙ୍କିତା ବେହେରା,ଟୁନିପ୍ରଭା ସୁତାର,ମମତା ସାହୁ ସଭା କାର୍ଯ୍ୟରେ ସହଯୋଗ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜୀତ ମଜୁମଦାର ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ



ପାରାଦୀପ, (ଭାସ୍କର ନ୍ୟୁଜ୍): ମହାନ ଜନନାୟକ, ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ବରପୁତ୍ର ତଥା ପାରାଦୀପ ବନ୍ଦର ର ସ୍ରଷ୍ଟା ପ୍ରବାଦ ପୁରୁଷ ବିଜୟାନନ୍ଦ ପଟନାୟକ (ବିଜୁ ପଟନାୟକ)ଙ୍କ ୧୦୯ତମ ଜନ୍ମ ଜୟନ୍ତୀ ମହୋତ୍ସବ ସାରା ରାଜ୍ୟରେ ମାର୍ଚ୍ଚ ୫ ତାରିଖ ବୁଧବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ବିଜେଡି ଦଳ ପକ୍ଷରୁ ଅଠରବାଙ୍କି ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସେଠାରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା । ପାରାଦୀପ ବିଜେଡିର ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରି ରାଜ୍ୟ ତଥା ଦେଶ ପାଇଁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ବିଜେଡି ପାରାଦୀପ ନଗର ସଭାପତି, ବିଜୁ ମେମୋରିଆଲ ଟ୍ରଷ୍ଟର ସାଧାରଣ ସମ୍ପାଦକ ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ବିଜୁବାବୁଙ୍କ ଅଭୁଲା ସ୍ମୃତିକୁ ମନେପକାଇ ସେ ଜଣେ ଜଣେ ଅଦ୍ୱିତୀୟ ନେତା ଓ ରାଷ୍ଟ୍ର ନୀତିଜ୍ଞ ଥିଲେ ଏବଂ ସେ ପାରାଦୀପ ସମେତ ରାଜ୍ୟର ସମସ୍ତ ଜନସାଧାରଣଙ୍କ ହୃଦୟରେ ଚିର ସ୍ମରଣୀୟ ହୋଇ ରହିବେ ବୋଲି କହିବା ସହ ବିଜୁବାବୁଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବିଜେଡି କାର୍ଯ୍ୟକାରୀ ସଭାପତି ଉଲ୍ଲାସ ବିଶ୍ୱାଳ, ଉପସଭାପତି ବିଶ୍ୱନାଥ ବଳ, ଯୁବ ସଭାପତି ଆଲୋକ ମହାପାତ୍ର, ବିଜେଡି ନେତା ଅଜିତ ଷଡଙ୍ଗୀ, ନବ କୁମାର ବେହେରା, ସୁଶାନ୍ତ ଦାସ, ମନୋଜ ବେହେରା, ଗୋଲେଖ ସାହୁ, ଅନନ୍ତ ଜେନା, ଅଟଳ ପରିଡା, ଶ୍ରମିକ ନେତା ବିଭୂତି ମହାରଣା, ନାରୀନେତ୍ରୀ ଚପଳା ସ୍ୱାଇଁ, ନଳିନୀ ପ୍ରଭା ସାହୁ, ଭାରତୀ ସାମନ୍ତରାୟ, କବିତା ସାହୁ ପ୍ରମୁଖଙ୍କ ସମେତ ବିଜେଡିର ପାରିଷଦ ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହି ବିଜୁବାବୁଙ୍କ ଅବଦାନ ଓ ମହାନତା ଉପରେ ଆଲୋଚନା କରିଥିଲେ । ତେବେ ମାର୍ଚ୍ଚ ୫ ତାରିଖ ପଞ୍ଚାୟତ ଦିବସକୁ ସରକାର ପରିବର୍ତ୍ତିତ କରିଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ ।

## ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ




ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଉପସ୍ଥିତିରେ କାର୍ଯ୍ୟାଳୟ ସଭଗୃହରେ ପରିମଳ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏକ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଦଳ ଉପସ୍ଥିତ ରହି ପରିମଳ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା । ଫଗୁଣ ମାସରେ ବୈଶାଖ ମାସର ତାତି ଅନୁଭବ ହେଉଥିବାରୁ ଭୁବନର ବ୍ୟସ୍ତ ବହୁଳ ଅଞ୍ଚଳ କାଳୀ ବଜାର ସମେତ ୪ ଟି ପ୍ରମୁଖ ସ୍ଥାନରେ ଜଳଛତ୍ର ଖୋଲାଯାଇ ବାଟୋଇ ଏବଂ ଯାତ୍ରୀମାନଙ୍କୁ ଜଳ ଦାନ କରାଯାଇ ଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସୁଭଦ୍ରା ଶୋଭାଯାତ୍ରା ଏନ୍ଏସି କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା । ଏଥିରେ ଗୋଷ୍ଠୀ ସଂଗଠିକା ଦିପାଳୀ ସାମନ୍ତ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ କର୍ମୀ, ସୁଭଦ୍ରା ହିତାଧିକାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ । ଶେଷରେ ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ବଡ ଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପରିମଳ କର୍ମଚାରୀଙ୍କ ସହିତ ସ୍ୱଚ୍ଛ ସାଥୀ, ପରିମଳ ଉପଚାର କେନ୍ଦ୍ର କର୍ମଚାରୀ, ସମ୍ପଦ କେନ୍ଦ୍ର ସ୍ୱଚ୍ଛ କର୍ମୀ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ସାମୂହିକ ପ୍ରୀତିଭୋଜନ କରିଥିଲେ ।

## ଆମ କଳା ଆମ ସଂସ୍କୃତି ମହାସଂଘର ପ୍ରାଥମିକ ବୈଠକ

ଆସିକା, (ଭାସ୍କର ନ୍ୟୁଜ୍): ଆମ କଳା ଆମ ସଂସ୍କୃତି ମହାସଂଘ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲା ଶାଖା ଗଠନ ସକାଶେ ରାଜ୍ୟ କଳାକାର ମହସଂଘ ଉପସଭାପତି ତଥା ଗଞ୍ଜାମ ଦଣ୍ଡ ନାଚ ସଭାପତି ଶିବରାମ ପ୍ରଧାନଙ୍କ ଆହ୍ୱାନ କ୍ରମେ ମୁଖ୍ୟ ପରିଚାଳକ ଦାଶରଥି ଭୂୟାଁ, ଚିତ୍ରସେନ ମହାରଣା, ଲକ୍ଷ୍ମୀ କିନ୍ନରଙ୍କ ନେତୃତ୍ୱରେ ସଂଘର ପ୍ରାଥମିକ ବୈଠକ ଆସିକା ମକୁନ୍ଦପୁର ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଗଞ୍ଜାମ ଜିଲ୍ଲାର ବିଭିନ୍ନବ୍ଲକରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ କଳାକାର ଯୋଗଦେଇ ସଂଘ ଗଠନ ଦିଗରେ ନିଜ ମତାମତ ପ୍ରଦାନ କରିଥିଲେ । ଗଞ୍ଜାମ ଜିଲ୍ଲା ହେଉଛି ଲୋକକଳାର ଏକୁଡ଼ିଶାଳା । ଦିନକୁ ଦିନ ଏହି ଲୋକକଳା ବିଲୁପ୍ତ ହେବାକୁ ବସିଲାଣି । ଏହାକୁ ବଜାୟ ରଖିବା ସହିତ ସଂଘ ଗଠନ କରି ନିଜ ଅଭାବ ଅସୁବିଧା ଉପସ୍ଥାପନ କରିବା ପାଇଁ ଆଜିର ଏହି ବୈଠକରେ ନିଷ୍ପତ୍ତି ନେବା ସହ ଆସନ୍ତା ମାସରେ ସଂଘ କର୍ମକର୍ତ୍ତା ଚୟନ ହେବା ପାଇଁ ଆଜିର ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

## ବିଧାୟକଙ୍କ ଜନ୍ମତିଥିରେ ରକ୍ତଦାନ ଶିବିର ଅନୁଷ୍ଠିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କଂଗ୍ରେସ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ସହଯୋଗରେ ବାସୁଦେପୁର ବିଧାୟକ ଅଶୋକ କୁମାର ଦାସଙ୍କ ଜନ୍ମତିଥି ଅବସରରେ ବୁଧବାର ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ମୋଟ ୫୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଶିବିରକୁ ବିଧାୟକ ଦାସ, ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସମ୍ବାଦ ଆମ ଓଡ଼ିଶା ପକ୍ଷରୁ ଆବାହକ ପ୍ରଭାତ କୁମାର ରାଉଳ, ସଭାପତି ଶଚିକାନ୍ତ ନାୟକ ବିଧାୟକ ଦାସଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମେଡ଼ିକାଲ ଅଫିସର ଶୁଭକାନ୍ତ ଓଝା, ଡା. ଅନୁରୂପ ଅଂଶୁମାନ, ବିତ୍ତୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି ପ୍ରମୁଖଙ୍କ ସହିତ ଭଦ୍ରକ ବ୍ଲଡ଼ ବ୍ୟାଙ୍କର ଟେକ୍ନିସିଆନ ରବିନ୍ଦ୍ର ଜେନା, ମାଗୁଣି ପ୍ରଧାନ, ବିଷ୍ଣୁପ୍ରିୟା ପରିଡ଼ା, ରତିକାନ୍ତ ବଳ, ରଘୁନାଥ ପଣ୍ଡା, ମାନସ ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ବରିଷ୍ଠ କଂଗ୍ରେସ ନେତା ମିନକେତନ ସେନାପତି, ଗଣେଶ ମଳିକ, ସୁରେଶ ମହାପାତ୍ର, ସୁରେନ୍ଦ୍ର ସାହୁ, ଶିବ ପ୍ରସାଦ ନାୟକ, ସୌମ୍ୟଗୋପାଳ ନାୟକ, ତ୍ରିଲୋଚନ ଗୌତମ, ସୁଧାଂଶୁ ଶେଖର ମାହୁନ୍ତ, ଗୋରାବାବୁ ସାହା, ନାରାୟଣ ଜେନା, ବେଣୁଧର ଦାସ, ସୁରେଶ ନାୟକ, ସୁବାସ ସାହୁ, ସୌମେନ୍ଦ୍ର ପଣ୍ଡା, ବିଜୟ ନାୟକ, ପ୍ରଜ୍ଞାପାରମିତା ନାୟକ, ଶ୍ରଦ୍ଧାଞ୍ଜଳି ମାହୁନ୍ତ, ରମାକାନ୍ତ ମଲ୍ଲିକ, ଅଶୋକ ମହାପାତ୍ର, ଚିନ୍ତାମଣି ସାହୁ, ଅମରେଶ ତ୍ରିପାଠୀ, ପରମେଶ୍ୱର ମଳିକ, ଆମ ଓଡ଼ିଶା ପକ୍ଷରୁ ସନ୍ଧ୍ୟାରାଣୀ ରାଉଳ, ଲକ୍ଷ୍ମୀକାନ୍ତ ଗିରି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ନିଆଳି ଥାନା ଏକ ନମ୍ବର

ନିଆଳି, (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟରେ ନିଆଳି ଥାନା ଏକ ନମ୍ବର ବୋଲି ସିସିଟିଏନ୍ ଏସ ରିପୋର୍ଟରେ ଦର୍ଶାଯାଇଛି । ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ନିଆଳି ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ମଲ୍ଲିକଙ୍କୁ ନିଆଳିର ଅଗ୍ରଣୀ ସାମାଜିକ ସଂଗଠନ କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନୀତ କରାଯାଇଥିଲା । ଟ୍ରଷ୍ଟ ପକ୍ଷରୁ କଟକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ



(ଆଇପିଏସ୍) ଏବଂ ସଦର ଏସ୍‌ଡିପିଓ କେରାନ୍ ହେମ୍ରମ୍ (ଓ ପି ଏସ) ଙ୍କୁ ସାଧୁବାଦ ଜଣାଇଲେ ଟ୍ରଷ୍ଟର ଅଧକ୍ଷ ଡକ୍ଟର କେଦାରନାଥ ସାହୁ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଥାନାର ସବ୍‌ଇନ୍ସପେକ୍ଟର ଜଗନ୍ନାଥ ପାଣିଗ୍ରାହୀ, ସମାଜ ସେବୀ ହର ପ୍ରାସାଦ ରାୟ, ସମେତ ଥାନା ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ନିଆଳି ଥାନାର ଏହି ସଫଳତା ପାଇଁ ନିଆଳି ଅଂଚଳର ବୁଦ୍ଧିଜୀବୀମାନେ ପୋଲିସ ଅଧିକାରୀଙ୍କ କାର୍ଯ୍ୟ ଧାରାକୁ ଭୂୟସୀ ପ୍ରଶଂସା କରିଥିଲେ ।

## ସାହିତ୍ୟ ଓ ସଂସ୍କୃତି ସଂସଦର ସାରସ୍ୱତ ସମାରୋହ

## ‘ସାହିତ୍ୟ ସମାଜର ବନ୍ଧୁ ଓ ଅମୃତର ସିନ୍ଧୁ’




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ରବିବାର ଦିନ ଭୁବନେଶ୍ୱରସ୍ଥ ଗୀତଗୋବିନ୍ଦ ସଦନ ପରିସରରେ ପର୍ବତେଶ୍ୱର ସାହିତ୍ୟ ଓ ସଂସ୍କୃତି ସଂସଦର ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବାହାଦୂର ପାଟସାହାଣୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ସମ୍ପାଦିତ ହୋଇଅଛି । ଓଡ଼ିଶର ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟସାହାଣୀ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଶିକ୍ଷାବିତ୍ ଶଶଧର ପଣ୍ଡା, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସଂସ୍କୃତି ଗବେଷକ ତଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଆୟୁର୍ବିଜ୍ଞାନ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡାକ୍ତର ରବି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ତଥା ଗାଳ୍ପିକ ଡ. ଯଶୋବନ୍ତ ସାମଲ, ସାହିତ୍ୟିକ ଡ. ରୋଜାଲିନ୍ ସେନାପତି, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଓଡ଼ିଶା ଖଣି ନିଗମର ଉଚ୍ଚପଦସ୍ଥ ଅଧିକାରୀ ଭରତ ଚରଣ ବେହେରା ଯୋଗଦେଇ ସାହିତ୍ୟ ସମାଜର ବନ୍ଧୁ ଓ ଅମୃତର ସିନ୍ଧୁ ବୋଲି ବର୍ଣ୍ଣନା କରିଥିଲେ । ସାହିତ୍ୟ ହେଉଛି ସମାଜର ଅନ୍ତଃସ୍ୱର ଏହା ଉପରେ ଏକ ବର୍ଣ୍ଣାଢ଼୍ୟ ବିତର୍କ ଅନୁଷ୍ଠିତ ହୋଇଥିଲା । ଡ. ରବି ନାରାୟଣ ପଣ୍ଡା ଓ ସାହିତ୍ୟିକ ଶଶଧର ପଣ୍ଡାଙ୍କୁ ସେମାନଙ୍କର ଜୀବନବ୍ୟାପୀ ସେବା ନିମନ୍ତେ ସମ୍ମାନଜନକ ପୂର୍ଣ୍ଣକୁମ୍ଭ ସମ୍ମାନ ୨୦୨୫ରେ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଓଡ଼ିଶାର ପ୍ରତିଷ୍ଠିତ ଆଧ୍ୟାତ୍ମିକ ପତ୍ରିକା ପୂର୍ଣ୍ଣକୁମ୍ଭ ଅନୁଷ୍ଠାନର ସମ୍ପାଦକ କବିରତ୍ନ ବିଦ୍ୟାଧର ଖଟୁଆଙ୍କ ଦ୍ୱାରା ସମ୍ପାଦିତ ହୋଇ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୬ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏଥି ସହିତ ୩୧ଜଣ କବି ଓ କବୟିତ୍ରୀଙ୍କୁ ମଧ୍ୟ ସମରୂପେ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କବି ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍‌ଘାଟନର ପ୍ରାରମ୍ଭରେ କବି ବ୍ରହ୍ମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଶହେରୁ ଅଧିକ କବି ସେମାନଙ୍କ ସ୍ୱରଚିତ କବିତା ଆବୃତ୍ତ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ରସିକ କବି ଡ. ଶରତ ଚନ୍ଦ୍ର ମାଝି, ନୀରବ ଚନ୍ଦ୍ର ଜେନା, କବି ମହାନନ୍ଦ ମହାଳିକ, ବିଜୟଲକ୍ଷ୍ମୀ ସାହୁ ଯୋଗଦେଇ ସାହିତ୍ୟ ସମାଜର ଅନ୍ତଃସ୍ୱର ଭାବେ ଆଲୋଚନା କରିଥିଲେ । ଉଭୟ କାର୍ଯ୍ୟକ୍ରମରେ ଯଥାକ୍ରମେ ପ୍ରଫୁଲ୍ଲ ବେହେରା ଓ ସାଗର କୁମାର ପରିଡ଼ା ଅତିଥି ଓ କବିମାନଙ୍କୁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ କବି, କବୟିତ୍ରୀ ଯୋଗଦେଇ ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ରଜତ କୁମାର ବାରିକ, ସଞ୍ଜୀବ କୁମାର ଦାସ, ବିଶ୍ୱରଞ୍ଜନ ମହାପାତ୍ର, କୃପାସିନ୍ଧୁ ପ୍ରଧାନ, ରଶ୍ମି ସାମଲ, ଧରଣୀଧର ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

## ନିମାପଡ଼ାରେ ବିଜୁବାବୁଙ୍କ ଜନ୍ମ ଜୟନ୍ତୀ ପାଳିତ




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ନିମାପଡା ନିର୍ବାଚନମଣ୍ଡଳୀରେ ବିଜେଡି ନେତା ଦୁଇଟି ସ୍ଥାନରେ ଜନ୍ମ ଜୟନ୍ତୀ ପାଳନ କରିଛନ୍ତି । ଏପରି ଘଟଣାକୁ ନେଇ ବିଜେଡିର ଦୁର୍ଗ ଏଠାରେ ଭୁଷୁଡି ପଡିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଟାଉନହଲ୍ ଠାରେ ପ୍ରବାଦ ପୁରୁଷଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଜେଡି କର୍ମୀମାନେ ସହରରେ ଶୋଭାଯାତ୍ରା କରି ପରିକ୍ରମା କରିବା ସହ ଶୋଭାଯାତ୍ରା ଟାଉନହଲ ଠାରେ ପହଂଚିଥିଲା । ଏହି କାର୍ଯ୍ୟକ୍ରମରେ ବହୁ କର୍ମୀ ଯୋଗ ଦେଇଥିବା ବେଳେ ବିଜେଡି ଦଳ ନେତା ଦିଲ୍ଲିପ ନାୟକ, ନଗର ବିଜେଡିର ବରିଷ୍ଠ ନେତା ଦିଲ୍ଲିପ ପାତ୍ର, ପୂର୍ବତନ ସରପଂଚ ପବିତ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଗଙ୍ଗାଧର ଜେନା, ପର୍ଯ୍ୟବେକ୍ଷକ ଦୀପକ ଦାସ ପ୍ରମୁଖ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ । ନିମାପଡା ବ୍ଲକ ଜଟେଶ୍ୱର କଲେଜ ଠାରେ ଜନ୍ମଜୟନ୍ତୀ ବିଜେଡି ପକ୍ଷରୁ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ବିଜେଡି ନେତା ସୁବ୍ରତ ଛାଟୋଇ, ଜିଲ୍ଲା ପରିଷଦ ସଭ୍ୟ କୁଞ୍ଜତା ସାମଲ, ରବିନ୍ଦ୍ର ମଲ୍ଲିକ, ସସ୍ମିତା ନାୟକ, ଭାଗ୍ୟଧର ଖଟୋଇ, ସତ୍ୟବାଦୀ ମହାପାତ୍ର, ବିଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ବିଜୁ ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏଠାରେ ପ୍ରଶ୍ନ ଉଠୁଛି ବିଜେଡି ଦଳ ନିମାପଡାରେ ଭିନ୍ନ ଭିନ୍ନ ସ୍ଥାନରେ ଜନ୍ମଜୟନ୍ତୀ ପାଳନ କରିବା ଏଠାରେ ଗୋଷ୍ଠୀ କନ୍ଦଳ ବାରିହୋଇପଡୁଛି । ଗତ ନିର୍ବାଚନରେ ଦିଲ୍ଲିପ ନାୟକ ବିଜେପି ଦଳ ସହିତ କଡା ମୁକାବିଲା କରିଥିଲେ । ମାତ୍ର ଏଠାରେ ଦିଲ୍ଲିପଙ୍କୁ ବାଦ ଦେଇ ସୁବ୍ରତ ଅଲଗାସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ କରୁଥିବାରୁ ଏହାକୁ ବରିଷ୍ଠ ବିଜେଡି କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି । ଗତ ନିର୍ବାଚନ ଠାରୁ ବିଜେଡିର ଦୁର୍ଗ ଭୁଷୁଡି ପଡିଥିବା ଦଳୀୟ କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି ।

## ଅବସରପ୍ରାପ୍ତ କୃଷି ଅଧିକାରୀଙ୍କ ପରଲୋକ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଲହଣ ଶାସନ ଗ୍ରାମର ଅବସରପ୍ରାପ୍ତ କୃଷି ଅଧିକାରୀ ରାଜକିଶୋର ଶତପଥି (୮୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତିରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଶତପଥିଙ୍କ ବାର୍ଦ୍ଧକ୍ୟ ଜନିତ ରୋଗର ଚିକିତ୍ସା ପାଇଁ ପରିବାର ଲୋକମାନେ ତାଙ୍କୁ ହାଇଦ୍ରାବାଦର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ସନ୍ଧ୍ୟାରେ ତାଙ୍କର ପରଲୋକ ହୋଇଯାଇ ଥିଲା । ତାଙ୍କର ପରଲୋକ ଖବର ପାଇବା ପରେ ତାଙ୍କ ଦ୍ୱାରା ଗ୍ରାମରେ ୩୩ ବର୍ଷ ଧରି ପ୍ରତିଷ୍ଠିତ ହୋଇଥିବା ଶ୍ରୀରାମ ଚରିତ ମାନସର ତୃତୀୟ ଦିନର ପ୍ରବଚନ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଥିଲା । ବୁଧବାର ତାଙ୍କର ମରଶରୀର ଗ୍ରାମରେ ପହଂଚିବା ପରେ ତାଙ୍କ ବନ୍ଧୁ ପରିଜନ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ । ପରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ ସଂଜୀବ ମୁଖାଗ୍ନି ଦେଇଥିଲେ ।

## ଇଫ୍‌କୋ ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ଦିବସ



ପାରାଦୀପ, (ଭାସ୍କର ନ୍ୟୁଜ୍): ଇଫ୍‌କୋ ପାରାଦୀପ ୟୁନିଟ ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ଦିବସ ମାର୍ଚ୍ଚ ୪ ତାରିଖ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ଇଫ୍‌କୋର କର୍ମଚାରୀ, ଶ୍ରମିକ ଓ ବ୍ୟବହାରକାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଫଆଣ୍ଡବି ପାରାଦୀପ ଶାଖାର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ବେହେରା ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଇଫକୋ ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର, ଇଫକୋର ଏଫ୍‌ଆଣ୍ଡ୍‌ଏସ୍ ଯୁଗ୍ମ ପ୍ରବନ୍ଧକ ଆର.କେ. ସ୍ୱାଇଁ ଯୋଗଦେଇ ସୁରକ୍ଷା ପତାକା ଉତ୍ତୋଳନ କରି ସମସ୍ତଙ୍କୁ ସୁରକ୍ଷାର ଶପଥପାଠ କରାଇଥିଲେ । କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ଅବଲମ୍ବନ କରିବା ପାଇଁ କର୍ମଚାରୀ, ଠିକାଦାର ଓ ଶ୍ରମିକମାନଙ୍କୁ ଅତିଥିମାନେ ସଚେତନ କରାଇଥିଲେ । କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅତିଥିମାନେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରିଥିଲେ । ଅଗ୍ନି ଓ ସୁରକ୍ଷା ବିଭାଗ ପକ୍ଷରୁ ଏକ ଅଗ୍ନି ସୁରକ୍ଷା ସମ୍ପର୍କିତ ପ୍ରଦର୍ଶନୀ ଆୟୋଜିତ ହୋଇଥିବା ନେଇ ଇଫ୍‌କୋର ଲୋକସମ୍ପର୍କ ଅଧିକାରୀ ଡ଼ଃ.ପ୍ରସନ୍ନ କୁମାର ବେଉରା ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

## ରାସ୍ତାରେ ପଡ଼ି ପୂଜକଙ୍କ ମୃତ୍ୟୁ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦରେ ଜଣେ ପୂଜକଙ୍କ ମୃତ୍ୟୁକୁ ନେଇ ଏବେ ବିଭିନ୍ନ କଳ୍ପନାଜଳ୍ପନା ଦେଖାଦେଇଛି । କିପରି ମୃତ୍ୟୁ ଘଟିଲା ତାହା ଏବେ ସନ୍ଦେହ ଘେରରେ ରହିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀଜିଲ୍ଲା ନିମାପଡା ବ୍ଲକ ବଡ ଶିରିବିଲା ପଂଚାୟତ ବଡଗାଁର କୁନିଆ ପଣ୍ଡା (୫୦) ନାମକ ବ୍ୟକ୍ତି ନିମାପଡା ଅଂଚଳରେ ବିଭିନ୍ନ ଠାକୁର ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ବଭିନ୍ନ ଉତ୍ସବରେ ରୋଷାଇ କରି ପାଟପୁର ଗ୍ରାମରେ ଭଡାଘରେ ନେଇ ରହୁଥିଲେ । ଗତ ମଙ୍ଗଳବାର ଅମୁଣିଆ ପାଟଣା ଗ୍ରାମରେ ଏକ ବର୍ଷିକିଆ ଭୋଜି ରୋଷେଇ କରୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ନିକଟରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଛାତି ଯନ୍ତ୍ରଣା ହେଉଛି କହିବାରୁ ଗ୍ୟାସ୍ ଟାବଲେଟ ଦିଆଯାଇଥିଲା । ପୁନରାୟ ରୋଷେଇବାସ କରି ବିଳମ୍ବିତ ରାତ୍ରରେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେକ, ଜୈନାବଦ ମଳିକ ସାହି ନିକଟସ୍ଥ ପାଟପୁର ନିମାପଡା ରାସ୍ତା ଉପରେ ସାଇକେଲରୁ ପଡିଯାଇଥିଲେ । ଅନେକ ଦେଖଣାହାରୀ ଥିଲେ ମଧ୍ୟ ଆହତଙ୍କୁ କେହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇନଥିଲେ । ଏକ ଘଣ୍ଟା ବିଳମ୍ବରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଡାକ୍ତର ମୃତ୍ୟୁ ଘୋଷଣା କରି ପୋଲିସକୁ ଜଣାଇଥିଲେ । ପୋଲିସ ପହଞ୍ଚି ଶବ ଜବତ କରିଥିବା ବେଳେ ବ୍ୟବଚ୍ଛେଦ ପାଇଁ ପଠାଇଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଗ୍ରାମଶ୍ମଶାନରେ ଶବ ସଂସ୍କାର କରିଛନ୍ତି ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ନିର୍ବାଚନ ମଣ୍ଡଳ ସ୍ତରୀୟ ବିଜୁ ଜନତା ଦଳ ପକ୍ଷରୁ ମହାନ ଜନ ନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତି ବାସୁଦେବ ମଣ୍ଡପ ରେ ପାଳିତ ହୋଇଯାଇଛି । ପ୍ରଥମେ ନିଆଳି ଅଚିହ୍ନା ପଡିଆ ପାଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ବାସୁଦେବ ମଣ୍ଡପରେ ଜୟନ୍ତି ଅବସରରେ ଏକ ସଭା ଆଲୋଚନା ଚକ୍ର କରାଯାଇଥିଲା । ଏହି ସଭାରେ ନିଆଳି ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ନିଆଳି ପୂର୍ବତନ ବିଧାୟକ ଡା ପ୍ରମୋଦ କୁମାର ମଳିକ ଯୋଗ ଦେଇଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ତଥା ବରିଷ୍ଠ ବିଜେଡି ନେତା ଅକ୍ଷୟ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ବିଜୁପଟ୍ଟନାୟକଙ୍କ ଓଡିଶା ପ୍ରତି ଅବଦାନ ଓ ତାଙ୍କ ସାହସିକତା ଉପରେ ଆଲୋଚନା କରାଯାଇଥିଲା । ବିଜେଡି ନେତାମାନେ ଶାସକ ଦଳ ବିଧାୟକଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ପିୟୁଷ ମିଶ୍ର, କ୍ରିଷ୍ଣା ରାଣି ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବିଡିଓ, ସିଡିପିଓଙ୍କୁ ଘେରିଲେ ସୁଭଦ୍ରା ଯୋଜାନାରୁ ବଞ୍ଚିତ ମହିଳା

ଗୋପ, (ଭାସ୍କର ନ୍ୟୁଜ୍): ସୁଭଦ୍ରା ଯୋଜାନାରୁ ବଂଚିତ ୨୫ରୁ ଉର୍ଦ୍ଧ୍ୱ ମହିଳା ବୁଧବାର ବିଡିଓ ଏବଂ ସିଡିପିଓଙ୍କୁ ଘେରିବା ସହିତ ବିଡିଓଙ୍କ ଏବଂ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧାରଣାରେ ବସିଥିଲେ । ଏହା ଉପରେ ଖୁବ୍ ଶିଘ୍ର ତଦନ୍ତ କରାଯାଇ ସମାଧାନ କରାଯିବ ବୋଲି ବିଡିଓ ଛବିରାଣୀ ସାହୁ ପ୍ରତିଶୃତି ଦେବାପରେ ସେମାନେ ଧାରଣାରୁ ହଟିଥିଲେ । ସୂଚନା ମୁତାବକ କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରୁ ବାଦ୍ ଦିଆଯିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହୁଥିବା ବେଳେ ବିଭିନ୍ନ କାରଣ ଦର୍ଶାଇ ତଦନ୍ତକାରୀ ଅଧିକାରୀମାନେ ଗୋପ ବ୍ଲକ୍‌ର ଶତାଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରୁ ବାଦ୍ ପକାଇଥିବା ଅଭିଯୋଗ ହୋଇଛି । ଏନେଇ ବାରମ୍ବାର ମହିଳାମାନେ ବିଡିଓ ଏବଂ ସିଡିପିଓଙ୍କ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ବୁଧବାର ଗୋପ ବ୍ଲକ ଅନ୍ତର୍ଗତ ତରକୋର ପଂଚାୟତ ମଲ୍ଲିଆତୁଠ ଗ୍ରାମର ୨୫ ରୁ ଉର୍ଦ୍ଧ୍ୱ ମହିଳା ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ବସିବା ପରେ ବିଡିଓଙ୍କ କାର୍ଯ୍ୟାଳୟ ସାମ୍ନାରେ ଧରାଣାରେ ବସିଥିଲେ । କୌଣସି କାର୍ଯ୍ୟରେ ଯାଇଥିବା ବିଡିଓ କାର୍ଯ୍ୟାଳୟକୁ ଫେରି ସେମାନଙ୍କ ସହ ଆଲୋଚନା କରିବା ସହ ତଦନ୍ତ କରାଯାଇ ତାଙ୍କ ଅଭିଯୋଗର ସମାଧାନ କରାଯିବ ବୋଲି ପ୍ରତିଶ୍ରୃତି ଦେବା ପରେ ସେମାନେ ଧାରଣାରୁ ହଟିଥିଲେ । ଅଭିଯୋଗ ମୁତାବକ ମଲ୍ଲିଆତୁଠ ଗ୍ରାମର ହେନା ବେହେରା, କୁମୁଦୁନି ମହାରି, ଦୀପା ମହାରି, ବୀଣାପାଣି ମହାରି, ରଂଜୁ ମହାରି, କବିତା ମହାରି, ଶାନ୍ତି ମହାରି ପ୍ରମୁଖ ୨୫ ରୁ ଉର୍ଦ୍ଧ ମହିଳାଙ୍କ ଏକର ଏକର ସମ୍ପତ୍ତି, ଗାଡି ଇତ୍ୟାଦି ଥିବା ଦର୍ଶାଇ ସେମାନଙ୍କୁ ଏହି ଯୋଜନାରୁ ବାଦ୍ ପକାଇ ଦିଆଯାଇଛି ବୋଲି ସେମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଉନାହିଁ । ହେଲେ ସେମାନେ ଅତ୍ୟନ୍ତ ଗରିବ ଏବଂ ସେମାନଙ୍କ ସେପରି କୌଣସି ସମ୍ପତ୍ତି କି ଗାଡି ବା ସରକାରଙ୍କ ଗାଇଡଲାଇନ ଅନୁଯାୟୀ କୌଣସି ଅତ୍ୟାବଶ୍ୟକ ସାମଗ୍ରୀ ନଥିବା ସେମାନେ ଅଭିଯୋଗ କରିଛନ୍ତି । ହେଲେ ସେମାନଙ୍କୁ କଣ ପାଇଁ ଏହି ଯୋଜନାରୁ ବାଦ୍ ଦିଆଯାଇଛି ଏବଂ ବାରମ୍ବାର ଅଭିଯୋଗ ପରେ ମଧ୍ୟ ତାଙ୍କ କଥା ବିଚାରକୁ ନିଆଯାଉ ନାହିଁ । ଯାହାକୁ ନେଇ ସେମାନେ ବୁଧବାର ବିଡିଓ ଏବଂ ସିଡିପିଓଙ୍କ କାର୍ଯ୍ୟାଳୟ ଆଗରେ ଦୀର୍ଘ ସମୟ ଧାରଣାରେ ବସିଥିଲେ । ଚଳିତ ମାସ ୮ ତାରିଖରେ ସୁଭଦ୍ରା ଯୋଜନାର ୨ୟ କିସ୍ତି ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବାର ଥିବା ବେଳେ ୩୧ ତାରିଖକୁ ପ୍ରଥମକିସ୍ତି ପାଇଁ ଆବେଦନର ଶେଷ ତାରିଖ ଭାବେ ସରକାର ଘୋଷଣା କରିଛନ୍ତି । ତେଣୁ ଏହି ସମୟସୀମା ମଧ୍ୟରେ ତାଙ୍କୁ ଯୋଜାନରେ ସାମିଲ କରିବା ପାଇଁ ମହିଳାମାନେ ଅନୁରୋଧ କରିଛନ୍ତି ।

## ଆସିକାରେ ବିଜୁବାବୁଙ୍କ ଜନ୍ମଜୟନ୍ତୀ ପାଳିତ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୧୦୯ ତମ ଜନ୍ମ ଜୟନ୍ତି ଉତ୍ସବ ମହାଆଡ଼ମ୍ବର ସହ ପାଳନ ହୋଇଯାଇଛି । ପୂର୍ବତନ ବିଜେଡି ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଜେଡି ବିଧାୟକ ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ସକାଳୁ ବିଜୁ ଜନତା କାର୍ଯ୍ୟାଳୟ ଠାରୁ ଦଳୀୟ କର୍ମୀମାନଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଆସିକା ବିଜୁ ପଟ୍ଟନାୟକ ଛକଠାରେ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଆସିକା ମେଡିକାଲର ରୋଗୀ ମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ । ଶେଷରେ ବୁଜୁ ବାବୁଙ୍କ ଉଦ୍ଦେଶ୍ୟରେ ବିଜେଡି କାର୍ଯ୍ୟାଳୟ ଠାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସକୁ ମନେ ରଖିବା ପାଇଁ ପଞ୍ଚାୟତ ରାଜ ଦିବସ ରୂପେ ଓଡ଼ିଶାରେ ପାଳନ କରାଯାଉଥିଲା । କିନ୍ତୁ ବିଜେପି ସରକାର ଏହାକୁ ବାତିଲ କରିଥିବା ଯୋଗୁଁ ଏହାର ପ୍ରତିବାଦ କରିବା ପାଇଁ ଏକ ପ୍ରତିବାଦ ଶୋଭାଯାତ୍ରା କରିଥିବାକୁ ସ୍ଥିର କରାଯାଇଛି । ଏହି ଅବସରରେ ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ, ଭବନୀ ଶଙ୍କର ମଲ୍ଲିକ, ଶିବ ନାହକ, ସନ୍ତୋଷ ପୋଲାଇ, ବିଦ୍ୟାନ୍ତ ଚର୍ଚି, ସନ୍ତୋଷ ନାୟକ, ଅନିଲ ନାୟକ, ରଞ୍ଜନ ବିଷୋୟୀ, ଜିଲ୍ଲା ପରିଷଦ ବି. ମନୋଜ ଦୋରା, ରଞ୍ଜନ ବିଷୋୟୀ, ବିଜୟ ନାହକ, ଗୌର ହରି ବେହେରା, ଜୟସେନ ସ୍ୱାଇଁ, ନିଳମାଧବ ସ୍ୱାଇଁ, ଭରତ ନାହକ, ଦେବରାଜ ନାହକ, ପ୍ରତାପ ପ୍ରଧାନ, ସନ୍ତୋଷ ବେହେରା, ମୁନା ବାରିକ, ଜିତେନ୍ଦ୍ର ମହାରଣା, ନିଗମାନନ୍ଦ ରାଉତ,ବିମଳ ପ୍ରଧାନ, ସୁକାନ୍ତ ସାହୁ, ସଞ୍ଜୀବ ମହାରଣା, କାହ୍ନୁଚରଣ ପାତ୍ର, କାହ୍ନୁ ଦଳଇ, ମଦନ ମୋହନ ନାୟିକ, ଉଦିତ ପାଢ଼ୀ, କେଶବ ଦାସ, ସନ୍ତୋଷ ନାହକ, ଆକାଶ ସ୍ୱାଇଁ, ଟୁନା ସାମନ୍ତରା, ଶିବରାମ ପାଣିଗ୍ରାହୀ ସମେତ ବହୁ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।



ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ନୂଆ ପାରା ଠାରେ ଜଳ ବିଭାଜିକା ପ୍ରକଳ୍ପର ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ସମ୍ମାନନିୟ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରୀତି ସ୍ନିଧା ମହାପାତ୍ର, ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଏହି ସଚେତନତା ଶିବିରର ଉଦ୍ଘାଟନ କରିଥିଲେ। ସଚେତନତା ରଥ ଉଦ୍‌ଘାଟନ ଅବସରରେ ଜଳ ବିଭାଜିକା କ୍ଷେତ୍ରରେ ଆଗାମୀ ପିଢ଼ି ପାଇଁ ବର୍ଷା ଜଳକୁ ସୁରକ୍ଷିତ କରି ରଖିବା, ମୃତ୍ତିକା କ୍ଷୟକୁ ରୋକିବା ଏବଂ ନୂତନ ପିଢ଼ିଙ୍କ ପାଇଁ ପରିବେଶ କିପରି ସୁରକ୍ଷିତ ରହିବ ତାହା ଉପରେ ଆଲୋଚନା ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ବେହେରା, ସ୍ଥାନୀୟ ଅଧିକାରୀ ପ୍ରତୀକ ଦେ, ଏସ୍‌ସିଇବ୍ଲୁ ସୁରେନ୍ଦ୍ର ନାଥ ଟୁଡୁଙ୍କ ଶହ ସମସ୍ତ କର୍ମଚାରୀ ଓ ବହୁ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।



# ଭିନ୍ନକ୍ଷମଙ୍କ ଦୁର୍ଦ୍ଦଶା : ରାସ୍ତାକଡ଼ର ଖାଦ୍ୟ ଖାଇ ବିତୁଛି ଜୀବନ



ଖଡ଼ିଆଳ, (ଭାସ୍କର ନ୍ୟୁଜ୍ ) : କୁହାଯାଏ ପେଟ ପାଇଁ ନାଟ । ମଣିଷ ଚାଖଣ୍ଡେ ପେଟ ପାଇଁ କେତେ କ'ଣ ଯେ କରିଥାଏ ତା'ର ହିସାବ ନଥାଏ। ଜଣେ ସବୁକିଛିକୁ ସହିଯିବ, ହେଲେ ଭୋକର ଜ୍ୱାଳାକୁ ସହି ପାରିବ ନାହିଁ। ଏହାର ଏକ ଜ୍ୱଳନ୍ତ ନିଦର୍ଶନ ଦେଖିବାକୁ ମିଳିଛି ନୂଆପଡା ଜିଲ୍ଲା ଖଡ଼ିଆଳ ସହରର ବ୍ଲକ ସମ୍ମୁଖର ରାଜ ରାସ୍ତାରେ । ଖଡ଼ିଆଳ ସହରର ଜନୈକ ବ୍ୟକ୍ତି ଗୋଟିଏ ବୁଲା କୁକୁରକୁ ବାସି ବିରିଆନି ଖାଇବାକୁ ଦେଇଥିଲେ। ହେଲେ ସେହି କ୍ଷଣି ଗୋଟିଏ ମାନସିକ ବିକାରଗସ୍ତ ବ୍ୟକ୍ତି ନିଜର ପେଟର ଜ୍ୱାଳାକୁ ସହି ନପାରି ମନ ଭିତରେ କୌଣସି ପ୍ରକାରର ସଙ୍କୋଚ ନରଖି କୁକୁରଠାରୁ ବିରିଆନି ଛଡ଼ାଇ ଆଣି ନିଜେ ଖାଇବାକୁ ଲାଗିଥିଲେ। କୁକୁର ଠାରୁ ଖାଦ୍ୟ ଛଡ଼ାଇ ଆଣି ମାନସିକ ବିକାରଗସ୍ତ ବ୍ୟକ୍ତି ଖାଉଥିବା ବେଳେ ଅନେକ ଲୋକ ଦେଖୁଥିଲେ। ଭୋକରେ ଥିବା ବୁଲା କୁକୁର ମଧ ଦେଖୁଥିଲା । ଏହି ଘଟଣା ସହରରେ ଏକ ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ଏହିପରି ବୁଲୁଥିବା ମାନସିକ ବିକାରଗସ୍ତ ରୋଗୀ ମାନଙ୍କୁ ସରକାର ଦୃଷ୍ଟି ଦେଇ ସେମାନଙ୍କ ଖାଇବା, ପିଇବା ତଥା ରହିବାର ବ୍ୟବସ୍ଥା କରିପାରିଲେ ସେମାନେ ମଧ ସାଧାରଣ ଲୋକଙ୍କ ଭଳି ଜୀବନ ବଞ୍ଚିପାରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଆଞ୍ଚଳିକ ଯନ୍ତ୍ରପାତି ମେଳାର ତୃତୀୟ ଦିନ...

# ଷ୍ଟଲ ପରିଦର୍ଶନ କଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ସଦର ମହକୁମା ସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆ ଠାରେ ଆୟୋଜିତ ହେଉଛି ୫ ଦିନିଆ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା। ଏହାର ତୃତୀୟ ଦିବସରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମେଳାରେ ପ୍ରଦର୍ଶିତ ହେଉଥିବା କୃଷି ଯନ୍ତ୍ରପାତି ଓ କୃଷକ ପାଠଶାଳାରୁ ଜ୍ଞାନ କୌଶଳ ଆହରଣ କରି କୃଷି କାର୍ଯ୍ୟରେ ପ୍ରୟୋଗ କରିବା ନିମନ୍ତେ ଉପସ୍ଥିତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସଭାରେ କେନ୍ଦୁଝରର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରା ସ୍ୱାଗତ ଭାଷଣ ଦେଇଥିଲା ବେଳେ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ ଉଦ୍ୟାନ କୃଷି ସମ୍ପର୍କିତ ସରକାରୀ ସୁବିଧା ସୁଯୋଗ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସୁକାନ୍ତ କୁମାର ସାହୁ ଉନ୍ନତ ଜ୍ଞାନ କୌଶଳକୁ ଉପଯୋଗ କରି ଚାଷୀ ଭାଇମାନେ ଲାଭ ପାଇବା ସହିତ ଆୟକୁ ବହୁଗୁଣିତ କରିପାରିବେ ବୋଲି ମତ ଉପସ୍ଥାପନ କରିଥିଲେ । କେନ୍ଦୁଝର ପରି ଜିଲ୍ଲାରେ ଆଞ୍ଚଳିକ ମେଳା ଆୟୋଜନ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ମତ ବ୍ୟକ୍ତ କରିଥିଲେ। ସର୍ବଶେଷରେ କେନ୍ଦୁଝରର କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ସଭା ପୂର୍ବରୁ ବିଭିନ୍ନ ପ୍ରଦର୍ଶନ ମଣ୍ଡପ ବୁଲି ଦେଖିବା ସହ ଚାଷୀମାନେ କିପରି ଏହାର ସୁବିଧା ପାଇପାରିବେ ସେ ସମ୍ପର୍କରେ ପଚାରି ବୁଝିଥିଲେ। ସଭା ମଧ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟାଗ ଯୋଜନାରେ କୃଷି ଉଦ୍ୟାଗ ପ୍ରତିଷ୍ଠା ପାଇଁ ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗା ଗ୍ରାମର ଭାରତୀ ନାୟକ, ବଣୁଆ ଗ୍ରାମର ପ୍ରମିଳା ମହାନ୍ତ ଓ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶାଳବେଡା ଗ୍ରାମର ଚାନ୍ଦମଣି ମହାନ୍ତଙ୍କୁ କାର୍ଯ୍ୟାଦେଶ କିଟ ପ୍ରଦାନ କରି ସମ୍ମାନିତ କରିଥିଲେ ।

## ଛୁଟି ବାତିଲ ପରେ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ଥିବା ନେଇ ତଦନ୍ତ

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମାରେ କାର୍ଯ୍ୟ କରୁଥିବା ୪୨ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଅଛି । ଏହି କେନ୍ଦ୍ରରେ ସକାଳ ୭ରୁ ଅପରାହ୍ନ ୨ ଘଣ୍ଟିକା ପର୍ଯ୍ୟନ୍ତ ଧାର୍ଯ୍ୟ ସମୟ ଥିବାବେଳେ ପିଲାଙ୍କ ପାଠପଢ଼ା ୧୨ ଘଣ୍ଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଏଥି ମଧ୍ୟରେ ମାର୍ଚ୍ଚ ୫ ତାରିଖକୁ ବିଜେଡି ଏହି ଦିନକୁ ପଞ୍ଚାୟତ ରାଜ ଦିବସ ରୂପେ ଦୀର୍ଘ ବର୍ଷ ଧରି ପାଳନ ଓ ସରକାରୀ ଛୁଟି ରୂପେ ପାଳନ କରି ଆସୁଥିଲା ବର୍ତ୍ତମାନ ବିଜେପି ଡବଲ ଇଞ୍ଜିନ ସରକାର ବିଭିନ୍ନ ଦୃଷ୍ଟିକୁ ଆଖି ଆଗରେ ରଖି ସରକାରୀ ସହ ବେସରକାରୀ ଛୁଟିକୁ ବାତିଲ କରିଛନ୍ତି । କିନ୍ତୁ ଏହି ମାର୍ଚ୍ଚ ୫ ତାରିଖରେ ସରକାରଙ୍କ ଆଦେଶକୁ ନ ମାନି ଫୁଲବାଣୀ ସଦରରେ ଥିବା ୪୨ଟି ଅଙ୍ଗନୱାଡ଼ି କେନ୍ଦ୍ର ସମ୍ପୂର୍ଣ୍ଣ ବନ୍ଦ ଥିବାର ଦେଖାଯାଇଛି। ଏହା ଉପରେ ମଧ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ସିଡ଼ିପିଓ ଦୃଷ୍ଟି ନ ଦେଇ ଘଣ୍ଟ ଘୋଡ଼ାଉଥିବା ନଜରକୁ ଆସିଛି। ଏହାରି ଉପରେ ଓଡ଼ିଶା ସରକାର ଓ କନ୍ଧମାଳ ଜିଲ୍ଲାପାଳ କେଉଁ କାରଣରୁ ବନ୍ଦ କରାଯାଇଛି। ଏହାରି ଉପରେ ତଦନ୍ତ କରି ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ ପାଇଁ ଦାବି ଜୋର୍ ଧରିଛି ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ସଭାପତି ବାଲା ରାଜୁ ପାଢ଼ିଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ପୁଅ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଶଶାଙ୍କ କୁମାର ମିଶ୍ର, ମୁଖ୍ୟବକ୍ତା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ମାନୀତ ଅତିଥି, ଉପସଭାପତି ରବିନାରାୟଣ ପାଣିଗ୍ରାହୀ, ସଂପାଦକ ଅଶୋକ ସାମଲ, ରବିନ୍ଦ୍ର କୁମାର ମହାରଣା ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ଧୂପ, ଦୀପ, ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ତିଆଡ଼ି, ସୁରେନ୍ଦ୍ର କୁମାର ମଲ୍ଲିକ, ଜୟଦେବ ରାଉଳ, ଧବଳେଶ୍ୱର ରାଓ, ଲଡୁ କିଶୋର ପଣ୍ଡା, ସୁରେନ୍ଦ୍ର ପଣ୍ଡା, ଶିବ ପ୍ରସାଦ ପାତ୍ର, ବାଳକୃଷ୍ଣ ପାଢ଼ି, ପୂର୍ଣ୍ଣଚନ୍ଦ୍ର ସାହୁ, ନବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସୁରକ୍ଷାକର୍ମୀଙ୍କୁ ଦରମା ପ୍ରଦାନ ଦାବିରେ ଧାରଣା

ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପରେ କାର୍ଯ୍ୟରତ ସୁରକ୍ଷାକର୍ମୀଙ୍କୁ ଦୀର୍ଘ ୬ମାସର ଦରମା ପ୍ରଦାନ ନେଇ ପ୍ରକଳ୍ପ ପ୍ରଶାସନକୁ ସୁରକ୍ଷାକର୍ମୀ ସଂଘ ପକ୍ଷରୁ ୭ ଦିନିଆ ମହଲତ ଦିଆଯାଇଥିଲା। ୭ ଦିନର ମହଲତ ସରିଯାଇଥିଲେ ମଧ ଦରମା ପ୍ରଦାନ କରାଗଲା ନାହିଁ । ତେଣୁ ମଙ୍ଗଳବାର ସୁରକ୍ଷାକର୍ମୀ ସଂଘ ପକ୍ଷରୁ ଇନ୍ଦ୍ରାବତୀ ପ୍ରକଳ୍ପ ପ୍ରଶାସନିକ ଭବନ ସାମ୍ନାରେ ଧାରଣା ଦିଆଯାଇଥିଲା। ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ଧାରଣାକୁ ସଂଘ ପକ୍ଷରୁ ସ୍ଥଗିତ ରଖାଯାଇଛି। ସୂଚନା ଅନୁଯାୟୀ, ସୁରକ୍ଷାକର୍ମୀଙ୍କୁ ଦୀର୍ଘ ୬ମାସ ହେବ ଦରମା ନ ମିଳିବାକୁ ନେଇ ଗତ ୨୫ ତାରିଖ ଦିନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପ୍ରକଳ୍ପ ପ୍ରଶାସନକୁ ୭ ଦିନିଆ ମହଲତ ଦେଇଥିଲେ । ସୁରକ୍ଷାକର୍ମୀ ସଂଘ ସମସ୍ୟାର ସମାଧାନ ନହେବାରୁ ମଙ୍ଗଳବାର ଶତାଧିକ ସୁରକ୍ଷାକର୍ମୀ ସ୍ଥାନୀୟ ତାରିଣୀ ମନ୍ଦିର ଛକ ଠାରୁ ପ୍ରକଳ୍ପ ପ୍ରଶାସନିକ ଭବନ ପର୍ଯ୍ୟନ୍ତ ଏକ ରାଲି କରି କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ । ପ୍ରାୟ ୫ ଘଣ୍ଟା ଧରି ଧାରଣା ଦେବା ପରେ ସୁରକ୍ଷା କର୍ମୀଙ୍କୁ ପ୍ରକଳ୍ପ ଅତିରିକ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ନରେଶ କୁମାର ପାତ୍ରଙ୍କ ସମେତ ଏସ୍‌ଡିଓ ଏସ୍‌କେ ଦାସ, ପୋଡାଗଡ଼ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ଜନାର୍ଦ୍ଦନ, ମେକାନିକାଲ ନିର୍ବାହୀ ଯନ୍ତ୍ରୀ ନୀରଜ କୁମାର ବୁଝାସୁଝା କରିଥିଲେ। ସୁରକ୍ଷା କର୍ମୀ ଜିଦ୍‌ରେ ଅଟଳ ରହିବାରୁ ଆଲୋଚନା ପାଇଁ ସମସ୍ତ ଏଜେନ୍ସିକୁ ଆସନ୍ତା ୧୨ ତାରିଖରେ ଡକାଇ ସମସ୍ୟା ସମାଧାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣାକୁ ସ୍ଥଗିତ ରଖୁଛନ୍ତି। ଏହି ଆଲୋଚନା ସମୟରେ ସୁରକ୍ଷାକର୍ମୀ ଓ ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ ।

## ମାରାଗୁଡ଼ା ଲୋକ ମହୋତ୍ସବର ସ୍ମରଣିକା କମିଟି ବୈଠକ



ନୂଆପଡା, (ଭାସ୍କର ନ୍ୟୁଜ୍ ) : ନୂଆପଡା ଜିଲ୍ଲା ଉତ୍ସବ ମାରାଗୁଡା ଉତ୍ସବ ନେଇ ସ୍ମରଣିକା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସ୍ମରଣିକା କମିଟିର ସଦସ୍ୟଙ୍କ ଉପସ୍ଥିତିରେ ମୁଖ୍ୟ ସମ୍ପାଦକ ତଥା ଜିଲ୍ଲାପାଳ ମଧୁସୂଦନ ଦାସ ସ୍ମରଣିକା ନୂଆପଡା ଦର୍ପଣର ରୂପରେଖ ବିଷୟରେ ଆଲୋଚନା କରିଥିଲେ। ଚଳିତବର୍ଷ ମାରାଗୁଡ଼ା ଲୋକ ମହୋତ୍ସବର ସ୍ମରଣିକା ମାରାଗୁଡା, ନୂଆପଡା ଜିଲ୍ଲାର ସାହିତ୍ୟ, ସଂସ୍କୃତି, ଐତିହ, ପରମ୍ପରା, କୀର୍ତ୍ତିରାଜି ବିଷୟରେ ପ୍ରକାଶ ପାଇବ। ଓଡ଼ିଆ, ଇଂରାଜୀ, ହିନ୍ଦୀ ଓ ସଂସ୍କୃତ ଭାଷାରେ ପ୍ରବନ୍ଧ, ଗଳ୍ପ, କବିତା ଓ ରମ୍ୟ ରଚନା ସ୍ଥାନିତ ହେବ। ଲେଖା ପଠାଇବାର ଶେଷ ତାରିଖ ଚଳିତ ମାର୍ଚ୍ଚ ମାସ ୧୫ ତାରିଖ। ଲେଖା ସବୁ ଡିଟିପି କରି ପଠାଇବାକୁ ସମ୍ପାଦନା ମଣ୍ଡଳୀ ଅନୁରୋଧ କରିଛନ୍ତି। ଲେଖା ସବୁ ଜିଲ୍ଲାପାଳ ନୂଆପଡା, ମାୟାଧର ସରାଫ ଓ ଗୌରାଙ୍ଗ କୁମାର ସାହୁଙ୍କ ପାଖରେ ଦେବାକୁ ଅନୁରୋଧ କରାଯାଇଛି। ସଭାରେ ଡ. ଫଣିନ୍ଦମ୍ ସିଂ ଦେଓ, ଡ଼.ରାମଚନ୍ଦ୍ର ମିଶ୍ର, ବାସୁଦେବ ସୁନାନୀ, ସାମୁଏଲ୍ ଦାନି, ମାୟାଧର ସରାଫ, ଓମ୍ ପ୍ରକାଶ ଯୋଶୀ, ପ୍ରବୋଧ ହୋତା, ପ୍ରସନ୍ନ କୁମାର ପାଢ଼ୀ, ମୁରଲୀ ଧର ପଣ୍ଡା, ଲୋହିତା ଯୋଶୀ, ଗୌରାଙ୍ଗ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ, ଧାରୁଆ ଅସ୍ତ୍ରରେ କଟିଛି ବେକ

ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ରାୟଗଡା ଜିଲ୍ଲା ଗୁଣୁପୁର ଥାନା ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଗୁ୍ଲସାହିରେ ଜଣେ ବ୍ୟକ୍ତିଙ୍କ ସନ୍ଦେହ ଜନକ ମୃତ୍ୟ ଘଟିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତ ଯୁବକ କରାଳ ରାଜୁ ବୟସ ୩୮ ବୋଲି ଜଣାପଡିଛି। ଧାରୁଆ ଅସ୍ତ୍ରରେ ବେକ କଟିଥିବା ନେଇ ସମ୍ପର୍କୀୟ କହିଥିବା ବେଳେ ଘଟଣା ସ୍ଥଳରେ ଗୁଣୁପୁର ପୋଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛି। ପୋଲିସ୍ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ଲୋଡି ତଦନ୍ତ କରିଛି। ପ୍ରାଥମିକ ତଦନ୍ତରୁ ପାରିବାରିକ ଅଶାନ୍ତି ବୋଲି ପୋଲିସ୍ ଅନୁମାନ କରିଛି। ମୃତକ ବ୍ୟକ୍ତି ଜଣକ ନିଜେ ଆତ୍ମହତ୍ୟା କରିଥାଇପାରେ ବୋଲି ପୋଲିସ୍ ସନ୍ଦେହ କରୁଛି। ମୃତକ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ତାଙ୍କ ବଡଭାଇ କେ ଦିଲିପ୍ ଗୁଣୁପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେ ରାଜୁ ବିବାହ କରିଛନ୍ତି ଓ ତାଙ୍କର ଦୁଇଟି ପୁଅ ରହିଛି। ରାଜୁର ସ୍ତ୍ରୀ ଓ ତାର ପୁଅ ବିଶାଖପାଟଣା ଅଞ୍ଚଳରେ ରହୁଛନ୍ତି। ମୃତକ ରାଜୁ ତାଙ୍କ ବାପା ମା ପାଖରେ ରହୁଥିଲେ। ପାରିବାରିକ କଳହ ମାନସିକ ଅସାନ୍ତି ଲାଗି ଭୋର ସକାଳୁ ଧାରୁଆ ଅସ୍ତ୍ରରେ ମୃତକ ଜଣକ ନିଜ ବେକ କାଟି ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିଛନ୍ତି। ଶବକୁ ପୋଲିସ୍ ଜବତ କରିବା ସହ ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ଶବ ବ୍ୟବଚ୍ଛେଦ ପରେ ପୋଲିସ୍ ଶବକୁ ପରିବାରକୁ ହସ୍ତାନ୍ତର କରିଛି ।

## ୨ ନାବାଳିକା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ସିବିଆଇ ତଦନ୍ତ ଦାବିକଲା ଦଣ୍ଡକାରଣ୍ୟ ମହିଳା ଏକତା ମଞ୍ଚ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଏମ୍‌ଭି- ୭୨ ବିଦ୍ୟାଳୟର ଦୁଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ନିକଟସ୍ଥ ଏକ ଜଙ୍ଗଲରୁ ଉଦ୍ଧାର ଘଟଣାର ସିବିଆଇ ତଦନ୍ତ ସହିତ ମୃତ ପରିବାରକୁ ନ୍ୟାୟ ଦାବି କରି ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛି ଦଣ୍ଡକାରଣ୍ୟ ମହିଳା ଏକତା ମଞ୍ଚ, ଦଣ୍ଡକାରଣ୍ୟ ମୁକ୍ତିମୋର୍ଚ୍ଚା, ଦେଶିଆ ଅଞ୍ଚଳ ମୁକ୍ତି ମୋର୍ଚ୍ଚା ସଂଘ। ସୂଚନା ଯୋଗ୍ୟ ଯେ, ଗତ ୬ ଫେବୃୟାରୀରେ ଏମଭି ୭୨ ବିଦ୍ୟାଳୟର ଦୁଇ ଛାତ୍ରୀ ନିଖୋଜ ହୋଇଥିଲେ । ଗତ ୮ ତାରିଖରେ ନିକଟସ୍ଥ ଜଙ୍ଗଲରୁ ସେମାନଙ୍କ ଝୁଲନ୍ତା ମୃତଦେହ ଗୋଟିଏ ଗଛ ଡାଳରୁ ମିଳିଥିଲା। ଏହା ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ପୋଲିସ ନୀରବ ଥିବାରୁ ଦଣ୍ଡକାରଣ୍ୟ ମୁକ୍ତି ମୋର୍ଚ୍ଚା ଓ ଏକତା ମହିଳା ମଞ୍ଚ ସଭାନେତ୍ରୀ ମନସ୍ୱିନୀ ଟିକିରି, ଦେଶିଆ ଅଞ୍ଚଳ ମୁକ୍ତିମୋର୍ଚ୍ଚା ସଭାପତି ଲଳିତ ମାଡକାମୀ, ଜିଲ୍ଲା ଏକତା ମଞ୍ଚ ସଭାନେତ୍ରୀ ପଦ୍ମିନୀ ମାଢ଼ି, ସାଧାରଣ ସମ୍ପାଦକ ସବିତା ଦାସ, ଜିଲ୍ଲା ମା' ଘର ସଭାନେତ୍ରୀ ପ୍ରଶାନ୍ତି ଲତା ବିଷୋୟୀ ଓ ପୀଡିତାଙ୍କ ପରିବାର ପକ୍ଷରୁ କାଲିମେଳା ତହସିଲଦାର, ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ସହିତ ସିବିଆଇ ତଦନ୍ତ ଦାବି କରିଛନ୍ତି। ତହସିଲଦାର ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହାର ନକଲ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମାନବାଧିକାର କମିଶନର ନୂଆଦିଲ୍ଲୀ ଭାରତର ଏସ୍‌ଟି/ଏସ୍‌ସି ମନ୍ତ୍ରୀ ସରକାର, ମୁଖ୍ୟମନ୍ତ୍ରୀ ଓଡ଼ିଶା, ଏସ୍‌ଟି/ଏସ୍‌ସି ମନ୍ତ୍ରୀ ଓଡ଼ିଶା, ଆରଡିସିଙ୍କ ନିକଟକୁ ପଠାଯାଇଛି।

## ସେମିଳିଗୁଡା ବ୍ଲକକୁ ସବ୍‌ଡିଭିଜନ କରିବାକୁ ଦାବି



କୋରାପୁଟ, (ଭାସ୍କର ନ୍ୟୁଜ) : ସେମିଳିଗୁଡା ବ୍ଲକକୁ ସବ୍‌ଡିଭିଜନ ମାନ୍ୟତା ଦେବା ଦାବିରେ ସେମିଳିଗୁଡା ବିକାଶ ପରିଷଦ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୧୦୦ରୁ ଉର୍ଦ୍ଧ୍ୱ ସଂଗଠନର ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଦାବି ହାସଲ ନିମନ୍ତେ ଦୀର୍ଘ ସୂଚୀ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା। ସେମିଳିଗୁଡାକୁ ସବ୍‌ଡିଭିଜନ ମାନ୍ୟତା ଦାବିକୁ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ମାନବ ଶୃଙ୍ଖଳ ତିଆରି, ୧୦ହଜାର ପୋଷ୍ଟ କାର୍ଡ ପ୍ରେରଣ, କ୍ୟାଣ୍ଡେଲ ରାଲି, ବଜାର ବନ୍ଦ, ଦସ୍ତଖତ ଅଭିଯାନ, ପଥପ୍ରାନ୍ତ ନାଟକ, ୩୦ଦିନିଆ ରିଲେ ଧାରଣା, ଦାବିପତ୍ର ପ୍ରଦାନ, ସାମାଜିକ ଗଣମାଧ୍ୟମର ବିନିଯୋଗ ଭଳି ପଦକ୍ଷେପ ନେବାକୁ ବିଭିନ୍ନ ସଂଗଠନର କର୍ମକର୍ତ୍ତା ମତ ଦେଇଥିଲେ । ବିଭିନ୍ନ ସଂଗଠନର ମତକୁ ସମ୍ମାନ ଜଣାଇ ଡ୍ରାଫ୍ଟ କମିଟିର ବୈଠକ ବସିଥିଲା । ସମସ୍ତ ପ୍ରସ୍ତାବ ଉପରେ କାର୍ଯ୍ୟ କରିବା ପାଇଁ ଡ୍ରାଫ୍ଟ କମିଟି ନିଷ୍ପତି ନେଇଛି । ଦ୍ୱିତୀୟ ବୈଠକ ପରେ ପ୍ରସ୍ତୁତ ଏଜେଣ୍ଡା ଉପରେ କାର୍ଯ୍ୟକ୍ରମ ଆରମ୍ଭ କରାଯିବା ପାଇଁ ସ୍ଥିର ହୋଇଛି । ଏଥିରେ ସମସ୍ତ ରାଜନୈତିକ ଦଳ ଓ ସଂଗଠନକୁ ସାମିଲ କରାଯିବ । କିଛି ଦିନ ପୂର୍ବେ ସେମିଳିଗୁଡା ବିକାଶ ପରିଷଦର ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସେହି ସମୟରେ ଜିଲ୍ଲାପାଳଙ୍କ ଜରିଆରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ୧୯୯୦ ମସିହାରେ ସରକାରଙ୍କ ତରଫରୁ ସେମିଳିଗୁଡା ସବ୍‌ଡିଭିଜନ ମାନ୍ୟତା ଦେବା ନେଇ ସର୍ଭେ ସରିଛି । ଆବଶ୍ୟକ ଭିତ୍ତିଭୂମି ରହିଥିବାରୁ ରାଜ୍ୟ ସରକାର ଯେ କୌଣସି ମୁହୂର୍ତ୍ତରେ ସେମିଳିଗୁଡାକୁ ସବ୍‌ଡିଭିଜନ ଘୋଷଣା କରିବାର ସମ୍ଭାବନା ସୃଷ୍ଟି ହୋଇଛି । ଅଜୟ କୁମାର ସାହୁ ଓ ରାଜେନ୍ଦ୍ର ପାତ୍ରଙ୍କ ମିଳିତ ଆହ୍ୱାନକ୍ରମେ ଆୟୋଜିତ ବୈଠକରେ କୃଷ୍ଣ ସିଂହ ସଭାପତିତ୍ୱ କରିଥିଲେ। ଶ୍ରୀ ସାହୁ ସଭା ସଂଯୋଜନା କରିଥିବା ବେଳେ ନିଶାପତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଭଦ୍ରା ଯୋଜନାର ସଫଳତାକୁ ନେଇ ସଚେତନତା କାର୍ଯ୍ୟକ୍ରମ



ଖଡ଼ିଆଳ, (ଭାସ୍କର ନ୍ୟୁଜ୍ ) : ନୂଆପଡା ଜିଲ୍ଲା ଖଡ଼ିଆଳ ଏନ୍‌ଏସି ପକ୍ଷରୁ ସୁଭଦ୍ରା ଯୋଜନାର ସଫଳତା ନେଇ ସଚେତନତା କାର୍ଯ୍ୟକ୍ରମ। ଏହାର ଉଦ୍ଦେଶ୍ୟ ରାଜ୍ୟରେ ଯେତେବି ଯୋଗ୍ୟ ବିବେଚିତ ମହିଳା ଅଛନ୍ତି ସେମାନେ ସୁଭଦ୍ରା ଯୋଜନାରୁ ବଞ୍ଚିତ ନହେବେ। ଏନେଇ ବୁଧବାର ଏନ୍‌ଏସି ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, କ୍ଲଷ୍ଟର ସାଥି, ଅଙ୍ଗନବାଡ଼ି କର୍ମୀ ମାନେ ଓ ଏନ୍‌ଏସି କର୍ମଚାରୀ ଫ୍ଲାଗ କାର୍ଡ ଧରି ସହର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ଏହାର ନେତୃତ୍ୱ ନେଇଥିଲେ ଖଡ଼ିଆଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କ ସହ ଏକାଉଣ୍ଟାଣ୍ଟ ହେମନ୍ତ ପଣ୍ଡା, ଯନ୍ତ୍ରୀ ଅରୁଣ ପାତ୍ର, ସି ଓ ଉର୍ବଶୀ ପାଣିଗ୍ରାହୀ, ଅଜୟ ପାଣିଗ୍ରାହୀ, ଠାକୁର ସେନାପତି, ପ୍ରମୋଦ ଠାକୁର, ଇଜାର ତାଣ୍ଡି ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ ।

## ଡେରାବିଶ ତହସିଲରେ ନୂତନ ତହସିଲଦାରଙ୍କ ଯୋଗଦାନ



ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ତହସିଲରେ ନୂତନ ତହସିଲଦାର ଭାବେ ସରୋଜକାନ୍ତ ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ନାୟକ ପୂର୍ବରୁ ଭଣ୍ଡାରୀପୋଖରୀ ତହସିଲରେ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ । ତେବେ ଏହି ତହସିଲରେ ପୂର୍ବରୁ ତହସିଲଦାର ଭାବେ ରହିଥିବା ପ୍ରଜ୍ଞାପାରମିତା ପୃଷ୍ଟିଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟକୁ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଛି । ସେହିପରି ଡେରବିଶ ତହସିଲରେ ଅତିରିକ୍ତ ତହସିଲଦାର ଭାବେ ଭାସ୍କର ଚନ୍ଦ୍ର ବେହେରା ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।

## ପକ୍ଷୀ ଏବଂ କୀଟପତଙ୍ଗ ସଂପର୍କିତ କର୍ମଶାଳା




କୋରାପୁଟ, (ଭାସ୍କର ନ୍ୟୁଜ) : ଜୈବ ବିବିଧତା ସଂରକ୍ଷଣରେ ପକ୍ଷୀ ଏବଂ କୀଟପତଙ୍ଗର ଗୁରୁତ୍ୱ ବିଷୟରେ ଶିଶୁମାନଙ୍କୁ ସଚେତନ କରିବାପାଇଁ କୋରାପୁଟର ଆଦିବାସୀ ସଂଗ୍ରହାଳୟରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ଏବଂ ରେଡିଓପକ୍ଷରୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରେଡିଓ କୋରାପୁଟର ସି.ଏଚ.ସାନ୍ତାକାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଶରତ କୁମାର ପାଲିତା ଯୋଗଦେଇ ମାନବ କାର୍ଯ୍ୟକଳାପ ଯୋଗୁଁ ଛଞ୍ଚାଣ ଏବଂ ଅନେକ ଛୋଟ ପକ୍ଷୀ ପ୍ରଜାତିଙ୍କ ଲୋପ ପାଉଥିବା ନେଇ କହିଥିଲେ। ଭବିଷ୍ୟତର ନିଷ୍ପତି ଗ୍ରହଣକାରୀ ଭାବେ ଶିଶୁମାନଙ୍କୁ ପକ୍ଷୀ ଏବଂ କୀଟପତଙ୍ଗଙ୍କୁ ପ୍ରକୃତିର ଅତ୍ୟାବଶ୍ୟକ ଉପାଦାନ ଭାବେ ଚିହ୍ନିତ କରିବାକୁ ଉତ୍ସାହିତ କରିଥିଲେ । କୋରାପୁଟ ଡିଏଫଓ କେ.ଭି ଭାସ୍କର ରାଓ ଯୋଗଦେଇ ଜଙ୍ଗଲ ନିଆଁକୁ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଗବେଷକ ଡ.ଜଗବନ୍ଧୁ ସାମଲ ଯୋଗଦେଇ ଆଦିବାସୀ ସମ୍ପ୍ରଦାୟ କିଭଳି ପାରମ୍ପରିକ ଭାବେ ପ୍ରକୃତିକୁ ସଂରକ୍ଷିତ କରିଆସିଛନ୍ତି ସେନେଇ ଆଲୋକପାତ କରିଥିଲେ। ପ୍ରଖ୍ୟାତ ଫଟୋଗ୍ରାଫର ଏବଂ ପକ୍ଷୀ ପ୍ରେମୀ ସୁଶାନ୍ତ ପଣ୍ଡା ରାଜୁଗୁଡାରେ ତାଙ୍କ କଫି ଫାର୍ମ ମଧ୍ୟରେ ତଥା ଆଖପାଖରେ ୧୫୦ରୁ ଅଧିକ ପକ୍ଷୀ ପ୍ରଜାତିର ଫଟୋ ଉଠାଇବାର ଅଭିଜ୍ଞତା ବାଣ୍ଟିଥିଲେ। କବୟତ୍ରୀ ଡ. ପ୍ରୀତିଧାରା ସାମଲ ଯୋଗଦେଇ ସାହିତ୍ୟ ଏବଂ କବିତାରେ ପକ୍ଷୀ ଏବଂ ପ୍ରଜାପତିଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ବିଦ୍ୟାଳୟ ୭୦ରୁ ଅଧିକ ପିଲା ପକ୍ଷୀ ଏବଂ କୀଟପତଙ୍ଗ ଉପରେ ଚିତ୍ରକଳା ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଏଫ୍‌ଇଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ପ୍ରଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାରଳା ସମବାୟ ଅର୍ବାନ୍ ବ୍ୟାଙ୍କର ୯୧ ଲକ୍ଷ ହଡ଼ପ ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

- ପ୍ରତିଶ୍ରୁତି ଓ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ସୁପାରିସ ଅଟକିଗଲା
- ନିର୍ବାଚନର ତିନି ବର୍ଷ ବିତି ଗଲାଣି, ସାଧାରଣ ବୈଠକ ହୋଇପାରିନାହିଁ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ପାରଳାଖେମୁଣ୍ଡି ସମବାୟ ଅର୍ବାନ୍ ବ୍ୟାଙ୍କର ୯୧ ଲକ୍ଷ ଟଙ୍କା ହଡ଼ପ ଘଟଣା ପର୍ଦ୍ଦାଫାସ୍ ହେବାର ଦେଢ଼ବର୍ଷ ବିତିଗଲାଣି । ଏହି ଅବସରରେ ବିଧାନସଭାରେ ପ୍ରସଙ୍ଗ ଉଠିଥିଲା। ଏହି ବିଷୟରେ ଉତ୍ତର ରଖିଥିଲେ ମନ୍ତ୍ରୀ ଏବଂ ପ୍ରତିଶ୍ରୁତି ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବ୍ରହ୍ମପୁର ସମବାୟ ଉପନିବନ୍ଧକ ବିଭାଗୀୟ ସଚିବଙ୍କ ଚିଠି ଲେଖି କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ସୁପାରିସ କରିଥିଲେ। ହେଲେ ଏହି ଘଟଣା ଉପରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ପ୍ରକାଶ ଥାଉକି ପାରଳାଖେମୁଣ୍ଡି ସମବାୟ ଅର୍ବାନ୍ ବ୍ୟାଙ୍କକୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ସିକ୍ୟୁରିଟି ଟଙ୍କା ଜମା ପାଇଁ ନିର୍ଦ୍ଦେଶ ଥିଲା। ଏହାର ନିର୍ଦ୍ଦିଷ୍ଟ ମାନଦଣ୍ଡ ଉଲଂଘନ କରି ପାରଳାଖେମୁଣ୍ଡି ଅର୍ବାନ ବ୍ୟାଙ୍କ ସମ୍ପାଦକ କୋଲକାତାର ସାଇକ୍ରିପା ଇନଫ୍ରା ଆଣ୍ଡ ସିକ୍ୟୁରିଟିକ୍ କମ୍ପାନିର ଉପସଭାପତି ଦେବେଞ୍ଜି ରାୟଙ୍କୁ ସିକ୍ୟୁରିଟି ବଣ୍ଡ୍ ପାଇଁ ଆକ୍ସିସ ବ୍ୟାଙ୍କ ଜରିଆରେ ୯୧ ଲକ୍ଷ ଟଙ୍କା ଦେଇଥିଲେ । ହେଲେ ଉକ୍ତ ସଂସ୍ଥା ବ୍ୟାଙ୍କକୁ ବଣ୍ଡ ଦେବା ବଦଳରେ ଠକିଥିବା ଜାଣିବାକୁ ମିଳିଥିଲା। ଅର୍ବାନ୍ ବ୍ୟାଙ୍କ ସମ୍ପାଦକ ଏନେଇ ଉପରିସ୍ଥ ଅଧିକାରୀ କିମ୍ବା ବ୍ୟାଙ୍କର ନିର୍ବାଚିତ ସଭାପତି ଏବଂ ସଭ୍ୟମାନଙ୍କୁ ଜଣାଇ ନଥିଲେ । ଘଟଣା ସମ୍ପର୍କରେ ବ୍ୟାଙ୍କ ସଭ୍ୟ ଅଭିମନ୍ୟୁ ପଣ୍ଡା ଜାଣିବା ପରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ପଚାରିବାରୁ, ଏହି ଟଙ୍କା ହଡ଼ପ ହୋଇଥିବା ଜଣାପଡ଼ିଥିଲା। ୨୦୨୩ ସେପ୍ଟେମ୍ବର ମାସରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ପ୍ରଶ୍ନ ନଂ ୮୩୩ ତାରିଖ ୨୭/୦୯/୨୦୨୩ରେ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ। ଏହାର ଉତ୍ତର ରଖି ତତ୍କାଳୀନ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାସହ ଘଟଣାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାକୁ ବ୍ରହ୍ମପୁର ସ୍ଥିତ ସମବାୟ ଉପନିବନ୍ଧକ ସମବାୟ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠିରେ ତଦନ୍ତ ସୁପାରିସ କରିଥିଲେ । ହେଲେ ଏହାର ମଧ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଘଟଣାରେ ସମ୍ପୃକ୍ତି ନେଇ ଅଭିଯୋଗ ଉଠିଥିବା ବ୍ୟାଙ୍କର ସମ୍ପାଦକ ଅବସର ନେବାପରେ ତାଙ୍କୁ ବ୍ୟାଙ୍କରେ କିଭଳି ପୁନଃ ନିଯୁକ୍ତି ଦିଆଯାଇଛି ବୋଲି ସଭ୍ୟ ଅଭିମନ୍ୟୁ ପଣ୍ଡା ସନ୍ଦେହ ପ୍ରକଟ କରିଛନ୍ତି । ସାଧାରଣରେ ଶୁଣିବାକୁ ମିଳିଛି ପାରଳାଖେମୁଣ୍ଡି ଅର୍ବନ ବ୍ୟାଙ୍କରେ ୨୦୧୮-୧୯ଠାରୁ ଆଜି ସୁଧା ସାଧାରଣ ବୈଠକ ହୋଇପାରିନାହିଁ। ଇତି ମଧ୍ୟରେ ୨୦୨୨ରେ ନୂତନ ପ୍ରତିନିଧି ନିର୍ବାଚିତ ହୋଇ ତିନି ବର୍ଷ ବିତି ଗଲାଣି, ହେଲେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ସାଧାରଣ ବୈଠକ ହୋଇପାରିନାହିଁ, ଏହା ପଛର କାରଣ ଜଣାପଡୁନାହିଁ। ଗୋଟିଏ ପାଖରେ ସାଧାରଣ ବୈଠକ ହୋଇପାରିନାହିଁ ଅନ୍ୟ ପାଖରେ ଦେଖିବାକୁ ଗଲେ ୨୦୨୨-୨୩ବର୍ଷରେ ୯୨ଲକ୍ଷ ଟଙ୍କା ଏକ ବେନାମୀ ସଂସ୍ଥା ଦେଇ ବ୍ୟାଙ୍କ କ୍ଷତି ସହିବାକୁ ପଡିଛି। ୨୦୨୨-୨୩ ବର୍ଷର ଅଡିଟରେ ଏକ କୋଟି ୧୮ ଲକ୍ଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ, ଏହି ଅଡିଟ ରିପୋର୍ଟରେ ପୂରାତନ ସଭାପତି ମଧ ଟଙ୍କା ଆଦାୟ କରିବା ପାଇଁ କହିଛନ୍ତି। ସେପରି ୨୦୨୩-୨୪, ବାର୍ଷିକ ଅଡିଟରେ ବ୍ୟାଙ୍କ ଲାଭର ପରିମାଣ ପାଖାପାଖି ୬୦ଲକ୍ଷ ଦେଖାଇଛନ୍ତି ବହୁତ ବଡ ଆଶ୍ଚର୍ଯ୍ୟର ବିଷୟ। ବ୍ୟାଙ୍କରେ ଆଜି ପର୍ଯ୍ୟନ୍ତ କେବେ ହେଲେ ଏପରି ଲାଭ ହୋଇନାହିଁ। ଏହି ବ୍ୟାଙ୍କ ଉପରେ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ରହିଛି ବୋଲି ସଭ୍ୟ ସଭ୍ୟା ମାନଙ୍କ ଠାରୁ ସୂଚନା ମିଳୁଛି।



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବୁଧବାର ଦିନ ବ୍ରଜରାଜନଗର ବିଜୁପଟ୍ଟନାୟକ ଛକ ଠାରେ ପ୍ରବାଦ ପୁରୁଷ ସ୍ୱର୍ଗୀୟ ବିଜୁବାବୁଙ୍କର ୧୦୯ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଟାଉନ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବୁଧବାର ସକାଳ ୧୧ଟା ସମୟରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ବିଜୁପଟ୍ଟନାୟକ ଛକ ଠାରେ ପହଞ୍ଚି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ଜିଲ୍ଲାର ଓ ଟାଉନର ଅନନ୍ୟା ବରିଷ୍ଠ ନେତୃ ମଣ୍ଡଳୀ ବୃନ୍ଦ, ବ୍ରଜରାଜନଗର ପୌରା ଅଞ୍ଚଳ ଓ ଝାରସୁଗୁଡ଼ା ବ୍ଲକ ଅଧିନରେ ଥିବା ପାଞ୍ଚ ଗୋଟି ପଞ୍ଚାୟତର ବିଜୁ ଜନତା ଦଳର ସମସ୍ତ ସକ୍ରୀୟ କର୍ମୀ, ବର୍ତ୍ତମାନର ଓ ପୂର୍ବତନ ଦଳର ସମସ୍ତ ଜନପ୍ରତିନିଧି, ଦଳର ସମସ୍ତ ପଦାଧିକାରୀ ଓ ହିନ୍ଦ ମଜଦୁର ସଂଘର ବହୁ ସକ୍ରିୟ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ଏହି ସଭାରେ ଉପସ୍ଥିତ ସମସ୍ତ ବିଜୁ ପ୍ରେମୀ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ ।



# ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର




ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଆଦିକବି ସଂସ୍କୃତି ଭବନ ପରିସରରେ ମହାନ ଜନ ନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଅବସରରେ ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳ ଜିଲ୍ଲା ଉପ ସଭାପତି ଦିପ୍ତି ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆଲୋଚନା ଚକ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ବିଜୁ ଜନତା ଦଳ ଜିଲ୍ଲା ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ପଞ୍ଚାୟତ ସମିତି ଅଧକ୍ଷା କନକ ପ୍ରଭା ଲେଙ୍କା, ଉପାଧକ୍ଷ ରତି ରଞ୍ଜନ ବେହେରା ସମାଜସେବୀ ଦେବୀ ପ୍ରସାଦ ଚୌଧୁରୀ, କୃଷକ ନେତା ପ୍ରକାଶ ବସ୍ତିଆ, ବିଜୁ ଯୁବ ଜନତା ସଭାପତି ସମ୍ବିତ ଲେଙ୍କା ପ୍ରମୁଖ ଯୋଗଦେଇ ଓଡିଶା ପ୍ରତି ବିଜୁ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ ଉଦବୋଧନ ଦେବା ସହିତ ରାଜ୍ୟ ସରକାର କଟୁ ସମାଲୋଚନା କରିଥିଲେ।

# ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ନିମନ୍ତେ ଭୂମି ପୂଜନ

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ରାହାମା କଲେଜ ଖେଳ ପଡ଼ିଆଠାରେ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ଓ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ବୁଧବାର ସୁପ୍ରଭାତର ଶୁଭ ମୁହୂର୍ତ୍ତରେ ଶାସ୍ତ୍ରୀୟମତେ ଭୂମି ପୂଜନ ଯଜ୍ଞାଚାର୍ଯ୍ୟ ବିଷ୍ଣୁ ନାରାୟଣ ପାଢ଼ି ଓ ସନ୍ଥ ସ୍ମୃତି ସାଗରାନନ୍ଦ ମହାରାଜଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଏହି ମାହନୀୟ ମହୋତ୍ସବର ସଫଳ ରୂପାୟନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରି ଭାଗବତ ପରିବାରର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ପାଇଁ ଅନୁରୋଧ କରିଥିଲେ। ମହାପ୍ରଭୁଙ୍କ ଏହି ମହାନ କାର୍ଯ୍ୟକ୍ରମରେ ସ୍ଥାନୀୟ ନୃସିଂହ ମଠ ଅଧିକାରୀ ରମାକାନ୍ତ ଦାସ, ବିଶ୍ୱକର୍ମା ରୋହିତ ସୂତାର, ଶାନ୍ତନୁ ମହାରଣା, ବଣିକ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ବଣିକ ସଂଘ ପୂର୍ବତନ ସଭାପତି ଭିକାରୀ ଚରଣ ସେନାପତି, ଭାଗବତ ପରିବାରର ବରିଷ୍ଠ ସଭ୍ୟ ଧ୍ରୁବ ଚରଣ ଦାସ, କିଶୋରୀ ଚରଣ ଦାସ, ଗୋଲେଖ ଚନ୍ଦ୍ର ସାହୁ, ବାସୁଦେବ ବରାଳ, ଅନନ୍ତ ଚରଣ କର, ଶରତ ଚନ୍ଦ୍ର ସାହୁ, ମନୋହର ସ୍ୱାଇଁ, ଅକ୍ଷୟ ସାହୁ, ପ୍ରଦୀପ ସାହୁ, ଭଞ୍ଜ କିଶୋର ସାହୁ, ବିନୋଦ ବରାଳ, ଦୁର୍ଯୋଧନ



ପାତ୍ର, କାହ୍ନୁଚରଣ ସାହୁ, ନୃସିଂହ ଚରଣ ସେନାପତି, ଶ୍ରୀକାନ୍ତ ଶତପଥୀ, ରମେଶ ମହାପାତ୍ର, ପ୍ରଶାନ୍ତ କାନୁନଗୋ, ପ୍ରସନ୍ନ ସ୍ୱାଇଁ, ଦେବାଶିଷ ଅକ୍ଷୟ କୁମାର ମହାନ୍ତି, ଶ୍ରୀକାନ୍ତ ମହାନ୍ତି, ପ୍ରଶାନ୍ତ ଦାସ, ରଞ୍ଜନ ବେହେରା, ବିନୋଦ ମୁଦୁଲି, ଅମୀୟ ଜେନା, ଶୈଳବାଳା ନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମହୋତ୍ସବ କମିଟିର ମୁଖ୍ୟ ସଂଯୋଜକ ଡ଼ ସୁନାକର ବେହେରା ମହୋତ୍ସବରେ ଜନସାଧାରଣଙ୍କ ଉପସ୍ଥିତି ଓ ସହଯୋଗ କାମନା କରିଥିଲେ।

# ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟସ୍ରୋତକୁ ଆଣୁଛି ଟାଟାଷ୍କିଲ ଫାଉଣ୍ଡେସନ

ବ୍ୟାସନଗର, (ଭାସ୍କର ନ୍ୟୁଜ୍) : କଳିଙ୍ଗନଗର ଅଞ୍ଚଳରେ ଅନେକ ଛାତ୍ରଛାତ୍ରୀ ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡୁଛନ୍ତି। ଯାହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ଟାଟା ଷ୍କିଲ ଫାଉଣ୍ଡେସନ ପକ୍ଷରୁ ନିଆ ଯାଉଥିବା ବିଭିନ୍ନ ପଦକ୍ଷେପ ମଧ୍ୟରୁ ଏଜୁକେସନ ସିଗ୍ନେଚର ପ୍ରୋଗ୍ରାମ (ଇଏସପି) ପ୍ରକଳ୍ପ ଅନ୍ୟତମ। ସେହି ପ୍ରକଳ୍ପ ସହାୟତାରେ ଉପକୃତ ହୋଇଥିବା ଜଣେ ଛାତ୍ରୀ ହେଲେ ଗୀତା ମୁଣ୍ଡା। ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କଙ୍କଡପାଳ ଗ୍ରାମର ଗୀତା ମୁଣ୍ଡା ବାପାଙ୍କ ମୃତ୍ୟୁ ପରେ ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଯାହା ତାଙ୍କ ପରିବାରକୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। ଫଳରେ ଗୀତା ମୁଣ୍ଡା ପଞ୍ଚମ ଶ୍ରେଣୀ ସମାପ୍ତ କରିବା ପରେ ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ତେବେ ଏହା ଜାଣିବାପରେ ଟାଟା ଷ୍କିଲ ଫାଉଣ୍ଡେସନ (ଟିଏସଏଫ) ଗୀତାଙ୍କୁ ଗୋବରଘାଟି ସ୍ଥିତ ରେସିଡେନ୍ସାଲ ବ୍ରିଜ କୋର୍ସ (ଆରବିସି)ରେ ନାମ ଲେଖାଇବା ପାଇଁ ପ୍ରୋତ୍ସାହିତ କରିଥିଲା। ଟିଏସଏଫର ହସ୍ତକ୍ଷେପ ଯୋଗୁଁ ସେ ବେଲୋହାରୀ ଆଶ୍ରମ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ଏବେ ସେ ସାହାରପଡ଼ା ମହାବିଦ୍ୟାଳୟରେ ସ୍ନାତକ ପାଠ ପଢୁଛନ୍ତି। ନିଜ ପ୍ରାରମ୍ଭିକ ସ୍କୁଲ ଦିନକୁ ମନେ ପକାଇ ଗୀତା କୁହନ୍ତି, ‘ମୁଁ କେବେ ଭାବିନଥିଲି ଯେ ମୁଁ ପୁଣିଥରେ ସ୍କୁଲକୁ ଫେରିବି ଏବଂ ପାଠ ପଢିପାରିବି, କିନ୍ତୁ ଟାଟା ଷ୍କିଲ ଫାଉଣ୍ଡେସନ ପାଇଁ ଏହିସବୁ ପୁଣିଥରେ ସମ୍ଭବ ହୋଇପାରିଲା। ଯେତେବେଳେ ସେମାନେ ମୋ ପରିବାରକୁ ମୋତେ ରେସିଡେନ୍ସିଆଲ ବ୍ରିଜ କୋର୍ସ କେନ୍ଦ୍ରରେ ନାମ ଲେଖାଇବାକୁ ରାଜି କରାଇଲେ। ମୁଁ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସମାଜର ସେବା କରିବା ସହିତ ମୋ ପରିବାରକୁ ଆର୍ଥିକ ସହାୟତା କରିବାକୁ ଚାହୁଁଛି। ରେସିଡେନ୍ସିଆଲ ବ୍ରିଜ କୋର୍ସ (ଆରବିସି)କୁ ଟାଟା ଷ୍କିଲ ଫାଉଣ୍ଡେସନ ଏହାର ଏନଜିଓ ପାର୍ଟନର ଆସ୍ୱାୟାର ମାଧ୍ୟମରେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଏହାର ବିଭିନ୍ନ ୟୁନିଟ ମାଧ୍ୟମରେ ପ୍ରୋତ୍ସାହିତ କରୁଛି, ଯାହା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଏବଂ ଶିକ୍ଷାକୁ ସୁନିଶ୍ଚିତ କରି ସେମାନଙ୍କୁ ମୁଖ୍ୟ ସ୍ରୋତୋରେ ସାମିଲ କରୁଛି । ସେହିପରି ଯାଜପୁର ଜିଲ୍ଲା, ଦାନଗଦୀ ବ୍ଲକ, ତୁଙ୍ଗେଇସୁଣୀ ଗ୍ରାମର ସାମା ହେମ୍ବ୍ରମଙ୍କ କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣାର ବିଷୟ ପାଲଟିଛି। ଉଭୟ ପିତାମାତାଙ୍କୁ ହରାଇବା ପରେ, ସାମାଙ୍କ ପାଖରେ କେବଳ ତାଙ୍କର ବଡ଼ ଭାଇ ଥିଲେ, ଯାହା ଫଳରେ ସେ ପାଠପଢ଼ା ବନ୍ଦ କରି ଗୋପାଳକ ଭାବରେ କାମ କରି ଜୀବିକା ନିର୍ବାହ କରୁଥିଲେ। ଟାଟା ଷ୍କିଲ୍ ଫାଉଣ୍ଡେସନ୍‌ର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିଚାଳିତ ଟମକା ସ୍ଥିତ ରେସିଡେନ୍ସିଆଲ ବ୍ରିଜ କୋର୍ସ ସେଣ୍ଟରରେ ଯୋଗଦେବା ପରେ ତାଙ୍କ ଜୀବନରେ ପରିବର୍ତ୍ତନ ଆସିଥିଲା। ଏହି କାର୍ଯ୍ୟକ୍ରମରେ ସେ ଉତ୍କୃଷ୍ଟତା ପ୍ରଦର୍ଶନ କରି ଶେଷରେ କୁଶଭଦ୍ରା ସରକାରୀ ହାଇସ୍କୁଲରେ ନାମ ଲେଖାଇଥିଲେ, ଯେଉଁଠାରେ ସେ ଦଶମ ଶ୍ରେଣୀ ପରୀକ୍ଷାରେ ଶ୍ରେଣୀ ଟପର୍ ହୋଇଥିଲେ । ସାମା ଏବେ ଯାଜପୁରର ଏକ ସରକାରୀ ପଲିଟେକ୍ନିକ୍ କଲେଜରେ ମାଇନିଂ ଇଞ୍ଜିନିୟରିଂରେ ନାମ ଲେଖାଇଥିଲେ । ବର୍ତ୍ତମାନ ସେ ଡିପ୍ଲୋମା ପାଠ୍ୟକ୍ରମର ଷଷ୍ଠ ସେମିଷ୍ଟର (ଫାଇନାଲ)ରେ ପଢୁଛନ୍ତି । ସେ କୁହନ୍ତି ଯେ ‘ମୁଁ ସବୁବେଳେ ଜଣେ ଇଞ୍ଜିନିୟର ହେବାକୁ ଚାହୁଁଥିଲି, କିନ୍ତୁ ପରିସ୍ଥିତି ମୋତେ ଅଧାରୁ ପାଠ ଛାଡିବାକୁ ବାଧ୍ୟ କରିଥିଲା। ଟାଟା ଷ୍କିଲ ଫାଉଣ୍ଡେସନକୁ ଧନ୍ୟବାଦ ଦେବାକୁ ଚାହୁଁଛି, ଟାଟା ଷ୍କିଲ ଫାଉଣ୍ଡେସନ ପାଇଁ ମୁଁ ଏବେ ମୋ ସ୍ୱପ୍ନ ପୂରଣ କରିପାରିବି । ଯାଜପୁରର ଦାନଗଦୀ ଓ ସୁକିନ୍ଦା ବ୍ଲକରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ୪୬୨ଟି ଗ୍ରାମ ଓ ୪୮ଟି ଗ୍ରାମ ପଞ୍ଚାୟତର ୩୩୧ଟି ସରକାରୀ ବିଦ୍ୟାଳୟ ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଛି। ଏହାଦ୍ୱାରା ୨୦୨୪ ଆର୍ଥିକ ବର୍ଷ ସୁଦ୍ଧା ୫୬,୧୬୬ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି।



# ସୁଭଦ୍ରା ସଚେତନତା ଶୋଭାଯାତ୍ରା



ଆସିକା (ଭାସ୍କର ନ୍ୟୁଜ୍): ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ରାଜ୍ୟ ସରକାର ମହିଳା ମାନଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ଦେବାକୁ ଥିବାବେଳେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସହାୟତା ରାଶି କିପରି ଯୋଗ୍ୟ ହିତାଧିକାରୀ ମହିଳା ମାନେ ପାଇବେ ତା ଉପରେ ଆଲୋକପାତ କରିଥିଲେ। ଯେଉଁ ମାନେ ଏ ଯାଏଁ ସୁଭଦ୍ରା ଯୋଜନାରେ ଆବେଦନ କରିବାରୁ ବଞ୍ଚିତ ରହିଛନ୍ତି ସେମାନେ କିପରି ଆବେଦନ କରିବେ ସେ ନେଇ ସଚେତନ କରିବା ପାଇଁ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକର ସମସ୍ତ ପଞ୍ଚାୟତ ଓ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଏକ ସୁଭଦ୍ରା ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଅଙ୍ଗନୱାଡ଼ି କର୍ମୀ, ମିଶନଶକ୍ତି ମହିଳା, ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମୀଙ୍କ ସମେତ ପଞ୍ଚାୟତ ଓ ଏନ୍‌ଏସିର ଅନେକ ମହିଳା ଯୋଗଦେଇଥିବା ବେଳେ ଏକ ଗ୍ରାମ୍ୟ ସଭା ମାଧ୍ୟମରେ ସୁଭଦ୍ରା ଯୋଜନାକୁ ମହିଳା ମାନଙ୍କୁ ସଚେତନ କରାଯାଇଛି। ସରକାରଙ୍କ ସୁଭଦ୍ରା ଯୋଜନାରେ ସାମିଲ ହୋଇ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିବେ।

# ବିଡ଼ିଓଙ୍କ ଦ୍ୱାରା ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା, କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ରାଜ୍ୟର ଏକ ବୃହତ ଗ୍ରାମ ପଞ୍ଚାୟତ। କଳ କାରଖାନା ଘେରା ମଧ୍ୟରେ ଏହି ଗ୍ରାମ ପଞ୍ଚାୟତ ଅବସ୍ଥିତ ଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ବ୍ୟତୀତ କଳ କାରଖାନା ଗୁଡ଼ିକର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ଉକ୍ତ ପଞ୍ଚାୟତରେ ବ୍ୟାପକ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇ ଏକ ବିକଶିତ ଗ୍ରାମ ପଞ୍ଚାୟତରେ ପରିଗଣିତ ହୋଇପାରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ କ୍ରୀଡା, ସାଂସ୍କୃତିକ ମହୋତ୍ସବ କ୍ଷେତ୍ରରେ ଉକ୍ତ ପଞ୍ଚାୟତ ଏକ ପୂର୍ଣ୍ଣ ବିକଶିତ ପଞ୍ଚାୟତରେ ପରିଗଣିତ ହୋଇପାରିଛି। ସରପଞ୍ଚ ସସ୍ମିତା ବେହେରାଙ୍କ ଦକ୍ଷ ନେତୃତ୍ୱ ଓ ନିରନ୍ତର ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ପରିଦର୍ଶନରେ ଆସିଥିବା ମଣ୍ଡଳ ଉନ୍ନୟନ ଅଧିକାରୀ ମାନେ ସରପଞ୍ଚ



ଶ୍ରୀମତୀ ବେହେରାଙ୍କୁ ପ୍ରଶଂସା କରିଥିଲେ। ତୁରନ୍ତ ଉକ୍ତ ପଞ୍ଚାୟତକୁ କେନ୍ଦ୍ର ସରକାର ପୁରସ୍କୃତ କରିବାକୁ ସୁପାରିଶ୍ କରିବେ ବୋଲି ସେମାନେ ପ୍ରକାଶ କରିଥିଲେ। ପାରାଦ୍ୱୀପ ଗଡ ପଞ୍ଚାୟତ କୁଜଙ୍ଗ ବ୍ଲକ୍‌ର ଏକ ଶିକ୍ଷ ସମୃଦ୍ଧ ଓ ବିକଶିତ ଗ୍ରାମ ପଞ୍ଚାୟତ ବୋଲି କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ଜେନା ପଞ୍ଚାୟତର ବିବରଣୀ ପାଠ କରିଥିଲେ। ସିପ୍ରା ରାଣୀ ପାଣି, ବିଷ୍ଣୁ ଚରଣ ସାହୁ, ଚନ୍ଦ୍ର ଶେଖର ଚୌଧୁରୀ, ପ୍ରଭାତ ସାହୁ, ଅଲେଖ ମହାରଥୀ , ବିଚିତ୍ର ପ୍ରଧାନ, ସେକ ଜଲାଲ୍ ଓ ଅଭୟ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସୁଭଦ୍ରା ସ୍ୱାଗତ ପଦଯାତ୍ରା




ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିର୍ଣ୍ଣ ପଞ୍ଚାୟତ ମାନଙ୍କରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଯେଉଁ ମହିଳା ମାନେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପଇସା ପାଇ ସାରିଛନ୍ତି, ସେମାନେ ନିଜ ନିଜ ପଞ୍ଚାୟତରେ ପହଞ୍ଚି ଏହି ଯୋଜନାକୁ ସ୍ୱାଗତ ପୂର୍ବକ ଏକ ପଦଯାତ୍ରା କରି ମନରେ ଉତ୍ସାହ ଅନୁଭବ କରିଥିଲେ ଏବଂ ଆଗାମୀ ଦିନରେ ପାଇବାକୁ ଥିବା ଦ୍ୱିତୀୟ କିସ୍ତିକୁ ଅପେକ୍ଷା କରିଥିଲେ। ସୁଭଦ୍ରା ଶକ୍ତି ନାରୀ ମାନଙ୍କ ସମୃଦ୍ଧି, ବେଟି ପଢ଼ାଓ ବେଟି ବଞ୍ଚାଓ, ଝିଅ ଏକୋଇଶି ପୁଅ ପଚିଶି ବିବାହକୁ ହଁ କରିବା, ବାଲ୍ୟ ବିବାହକୁ ନାଁ କରିବା , ସୁଭଦ୍ରା ଦେଇଛି ନୂଆ ଆଲୋକ ଜଳାଇ ଦେଇଛି ବିକାଶ ଦୀପ ଏହି ଭଳି ଅନେକ ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମ ବ୍ଲକର ପଞ୍ଚାୟତ ଉନ୍ନୟନ ଅଧିକାରୀ ବିପିନି ବିହାରୀ ସାମଲଙ୍କ ଦଦ୍ୱାବଧାନରେ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସିଆରପି, ଏମବିକେଙ୍କ ସମେତ ସମସ୍ତ ସୁଭଦ୍ରା ହିତାଧିକାରୀ ମାନେ ସାମିଲ ହୋଇ ସୁଭଦ୍ରା ସ୍ୱାଗତ ପଦଯାତ୍ରାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଅବକାରୀ ବିଭାଗ ନିଶାରେ, ମଦୁଆ ଗଡୁଛନ୍ତି ରାସ୍ତାରେ



ଭୁବନ, (ଭାସ୍କର ନ୍ୟୁଜ୍) :ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳରେ ଚୋରା ତଥା ନକଲି ଦେଶୀ, ବିଦେଶୀ ମଦ ବେପାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ତରଫରୁ ରୀତିମତ ଚଢ଼ାଉ ହେଉନଥିବା କାରଣରୁ ଚୋରା ନକଲି ମଦ ବେପାର ବନ୍ଦ ହେଉନାହିଁ । ଚୋରା ନକଲି ମଦ କାରଣରୁ ନିୟମିତ ବ୍ୟବଧାନରେ ଯୁବକ ମାନଙ୍କର ଅକାଳ ବିୟୋଗ ହେବା ଘଟଣାରେ ଭୁବନର ବିଶିଷ୍ଟ ବୁଦ୍ଧିଜୀବୀ ତଥା ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ଅଧକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଗଭୀର ଉଦବେଗ ପ୍ରକାଶ କରି ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି କହିଥିଲେ ଯେ, ଭୁବନ ଏନ୍‌ଏସିରେ ୩ଟି ଠିପିଖୋଲା ବାର ସହିତ ଗୋଟିଏ ଠିପି ବନ୍ଦ ବିଦେଶୀ ମଦ ଦୋକାନ ରହିଛି । ଭୁବନ ବ୍ଲକର ଦୟଣାବିଲି ଓ ନୁଆହାଟରେ ଗୋଟିଏ ଲେଖାଏଁ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଥିବା ବେଳେ ଚନ୍ଦାର, ନୟା ନୀଳକଣ୍ଠପୁରରେ ଗୋଟିଏ ଲେଖାଏଁ ଦେଶୀ ମଦ ଭାଟି ରହିଛି। ଭୁବନ ଏନ୍‌ଏସିର ନିର୍ଦ୍ଦିଷ୍ଟ ଗୋଟିଏ ୱାର୍ଡ ସମେତ ବ୍ଲକର ଏକତାଳି, କନ୍ତିରା, ଚନ୍ଦାର, ମହୁଲପାଳ, ନୀଳକଣ୍ଠପୁର, ନିମେଇପୁର ସମେତ ମନ୍ଦାର, ଷଡ଼ଙ୍ଗୀ, ଖଙ୍କିରା ପ୍ରଭୃତି ଅଞ୍ଚଳରେ ରନ୍ଧା ଦେଶୀ ମଦ ପ୍ରସ୍ତୁତ କରାଯାଇ ଦୈନିକ ପ୍ରାୟ ୩ ହଜାର ଲିଟର ବିକ୍ରି କରାଯିବା ସହିତ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ଅଧିକ ଦାମ୍ ଯୋଗୁଁ ବିଦେଶୀ ମଦ ପରିବର୍ତ୍ତେ ଗାଁ ଗାଁରେ ଏବଂ ହୋଟେଲ, ଢ଼ାବା, ପାନ ଦୋକାନରେ ଶସ୍ତାରେ ମିଳୁଥିବା ରନ୍ଧା ଦେଶୀ (ପାଉଚ) ମଦ ଓ ନକଲି ବିଦେଶୀ ମଦ ବେପାର ବୃଦ୍ଧି ପାଇବାରେ ଲାଗିଛି। ଚୋରା ମଦ ବେପାରୀ ଓ ମୋବାଇଲ ବେପାରୀ ଫୋନ୍ ପାଇବା ମାତ୍ରେ ସଙ୍ଗେ ସଙ୍ଗେ ଗ୍ରାହକଙ୍କ ନିକଟରେ ପହଞ୍ଚି ଯାଉଛନ୍ତି। ନକଲି ଓ ଚୋରା ମଦ ବେପାରୀଙ୍କ ପ୍ରତି ରୀତିମତ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା କାରଣରୁ ନକଲି ତଥା ଅତ୍ୟଧିକ ନିଶାଯୁକ୍ତ ନକଲି ମଦ ପିଇ ମଦୁଆ ରାସ୍ତାରେ ଗଡୁଥିବା ଦେଖିବାକୁ ମିଳୁଛି। ସରକାର ମଦରୁ ବିପୁଳ ରାଜସ୍ୱ ପାଉଥିବା ଯୋଗୁଁ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଉଥିବା ବେଳେ ଅବକାରୀ ବିଭାଗର ଶିଥିଳତା ସାଙ୍ଗକୁ ମାସିକିଆ ବଟିଖିଆ ନୀତି ଯୋଗୁଁ ଚୋରା ମଦ ବେପାରୀଙ୍କ ଯୋଗୁ ଗାଁ ଗାଁରେ ଅବାଧରେ ନକଲି ତଥା ବିଷାକ୍ତ ମଦ ବିକ୍ରି ହେଉଛି। ମଦ ସହିତ ଗଞ୍ଜେଇ, ବ୍ରାଉନ ସୁଗାର ମଧ୍ୟ ବିକ୍ରି ହେଉଛି । ଜିଲ୍ଲା ପ୍ରଶାସନ ତଥା ଅବକାରୀ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସଚେତନ, ଚିନ୍ତାଶୀଳ ଓ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

# ମରାମତିର ଛଅମାସ ନପୂରୁଣୁ ପୁଣି ଭାଙ୍ଗି ଆଁ କଲାଣି ଋଷିକୂଲ୍ୟା ସେତୁ

ଆସିକା, (ଭାସ୍କର ନ୍ୟୁଜ୍) : ଆସିକା ସହରକୁ ସଂଯୋଗ କରୁଥିବା ଋଷିକୂଲ୍ୟା ସେତୁଟିର ବିଭିନ୍ନ ସ୍ଥାନରେ ଗତ୍ର ସାଙ୍ଗକୁ ଲୁହା ଛଡ଼ ବାହାରି ପଡିଥିଲା ବାରମ୍ବାର ଅଭିଯୋଗ ପରେ ଗତ କିଛି ମାସ ତଳେ ଜାତୀୟ ରାଜପଥ ବିଭାଗ ଦ୍ୱାରା ଉକ୍ତ ସେତୁଟିକୁ ମରାମତି କରାଯାଇଥିଲା। ହେଲେ ବର୍ତ୍ତମାନ ପୁଣି ସେତୁଟିର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ଲୁହା ରଡ୍ ବାହାରି ପଡିଥିବା ଦେଖିବାକୁ ମିଳିଛି। ଫଳରେ ଗାଡି ଚଳାଚଳ ସମୟରେ ନାନା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଆସିକାକୁ ସଂଯୋଗ କରୁଥିବା ଋଷିକୁଲ୍ୟା ସେତୁର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ଯୋଗୁଁ ବିଭାଗୀୟ କର୍ତ୍ତୃପକ୍ଷ ପିଚୁ ପକାଇ ନିଜ କାମ ସାରିଦେଉଥିବା ବେଳେ ତାର ସ୍ଥାୟୀ ମରାମତି କରାନଗଲେ ଜନସାଧାରଣଙ୍କ ମନରେ ଦେଖା ଦେଉଥିବା ଅସନ୍ତୋଷ ଆଗାମୀ ଦିନରେ ଉଗ୍ରରୂପ ଧାରଣ କରିବା ସମ୍ଭାବନାକୁ ଏଡାଇ ହେବ ନାହିଁ ବୋଲି ସାଧାରଣରେ ଆଲୋଚିତ ହେଉଛି। ପ୍ରକାଶ ଥାଉକି ଗମନାଗମନର ସୁବିଧା ଲାଗି ବ୍ରିଟିଶ୍ ଶାସନ ସମୟରେ ଆସିକା ସହର ଉପକଣ୍ଠରେ ୧୮୫୯ରେ ୧୮ ନଳା ବିଶିଷ୍ଟ ଏକ ସେତୁ ସ୍ଥାପନ କରାଯାଇଥିଲା। ତେବେ ୧୯୯୦ ନଭେମ୍ବର ୪ରେ ହୋଇଥିବା ପ୍ରଳୟଙ୍କାରୀ ମହାବନ୍ୟାରେ ବ୍ରିଟିଶ୍ ଶାସନ ସମୟରେ ସ୍ଥାପିତ ଏହି ପୋଲଟି ଭାଙ୍ଗି ଯାଇଥିଲା। ପରେ ବିଶ୍ୱ ବ୍ୟାଙ୍କର ଆର୍ଥିକ ଅନୁଦାନରେ ପ୍ରାୟ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଉତ୍ତରପ୍ରଦେଶ ବ୍ରିଜ୍ କର୍ପୋରେସନ୍ ଦ୍ୱାରା ଏକ ନୂତନ ସେତୁ ନିର୍ମାଣ କରାଯାଇଥିଲା ଓ ୧୯୯୬ ଅଗଷ୍ଟ ୪ରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଏହି ଋଷିକୂଲ୍ୟା ସେତୁ ଲୋକାର୍ପିତ ହୋଇଥିଲା । ତେବେ ସେତୁ ନିର୍ମାଣର ଦୀର୍ଘ ୨୮ ବର୍ଷ ପରେ ସେତୁଟି ମରାମତି କାର୍ଯ୍ୟ ଠିକ ଭାବେ ନକରିବା ଯୋଗୁଁ ବାରମ୍ବାର ଭାଙ୍ଗି ଫାଟ ସୃଷ୍ଟି ହୋଇଥିବା ଯୋଗୁଁ ସାଧାରଣ ଜନତା ସେତୁ ଉପରେ ଯାତାୟତ କରିବାକୁ ନିରାପଦ ମଣୁ ନଥିବା ଦେଖିବାକୁ ମିଳୁଛି। ୫୯ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ଋଷିକୂଲ୍ୟା ନଦୀ ସେତୁ ଉପରେ ଦୈନିକ ବିଭିନ୍ନ ବିଭାଗର ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜନେତା ମାନେ ଯାତାୟାତ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ସେଭଳି କୌଣସି ସୁଚିନ୍ତିତ ପଦକ୍ଷେପ ନେଉନଥିବା ଯୋଗୁଁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି ଓ ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନଦେଇ ଋଷିକୂଲ୍ୟା ସେତୁର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସଂପନ୍ନ କରିବ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ତଥା ଅଞ୍ଚଳବାସୀ ଦୃଢ ଦାବି କରୁଛନ୍ତି।



# ରାଶିଫଳ

**ଗୁରୁବାର, ୦୬ ମାର୍ଚ୍ଚ ୨୦୨୫**



**ମେଷ:** କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସାମ୍ପ୍ରତିକ ପରିସ୍ଥିତି ଉପରେ ନଜର ରଖିବା ଆବଶ୍ୟକ ହେବ। ଏକ ବୃତ୍ତିଗତ ସ୍ତରର ସମସ୍ୟାର ସମାଧାନ ପାଇଁ ଆପଣ ପୁରସ୍କାର ପାଇପାରିବେ। ନବ ବିବାହିତାମାନେ ସେମାନଙ୍କର ଦାମ୍ପତ୍ୟ ଜୀବନକୁ ପୂର୍ଣ୍ଣ ଉପଭୋଗ କରିବାକୁ ସକ୍ଷମ ହେବେ।



**ବୃଷ:** ଅଧ୍ୟୟନ ସ୍ତରରେ ଯେଉଁମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେମାନେ ସ୍ଥିତିର ଉନ୍ନତି ପାଇଁ କଠିନ ପରିଶ୍ରମ ଆରମ୍ଭ କରିବେ। ସମ୍ପତ୍ତି ଭଲ ଫଳ ଆଣିବ ବୋଲି ଆଶା କରାଯାଉଛି । ଏହି ସପ୍ତାହରେ ଅଳଙ୍କାର କିମ୍ବା ସୁନା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ଆୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।



**ମିଥୁନ:** ଆପଣ ବିଶ୍ୱାସ ଯୋଗ୍ୟ ବ୍ୟକ୍ତିଙ୍କର ସହଯୋଗରେ ସଠିକ୍ ରାସ୍ତାରେ କାର୍ଯ୍ୟ ପାଇପାରିବେ। ସାମାଜିକ କ୍ଷେତ୍ରରେ ଆପଣ ସାମ୍ନା କରୁଥିବା ଯେ କୌଣସି ଘଟଣାରେ ଆପଣଙ୍କୁ ସାହସିକ ପଦକ୍ଷେପ ନେବାକୁ ପଡିପାରେ ।



**କର୍କଟ:** ଆପଣ ଜୀବନର ସେହି ଅଦ୍ଭୁତ ପର୍ଯ୍ୟାୟ ଦେଇ ଗତି କରୁଛନ୍ତି ଯାହା ଏପର୍ଯ୍ୟନ୍ତ ମିଳି ନାହଁ । ସ୍ୱାସ୍ଥ୍ୟ ଭଲ ହେବ ଏବଂ ଆପଣ ଏହାକୁ ଉପଭୋଗ କରିବାକୁ ସକ୍ଷମ ହେବେ । ବ୍ୟବସାୟ ବୃଦ୍ଧିରେ କିମ୍ବା ବୃତ୍ତିଗତ ଭାବରେ ତୁମର କ୍ୟାରିୟରର ସମ୍ଭାବନା ବଢାଇବାରେ ଆପଣ ସଫଳ ହେବାକୁ ଯାଉଛନ୍ତି।



**ସିଂହ:** ଏକ ଭଲ ଆସାଇନମେଣ୍ଟ ପାଇବାର ସମ୍ଭାବନା ଅଛି । କାର୍ଯ୍ୟକ୍ଷେତ୍ରରେ ଏକ ଚମତ୍କାର ସପ୍ତାହ ଅତିବାହିତ ହେବ ବୋଲି ଆଶା କରାଯାଏ । ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ଲୋକମାନେ ବର୍ତ୍ତମାନ ଆରାମ ପାଇବାକୁ ଆଶା କରୁଛନ୍ତି । ଚାପଗ୍ରସ୍ତ ପରିବାର ପରିବେଶରେ ସକାରାତ୍ମକ ପରିବର୍ତ୍ତନ ସମ୍ଭବ ।



**କନ୍ୟା:** ପରିବାରର ଲୋକଙ୍କ ସହିତ ଭଲ ସମ୍ପର୍କ ରଖିବା ଦ୍ୱାରା ଆପଣ ପୂର୍ବ ଅପେକ୍ଷା ଏକ ଭଲ ପରିବେଶ ସୃଷ୍ଟି କରିବାରେ ସକ୍ଷମ ହେବେ । ସମାଜ ସହିତ ସଂଯୁକ୍ତ ରହିବାର ପ୍ରବୃତ୍ତି ଆପଣଙ୍କୁ ଅନେକ ବନ୍ଧୁ ଏବଂ ଶୁଭେଚ୍ଛୁ ସାହାଯ୍ୟ ପ୍ରଦାନ କରିବାକୁ ଯାଉଛନ୍ତି ।



**ତୁଳା:** ଆପଣ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କଠାରୁ ଆଶା କରାଯାଉଥିବା ସାହାଯ୍ୟ ପାଇବାକୁ ସାମାନ୍ୟ ଆଶା ଅଛି । ଆପଣଙ୍କ ଆଗ୍ରହ ପ୍ରତି ଧ୍ୟାନ ଦିଅନ୍ତୁ, ଯେହେତୁ ଅନ୍ୟର ମାମଲାରେ ହସ୍ତକ୍ଷେପ କରିବା ମହଙ୍ଗା ପଡିପାରେ । ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିବାକୁ ଆପଣଙ୍କୁ ସକ୍ରିୟ ହେବାକୁ ପଡିବ ।



**ବିଛା:** ସାମାଜିକ କ୍ଷେତ୍ରରେ ତୁମର ଉତ୍କଣ୍ଠା ମନୋଭାବ ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରିବ। କେହି ଜଣେ ଲୋକ ଆପଣଙ୍କୁ ସାହାଯ୍ୟ କରିବାକୁ ଯାଉଛନ୍ତି । ପ୍ରେମ ଜୀବନ ଆରମ୍ଭ ହେବାକୁ ଯାଉଛି। ଏକ କାର୍ଯ୍ୟ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ଆଶା କରାଯାଏ ।



**ଧନୁ:** ପରିବାର ସଦସ୍ୟଙ୍କ ପରିବର୍ତ୍ତିତ ଆଚରଣ ଆପଣଙ୍କ ପାଇଁ ଏକ ପଜଲ୍ ହୋଇପାରେ, ଯାହା ସମାଧାନ କରିବା ସହଜ ହେବ ନାହିଁ । ଘରେ ଏକ ଘଟଣା ବିଷୟରେ ଆପଣ କାହାର ପରାମର୍ଶ ଶୁଣିବାକୁ ପସନ୍ଦ କରିବେ ନାହିଁ । ବୃତିଗତ କ୍ଷେତ୍ରର ସିନିୟରମାନଙ୍କ ସହିତ ଆପଣଙ୍କ ବୁଦ୍ଧିର ବ୍ୟବହାର କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିପାରିବେ ।



**ମକର:** ପରେ କୌଣସି ସମସ୍ୟାରେ ନ ପଡ଼ିବା ପାଇଁ ଆଇନଗତ ଔପଚାରିକତା ପୂରଣ କରିବା ଆବଶ୍ୟକ ହେବ । ଯେଉଁମାନେ ବର୍ତ୍ତମାନ କାର୍ଯ୍ୟ ଆରମ୍ଭ କରିଛନ୍ତି ସେମାନଙ୍କ ପାଇଁ ଭଲ ଜୀବନଯାପନର ଲକ୍ଷଣ ଅଛି । ମାର୍କେଟିଂ ଲୋକମାନେ ସେମାନଙ୍କର ଯୋଜନାରେ ସଫଳ ହେବାକୁ ଯାଉଛନ୍ତି । ଜୀବାନସାଥୀଙ୍କ ନୀରବତା ଆପଣଙ୍କୁ ବ୍ୟଥିତ କରିପାରେ କିନ୍ତୁ ଆପଣ ନିଜ ଉପାୟରେ ଚେଷ୍ଟା ଜାରି ରଖିବେ ।



**କୁମ୍ଭ:** ବୃତ୍ତିଗତ ସ୍ତରରେ, ଆପଣ ନିଜକୁ ଏପରି ଏକ ସ୍ଥାନରେ ରଖିବେ ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେବ। ବହୁଦିନର ହଜିଯାଇଥିବା ବା ବୁଡିଯାଇଥିବା ସଂପତ୍ତି ହାସଲ ହେବ। ଆଜି ଆପଣ ଜଣେ ଶକ୍ତିଶାଳୀ ତଥା ପ୍ରଭାବଶାଳି ଲୋକଙ୍କର ସାହାଯ୍ୟ ହାସଲ କରିବେ। ପରିବାର ମଧ୍ୟରେ ବେଶ୍ ସୁଖମୟ ପରିବେଷ ରହିବ। ଖୁସି ହେବେ।



**ମୀନ:** ଯଦି ଆପଣଙ୍କର ଆତ୍ମବିଶ୍ୱାସ ଅଛି ତେବେ ଆପଣ କୌଣସି କାର୍ଯ୍ୟ କରିବାରେ ସଫଳ ହେବେ, ହୃଦୟ ହରାନ୍ତୁ ନାହିଁ । ସମସ୍ତଙ୍କ ସହିତ ଚାଲିବାର କ୍ଷମତା ଆପଣଙ୍କୁ ପରିବାରରେ ପ୍ରଶଂସା ଯୋଗ୍ୟ କରିପାରେ । ଆପଣ ସାମାଜିକ କ୍ଷେତ୍ରରେ ଯେକୌଣସି କାର୍ଯ୍ୟ ପାଇଁ ଗର୍ବିତ ହେବାର ସୁଯୋଗ ପାଇବେ ।



ଶ୍ରୀପତି ଗୁରୁ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ବ୍ରଜରାଜନଗର ପୌରପରିଷଦ ଖାଲିଆକାନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରାଜ କିଶୋର ଜେନା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ସର୍କଲ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଚାନ୍ଦୁରାମ ଭୋଇ, ହରିହର ଦାଶ, ହୃଦାନନ୍ଦ ମାଝୀ, ଜଗଦୀଶ ପ୍ରଧାନ, ନୀଳମଣି ଖମାରି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧ୍ୟକ୍ଷତା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଂଜୀବ କୁମାର ସାହୁ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଂଜୀବ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ବେହେରା, ଶିକ୍ଷୟିତ୍ରୀ ସରିତା ନାୟକ, ରୀନା ସାହୁ, ସ୍ୱିପ୍ନା ରାଣୀ ଯୋଶୀ ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଗଣ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ଶିକ୍ଷକ ପ୍ରମୋଦ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବିନେଇ ୨୦ରେ ଜିଲ୍ଲା ବନ୍ଦ ଡାକରା




ନବରଂଗପୁର (ଭାସ୍କର ନ୍ୟୁଜ) : ନବରଂଗପୁର ଜିଲ୍ଲାରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କୁ ପୂର୍ବରୁ ଛଟେଇ କରାଯାଇଥିଲା । ତେଣୁ ସେହି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ପୁନଃ ନିଯୁକ୍ତି କରିବା ପାଇଁ ଛଟେଇ କର୍ମଚାରୀ ମାନେ ଧାରଣା ଦେଇଛନ୍ତି। ତେବେ ଛଟେଇ ପରେ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଯାଇଛି । ଜିଲ୍ଲାରେ ବିଗିଡି ଯାଉଥିବା ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ଓ ଡକ୍ଟର ପଦବୀ ପୂରଣ ସହ ଛଟେଇ ହୋଇଥିବା ୩୭ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପୁନଃ ନିଯୁକ୍ତି ଦାବି ନେଇ କିଛି ସଂଗଠନ ଓ ବିରୋଧୀ ଆସନ୍ତା ୨୦ ତାରିଖ ଦିନ ନବରଙ୍ଗପୁର ଜିଲ୍ଲା ବନ୍ଦ ଡାକରା ଦେଇଛନ୍ତି । ଏନେଇ ନବରଙ୍ଗପୁର ଠାରେ ସର୍ବ ବିରୋଧୀ ଦଳୀୟ ନେତା, ବୁଦ୍ଧିଜୀବୀଙ୍କୁ ନେଇ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରି ଘୋଷଣା କରାଯାଇଛି । ନବରଙ୍ଗପୁର ଜିଲ୍ଲାରେ ୩୮୩ ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ୧୮୩ ଡାକ୍ତର ପଦବୀ ଖାଲି ପଡିଛି, ୬୦ ଜଣ ସ୍ପେଶାଲିଷ୍ଟ ଡାକ୍ତର ସ୍ଥାନରେ ୭ ଜଣ ରହିଛନ୍ତି। ବିଭିନ୍ନ ବିଭାଗ ର ଜଣେ ମଧ୍ୟ ସ୍ପେଶାଲିଷ୍ଟ ଡାକ୍ତର ନାହାନ୍ତି ତାହା ସହିତ ନର୍ସଂ ଷ୍ଟାପ ଓ ଫାର୍ମାସିଷ୍ଟ ମଧ୍ୟ ଜିଲ୍ଲାରେ ଆବଶ୍ୟକତା ଠାରୁ କମ ରହିଛନ୍ତି। ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲାର ଖାଲି ପଡିଥିବା ସମସ୍ତ ଡକ୍ଟର ପଦବୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ ପାଇଁ ଦାବି କରିଛନ୍ତି। ଏନେଇ ନବରଙ୍ଗପୁର ସ୍ଥିତ ଗ୍ଲେଜ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ । ଜିଲ୍ଲାର ଅନେକ ପିଏଚସି ବିନା ଡକ୍ଟର, ବିନା ଫାର୍ମାସିଷ୍ଟରେ କେବଳ ଏଏନ୍‌ଏମ୍ କିମ୍ବା ପିଅନ ଦ୍ୱାରା ଚାଲିଥିବା ଦର୍ଶାଇଛନ୍ତି ପ୍ରଦୀପ ମାଝୀ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେଫେରାଲ ସେଣ୍ଟର ପାଲଟିଥିବା ଅଭିଯୋଗ କରିଛନ୍ତି । ସେହିଭଳି ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଥିବା ୩୭ ଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ବିନା କୌଣସି ପୂର୍ବ ସୂଚନାରେ ଛଟେଇ କରାଯାଇଛି । ଛଟେଇ ପ୍ରତ୍ୟାହାର କରି ପୁନଃ ନିଯୁକ୍ତି ଦାବି ନେଇ ସେମାନେ ଅହରାତ୍ର ଧାରଣା ରେ ବସିଥିବାବେଳେ ସେମାନଙ୍କ ନିକଟକୁ ପ୍ରଶାସନ ତରଫରୁ କେହି ଯାଇ ତାଙ୍କ ସହିତ ଆଲୋଚନା କରିନଥିବା ବେଳେ ଜିଲ୍ଲା ଗସ୍ତରେ ଥିବା ମନ୍ତ୍ରୀ ମାନେ ମଧ୍ୟ ଧାରଣା ସ୍ଥଳକୁ ଯାଇ ସେମାନଙ୍କ ସହିତ ଆଲୋଚନା କରୁନଥିବା ଅଭିଯୋଗ ହୋଇଛି। ଏଥିସହ ଧାରଣା ନେଇ ପ୍ରଶାସନ ଓ ପୋଲିସ ପ୍ରଶାସନ କୁ ଜଣାଇ ଆନ୍ଦୋଳନ କରୁଥିଲେ ମଧ୍ୟ ଆନ୍ଦୋଳନରତ ଛଟେଇ କର୍ମଚାରୀ ଙ୍କ ମଧ୍ୟରେ ଅନେକ ମହିଳା ଥିଲେ କିନ୍ତୁ ପ୍ରଶାସନ ପକ୍ଷରୁ ନା ଦିନ ନା ରାତିରେ ସୁରକ୍ଷା ଯୋଗାଇ ଦିଆଯାଉ ନ ଥିବା ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି । ପୂର୍ବରୁ ମଧ୍ୟ ଏଭଳି ସ୍ୱାସ୍ଥ୍ୟକର୍ମୀଙ୍କୁ ବିଭିନ୍ନ ଜିଲ୍ଲାରେ ଛଟେଇ କରାଯାଇ ପୁନଃ ନିଯୁକ୍ତି ଦିଆଯାଇଛି। କିନ୍ତୁ ନବରଙ୍ଗପୁରରେ ତାହା ବ୍ୟତିକ୍ରମ ଦେଖାଦେଇଛି । ଯାହାର ପ୍ରତିବାଦ କରି ତୁରନ୍ତ ଛଟେଇ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବି କରାଯାଇଛି । ନଚେତ ଆଗାମୀ ୨୦ ତାରିଖ ଦିନ ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି ।

# ୫-ଟି ଯୋଜନାରେ କୋଟି କୋଟି ଟଙ୍କା ଘୋଟାଲା

## ଅଭିଯୋଗ ପରେ ଜିଲ୍ଲାପାଳଙ୍କୁ ଅବଗତ କଲେ ବିଧାୟକ

ମୁନିଗୁଡା(ଭାସ୍କର ନ୍ୟୁଜ) : ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକରେ ୫ଟି ଯୋଜନାରେ କୋଟି କୋଟି ଟଙ୍କାର ଘୋଟାଲା ହୋଇଥିବା ଅଭିଯୋଗ ହୋଇଥିବାବେଳେ ଜଣେ ବିଜେଡି ବିଧାୟକ ଇଙ୍ଗିତରେ ହୋଇଥିବାରୁ କେହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରୁନଥିଲେ। ନୂତନ ବିଧାୟକ ନିଳମାଧବ ହିକକା ଅଭିଯୋଗ ପାଇବା ପରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଡିଓଙ୍କୁ ୫ଟି କାର୍ଯ୍ୟର ଫାଇଲ୍ ସହିତ କ୍ଷେତ୍ର ଉପରେ ଉପସ୍ଥିତ ରହି ବିଧାୟକଙ୍କୁ ସହଯୋଗ କରିବାକୁ ସୂଚନା ଦିଆଯାଇଥିଲା। ଆଜି ଦିନ ପ୍ରାୟ ୧୦.୫୦ ସମୟରେ ବିଧାୟକ ଶ୍ରୀନୀଳମାଧବ ହିକକାଙ୍କ ସମେତ ବହୁ ସ୍ଥାନୀୟ ଜନସାଧାରଣ ଏହି ବ୍ଲକର ଭୈରବଗଡ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ପହଞ୍ଚି ଥିଲେ।କିଛି ସମୟ ପୂର୍ବରୁ ବିଡିଓ କୃଷ୍ଣଚନ୍ଦ୍ର ଦଳପତି ଓ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ ସ୍କୁଲରେ ଥାଇ ଦୁର୍ନୀତିରେ ବୁଡିରହିଥିବା କୋଟିପତି ଯନ୍ତ୍ରୀ



ଅଶୋକ କୁମାର ପାତ୍ରଙ୍କ ନାମରେ କାର୍ଯ୍ୟାଦେଶ ଥାଇ ଶତକଡା ୧୦ଭାଗ ଅର୍ଥ ବ୍ୟୟ କରି ବଳକା ଲୁଟ ହୋଇଥିବା କ୍ଷେତ୍ର ଉପରେ ବିଧାୟକ ଅନୁଭବ କରିଥିଲେ। ଏ ବାବଦକୁ ୫ଟି ଫାଇଲ୍ ଜେଇଙ୍କ ନାମରେ ଖୋଲାଯାଇଛି। ବିଧାୟକ ସ୍କୁଲରେ ବସି ରହି ଫାଇଲ୍ ଦେଖିବାକୁ କହିବାରୁ ଜେଇ ବିଡିଓ ଏଇଇ କହିଥିଲେ ଫାଇଲ୍ ଆଣିନାହୁଁ। ଏଥିରେ ଆହୁରି ଦୁର୍ନୀତିର ଗନ୍ଧ ଲୋକଲୋଚନକୁ ଆସିଥିଲା। କେଉଁ କେଉଁ କାମ କିପରି ହୋଇଛି ଲୋକମାନେ ଏବଂ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦେଖାଇ କହିଥିଲେ ୩୮୦ପିଲାଙ୍କୁ ମାତ୍ର ୪ଟି କୋଠରୀରେ ପଡା ଚାଲିଛି। ଏହା ଶୁଣି ବିଧାୟକ ବିଜ୍ଞାନ କୋଠରୀରେ ପଶି ଦେଖିଥିଲେ ଚୂନ ଘସି ରଙ୍ଗ ମରାଯାଇଛି କିନ୍ତୁ କୌଣସି ଆନୁସଙ୍ଗିକ ମେସିନାରୀ ନଥିବାରୁ ପିଲାମାନେ ବିଜ୍ଞାନରେ ଶିଖିବେ କଣ ବୋଲି କ୍ଷୋଭ ପ୍ରକାଶ କରିଥିଲେ।ସେହିପରି କବାଟ ଦୁଆରବନ୍ଧ ଭାଙ୍ଗି ଥିବା ବେଳେ ସ୍ମାର୍ଟ କ୍ଲାସର ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେଉନି। ଅନ୍ୟପକ୍ଷେ ଲକ୍ଷ୍ମୀବସ ଷ୍ଟାଣ୍ଡରେ ଏତେ ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ କାନ୍ଥ ଫାଟିଲାଣି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁଯାୟୀ ୫ଟି କାର୍ଯ୍ୟ କରିଥିବା ଯନ୍ତ୍ରୀ କେବଳ ଚୂନ ରଙ୍ଗ ଘସି ସେତେବେଳେ ଦଳୀୟ କର୍ମୀଙ୍କୁ ନିର୍ବାଚନ ଭେଟି ଦେଇ ନେଇଥିଲେ। ସମ୍ପୃକ୍ତ ଯନ୍ତ୍ରୀଙ୍କର ରାମନାଗୁଡା ଠାରୁ ଦୁର୍ନୀତି ମୁନିଗୁଡାର ଯେତେ ପଞ୍ଚାୟତ ଦାୟିତ୍ୱରେ ଥିଲେ ତାହାକୁ ତଦାରଖ କଲେ ଦୁର୍ନୀତିର ଚେରର ଗଭୀର କେତେ ଜଣାପଡିବ। ଜେଇ, ଏଇଇ,ବିଡିଓଙ୍କର ଦୁର୍ନୀତି ହୋଇଥିବା ଫାଇଲ୍ ଲୁଚାଛପାକୁ ଗୁରୁତ୍ୱ ନ ଦେଇ ଏନେଇ ବିଧାନ ସଭା ଗୃହରେ ଉପସ୍ଥାପନା କରି ମୁନିଗୁଡା ବ୍ଲକରେ ୫ଟି କାର୍ଯ୍ୟ ଦେଖିବାକୁ ଏଷ୍ଟିମେଣ୍ଟ କମିଟି ଆଣିବାକୁ ଚେଷ୍ଟା କରିବେ ବୋଲି ବିଧାୟକ ଶ୍ରୀଯୁକ୍ତ ହିକକା କହିଥିଲେ। ଏହି ପରିଦର୍ଶନରେ ବିଧାୟକଙ୍କ ସହିତ ବିଷମକଟକ ବ୍ଲକ ବିଧାୟକଙ୍କ ପ୍ରତିନିଧି ଦିଲ୍ଲୀପ ପଟ୍ଟନାୟକ, ମୁନିଗୁଡା ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାର, କଂଗ୍ରେସର ଯୁବନେତା ତଥା ଆଇନଜୀବୀ ମାନସ ରଞ୍ଜନ ବେହେରା ଓ ବହୁକର୍ମୀ ଉପସ୍ଥିତ ଥିଲେ।

# ବାଲିମେଳାରେ ସୁଭଦ୍ରା ପଦଯାତ୍ରା

ବାଲିମେଳା ((ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ଆଜି ସକାଳ ୧୦ ଘଟିକା ସମୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପରୁ ବାଲିମେଳା ଏନଏସି ପକ୍ଷରୁ ସୁଭଦ୍ରା ଶୋଭାଯାତ୍ରା କରାଯାଇଥିଲା । ଏହି ଶୋଭାଯାତ୍ରାରେ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଶତାଧିକ ମହିଳା, ସ୍ୱଚ୍ଛ ସାଥି, ଅଙ୍ଗନବାଡି କର୍ମୀ ଓ ଏନଏ ସି ନିର୍ବାହୀ ଅଧିକାରୀ ମୁନା ତୁରୁକ ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟକ୍ଷଙ୍କ କହିବା ଅନୁସାରେ ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା ଯେତିକି ହିତାଧିକାରୀ ଉପକୃତ ହୋଇଛନ୍ତି ସେମାନଙ୍କୁ ଧନ୍ୟବାଦ ଦେବାସହ ଆଗାମୀ ଦିନରେ କିପରି ଯେଉଁ




ମହିଳା ମାନେ ଏଥି ସହିତ ଆଗାମୀ ଦିନରେ ବାଲିମେଳା ଏନଏସିର ପ୍ରତ୍ୟେକ ୱାର୍ଡ ବୁଲି ଲୋକଙ୍କୁ ସଚେତନ କରିବେ ବୋଲି ଅଧ୍ୟକ୍ଷ କହିଥିଲେ । ଏହି ଯୋଜନା ଦ୍ୱାରା ମହିଳା ସ୍ୱାବଲମ୍ବୀ ହେବାସହ ଆତ୍ମନିର୍ଭରଶୀଳ ହୋଇପାରିବେ । ଏହି ରାଲିରେ ଏନଏସି ଅଧ୍ୟକ୍ଷଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ମା'କାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ




ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦମହକୁମା ସ୍ଥିତ କୋଦଭାଟା ଠାରେ ନିର୍ମାଣ ହୋଇଥିବା ମା' କାଳୀ, ଶୀତଳା ଦେବୀଙ୍କ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ଦୁଇଦିନ ଧରି ଚାଲିଥିଲା। କାଳୀ ଓ ଶୀତଳା ଦେବୀ ମନ୍ଦିର ଗତବର୍ଷ ଫଗୁଣମାସ କୃଷ୍ଣ ପକ୍ଷ ଇଂରାଜୀ ତାରିଖ ୦୧,୦୩,୨୦୨୩ ଦିନ ପ୍ରତିଷ୍ଠା କରାଯାଇଥିଲା। ପ୍ରତିଷ୍ଠା ଉତ୍ସବରେ ହୋମ ଯଜ୍ଞ ସହ ଅଷ୍ଟପ୍ରହରୀ ନାମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମନ୍ଦିର କମିଟିର ସଭାପତି, ସମ୍ପାଦକ, ସ୍ଥାୟୀ କମିଟି ସଭାପତି, ସଦସ୍ୟ ତଥା ଗ୍ରାମବାସୀଙ୍କ ଉଦ୍ୟମରେ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ତାସହ ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା।

# ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ଏରସମା(ଭାସ୍କର ନ୍ୟୁଜ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ସମ୍ମିଳନୀ ଗୃହରେ ଗ୍ରାମ୍ୟ ବିପର୍ଯ୍ୟୟ ପରୀଚାଳନା ରୂପରେଖ ପ୍ରସ୍ତୁତି ନିମନ୍ତେ ଏକ ଦିନିକିଆ ବ୍ଲକ୍ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଏହି ଆୟୋଜିତ କାର୍ଯ୍ୟକ୍ରମକୁ ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା ଉଦଘାଟନ କରିଥିଲେ। ଅତିରିକ୍ତ ଉନ୍ନୟନ୍ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଲେଙ୍କା,ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଅମିୟ ରଞ୍ଜନ ପ୍ରଧାନ,ଏ ବି.ଇ.ଓ ଲିଆକତ ଅଲ୍ଲୀ ଖାଁ,ସି.ଡ଼ି.ପିଓ କ୍ରୀଷ୍ଣା କୁମାରୀ ରାଉତ,ଜିପିଡିଓ ସୂର୍ଯ୍ୟ ପ୍ରକାଶ ସାମନ୍ତ ସିଂହାର,ସାମାଜିକ ସୁରକ୍ଷା ଅଧିକାରୀ ପ୍ରିତମ ନାୟକ,ନଳୀନ ରଞ୍ଜନ ମନ୍ତ୍ରୀ ଓ ବରିଷ୍ଠ ପ□ାୟତ କାର୍ଯ୍ୟନିର୍ବାହୀ




ଅଧିକାରୀ ହୃଷିକେଶ ରାଉତରାୟ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଏବଂ ଓସଡମା ପକ୍ଷରୁ ବ୍ଲକ୍ ଅଞ୍ଚଳର ୧୩ଟି ପଞ୍ଚାୟତ ବାଲିତୁଠର ୩ଟି ଗାଁ,ଢ଼ିଙ୍କିଆର ୨ଟି, ଚଟୁଆର ୬ଟି, ବଳେଇପୁରର ୬ଟି, ଜାନକାଦେଇପୁରର ୪ଟି, ଭିତର ଅନ୍ଧାରିର ୬ଟି, ନୂଆଡିହିର ୧ଟି, ସୋମପୁରର ୧ଟି, ପଏଦାର ୩ଟି,ପୋଖରୀଆ ପଡାର ୩ଟି, ପଲ୍ଲୀକଞ୍ଚାର ୫ଟି, ଏରସମାର ୩ଟି ଓ ଜିରାଇଲୋ ପଞ୍ଚାୟତର ୨ଟି ଗାଆଁରେ ଏହି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ କରାଯିବ ।ଏହା ସହ ବିଭିନ୍ନ ଗ୍ରାମରେ ଏହି କାର୍ଯ୍ୟକ୍ରମକୁ ନବଜ୍ୟୋତି ଓ ଶ୍ରଦ୍ଧା ଏନ୍.ଜି.ଓ ପରିଚାଳନା କରିବେ ବୋଲି କହିଥିଲେ। ବ୍ଲକ୍ ନୋଡାଲ ଅଧିକାରୀ ନଳିନୀ ରଞ୍ଜନ ମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ ୧୩ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ଯୋଗଦେଇଥିଲେ।

# ଏମ୍‌ସିଏଲ୍ ଗେଷ୍ଟ ହାଉସ୍ ଘରୋଇକରଣକୁ ବିରୋଧ

ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଏମ୍‌ସିଏଲ ଇବ ଭ୍ୟାଲି କ୍ଷେତ୍ର ଗେଷ୍ଟ ହାଉସକୁ ଟେଣ୍ଡର ମାଧ୍ୟମରେ ଘରୋଇକରଣକୁ ବିରୋଧ କରାଯାଇଛି। ଏନେଇ ଗେଷ୍ଟ ହାଉସ ସମ୍ମୁଖରେ ଆଜି ଶ୍ରମିକ ନେତା ଅନିତ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ବିରୋଧ ପ୍ରଦର୍ଶନ କରାଯାଇଥିଲା। ପୂର୍ବରୁ ଏହି ଗେଷ୍ଟ ହାଉସ ଏମସିଏଲର ଜଣେ କର୍ମଚାରୀ ଦ୍ୱାରା ପରିଚାଳନା କରାଯାଉଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଏହାକୁ ଘରୋଇକରଣ କରାଯାଉଛି। ଏହାକୁ ଆମେ ସମ୍ପୂର୍ଣ୍ଣ ବିରୋଧ କରୁଛୁ ବୋଲି ଶ୍ରମିକ ନେତା ମାନେ କହିଛନ୍ତି। ତେବେ ଯଦି କୋଇଲା କମ୍ପାନୀ ପକ୍ଷରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଧିକାରୀଙ୍କ ମାନମୁଖୀ କାର୍ଯ୍ୟକଳାପ ଯୋଗୁଁ ଏମସିଏଲର ସମସ୍ତ ବିଭାଗର ଧୀରେ ଧୀରେ ଘରୋଇକରଣ କରାଯାଉଛି। ଯାହା ଭବିଷ୍ୟ ପାଇଁ ଅଶୁଭଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି ଆନ୍ଦୋଳନକାରୀ ଶ୍ରମିକ ନେତା ସୂଚାଇ ଦେଇଛନ୍ତି। ଏହିକ୍ରମେ ଆଜି ଏକ ସ୍ମାରକପତ୍ର ଏମସିଏଲ ସିଏମ୍‌ଡିଙ୍କୁ ପ୍ରେରଣ କରାଯାଇଛି। ଆଜିର ବିରୋଧ ପ୍ରଦର୍ଶନରେ ଶ୍ରମିକ ନେତା ଅନିତ ଚକ୍ରବର୍ତ୍ତୀ, କୁଳମଣି ପରିଡ଼ା, ସନ୍ଦୀପ ସିଂହ, କୁଳମଣି ଦାସ, ଅଶୋକ ସା, ସଞ୍ଜୟ ଗିରି, ରାମକୃଷ୍ଣ ତିୱାରୀ, ସନ୍ତୋଷ କୁମାର, ଗୁନା ସାହୁ, ଦିପେଶ କୁମାର, ପ୍ରଦୀପ ନାୟକ, ମାର୍କଣ୍ଡେ ସିଂହ, କୈଳାଶ ମେହେର ପ୍ରମୁଖ ସାମିଲ ଥିଲେ।



# ସ୍ୱୟଂପ୍ରଭା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ବରଗଡ(ଭାସ୍କର ନ୍ୟୁଜ୍): ବରଗଡ଼ ଗାନ୍ଧୀଭବନ ଠାରେ ସ୍ୱୟଂପ୍ରଭା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ନୁରାବତୀ ସାହୁଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି ! ମୁଖ୍ୟ ଅତିଥି ଭାବେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା ଶକ୍ତିକୁମାର ତ୍ରିପାଠୀ ଓ ମୁଖ୍ୟବକ୍ତା ଭାବେ ସଂସ୍କୃତ ପ୍ରଫେସର ଡ. ପ୍ରତିମା ଷଡଙ୍ଗୀ ଯୋଗଦେଇ ଉତ୍ତମ ମାନର ସାହିତ୍ୟ ସମାଜକୁ ଦିଗଦର୍ଶନ ଦିଏ ବୋଲି ମତ ପ୍ରକାଶ କରିଥିଲେ। ଚଉରାନବେ ଜଣ ପ୍ରବୀଣ ଲେଖକ ଲେଖିକାଙ୍କ ଗଳ୍ପ, କବିତା, ଭ୍ରମଣ କାହାଣୀ, ଅନୁସୃଜନ ସନ୍ନିବେଶିତ ସଂସଦର ମୁଖପତ୍ର 'ସ୍ୱୟଂପ୍ରଭା' ପତ୍ରିକା ସହିତ କବୟିତ୍ରୀ ସନ୍ତୋଷିନୀ ଦାଶଙ୍କ ପୁସ୍ତକ 'ମାଟିର ମହକ ', କବୟତ୍ରୀ କବିତା ଦେବତାଙ୍କ ପୁସ୍ତକ 'ମଧୁଗୀତି ', କବୟିତ୍ରୀ କମଳିନୀ ଦେବୀଙ୍କ ପୁସ୍ତକ 'ପ୍ରତୀକ୍ଷା ', ବିଶିଷ୍ଟ ଲେଖକ ଅନୁପ ଗଡ଼ନାୟକଙ୍କ 'ଆମ ପ୍ରକୃତି' ଓ 'ଭକ୍ତିସାଗର'ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଏହି ସଭାରେ ଡ଼.ସଂଗୀତା ରଥଙ୍କୁ ସ୍ୱୟଂପ୍ରଭା ସାହିତ୍ୟ ସମ୍ମାନ, କବୟିତ୍ରୀ ବାସନ୍ତୀ ଗୁରୁଙ୍କୁ ଭୂମିସୁତା ସମ୍ମାନ, ଅଭିନେତ୍ରୀ ଡ଼. ତପସ୍ୱିନୀ ଗୁରୁଙ୍କୁ ସ୍ୱୟଂପ୍ରଭା ପ୍ରଜ୍ଞା ସମ୍ମାନ, ବିଶିଷ୍ଟ କବି ଓ ଗାୟକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଢୀଙ୍କୁ ସ୍ୱୟଂପ୍ରଭା ଗାୟକ ରତ୍ନ ସମ୍ମାନ ତଥା ସାହିତ୍ୟ ଓ ସାମ୍ବାଦିକତାରେ ଉଲ୍ଲେଖନୀୟ ଅବଦାନ ଥିବା ଯୁଗୋପଯୋଗୀ ସୁବର୍ଣ୍ଣଦୀପ ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ପ୍ରଦୀପ୍ତ ଭାନୁ ମହାନ୍ତି ଏବଂ ଦୈନିକ ସମ୍ବାଦ ପତ୍ର ବିଶ୍ୱବାଣୀ ଖବର କାଗଜ ତଥା ବଲାଙ୍ଗିରରୁ ପ୍ରକାଶିତ ପ୍ରେରଣାର ବରଗଡ଼ ଜିଲ୍ଲା ପ୍ରତିନିଧି ନିରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସ୍ୱୟଂପ୍ରଭା ସାହିତ୍ୟ ସଂସଦର ସମସ୍ତ ସଦସ୍ୟ, ସଦସ୍ୟା ଏଥିରେ ସାହାଯ୍ୟ କରିଥିଲେ। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ତିନି ଜଣ କବୟିତ୍ରୀ ଅତି ସୁନ୍ଦର ଭାବରେ ମଞ୍ଚ ସଞ୍ଚାଳନ କରିଥିଲେ। ସେମାନେ ହେଲେ ସ୍ୱର୍ଣ୍ଣକାନ୍ତୀ ପତି,ସାଗରୀକା ପାଣିଗ୍ରାହୀ, ସଙ୍ଗୀତା ଦୀପ୍ । ପରିଶେଷରେ ସୂର୍ଯ୍ୟସ୍ନାତା ସମ୍ପାଦିକା ଶ୍ରୀମତୀ ସୁପ୍ରଭା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନ୍ତର୍ଜାତିକ ମହିଳା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା

ଝାରସୁଗୁଡ଼ା (ଭାସ୍କର ନ୍ୟୁଜ) : ଆସନ୍ତା ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ଅନୁଷ୍ଠିତ ହେବାକୁ ଥିବାବେଳେ ଝାରସୁଗୁଡା ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅଙ୍ଗନୱାଡି କର୍ମୀ, ସହାୟିକା ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଗତ ୨ ଓ ୩ ତାରିଖରେ ଅନୁଷ୍ଠିତ ହୋଇଛି। ୨ ତାରିଖରେ ଝାରସୁଗୁଡ଼ାର ୭ଟି ଶିଶୁବିକାଶ ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ଅଙ୍ଗନବାଡି କର୍ମୀ ଓ ଅଙ୍ଗନବାଡି ସହାୟିକାମାନଙ୍କ ମଧ୍ୟରେ ଖୋଖୋ , କବାଡ଼ି , ଝୋଟି, ଗୀତ ଓ ରଜ୍ଜୁ କର୍ଷଣ କସରତ ପ୍ରତିଯୋଗିତା ଓ ଏସ୍‌ଏପି ମିନି ଷ୍ଟାଡିଅମ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂଯୋଜକ ରମାକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ମହିଳା ସୁରକ୍ଷା ଅଧିକାରୀ ଓ ମହିଳା ବିକାଶ ଯୋଜନା ଅଧିକାରୀ ଭାବେ ଯାଜ୍ଞସେନୀ ମହାନନ୍ଦ , ମିନାକ୍ଷୀ ରାଜ ଓ କୃଷ୍ଣପ୍ରିୟା ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ଥିଲେ । ୩ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ପ୍ରଶ୍ନୋତ୍ତର (କୁଇଜ୍) ପ୍ରତିଯୋଗିତା ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏହି ପ୍ରତିଯୋଗିତାରେ ଖୋଖୋରେ ଲଖନପୁର ପ୍ରଥମ ଓ ଲଇକେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ କବାଡ଼ିରେ କିର୍ମିରା ପ୍ରକଳ୍ପ ପ୍ରଥମ ଓ ଲଖନପୁର ଦ୍ୱିତୀୟ ସ୍ଥାନ ଅଧିଗ୍ରହଣ କରିଥିଲେ । ରଜ୍ଜୁ କର୍ଷଣରେ ଝାରସୁଗୁଡ଼ା (ଗ୍ରାମାଞ୍ଚଳ) ପ୍ରଥମ ଓ ବ୍ରଜରାଜନଗର ସହରାଞ୍ଚଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୮ତାରିଖରେ ସ୍ଥାନୀୟ ଏମ୍ ସି ଏଲ୍ କମ୍ୟୁନିଟି ହଲ ( ନବଦାସ ଅଡିଟୋରିଅମ) ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ପୁରସ୍କୃତ କରାଯିବ ବୋଲି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ୍ ସୂଚନା ଦେଇଛନ୍ତି ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରାଇଘର(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ନୂତନ ଜଗନ୍ନାଥ ମନ୍ଦିର ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ଦିନ ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇଯାଇଛି। ଏହା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ ପାଞ୍ଚ ଦିନ ଧରି ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ମନ୍ଦିର ପ୍ରତିଷ୍ଠା କମିଟି ଗଠନ କରାଯାଇଅଛି । ସର୍ବସମ୍ମତି କ୍ରମେ ପ୍ରଫୁଲ୍ଲ କୁମାର ଭୁୟା, ଉପସଭାପତି ଭାବେ ଅଜୟ ଦାସ, କିରଣ ପଟ୍ଟନାୟକ, ରତନ ଗଣ୍ଡ, ନହରୁ ଗଣ୍ଡ, ସଂପାଦକ ଭାବେ କମଲ ସିଂ ରାଜପୁତ୍, ସହ ସଂପାଦକ ରୂପେ ଭବାନୀ ନାୟକ, ଦଶରୁ ଗଣ୍ଡ ଓ କୋଷାଧ୍ୟକ୍ଷ ମୋହନ ସାହୁ ମନୋନୀତ ହୋଇଛନ୍ତି। ଏଥିସହ ମୁଖ୍ୟ ପରିଚାଳକ ଭାବେ ତହସିଲଦାର ରିତୁ ସିଂ, ବିଡିଓ ଲକ୍ଷ୍ମୀ ସାଗର ମାଝୀ ଓ ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରମୁଖ ଅଧିକାରୀ ରହିଛନ୍ତି।



ଉପଦେଷ୍ଟା ମଣ୍ଡଳୀରେ ଖେଦୁ ଝାଙ୍କର, ସହଦେବ ଗଣ୍ଡ, ସନ୍ତୋଷ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଗୁପ୍ତ ଝାଙ୍କ, ଲମ୍ବୋଦର ମାଝୀ, ସୁଦର୍ଶନ ମାଝୀ,ଶିବନାଥ ବାନାର୍ଜୀ , ଯତୀନ୍ଦ୍ର ଗଣ୍ଡ, ମାଲିସିଂ ପାତ୍ର, ନବି ସାନ୍ତା, ଘନଶ୍ୟାମ ଶର୍ମା, ଜୀବନ ଶାହା, କୌଶିକ ସାହୁ, ଅନନ୍ତ ବାରିକ, ସଂଗ୍ରାମ ବାରିକ, ପ୍ରିତମ ଗଣ୍ଡ, ରାଜେନ୍ଦ୍ର ଯାଦବ ପ୍ରମୁଖ ରହିଛନ୍ତି । ସେହିଭଳି ଭାସ୍କର ଦଣ୍ଡସେନା, ଶ୍ରୀହର୍ଷ ମହାପାତ୍ର, ଅଭିମନ୍ୟୁ ଡାକୁଆ, ମୁନା ସମରଥ, ସୁକେଶ ମିଶ୍ରା, ଧନେଶ ପ୍ରଧାନ, ମନୋହର ଦଣ୍ଡସେନା, ବିଷ୍ଣୁ ଗୌଡ଼, ବିକି ଶ୍ରୀବାସ୍ତବ, ଶରତ ବାରିକ , ଦିବାକର ନାୟକ, ମହେନ୍ଦ୍ର ରାଜପୁତ୍, ମୀନା ମାଝୀ,ପୁରୁଷୋତ୍ତମ ଶର୍ମା , ଦିଲୀପ ପାତ୍ର, ଜଗନ୍ନାଥ ଦୋରା, କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହ କାର୍ଯ୍ୟକାରୀ ସଦସ୍ୟ ରହିଛନ୍ତି । ମାର୍ଚ୍ଚ ୨ ତାରିଖରୁ ୬ ତାରିଖ ପଞ୍ଚଦିବସୀୟ କାର୍ଯ୍ୟକ୍ରମ ରହିଛି । ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମାଙ୍କ ପୌରହିତ୍ୟରେ ମନ୍ଦିରର ପ୍ରତିଷ୍ଠା ଉତ୍ସବ ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତି । ଯାହାଫଳରେ ରାଇଘର ଉତ୍ସବ ମୁଖର ହୋଇଉଠିଛି।

# ବିଜୁ ଜୟନ୍ତୀ ପାଳିତ

ଗୁଣୁପୁର(ଭାସ୍କର ନ୍ୟୁଜ) : ଗୁଣୁପୁର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୧୦୯ ତମ ଜୟନ୍ତୀ ପାଳନ କରାଯାଇଛି । ନୂଆବସଷ୍ଟାଣ୍ଡ ଠାରେ ଥିବା ପ୍ରବାଦ ପୁରୁଷ ବିଜୁବାବୁ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟାର୍ପଣ କରିଥିଲେ ବିଜେଡିର ନେତା ଓ କର୍ମୀ । ଏଥିସହ ବିଜୁ ଜୟନ୍ତୀରେ ପଂଚାୟତ ଦିବସ ପାଳନକୁ ରାଜ୍ୟ ସରକାର ବନ୍ଦ କରିବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ଏହାପରେ କର୍ମୀମାନେ ଗୁଣୁପୁର ଉପଖଣ୍ଡସ୍ତରିୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଗୁଣୁପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି, ବିଜେଡି ନେତା,ଗୁଣୁପୁର ପୌରପରିଷଦର ବିଜେଡି କାଉନ୍‌ସିଲର ଦେବୀ ଆଚାର୍ଯ୍ୟ, ଏସ୍ ବାବା ପ୍ରସାଦ,ମୁନା ପାଣି, ସାନ ବାଉରି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ,ସାନ୍ତୁ ପଟ୍ଟନାୟକ, ପୁଟାସିଂ ସରପଞ୍ଚ ଏସିଓ ଶବର, କାଉନ୍ସିଲର ଶିବ ପାଢୀ, ପୂର୍ଣ୍ଣ ବାଉରୀ, ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ସାହୁ, ଜୁନାମ ଶବର, ମାର୍କ ଦଳବେହେରା,ବାଳି ଗମାଙ୍ଗ, କେ କିରଣ କୁମାର ରାମନାଗୁଡ଼ା ବ୍ଲକ୍ ଗଗନ ଆଚାର୍ଯ୍ୟ ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମରେ ସାମିଲ୍ ଥିଲେ। ଗୁଣୁପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ୍‌ର ବିଜେଡି ନେତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ବିଦ୍ୟାଳୟ ପାଚେରୀ ନିର୍ମାଣରେ ଅନିୟମିତତା ଅଭିଯୋଗ

କୋରୁକୋଣ୍ଡା ତ(ଭାସ୍କର ନ୍ୟୁଜ): ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ତରଫରୁ ବହୁ ପଦକ୍ଷେପ ନିଆଯାଉଛି, ଯେମିତି କି ବିଦ୍ୟାଳୟର ସୁରକ୍ଷା ପାଚେରୀ। ବହୁ ବିଦ୍ୟାଳୟ ଗୁଡିକ ମୁଖ୍ୟ ରାସ୍ତା କଡ଼ରେ ରହିଥିବା ବେଳେ, ଯେପରିକି ଛାତ୍ରଛାତ୍ରୀ ମାନେ ବିଭିନ୍ନ ଦୁର୍ଘଟଣାରୁ ସୁରକ୍ଷିତ ରହିବା ପାଇଁ ବହୁ ଅର୍ଥ ବ୍ୟୟରେ ସରକାର ପାଚେରୀ ନିର୍ମାଣ ନିମନ୍ତେ ଗୁରୁତ୍ୱ ଦେଇ ଆସୁଛନ୍ତି। ସେହିପରି ଭାବେ ଦୀର୍ଘ ଦିନ ପରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସଦର ଶୁଳିଆ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପାଚେରୀ କାମ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ହେଲେ ଉକ୍ତ ପାଚେରୀ କାମକୁ ନେଇ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଙ୍କ ତଥ୍ୟ ରେ ରହୁନି ତାଳମେଳ। ସୂଚନା ଥାଉ କି ବିଦ୍ୟାଳୟ ପାଚେରୀର ଫାଉଣ୍ଡେସନ ମାପ ଅନୁଯାୟୀ ରହିଛି ଉଭୟ ପାର୍ଶ୍ୱ ୨ଗୋଟି ଇଟା କାନ୍ଥ ସହିତ ମାତ୍ର ୧୬ଇଞ୍ଚ୍ ଚଉଡ଼ା ଏବଂ ମିଳିଥିବା ଫଟୋ ଅନୁଯାୟୀ



**ଅଧିକାରୀଙ୍କ ତଥ୍ୟରେ ରହୁନି ତାଳମେଳ**

ଫାଉଣ୍ଡେସନ ଗଭୀର ୧୦-୧୨ ଇଞ୍ଚ୍ ରହିଥିବା ଭଳି ଜଣାପଡୁଛି। ହେଲେ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ ସବିଶେଷ ତଥ୍ୟ ନେଇ ଅବଗତ ନଥିଲେ ସୁଧା ଗଭୀର ଏବଂ ଚଉଡ଼ା ଅତି କମ୍ ୨୪ଇଞ୍ଚ୍ ଲେଖାଁଏ ରହିବା କଥା। କିନ୍ତୁ କେତେ ଅଛି ଜାଣି ନଥିବା କହିଛନ୍ତି ଶ୍ରୀ ସ୍ୱାଇଁ। ଏନେଇ କନିଷ୍ଠ ଯନ୍ତ୍ରୀ ବାପୁଜୀ ନାୟକଙ୍କୁ ପଚାରିବାରୁ ପାଚେରୀ ଲମ୍ବା ୬୦ମିଟର ନିମନ୍ତେ ୩ଲକ୍ଷ୍ୟ ବେୟ ଅଟକଳ ରଖାଯାଇଛି, ହେଲେ ଫାଉଣ୍ଡେସନ ଗଭୀର ଓ ଚଉଡ଼ାକୁ ନେଇ ପଚାରିବାରୁ ସେ କହିଛନ୍ତି ଉଭୟ ୧୮ଇଞ୍ଚ୍ ଲେଖାଁଏ ରହିବା କଥା ଏବଂ ରହିଛି ମଧ୍ୟ, କିନ୍ତୁ ମିଳିଥିବା ତଥ୍ୟ ଏବଂ ଫଟୋରୁ ଜଣା ପଡୁଛି ଉଭୟ ଅଧିକାରୀଙ୍କ କହିବା ଅନୁଯାୟୀ କୌଣସି ଗୋଟିଏ କାମ ମଧ୍ୟ ହୋଇନାହିଁ। ଏଣୁ ଅଧିକାରୀ ଙ୍କ କଥାରୁ ଜଣାପଡୁଛି କାର୍ଯ୍ୟ ହସ୍ତାନ୍ତର ପରେ କୌଣସି ଅଧିକାରୀ ତଦାରଖ ନିମନ୍ତେ କାର୍ଯ୍ୟସ୍ଥଳୀକୁ ପରିଦର୍ଶନରେ ଯାଉନାହାନ୍ତି। ଏହି କାର୍ଯ୍ୟ ବିଦ୍ୟାଳୟ ପାଚେରୀ ହୋଇଥିବା ହେତୁ ଆଗାମୀ ଦିନରେ ବିଦ୍ୟାଳୟରେ ପଢୁଥିବା କୁନିକୁନି ଛାତ୍ର ଛାତ୍ରୀଙ୍କ ନିମନ୍ତେ ବିପଦ ଆଣି ଦେବାର ଆଶଙ୍କା କରାଯାଉଛି । ଆଗାମୀ ଦିନରେ ଦେଖିବାକୁ ବାକି ରହିଲା ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ କେତେ ସୁରକ୍ଷା ଦେଉଛି ସୁରକ୍ଷା ପାଚେରୀ।



ଭଞ୍ଜନଗର(ଭାସ୍କର ନ୍ୟୁଜ) : ସ୍ଥାନୀୟ ପୁଲିସ ମଙ୍ଗଳବାର ଅପରାହ୍ନ ରେ ମୁଜାଗଡ ରାସ୍ତାରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଦୃତ ଗତିରେ ଭଞ୍ଜନଗର ଆଡକୁ ଆସୁଥିବା ଏକ ବାଇକ୍ କୁ ସନ୍ଦେହ ରେ ଅଟକାଇଥିଲେ। ଆଉ ତନଖି ବେଳେ ବାଇକ୍ ରେ ଥିବା ଏକ ଜରି ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଫଳରେ ବାଇକ୍ କୁ ଗଞ୍ଜେଇ ସହ ଜବତ କରି ଏସଂପର୍କରେ ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା ଙ୍କୁ ସୂଚନା ଦେଇଥିଲେ। ପରେ ଭଞ୍ଜନଗର ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ରଙ୍କ ସହ ଜବତ ଗଞ୍ଜେଇକୁ ମୁଜାଗଡର କିଛି ଗ୍ରାମବାସୀଙ୍କ ଉପସ୍ଥିତି ରେ ଓଜନ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ କୁ ସିଲ୍ କରାଯାଇ ଥିଲା। ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସୂଚନା ପ୍ରକାରେ ମଙ୍ଗଳବାର ଥାନା ଏସ୍ ଆଇ ଏସ୍ ମଗର ଅନ୍ୟ ଷ୍ଟାଫଙ୍କ ସହ ପାଟ୍ରୋଲିଂ କଲାବେଳେ ଏହି ଘଟଣା ଜଣାପଡିଥିଲା। ପୁଲିସ ଏନଡିପିଏସ୍ ଆଇନ ବଳରେ କେଶ୍ ନମ୍ବର -୨୩୨/୨୫ ରେ ଏକ ମାମଲା ରୁଜୁ କରି ଏଥିରେ ସଂପୃକ୍ତ ଅଭିଯୋଗରେ ବାଲିଗୁଡା ଥାନା ଅନ୍ତର୍ଗତ ନୂଆସାହି ଗ୍ରାମର ନିହାର ରଂଜନ ବେହେରା ଓ ସଂଗ୍ରାମ ଦଳବେହେରା ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଗଞ୍ଜେଇ ଚାଲାଣ ରେ ବ୍ୟବହୃତ ବାଇକ୍ ଓଡି ୦୨ ଡିବି ୦୧୦୬ କୁ ଜବତ କରିଛି।

# ପ୍ରତିଟି ଗ୍ରାମପଞ୍ଚାୟତର ବିକାଶ ଆମର ଉତ୍ତରଦାୟିତ୍ୱ :ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସରକାରଙ୍କ ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ ପ୍ରତିଟି ଗ୍ରାମପଞ୍ଚାୟତର ବିକାଶ ବିଭାଗର ଉତ୍ତରଦାୟିତ୍ୱ ବୋଲି ପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ମେଗା ପାଇପ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ନେଇ ସବିଶେଷ ସମୀକ୍ଷା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେରେ ଯେପରି ଉଚିତ ତଥ୍ୟ ସଂଗ୍ରହ କରାଯାଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରି ବହୁମୁଖୀ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ମାନ୍ୟବର ମନ୍ତ୍ରୀ କହିଥିଲେ । ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ସମସ୍ତ ନଳକୂପର ଆଗୁଆ ମରାମତି ସହ ଏଗୁଡ଼ିକର ରକ୍ଷଣାବେକ୍ଷଣ, ପାନୀୟ ଜଳ ଯୋଗାଣ, ନୂତନ ନଳକୂପ ଖନନ ଉପରେ ସବିଶେଷ ଆଲୋଚନା ହୋଇଥିଲା । ଏଥି ସହ ଆନ୍ତ୍ୟୋଦୟ ଗୃହ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଂଚାଇବା ପ୍ରକ୍ରିୟା ବିଷୟରେ ମନ୍ତ୍ରୀ ଦିଗ୍‌ଦର୍ଶନ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଏସ୍. ଏନ୍. ଗିରୀଶ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ପାନୀୟ ଜଳ ନିର୍ଦ୍ଦେଶକ ଭିନିତ୍ ଭାରଦ୍ୱାଜ, ଅତିରିକ୍ତ ଶାସନ ସଚିବ ଚକ୍ରବର୍ତ୍ତି ସିଂ ରାଠୋର, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ସର୍ବୋଚ୍ଚ ଯନ୍ତ୍ରୀ, ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ସମସ୍ତ ବ୍ଲକ୍ ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀମାନେ ଆଭାସି ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ ।

# ରାଜା ଚକ୍ର, ସହଯୋଗୀଙ୍କର ୧୦୦ରୁ ଅଧିକ ଆକାଉଣ୍ଟ ଠାବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗନ୍ଧମାର୍ଦନ ଲୋଡ଼ିଂ ଆଣ୍ଡ କୋପରେଟିଭ ସୋସାଇଟିରେ ୧୦୦କୋଟିରୁ ଅଧିକ ଟଙ୍କା ଘୋଟାଲା ମାମଲାରେ ରାଜା ଚକ୍ର ଏବଂ ସହଯୋଗୀଙ୍କର ୧୦୦ରୁ ଅଧିକ ଆକାଉଣ୍ଟ ଠାବ ହୋଇଛି। ଆକାଉଣ୍ଟର ଟ୍ରାଞ୍ଜାକ୍ସନ ଯାଞ୍ଚ ଚାଲିଛି। ଜାଲ ଦସ୍ତାବିଜରେ କୋଟି କୋଟି ଟଙ୍କା ଚଲୁ କରାଯାଇଥିବା ତଥ୍ୟ ପାଇଛି ଇଓଡବ୍ଲୁ। ଏହାସହ ଇଓଡବ୍ଲୁ ୨୫ଟି ବିଭିନ୍ନ ଗାଡି ଜବତ କରିଛି । ଏବେବି ରେଡ୍ ପ୍ରକ୍ରିୟା ଜାରି ରହିଛି । ବୁଧବାର ଚଢଉର ଦ୍ୱିତୀୟ ଦିନରେ ଇଓଡବ୍ଲୁରେ ହାଜର ହୋଇଛନ୍ତି ରାଜା ଚକ୍ରଙ୍କ ସହଯୋଗୀ ସମୀର କୁମାର ଜେନା । ସମୀରଙ୍କ ଆକାଉଣ୍ଟ ଏବଂ ଗନ୍ଧମାର୍ଦନ ଲୋଡ଼ିଂ ଆଣ୍ଡ କୋପରେଟିଭ ସୋସାଇଟି ଆକାଉଣ୍ଟରୁ କୋଟି କୋଟି ଟଙ୍କା ଟ୍ରାଞ୍ଜାକ୍ସନ ହୋଇଛି । କାହିଁକି, କଣ ପାଇଁ ଟଙ୍କା ଦିଆଯାଇଛି ତାର ଯାଞ୍ଚ କରୁଛି ଇଓଡବ୍ଲ୍ୟୁ ।

## ନଗରଉନ୍ନୟନ ମନ୍ତ୍ରୀଙ୍କ ସୂଚନା

# ୩ ପ୍ରମୁଖ ସହରରେ ହେବ ପୌର ନିର୍ବାଚନ



ଭୁବନେଶ୍ୱର,୫।୩(ଭାସ୍କର ନ୍ୟୁଜ): ରାଜ୍ୟର ୩ ପ୍ରମୁଖ ସହରରେ ପୌର ନିର୍ବାଚନ ବନ୍ଦ ରହିଛି। ସମ୍ବଲପୁର ଓ ରାଉରକେଲାରେ ଗତ ୧୧ ବର୍ଷ ହେବ ପୌର ନିର୍ବାଚନ ହୋଇପାରି ନାହିଁ । ସେହିପରି ପୁରୀରେ ଗତ ୬ ବର୍ଷ ହେବ ପୌର ନିର୍ବାଚନ ବନ୍ଦ ରହିଛି। ତେବେ ଏ ନେଇ ହାଇକୋର୍ଟଙ୍କ ଶୁଣାଣି ପରେ ପୁଣିଥରେ ଏହି ୩ ସହରରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି, ସମ୍ବଲପୁର, ରାଉରକେଲା ଓ ପୁରୀରେ ଦୀର୍ଘବର୍ଷ ହେବ ନିର୍ବାଚନ ବନ୍ଦ ରହିଛି। ବିଜେଡି ସରକାର ଅମଳରେ ପୌର ନିର୍ବାଚନ ବର୍ଷ ବର୍ଷ ଧରି ବନ୍ଦ ରହିଥିଲା। ଏହି ୩ ସହରରେ ପୁଣିଥରେ ନିର୍ବାଚନ କରିବାକୁ ସରକାର ଯୋଜନା କରୁଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ଶ୍ରୀ ମହାପାତ୍ର କହିଛନ୍ତି। ସେ କହିଥିଲେ, ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଯାହା ଆବଶ୍ୟକ ତାହା ଆମ ସରକାର କରିବ। ଏବେ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ସରକାରୀ ଓକିଲ ମାମଲା ଲଢୁଛନ୍ତି। ରାୟ ଆସିବା ପରେ ସରକାର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ ବୋଲି ସେ କହିଛନ୍ତି।

# ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।


GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF TIIE CHIEF ENGINEER
MAHANADI GODAWARI DASIN
RAIPUR (C.G.)
E·PROCUREMENT TENDER NOTICE
“eProcurement portal; https;//cproc.cgstate,gov.in

CORRIGENDUM No- 01

In System Tender 163954/NIT No. : 14/SAC/2024-25, Mahasamund, Dated : 09.01.2025 Whose G-Number Is 242505247 dated 10.01.2025 following amendments are made :-

| S.No | Amendments |
|---|---|
| 1 | Tender Document Form - "B" - Clause 2.1.6 (Disqualification) EnvelopeÂ·B Clause 6.0 sub point (ii) and Envelope-C Clause 2.1.6 sub point (ii), as per government of Chhattisgarh Order No. 466/F-7-7 /S-2/31/2001 Dated 27.01.2025 and 795/F-7-7 /S-2/31/2001 Dated 21.02.2025) |
| 2 | Online Tenders are invited up to 07.03.2025 at 17.30 Hour |
| 3 | Bid Open Start Date and time: 10.03.2025, 11:30 Hours |

Note :- Detailed Amendments can be viewed on the web site https://eproc.cgstate.gov.in.All other terms and conditions will remain be unchanged.

Sd/-EXECUTIVE ENGINEER
Water Resources Division, Mahasamund
for, Chid Engineer, Mahanadi Godawari Basin
Water Resources Department, Raipur (C.G.)

G-242505692/8


# ଧରା ପଡ଼ିଲା ଷ୍ଟୋନ କ୍ରସରରେ ବିଦ୍ୟୁତ୍ ଚୋରି

## ଟିପିସିଓଡିଏଲ୍ ପକ୍ଷରୁ ନିଆଗଲା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଖୋର୍ଦ୍ଧାରେ ଏକ ଷ୍ଟୋନ କ୍ରସରରେ ବିଦ୍ୟୁତ୍ ଚୋରି ହେଉଥିବା ନେଇ ଏକ ଘଟଣା ସାମ୍ନାକୁ ଆସିଛି। ଟିପିସିଓଡିଏଲ୍ ପକ୍ଷରୁ ମିଟର ତଥ୍ୟ ବିଶ୍ଳେଷଣ ସମୟରେ ସନ୍ଦିଗ୍ଧ ବିଦ୍ୟୁତ୍ ବ୍ୟବହାର ଚିହ୍ନଟ ହେବା ପରେ, ଏକ ଭିଜିଲାନ୍ସ ଦଳ ୨୮ ଫେବୃଆରୀ ୨୦୨୫ ରେ ସେହି ସ୍ଥାନରେ ପହଞ୍ଚି ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଏହି କ୍ରସରରେ ଏଚଟିସିଟି ମିଟରର ଏକ ତାର କଟି ରହିଥିବା ବେଳେ ୭୧ କିଲୋ ୱାଟ ବିଦ୍ୟୁତ୍ ଅବୈଧ ଭାବରେ ବ୍ୟବହାର କରାଯାଉଥିଲା । ଇଲେକ୍ଟ୍ରିସିଟି ଆକ୍ଟ, ୨୦୦୩ ର ଧାରା-୧୩୫ ଅନୁସାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି ଏବଂ ଚୋରି ହୋଇଥିବା ବିଦ୍ୟୁତ୍ ପାଇଁ ?୨୫.୪୪ ଲକ୍ଷର ଜୋରିମାନା ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ଏଥି ସହିତ, ଏହି ଉପଭୋକ୍ତାଙ୍କ ବିରୁଦ୍ଧରେ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ବିଦ୍ୟୁତ୍ ଚୋରି ରୋକିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି।


GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECITOVE ENGINEER
WATER RESOURCES DIVISION, KOTA
DISTRICT- BILASPUR (C.G.)

CORRIGENDUM NO. 1

IN NIT No. : 26/SAC/2024-25, Kota, Dated : 15.01.2025, System Tender No. **164316** (1st Call), whose G-Number-242505382 following amendments are made-

| S.No. | Amendments |
|---|---|
| 1. | Clause 2.1.6 of Form-"B" as per Govt. of C.G. WRD, Raipur Order No. 466/F-7-7/S-2/31/2001, Nava Raipur, Date 27.01.2025. |
| 2. | Bid Start date & time 03.03.2025 at 17:31 Hours. |
| 3. | Online Tenders are invited up to 17.03.2025, 17:30 Hour |
| 4. | Bid Open Date and Time 18.03.2025 at 11:30 Hours. |

All other terms and conditions of NIT will remain unchanged.

G-242505695/ 8

EXECUTIVE ENGINEER
WATER RESOURCES DIVISION
KOTA (C.G.)
For, Chief Engineer
Hasdeo Basin, Water Resources Deptt.
Bilaspur (C.G.)


## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ୫ଦିନ ସିଝାଇବ...

ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ । କିନ୍ତୁ ଦିନର ତାପମାତ୍ରାରେ ବୃଦ୍ଧି ଘଟିବ। ବିଶେଷକରି ଉତ୍ତର ଓଡ଼ିଶା ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ମଙ୍ଗଳବାର ୩୯ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଥିଲା। ଗତ କିଛିଦିନ ହେବ ତାପମାତ୍ରାରେ ବୃଦ୍ଧି ଘଟିବା ଯୋଗୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ପଦାକୁ ବାହାରିବା କଷ୍ଟକର ହୋଇପଡୁଛି। ତଥାପି ଟାଣ ଖରାରେ ଶ୍ରମିକମାନେ କାମ କରୁଥିବା ଦେଖିବାକୁ ମିଳିଛି। ସେମାନେ ଅଂଶୁଘାତକୁ ଭୟ ନ କରି ବାଲି, ସିମେଣ୍ଟ, ଇଟା ଆଦି ଛାତ ଉପରକୁ ନେବା ଆଦି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଆଉ କିଛି ଶ୍ରମିକ ମାଟିଖୋଳା ଠାରୁ ଆରମ୍ଭ କରି ରାସ୍ତା ପାର୍ଶ୍ୱରେ କାମ କରୁଥିଲେ ମଧ୍ୟ ଏଥିନେଇ କାହାର ନିଘା ମଧ୍ୟ ନାହିଁ।

### ଓଡ଼ିଆ ସ୍ୱାଭିମାନର...

କରିଥିବା ଏହି ଯଶସ୍ୱୀ ଯୋଗଜନ୍ମା ତାଙ୍କ ଜୀବଦଶାରେ ସେବା, ତ୍ୟାଗ, ପରୋପକାର ଓ ନିଷ୍ଠା ପରି ମାନବୀୟ ଗୁଣଗୁଡ଼ିକୁ ଆପଣାର କରିପାରିଥିଲେ। ଅପରପକ୍ଷରେ ତାଙ୍କ ଭିତରେ ଦୁଃସାହସିକତା ତଥା ନିର୍ଭୀକତା ପରି ତେଜୋଦୀପ୍ତ ଗୁଣାବଳୀର ସମାହାର ସହଜାତ ଥିଲା। ଏହି ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସିକ ବୈମାନିକ, ଲୋକପ୍ରିୟ ରାଜନୀତିଜ୍ଞ ଓ ସମାଜସେବୀ ଭାବରେ ନିଜ ଭୂମିକାର ସଫଳ ସଂପାଦନା କରିବା ସହିତ ସୁପ୍ତ ଓଡ଼ିଆ ମନରେ ଜାତିପ୍ରେମର ବହ୍ନି ପ୍ରଜ୍ୱଳନ କରିବାରେ ସକ୍ଷମ ହୋଇଥିଲେ। ନିଜ ସମୟର ଓଡ଼ିଶାକୁ ଅତୀତର କଳିଙ୍ଗ ଓ ନିଜକୁ ଖାରବେଳକୁ ଦାୟାଦ ରୂପେ ପରିଚୟ ପ୍ରଦାନ କରି ଏକ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ସେ ସର୍ବଦା ଚେଷ୍ଟାରତ ଥିଲେ। ବୁଧବାର ବିଧାନସଭା ପରିସରରେ ବିଜୁ ବାବୁଙ୍କ ୧୦୯ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ମନ୍ତ୍ରୀ ରବିନାରାୟଣ ନାୟକ, ଉପମୁଖ୍ୟ ସଚେତକ ଗୋବିନ୍ଦଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ବାବୁ ସିଂ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ବିଜୁବାବୁ...

ମହିଳା ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଚିନ୍ତାଧାରା ଥିଲା ଅନନ୍ୟ। ଆଜି ଆମ ସରକାର ବିଜୁ ବାବୁଙ୍କ ସେହି ପଥକୁ ଅନୁସରଣ କରୁଛି । ତାଙ୍କ ମାର୍ଗରେ ପରିଚାଳିତ ହୋଇ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ବିଜୁ ବାବୁଙ୍କ ମହିଳା ସଶକ୍ତିକରଣର ସ୍ୱପ୍ନକୁ ସାକାର କରିବାକୁ ଯାଉଛୁ । ଗାଁର ବିକାଶରେ ରାଜ୍ୟର ବିକାଶ – ଏହା ଥିଲା ବିଜୁ ବାବୁଙ୍କ ମତ। ସେଥିପାଇଁ ସେ ନାରା ଦେଇଥିଲେ, ଗାଁ କୁ କାମ, ମା କୁ ସମ୍ମାନ। ଯଦି ବିଜୁ ବାବୁଙ୍କ ଏହି ଉକ୍ତି ଉପରେ ସଠିକ୍ କାମ ହୋଇଥାନ୍ତା, ତେବେ ଆମେ ନିଶ୍ଚିତ ଭାବେ ବହୁ ଆଗକୁ ଯାଇପାରିଥାନ୍ତେ ଏବଂ ଗାଁର ଅର୍ଥନୀତି ସୁଦୃଢ଼ ହୋଇପାରିଥାନ୍ତା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଯେଉଁମାନେ ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ପ୍ରଚାର କରୁଥିଲେ, ସେମାନେ ଏହାକୁ ବାସ୍ତବରେ କାର୍ଯ୍ୟକାରୀ କଲେ ନାହିଁ । ଆଜି ଆମେ ଗାଁର ବିକାଶ ପାଇଁ ଯାହା ଆବଶ୍ୟକ, ତାକୁ ସବୁ କରୁଛୁ ଏବଂ ଆଗାମୀ ଦିନରେ ମଧ କରିବୁ । ଏଥିପାଇଁ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା କାର୍ଯ୍ୟକାରୀ କରାଯାଇ ୫ ବର୍ଷରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନା ଜରିଆରେ ବିଜୁ ବାବୁଙ୍କ ଗାଁର ବିକାଶ ସ୍ୱପ୍ନ ପୂରଣ ହୋଇପାରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ପାଇଛୁ । ଆଗାମୀ ଦିନରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାକୁ ଆମର ଉଦ୍ୟମକୁ ଆହୁରି ଯୋରଦାର କରାଯାଇ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରାଯିବ । ପଞ୍ଚାୟତିରାଜ ବ୍ୟବସ୍ଥାରେ ବିଜୁ ବାବୁଙ୍କ ଦୃଢ ବିଶ୍ୱାସ ଥିଲା ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ପଞ୍ଚାୟତ ପ୍ରତିନିଧି ବା ସରପଞ୍ଚ ମାନଙ୍କୁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ ଦୃଷ୍ଟିରେ ଦେଖୁଥିଲେ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ଭଙ୍ଗା ଘଟଣା ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ଏ ଘଟଣା ଉପରେ ସରକାର ପଦକ୍ଷେପ ନେଇ ୩ ଜଣଙ୍କୁ ଗିରଫ କରାଯାଇଛି । ବିଜୁ ବାବୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'କଳିଙ୍ଗ ଫୁଟବଲ କପ୍' ପୁନର୍ବାର ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହିତ ବିଜୁ ବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ୟୁନେସ୍କୋ କଳିଙ୍ଗ ପୁରସ୍କାର ପ୍ରଦାନ ଜାରି ରହିବ ବୋଲି କହିଥିଲେ । ଏହି ଅବସରରେ ବିଜୁ ବାବୁଙ୍କ ଜୀବନୀ ସଂପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ଓ ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ବିଜୁ ବାବୁଙ୍କ ସହିତ ତାଙ୍କର ବ୍ୟକ୍ତିଗତ ରାଜନୈତିକ ଅନୁଭବକୁ ବର୍ଣ୍ଣନା କରି କହିଥିଲେ ଯେ ବିଜୁ ବାବୁ ସବୁବେଳେ ତୃଣମୂଳ ସ୍ତରର ଲୋକଙ୍କ ସେବା କରିବା ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ ଯେ ବିଜୁ ପଟ୍ଟନାୟକ ଏକ ନାଁ ନୁହେଁ, କିମ୍ବା ଗୋଟିଏ ଅନୁଷ୍ଠାନ ନୁହେଁ, ସେ ଥିଲେ ଅନେକ ଅନୁଷ୍ଠାନର ସମାହାର। ତାଙ୍କ ନୀତି ଓ ଆଦର୍ଶକୁ ଆମେ ସମସ୍ତେ ଅନୁସରଣ କରିବା ଆବଶ୍ୟକ । ବିଜୁ ବାବୁଙ୍କ ସ୍ମୃତିଚାରଣ କରି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ କହିଲେ ଯେ ପ୍ରତିକୂଳ ପରିସ୍ଥିତିରେ ଜୀବନର ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ବିଜୁ ବାବୁ ନିଜ ପାଇଁ ଓ ରାଜ୍ୟ ପାଇଁ ଅନେକ ଗୌରବ ଆଣିଥିଲେ। ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଜୁ ବାବୁ ଯେଉଁ ଉଦ୍ୟମ କରିଥିଲେ, ତାର ତୁଳନା ନାହିଁ । ଆଜିର ନୂଆ ସରକାର ମଧ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ଠାର ସହିତ କାମ କରୁଛି । ଓଡିଶାର ବିକାଶ ପାଇଁ ବିଜୁ ବାବୁ ଯେଉଁ ମୂଳଦୁଆ ପକାଇଥିଲେ, ଆଜିର ସରକାର ସେସବୁକୁ ଆଗେଇ ନେବା ପାଇଁ ଉଦ୍ୟମ କରି ଠିକ୍ ରାସ୍ତାରେ ଅଗ୍ରଗତି କରୁଛି ବୋଲି ଶ୍ରୀ ଘଡାଇ କହିଥିଲେ । ଏକାମ୍ର ବିଧାୟକ ବାବୁ ସିଂ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରି ଓଡିଶାରେ ମହିଳା ମାନଙ୍କୁ ରାଜନୀତିକୁ ଆଣିବାରେ ବିଜୁ ବାବୁଙ୍କର ଶ୍ରେଷ୍ଠ ଅବଦାନ ରହିଛି ବୋଲି ସେ କହିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ ସ୍ୱାଗତ ଭାଷଣ ଦେଇଥିଲେ ।

### ବିଜୁବାବୁଙ୍କ ଅବଦାନ...

ଗର୍ବରେ ଫୁଲି ଉଠେ । ମନରେ ସାହସ ଆସେ । ଏବଂ ଆଖି ଆଗରେ ସାହସ ଓ କରୁଣା ରେ ପରିପୂର୍ଣ୍ଣ ବିଶାଳ ହୃଦୟ ଥିବା ଟଲ୍ ମ୍ୟାନ୍‌ଙ୍କ ଛବି ଭାସି ଆସେ । ସେ ଥିଲେ ସାଢେ ଚାରି କୋଟି ଓଡ଼ିଆଙ୍କ ବିଶ୍ୱାସର ସ୍ତମ୍ଭ । ଶ୍ରୀ ପଟନାୟକ କହିଥିଲେ ଯେ ସରକାର ଆସିବ, ଯିବ । କିନ୍ତୁ ବିଜୁ ବାବୁ ସାଢେ ଚାରି କୋଟି ଓଡ଼ିଆଙ୍କ ହୃଦୟରେ ରହିଛନ୍ତି ଓ ରହିଥିବେ । ତାଙ୍କ କାମ ପାଇଁ ଓଡ଼ିଆ ଜାତି ସବୁବେଳେ ଗର୍ବ କରୁଛି ଓ କରୁଥିବ ଏବଂ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ଯୋଗାଉଥିବ। ବିଜୁ ବାବୁଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ ନ କରିବା ପାଇଁ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ରଖି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଦୁର୍ଭାଗ୍ୟର କଥା, କ୍ଷମତାକୁ ଆସିବାର ଠିକ ପରେ ପରେ ବିଜେପି ସରକାର ବିଜୁ କ୍ରୀଡା ପୁରସ୍କାରର ନାମ ବଦଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପ୍ରବଳ ଜନ ପ୍ରତିକ୍ରିୟା ପରେ ନିଷ୍ପତ୍ତିରୁ ଓହରିଲେ। ଏବେ ସେହିପରି ସାରା ରାଜ୍ୟରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଯାଉଛି। କିନ୍ତୁ ଅପରାଧୀଙ୍କୁ ଧରିବା ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଗତ ତିରିଶ ବର୍ଷ ହେଲା ୧୯୯୩ରୁ ଓଡିଶାବାସୀ ବିଜୁ ବାବୁଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ କରି ଆସୁଥିଲେ। କିନ୍ତୁ ଚଳିତ ବର୍ଷ ଏହି ଦିବସକୁ ଅନ୍ୟ ତାରିଖକୁ ଘୁଞ୍ଚାଇବା ପଛରେ ରହସ୍ୟ କଣ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏହାର କଡା ନିନ୍ଦା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଜେପି ସରକାର ଯୋଜନା ଓ ପୁରସ୍କାରର ନାମ, ରଙ୍ଗ ପରିବର୍ତ୍ତନ କରିପାରନ୍ତି, ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିକୁ ବିକୃତ କରିପାରନ୍ତି, ଉତ୍ସବ ତାରିଖ ବଦଳାଇ ପାରନ୍ତି ,କିନ୍ତୁ ବିଜୁ ବାବୁ ଙ୍କ ପ୍ରତି ଥିବା ଲୋକଙ୍କ ଶ୍ରଦ୍ଧା ଓ ଭଲ ପାଇବାକୁ ନେଇଯାଇ ପାରିବେ ନାହିଁ। ବିଜୁ ବାବୁ ଲୋକଙ୍କ ହୃଦୟରେ ଅଛନ୍ତି। ତାକୁ ଆପଣ ପରିବର୍ତ୍ତନ କରି ପାରିବେ କି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏସବୁ ଘଟଣା ବିଜୁ ବାବୁଙ୍କ ପ୍ରତି ଲୋକଙ୍କ ଶ୍ରଦ୍ଧା ଓ ଭଲ ପାଇବାକୁ ଅଧିକ ନିବିଡ଼ କରିଛି ବୋଲି ସେ କହିଥିଲେ। ପୁରୀ ସ୍ୱର୍ଗଦ୍ୱାରରୁ ବିଜୁ ବାବୁଙ୍କ ସମାଧି ହଟା ଯିବା ବିଷୟ ଉଲେଖ କରି ଶ୍ରୀ ପଟ୍ଟନାୟକ କହିଥଲେ, ସ୍ୱର୍ଗଦ୍ୱାର ର ପୁନଃବିନ୍ୟାସ ପାଇଁ ବିଜୁ ବାବୁଙ୍କ ସମାଧି ହଟାଇବା ପାଇଁ ସେ ନିଷ୍ପତ୍ତି ନେଇଥଲେ। କାରଣ ଇଟା,ସିମେଣ୍ଟ ଓ କଂକ୍ରିଟ ଆବରଣ ଭିତରେ ନୁହେଁ ,ବିଜୁ ବାବୁଙ୍କ ସ୍ଥାନ ଓଡିଶା ବାସୀଙ୍କ ହୃଦୟରେ। ପଞ୍ଚାୟତିରାଜ ଦିବସ ପାଳନ ମାର୍ଚ୍ଚ ୫ ପରିବର୍ତ୍ତେ ଅନ୍ୟ ତାରିଖକୁ ଘୁଞ୍ଚାଇବାକୁ ନିନ୍ଦା କରି ଶ୍ରୀ ପଟ୍ଟନାୟକ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ଏହା କଣ ବିଜୁ ବାବୁଙ୍କ ଲିଗାସିକୁ ଲିଭାଇବାକୁ ଏକ ଉଦ୍ୟମ କି ? ସ୍ୱାଧୀନତା ସଂଗ୍ରାମରେ ବିଜୁ ବାବୁଙ୍କ ଅବଦାନକୁ ଆପଣ କଣ ଲିଭାଇ ପାରିବେ ବୋଲି ସେ ପ୍ରଶ୍ନ କରିଛନ୍ତି. ବର୍ତ୍ତମାନ ବିଜୁ ପଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରର ନାମ ପରିବର୍ତ୍ତନ ପାଇଁ ସରକାର ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ର ସହ କହିଥିଲେ। କେତେ ଯୋଜନାରୁ ସରକାର ବିଜୁ ବାବୁଙ୍କ ନାମ ହଟାଇ ପାରିବେ ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିବା ସହ ଏହା ସରକାରଙ୍କ ସଂକୀର୍ଣ୍ଣ ମନୋଭାବ ଓ ଅପରିପକ୍ୱ ରାଜନୀତି ର ପରିଚୟ ଦେଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ବିଜୁ ବାବୁ କେବଳ ରାଜ୍ୟ ବା ଜାତୀୟ ସ୍ତରର ନେତା ନ ଥିଲେ, ସେ ଜଣେ ବିଶ୍ୱ ନେତା ଥିଲେ. ସେ ଥିଲେ ଦେଶ ର ଗର୍ବ। ତାଙ୍କ ଲିଗାସିକୁ ଲିଭାଇବା ସହଜ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ପଞ୍ଚାୟତ ବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ସେଥିରେ ମା ମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କରି ବିଜୁ ବାବୁ ଦେଶରେ ଇତିହାସ ସୃଷ୍ଟି କରିଥିଲେ । କ୍ଷମତା ର ବିକେନ୍ଦ୍ରିକରଣ ଉପରେ ସେ ଜୋର ଦେଉଥିଲେ । ସରପଞ୍ଚଙ୍କୁ ସେ ଗାଁର ମୁଖ୍ୟମନ୍ତ୍ରୀ ବୋଲି କହୁଥିଲେ । ଏକ ସଶକ୍ତ ପଞ୍ଚାୟତିରାଜ ବ୍ୟବସ୍ଥା ପାଇଁ ଏହା ଥିଲା ବିଜୁ ବାବୁଙ୍କ ପ୍ରତିବଦ୍ଧତାର ନିଦର୍ଶନ ବୋଲି ଶ୍ରୀ ପଟ୍ଟନାୟକ କହିଥଲେ ।

# ରାଜା ଚକ୍ରଙ୍କ ୮ ସ୍ଥାନରେ ଜାରି ରହିଛି ରେଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗନ୍ଧମାର୍ଦନ ଲୋଡ଼ିଂ ଆଣ୍ଡ କୋପରିଟିଭ ସୋସାଇଟିରେ ୧୦୦କୋଟିର ଘୋଟାଲା ମାମଲା । ଦ୍ୱିତୀୟ ଦିନରେ ଇଓଡବ୍ଲ୍ୟୁର ଚଢାଉ ଜାରି ରହିଛି । ରାଜା ଚକ୍ର ଓରଫ ସୌମ୍ୟ ଶଙ୍କର ଚକ୍ରଙ୍କ ୮ରୁ ଅଧିକ ସ୍ଥାନରେ ଚଢ଼ାଉ କରିଛି ଇଓଡବ୍ଲ୍ୟୁ । କେନ୍ଦୁଝର, ଗୋପାଳପୁର, ଭୁବନେଶ୍ୱର, କୋଇଡା ଏବଂ ଧାମରା ସମେତ ୮ରୁ ଅଧିକ ସ୍ଥାନରେ ରେଡ । ୨୦ରୁ ଅଧିକ ଗାଡି ଏବଂ ୨୫ଟି ଆକାଉଣ୍ଟ ଗତକାଲି ଠାବ କରିଥିଲା ଇଓଡବ୍ଲୁ । କଣ୍ଟ୍ରାକ୍ଟର ତଥା ରାଜା ଚକ୍ରଙ୍କ ସହଯୋଗୀ ସୁଧାଂଶୁ ଶେଖର ନାୟକଙ୍କୁ ୮ଘଣ୍ଟାରୁ ଅଧିକ ସମୟ ଧରି ଜେରା କରି ଛାଡିଥିଲା ଇଓଡବ୍ଲ୍ୟୁ।


AFFIDAVIT

By virtue of an affidavit in the Court of the Executive Magistrate, Nimapara, I Duryodhan Mallick, S/o- Banamber Mallick, resident of At/Post- Bishnupur, PS- Nimapara, Dist- Puri, declares that my actual name is Duryodhan Mallick which is reflected in voter Identity Card and other important documents. But wrongly mentioned as Duryodhan Sahoo, S/o- Banamber Sahoo in Driving Licence. Duryodhan Mallick & Duryodhan Sahoo is same and one person myself. This affidavit is to be produced as and when required for necessary action.

**Sd/- Duryodhan Mallick**



ଇ-ନିଲାମ ନୋଟିସ୍

**ନଂ: ସିଓଏମ୍.୧୮/ଏନଏଫଆର/ଇ-ନିଲାମ କ୍ୟାଟାଲଗ/ମାର୍ଚ୍ଚ/୨୫, ତାରିଖ: ୦୪.୦୩.୨୦୨୫**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ବରିଷ୍ଠ ବାଣିଜ୍ୟିକ ପରିଚାଳକ ଚକ୍ରଧରପୁର ଡିଭିଜନରେ ପାର୍କିଂ ସମ୍ପତ୍ତି ପାଇଁ ଇ-ନିଲାମ ଆମନ୍ତ୍ରଣ କରୁଛନ୍ତି। ଏହି ସମ୍ବନ୍ଧରେ ଇ-ନିଲାମ ନୋଟିସ୍ ଡ୍ରାଫ୍ଟ ସଂଲଗ୍ନ କରାଯାଇଛି। ଯାହା https:/www.ireps.gov.in ୱେବସାଇଟରେ ସୂଚିତ କରାଯାଇଛି। ଇ-ନିଲାମର ବିବରଣୀ ନିମ୍ନଲିଖିତ : କ୍ରମିକ ନଂ. (୧), ବର୍ଗ: ପାର୍କିଂ, କ୍ୟାଟାଲଗ୍ ନଂ.: ପାର୍କିଂ ଆରଓୟୁ-୧-୨୫, ନିଲାମ ତାରିଖ: ୧୮.୦୩.୨୦୨୫, ନିଲାମ ଆରମ୍ଭ ସମୟ: ୧୧:୩୦ ଘଣ୍ଟା, ନିଲାମ ବନ୍ଦ ସମୟ: ୧୨:୦୦ ଘଣ୍ଟା। ଆଗ୍ରହୀ ପକ୍ଷମାନେ ଏହା ଉପରେ ଧ୍ୟାନ ଦିଅନ୍ତୁ ଏବଂ ୱେବସାଇଟର ବିବରଣୀ ଏବଂ ଇ-ନିଲାମ ନୋଟିସ୍ ସମ୍ବନ୍ଧୀୟ ସୂଚନା ପାଇଁ ଉପରେ ଉଲ୍ଲେଖିତ ୱେବସାଇଟ୍ ଦେଖନ୍ତୁ। ଯଦି କୌଣସି ପ୍ରଶ୍ନ / ସ୍ପଷ୍ଟୀକରଣ ଅଛି, ଦୟାକରି ନିମ୍ନ ସ୍ୱାକ୍ଷରିତଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।

(PR-1204) ସିନିୟର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର / ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ଖୁସିର ସହିତ ସେବା ଯୋଗାଉ



कार्यालय कार्यपालन अभियंता, हसदेव बरॉज जल प्रबंध संभाग, रामपुर/कोरबा जिला-कोरबा (छ.ग.)

दूरभाष क्रमांक (कार्यालय) 07759-221052 फैक्स क्रमांक 07759-221014 ईमेल eebwmkora.cgwnd.in

निरस्तीकरण सूचना

| स.क्र. | कार्य का नाम | निविदा सूचना क्रमांक | सिस्टम नम्बर | पुराना प्रकाशन नम्बर |
|---|---|---|---|---|
| 01 | करमा वितरक नहर के प्रोटेक्शन वर्क बैंक राईजिंग एवं सी.सी. लाईनिंग का निर्माण कार्य। | 07/व.ले. लि. दिनांक 21.02.2024 | 153078 | Old G. N. 07987/1 |
| 02 | खैरभवना वितरक नहर के प्रोटेक्शन वर्क बैंक राईजिंग एवं सी.सी. लाईनिंग का निर्माण कार्य। | 07/व.ले. लि. दिनांक 21.02.2024 | 153079 | Old G. N. 07987/1 |
| 03 | तरदा वितरक नहर के प्रोटेक्शन वर्क बैंक राईजिंग एवं सी.सी. लाईनिंग का निर्माण कार्य। | 07/ व.ले. लि. दिनांक 21.02.2024 | 153080 | Old G. N. 07987/1 |
| 04 | हसदेव आर.डी. 14000 मी. से 25000 मी. तक सी.सी. लाईनिंग एवं सुधार एवं मरम्मत कार्य। | 04/व.ले.लि. दिनांक 06.12.2024 | 162307 | Old G.N. 242504491/3 |
| 05 | हसदेव आर.डी. 1300 मी. से 2300 मी के क्षतिग्रस्त के सी.सी. लाईनिंग का निर्माण कार्य। | 04/व. ले.लि. 2024-25 दिनांक 06.12.2024 | 162309 | Old G.N. 242504491/3 |
| 06 | सिचाई कालोनी दर्री कोरबा के सेप्टिक टैंक नाली एवं पुलिया का मरम्मत एवं जीर्णोद्धार कार्य। | 02/व.ले.लि. 2024-25 दिनांक 09.10.2024 | 159523 | Old G.N. 242503089/3 |

उपरोक्त निविदाओं को अपरिहार्य कारणों से निरस्त किया जाता है।
सहपत्र-एक प्रपत्र

कार्यपालन अभियंता
हसदेव बराज जल प्रबंध संभाग
रामपुर/कोरबा

G-242505712/ 8



C-

Tel-06792-252703
Website: www.baripadamunicipality.in
e-mail: baripadam.hud@nic.in

ବାରିପଦା ପୌରପାଳିକା
ବାରିପଦା, ମୟୂରଭଞ୍ଜ – ୭୫୭୦୦୧

ନିଲାମସଂଖ୍ୟା 929 / ତା।04.03.2025 ରିଖ

## ନିଲାମ ଇସ୍ତାହାର

ବାରିପଦା ପୌରପରିଷଦ ଅନ୍ତର୍ଗତ "ତିନି କୋଣିଆ ଦୋଳି ପଡିଆ"କୁ ତା.୧/୪/୨୦୨୫ରିଖ ଠାରୁ ତା.୩୧/୩/୨୦୨୬ ରିଖ (ଏକ ବର୍ଷ) ପର୍ଯ୍ୟନ୍ତ ନିଲାମ ଦିଆଯିବା ପାଇଁ ସ୍ଥିର କରାହୋଇଅଛି | ଇଚ୍ଛୁକ ବ୍ୟକ୍ତି/ ଅନୁଷ୍ଠାନ ପୌରପରିଷଦର ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ତା.୫/୩/୨୦୨୫ରିଖ ଠାରୁ ତା. ୧୭/୩/୨୦୨୫ରିଖ ମଧ୍ୟରେ online ମାଧ୍ୟମରେ ଫର୍ମ download କରିପାରିବେ | ଅଧିକ ବିବରଣୀ ଜାଣିବା ପାଇଁ Municipality Website-www.baripadamunicipality.inରେ ଅନୁସନ୍ଧାନ କରିପାରିବେ | ଧାର୍ଯ୍ୟ ତାରିଖ ଓ ସମୟ ଗତେ ପ୍ରାପ୍ତ ନିବିଦା ଗୁଡିକ ବିଚାରଯୋଗ୍ୟ / ଗ୍ରହଣଯୋଗ୍ୟ ହେବ ନାହିଁ |

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ,
ବାରିପଦା, ପୌର ପରିଷଦ

OIPR 13078/11/0027/2425



A-1168

GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA
Notice Invitation of Tenders
e-Procurement Notice No.- 10 / 2024-25 on dated 03.03.2025
E-mail Id: eenidnimapara@gmail.com
****

1. Type of Work: - Building, Saline Embankment, River Embankment & Canal Works.
2. Total No. of Work: - **54 (Fifty Four) Nos.**
3. Estimated Cost: - **Varies from Rs. 7.85** to **Rs. 49.35 Lakhs**
4. Period of Completion: **- 90 to 120 days**

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids on line. |
|---|---|---|---|
| Superintending Engineer, Nimapara Irrigation Division, Nimapara | NID- 163 / 2024-25 to NID- 216 / 2024-25 | Rs. 7.85 to Rs. 49.35 | From 07.03.2025 10.00 A.M. to 16.03.2025 5.30 P.M. |

Date of opening of the Bid: **- 17.03.2025 at 11.00 A.M.**
Further details can be seen from the Govt. Website www.tendersodisha.gov.in

Sd/-
Superintending Engineer
Nimapara Irrigation Division
Nimapara

OIPR 32097/11/0017/2425



C-

OFFICE OF THE MUNICIPAL COUNCIL: BALANGIR
Address:-Office of the Municipal Council, Balangir, Opp of Rajendra Park, Balangir, Pin-767001,
Ph. No.06652-232790 E- Mail id-bgrmc1972@gmail.com

Letter No. 946 /BM/ Date. 28.02.2025

QUOTATION CALL NOTICE FOR SUPPLY AND INSTALLATION OF SOLAR LIGHT FOR BALANGIR MUNICIPALITY AREA

Sealed quotation are invited from intending registered Firms/Dealer/supplier/Agency having valid PAN No, & GST regd. no for Supply and Installation of 20 Watt white LED type Solar Street Light on 8 mtr. pole for Balangir Municipality area on terms & conditions mentioned in the standard bidding document in format prescribed therein, so as to reach this office on or before Dt.12.03.2025 up to 5.30PM through Regd. Post/ speed Post to Office of the Balangir Municipality, Odisha, Balangir-767001.

The Standard Bidding document terms & conditions etc. (Annexure-1 & 2) can be downloaded from the website www.balangir.nic.gov.in & www.balangirmunicipality.in

All bids shall be opened at 11.30 AM on Dt.13.03.2025 in presence of bidders or their authorized representative in the Conference Hall, Balangir Municipality, Balangir.

The authority reserved the right to accept or reject all the bidders without assigning any reason thereof.

Sd/-Executive Officer
Balangir Municipality

OIPR 13169/11/0038/2425



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଜୟନ୍ତୀ ଅବସରରେ ମନେ ପକାଇଛନ୍ତି । ସେ ଓଡ଼ିଶାର ବିକାଶ ତଥା ଜନସାଧାରଣଙ୍କ ସଶକ୍ତିକରଣ ଦିଗରେ ତାଙ୍କର ଅବଦାନକୁ ସ୍ମରଣ କରିଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ କରି ଲେଖିଛନ୍ତି "ବିଜୁ ବାବୁଙ୍କୁ ତାଙ୍କ ଜୟନ୍ତୀ ଅବସରରେ ମନେ ପକାଉଛି । ଓଡ଼ିଶାର ବିକାଶ ତଥା ଲୋକମାନଙ୍କୁ ସଶକ୍ତ କରିବା ଦିଗରେ ତାଙ୍କର ଅବଦାନକୁ ଆମେ ସମ୍ମାନପୂର୍ବକ ସ୍ମରଣ କରୁଛୁ । ସେ ଗଣତାନ୍ତ୍ରିକ ଆଦର୍ଶ ପ୍ରତି ମଧ୍ୟ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଥିଲେ ଏବଂ ଜରୁରୀକାଳୀନ ପରିସ୍ଥିତିକୁ ଦୃଢ଼ ବିରୋଧ କରିଥିଲେ।"

# ନବସୃଜନରେ ନିବେଶ ଶୀର୍ଷକ ୱେବିନାରକୁ ମୋଦୀଙ୍କ ସମ୍ବୋଧନ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଭିଡିଓ କନଫରେନ୍ସିଂ ଜରିଆରେ ନିଯୁକ୍ତି ଉପରେ ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ସେ ୱେବିନାରର ବିଷୟବସ୍ତୁ 'ଜନତା, ଅର୍ଥନୀତି ଏବଂ ନବସୃଜନରେ ନିବେଶ' ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନେକ ଦଶନ୍ଧି ପରେ ଭାରତର ଶିକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟୁଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି। ୨୦୧୪ ମସିହାରୁ ସରକାର ୩ କୋଟିରୁ ଅଧିକ ଯୁବକଯୁବତୀଙ୍କୁ ଦକ୍ଷତା ତାଲିମ ପ୍ରଦାନ କରିଛନ୍ତି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ୧୦୦୦ ଆଇଟିଆଇ ର ଉନ୍ନତିକରଣ ଏବଂ ୫ଟି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ବିଷୟରେ ଉଲ୍ଲେଖ କରିଥିଲେ। ଚିକିତ୍ସା କ୍ଷେତ୍ର ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଏହି ବଜେଟରେ ୧୦,୦୦୦ ନୂତନ ମେଡିକାଲ ସିଟ୍ ଯୋଡ଼ିବା ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଚିକିତ୍ସା କ୍ଷେତ୍ରରେ ୭୫,୦୦୦ ସିଟ୍ ଯୋଡ଼ିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିଗତ ଦଶନ୍ଧି ମଧ୍ୟରେ ଅର୍ଥବ୍ୟବସ୍ଥାରେ ନିବେଶ ଏକ ଭବିଷ୍ୟତ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ୨୦୪୭ ସୁଦ୍ଧା ଭାରତର ସହରାଞ୍ଚଳ ଜନସଂଖ୍ୟା ପାଖାପାଖି ୯୦ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଅର୍ଥବ୍ୟବସ୍ଥାରେ ନିବେଶ ବିଷୟରେ ଆଲୋଚନା କରିବା ସମୟରେ ପର୍ଯ୍ୟଟନ କ୍ଷେତ୍ରର ସମ୍ଭାବନା ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ପର୍ଯ୍ୟଟନ କ୍ଷେତ୍ରରେ ଭାରତର ଜିଡିପିର ୧୦ ପ୍ରତିଶତ ପର୍ଯ୍ୟନ୍ତ ଯୋଗଦାନ କରିବାର କ୍ଷମତା ରହିଛି ଏବଂ କୋଟି କୋଟି ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର କ୍ଷମତା ରହିଛି। ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ସେ ବଜେଟରେ ଅନେକ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ। ପର୍ଯ୍ୟଟନ ହୋଟେଲ ଏବଂ ପରିବହନ ଶିଳ୍ପ ବ୍ୟତୀତ ଅନ୍ୟ କ୍ଷେତ୍ରକୁ ମଧ୍ୟ ସୁଯୋଗ ପ୍ରଦାନ କରିଥାଏ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ କ୍ଷେତ୍ରର ଅଂଶୀଦାରମାନଙ୍କୁ ସ୍ୱାସ୍ଥ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ନିବେଶ କରିବାକୁ ଅନୁରୋଧ କରିଥିଲେ। 'ରାଷ୍ଟ୍ରର ଭବିଷ୍ୟତ ନବସୃଜନ କ୍ଷେତ୍ରରେ ନିବେଶ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ', ଶ୍ରୀ ମୋଦୀ କହିଥିଲେ ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଭାରତର ଅର୍ଥବ୍ୟବସ୍ଥାରେ ଅନେକ ଲକ୍ଷ କୋଟି ଟଙ୍କା ଯୋଗଦାନ କରିବାର କ୍ଷମତା ରହିଛି। 'ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ପରିଣତ ହୋଇଛି' ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଫେବୃଆରୀ ୨୦୨୫ ରେ ଭାରତର ଅର୍ଥବ୍ୟବସ୍ଥା ବିଷୟରେ ଆଇଏମଏଫ ଦ୍ୱାରା କରାଯାଇଥିବା ଉଲ୍ଲେଖନୀୟ ପର୍ଯ୍ୟବେକ୍ଷଣକୁ ଉଲ୍ଲେଖ କରି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ୨୦୧୫ ରୁ ୨୦୨୫ ମଧ୍ୟରେ ଭାରତର ଅର୍ଥବ୍ୟବସ୍ଥା ୬୬ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ଅଭିବୃଦ୍ଧି ଅନେକ ପ୍ରମୁଖ ଅର୍ଥବ୍ୟବସ୍ଥାକୁ ଅତିକ୍ରମ କରିଛି ଏବଂ ସେହି ଦିନ ଆଉ ଦୂର ନୁହେଁ ଯେତେବେଳେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ ହେବ।

# ସଂଶୋଧିତ ପ୍ରାଣୀଧନ ସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ପ୍ରାଣୀଧନ ସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସଂଶୋଧନକୁ ଅନୁମୋଦନ କରିଛି। ଏହି ଯୋଜନାରେ ତିନୋଟି ଉପାଦାନ ରହିଛି ଯେମିତି ଜାତୀୟ ପ୍ରାଣୀଧନ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏବଂ ପଶୁ ଔଷଧି। ପ୍ରାଣୀଧନ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ବିଦ୍ୟମାନ ପ୍ରାଣୀଧନ ଡାକ୍ତରଖାନା ଏବଂ ଔଷଧାଳୟର ପ୍ରତିଷ୍ଠା ଏବଂ ସୁଦୃଢ଼ୀକରଣ - ଭ୍ରାମ୍ୟମାଣ ପ୍ରାଣୀଧନ ୟୁନିଟ୍ ଏବଂ ପ୍ରାଣୀଧନ ରୋଗ ନିୟନ୍ତ୍ରଣ ପାଇଁ ରାଜ୍ୟମାନଙ୍କୁ ସହାୟତା। ପଶୁ ଔଷଧି ହେଉଛି ଏଲ୍ଏଚ୍‌ଡିସିପି ଯୋଜନାରେ ଯୋଡ଼ାଯାଇଥିବା ନୂତନ ଉପାଦାନ। ଯୋଜନାର ମୋଟ ବ୍ୟୟ ଅଟକଳ ୩୮୮୦ କୋଟି ଟଙ୍କା, ଯେଉଁଥିରେ ଦୁଇ ବର୍ଷ ଅର୍ଥାତ୍ ୨୦୨୪-୨୫ ଏବଂ ୨୦୨୫-୨୬ ପାଇଁ ୨ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହି ବ୍ୟୟ ଅଟକଳରେ ଉତ୍ତମ ଗୁଣବତ୍ତା ଏବଂ ସୁଲଭ ଜେନେରିକ୍ ପ୍ରାଣୀଚିକିତ୍ସା ଏବଂ ପଶୁ ଔଷଧି ଯୋଜନା ଅଧୀନରେ ଔଷଧ ବିକ୍ରୟ ପାଇଁ ପ୍ରୋତ୍ସାହନ ପାଇଁ ୭୫ କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି। ପାଦ ଏବଂ ମୁଖ ରୋଗ, ବ୍ରୁସେଲୋସିସ୍, ପେଷ୍ଟ ଡେସ୍ ପେଟିଟ୍ସ ରୁମିନାଣ୍ଟ୍ସ, ସେରେବ୍ରୋସ୍ପାଇନାଲ୍ ଫ୍ଲୁଇଡ୍ , ଗଣ୍ଠି ଚର୍ମ ରୋଗ ଭଳି ରୋଗ ଯୋଗୁଁ ପ୍ରାଣୀଧନର ଉତ୍ପାଦକତାରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଏଲ୍ଏଚ୍‌ଡିସିପି କାର୍ଯ୍ୟକାରୀ ହେବା ଦ୍ୱାରା ଟିକାକରଣ ମାଧ୍ୟମରେ ରୋଗକୁ ରୋକି ଏହି କ୍ଷତି ହ୍ରାସ କରାଯାଇପାରିବ। ଏହି ଯୋଜନା ମୋବାଇଲ୍ ପ୍ରାଣୀଚିକିତ୍ସା ୟୁନିଟ୍‌ର ଉପ-ଉପାଦାନ ମାଧ୍ୟମରେ ପ୍ରାଣୀଧନ ସ୍ୱାସ୍ଥ୍ୟସେବାର ଘର ପାଖେ ବିତରଣ ଏବଂ ପ୍ରଧାନମନ୍ତ୍ରୀ-କିଷାନ ସମୃଦ୍ଧି କେନ୍ଦ୍ର ଏବଂ ସମବାୟ ସମିତିଗୁଡ଼ିକର ନେଟୱାର୍କ ମାଧ୍ୟମରେ ଜେନେରିକ୍ ପ୍ରାଣୀ ଚିକିତ୍ସା-ପଶୁ ଔଷଧି ଉପଲବ୍ଧ କରିବାରେ ମଧ୍ୟ ସହାୟତା କରେ। ଏଣୁ ଟିକାକରଣ, ନିରୀକ୍ଷଣ ଏବଂ ସ୍ୱାସ୍ଥ୍ୟସେବା ଭଳି ସୁବିଧାର ଉନ୍ନତିକରଣ ମାଧ୍ୟମରେ ଏହି ଯୋଜନା ପ୍ରାଣୀଧନ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣରେ ସାହାଯ୍ୟ କରିବ। ଏହା ସହିତ, ଏହି ଯୋଜନା ଉତ୍ପାଦକତା ବୃଦ୍ଧିକରିବ ଏବଂ ନିଯୁକ୍ତି ସୃଷ୍ଟି କରିବ। ଗ୍ରାମାଞ୍ଚଳରେ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ସହ ରୋଗ ବୋଝ ଯୋଗୁଁ ଚାଷୀମାନଙ୍କର ଆର୍ଥିକ କ୍ଷତିକୁ ରୋକିବାରେ ସହାୟକ ହେବ ଏହି ଯୋଜନା।

## କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରି

# ଗୋବିନ୍ଦଘାଟରୁ ହେମକୁଣ୍ଡ ସାହିବ ଜି ପର୍ଯ୍ୟନ୍ତ ହେବ ରୋପ୍ ୱେ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ଗୋବିନ୍ଦଘାଟରୁ ହେମକୁଣ୍ଡ ସାହିବ ଜି ପର୍ଯ୍ୟନ୍ତ ୧୨.୪ କିଲୋମିଟର ରୋପୱେ ପ୍ରକଳ୍ପ ନିର୍ମାଣକୁ ମଞ୍ଜୁର କରିଛି । ୨,୭୩୦.୧୩ କୋଟି ଟଙ୍କାର ପୁଞ୍ଜି ବ୍ୟୟରେ ଡିଜାଇନ୍, ବିଲ୍ଡ, ଫାଇନାନ୍ସ, ଅପରେଟ ଆଣ୍ଡ ଟ୍ରାନ୍ସଫର (ଡିବିଏଫଓଟି) ମୋଡରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ବର୍ତ୍ତମାନ ହେମକୁଣ୍ଡ ସାହିବ ଜି ଯାତ୍ରା ଗୋବିନ୍ଦଘାଟଠାରୁ ୨୧ କିଲୋମିଟର ଉଚ୍ଚ ପଦଯାତ୍ରା ଏବଂ ଏହା ପାଦରେ କିମ୍ବା ପୋନି କିମ୍ବା ପାଲକି ଦ୍ୱାରା କରାଯାଉଛି। ତୀର୍ଥଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରିବା ଏବଂ ହେମକୁଣ୍ଡ ସାହିବ ଜୀ ଏବଂ ଫୁଲ ଉପତ୍ୟକାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଦର୍ଶନ କରିବା ଏବଂ ଗୋବିନ୍ଦଘାଟ ତଥା ହେମକୁଣ୍ଡ ସାହିବ ଜୀଙ୍କ ମଧ୍ୟରେ ସୁଗମ ଯୋଗାଯୋଗ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତାବିତ ରୋପୱେ ଯୋଜନା କରାଯାଇଛି। ଏହି ରୋପୱେ ପ୍ରକଳ୍ପ ନିର୍ମାଣ ଏବଂ ପରିଚାଳନା ସମୟରେ ଆନୁଷଙ୍ଗିକ ପର୍ଯ୍ୟଟନ ଶିଳ୍ପ ଯଥା ଆତିଥ୍ୟ, ଭ୍ରମଣ, ଖାଦ୍ୟ ଏବଂ ପାନୀୟ (ଏଫ୍ ଆଣ୍ଡବି) ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବର୍ଷ ସାରା ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସନ୍ତୁଳିତ ସାମାଜିକ-ଅର୍ଥନୈତିକ ବିକାଶ, ତୀର୍ଥଯାତ୍ରୀଙ୍କ ପାଇଁ ଶେଷ ମାଇଲ ଯୋଗାଯୋଗ ବୃଦ୍ଧି ଏବଂ ଏହି ଅଞ୍ଚଳର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଦିଗରେ ରୋପୱେ ପ୍ରକଳ୍ପର ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ହେମକୁଣ୍ଡ ସାହିବ ଜୀ ଉତ୍ତରାଖଣ୍ଡ ରାଜ୍ୟର ଚମୋଲି ଜିଲ୍ଲାରେ ୧୫,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏକ ଅତ୍ୟନ୍ତ ଲୋକପ୍ରିୟ ତୀର୍ଥସ୍ଥଳ । ପବିତ୍ର ସ୍ଥାନରେ ସ୍ଥାପିତ ଗୁରୁଦ୍ୱାର ମେ ରୁ ସେପ୍ଟେମ୍ବର ମଧ୍ୟରେ ବର୍ଷକୁ ପ୍ରାୟ ୫ ମାସ ଖୋଲା ରହିଥାଏ ଏବଂ ବାର୍ଷିକ ପ୍ରାୟ ୧.୫ ରୁ ୨ ଲକ୍ଷ ତୀର୍ଥଯାତ୍ରୀ ଏଠାକୁ ଆସିଥାନ୍ତି । ହେମକୁଣ୍ଡ ସାହିବ ଜିଙ୍କ ଯାତ୍ରା ପ୍ରାଚୀନ ଗଡ଼ୱାଲ ହିମାଳୟରେ ଅବସ୍ଥିତ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀ ଭାବରେ ସ୍ୱୀକୃତିପ୍ରାପ୍ତ ଜାତୀୟ ଉଦ୍ୟାନ ପ୍ରସିଦ୍ଧ ଭ୍ୟାଲି ଅଫ୍ ଫ୍ଲାୱାରର ପ୍ରବେଶ ଦ୍ୱାର ଭାବରେ ମଧ୍ୟ ପରିଚିତ।

# ଅମରନାଥ ଯାତ୍ରା ପାଇଁ ତାରିଖ ଘୋଷଣା

ନୂଆଦିଲ୍ଲୀ: ଅମରନାଥ ଯାତ୍ରା ପାଇଁ ତାରିଖ ଘୋଷଣା କରାଯାଇଛି। ଜୁଲାଇ ୩ ରୁ ଆରମ୍ଭ ହୋଇ ଅଗଷ୍ଟ ୯ ପର୍ଯ୍ୟନ୍ତ ୩୯ ଦିନ ଧରି ଏହି ଯାତ୍ରା ଚାଲିବ। ପଞ୍ଜୀକରଣ ଉଭୟ ଅନଲାଇନ୍ ଏବଂ ଅଫ୍ଲାଇନ୍ ମାଧ୍ୟମରେ ହେବ । ଯାତ୍ରା ସମୟରେ ସରକାରଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଶ୍ରୀମାତା ବୈଷ୍ଣୋଦେବୀ ମନ୍ଦିର ବୋର୍ଡର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପ୍ରତିବର୍ଷ ଅମରନାଥ ଯାତ୍ରା ୪୫ ରୁ ୬୦ ଦିନ ପର୍ଯ୍ୟନ୍ତ ଚାଲିଥାଏ । ହେଲେ ଚଳିତ ବର୍ଷ ଏହାର ଅବଧି କମ କରିଦିଆଯାଇଛି । ଏଥର ଅମରନାଥ ଯାତ୍ରା କେବଳ ୩୮ ଦିନ ପାଇଁ ଚାଲିବ । ଏହି ଯାତ୍ରା ରକ୍ଷାବନ୍ଧନ ଦିନ ସମାପ୍ତ ହେବ । ଅମରନାଥ ଯାତ୍ରା ସମ୍ପର୍କରେ ଟ୍ରଷ୍ଟ ଏବଂ ସରକାରଙ୍କ ପକ୍ଷରୁ ଭକ୍ତମାନଙ୍କ ଖାଦ୍ୟ, ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ନେଇ ସୂଚନା ରହିଛି । ଅମରନାଥ ଶ୍ରାଇନ୍ ବୋର୍ଡର ଅଧ୍ୟକ୍ଷ ଏବଂ ଜମ୍ମୁ-କଶ୍ମୀରର ଏଲଜି ମନୋଜ ସିହ୍ନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଜମ୍ମୁ-କଶ୍ମୀରର ଡିଜିପି ନଳିନ ପ୍ରଭାତ, ମୁଖ୍ୟ ସଚିବ ଅଟଳ ଧୁଲୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ଗୁରୁଦର୍ଶନ ମେଳାରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ବିଷ୍ଣୁଦେବଙ୍କ ନିର୍ଦ୍ଦେଶ

ରାୟପୁର: ବୁଧବାର ଜିରୋଦପୁରୀରେ ଆୟୋଜିତ ବାବା ଗୁରୁ ଘାସୀ ଦାସଙ୍କ ଜନ୍ମସ୍ଥଳିରେ ଗୁରୁ ଦର୍ଶନ ମେଳା ଆୟୋଜନ ହୋଇଛି। ଏହି ମେଳା ଦେଶରେ ପ୍ରସିଦ୍ଧ ବୋଲି ଶ୍ରୀ ସାଏ କହିଛନ୍ତି। ଗତ ୪ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ମେଳା ତିନି ଦିନ ଅର୍ଥାତ ୬ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ମେଳାରେ ପ୍ରତିଦିନ ହଜାରେ ହଜାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ବାବାଙ୍କ ଆଶୀର୍ବାଦ ନେଉଛନ୍ତି। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ନିର୍ଦ୍ଦେଶ ଦେଇଛନ୍ତି। ଏହି ମେଳା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ପୂର୍ବ ବର୍ଷ ମଧ୍ୟ ଏହି ମେଳା ପାଇଁ ୨୫ଲକ୍ଷ ଟଙ୍କା ଦିଆଯାଇଥିଲା। ଏଥିସହ ବାବାଙ୍କ ଜନ୍ମସ୍ଥଳୀର ମୁଖ୍ୟ ପ୍ରବେଶ ଦ୍ୱାରରେ ଥିବା ମୁଖ୍ୟ ମନ୍ଦିରର ସ୍ଥାୟୀ ବିଶ୍ରାମସ୍ଥଳୀ ନିର୍ମାଣ ପାଇଁ ମଧ୍ୟ ଶ୍ରୀ ସାଏ ଘୋଷଣା କରିଥିଲେ। ଶ୍ରୀ ସାଏ କହିଥିଲେ ଯେ, ଏହି ମେଳାରେ ଶ୍ରଦ୍ଧାଳୁମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ସେମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିନେଇ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଗୁରୁ ଦର୍ଶନ ମେଳା କେବଳ ଛତିଶଗଡରେ ପ୍ରସିଦ୍ଧ ନୁହେଁ ବରଂ ସାରା ଦେଶର ଶ୍ରଦ୍ଧାଳୁଙ୍କ ପାଇଁ ଏହା ଏକ ଆସ୍ଥା ଓ ଭକ୍ତିର କେନ୍ଦ୍ର। ଚଳିତବର୍ଷ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କ ଉଦ୍ୟମରେ ଏହାକୁ ଅତ୍ୟନ୍ତ ଭବ୍ୟ ଓ ସୁବ୍ୟବସ୍ଥିତ କରାଯାଇଛି। ଏହି ମେଳାରେ ଶ୍ରଦ୍ଧାଳୁମାନଙ୍କୁ ଆଧ୍ୟାତ୍ମିକ ଅନୁଭବ ମିଳୁଥିବାରୁ ପ୍ରତ୍ୟେକ ଦିନ ହଜାରେ ହଜାରେ ଶ୍ରଦ୍ଧାଳୁଙ୍କ ଲମ୍ବ ଲାଇନ ଲାଗୁଛି। ଏହି ମେଳାରେ କୌଣସି ଶ୍ରଦ୍ଧାଳୁ ହଠାତ୍ କୌଣସି ରୋଗରେ ଆକ୍ରାନ୍ତ ହେଲେ ସେମାନଙ୍କ ତ୍ୱରିତ ଚିକିତ୍ସା ପାଇଁ ସେଠାରେ ହସ୍ପିଟାଲ ଖୋଲାଯାଇଛି। ପୂର୍ବରୁ ଦୁଇଟି ଚିକିତ୍ସା କେନ୍ଦ୍ର ସ୍ଥାପନ କରାଯାଇଥିବା ବେଳେ ଚଳିତବର୍ଷ ଏହାକୁ ବୃଦ୍ଧି କରାଯାଇ ୮ଟି ଚିକିତ୍ସା କେନ୍ଦ୍ର ସ୍ଥାପନ କରାଯାଇଛି।



# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତରେ ବର୍ତ୍ତମାନ ଧନୀ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସର୍ବାଧିକ ଧନୀ ବ୍ୟକ୍ତି ଥିବା ଦେଶଙ୍କ ତାଲିକାରେ ଭାରତ ୪ ନମ୍ବର ସ୍ଥାନରେ ରହିଛି। ଭାରତ ଆଗରେ ଅଛନ୍ତି ଆମେରିକା, ଚୀନ ଓ ଜାପାନ। ସମ୍ପ୍ରତି ପରାମର୍ଶଦାତା ଫାର୍ମ ନାଇଟ୍ ଫ୍ରାଙ୍କର ସଦ୍ୟତମ ଗ୍ଲୋବାଲ୍ ୱେଲ୍ଥ ରିପୋର୍ଟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ନାଇଟ୍ ଫ୍ରାଙ୍କର ରିପୋର୍ଟ ଅନୁସାରେ ବର୍ତ୍ତମାନ ଭାରତରେ ୮୫,୬୯୮ ଜଣ ବ୍ୟକ୍ତିଗତ ଧନୀ ବା ହାଇ ନେଟ୍-ୱର୍ଥ ଇଣ୍ଡିଭିଜୁଆଲ୍ସ ଅଛନ୍ତି।୨୦୨୪ରେ ଏହି ଶ୍ରେଣୀର ଧନୀଙ୍କ ସଂଖ୍ୟା ୪.୪ ପ୍ରତିଶତ ବୃଦ୍ଧି ୨.୩ ନିୟୁତ ହୋଇଛି ବୋଲି ସଦ୍ୟତମ ୱେଲ୍ଥ ରିପୋର୍ଟରୁ ଜଣାପଡ଼ିଛି। ବିଶ୍ୱର ପ୍ରାୟ ୪୦% ହାଇ ନେଟ୍‌ୱର୍ଥ ଇଣ୍ଡିଭିଜୁଆଲ୍ସ ଆମେରିକାରେ ରହୁଛନ୍ତି। ସେହିପରି ଚୀନ ପାଖରେ ବିଶ୍ୱର ୨୦% ଧନୀ ଥିବା ବେଳେ ଜାପାନ ପାଖରେ ମାତ୍ର ୫% ହାଇ ନେଟ୍‌ୱର୍ଥ ଇଣ୍ଡିଭିଜୁଆଲ୍ସ ଅଛନ୍ତି। ଆମେରିକା ଓ ଚୀନର ଏହି ପ୍ରାଧାନ୍ୟ ସତ୍ତ୍ୱେ, ଭାରତରେ ଉଚ୍ଚ ନେଟ୍‌ୱର୍ଥ ବ୍ୟକ୍ତି ସଂଖ୍ୟାବୃଦ୍ଧି ଘଟିଛି। ଦେଶର ଆର୍ଥିକ ଗତିଶୀଳତା ଏବଂ ରିସ୍କ ଟେକିଂ ଆବିଲିଟି ବିଶେଷକରି ଉଦୀୟମାନ ବଜାରଗୁଡ଼ିକରେ ବୃଦ୍ଧି ଯୋଗୁ ଭାରତରେ ଉଚ୍ଚ ନେଟ୍‌ୱର୍ଥ ଲୋକଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ପାଉଛି।

# ଟାଟା ପାୱାରର ଲାଇନ୍‌ମ୍ୟାନ୍ ସମ୍ମାନିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱାର ଓଡ଼ିଶା ଓ ଦିଲ୍ଲୀ ଡିସ୍କମ୍‌କୁ ଜାତୀୟ ସ୍ତରରେ ମାନ୍ୟତା ମିଳିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଲାଇନ୍‌ମ୍ୟାନ୍ ଦିବସ ୨୦୨୫ରେ ଟାଟା ପାୱାର୍ ଓଡିଶା ଏବଂ ଦିଲ୍ଲୀ ଡିସକମ୍‌ର ଲାଇନମ୍ୟାନମାନେ କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷ (ସିଇଏ)ଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। କମ୍ପାନି ଓଡିଶା, ଦିଲ୍ଲୀ, ମୁମ୍ବାଇ ଏବଂ ଆଜମେରରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଛି। ଏହି ଅଂଚଳଗୁଡ଼ିକରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହା ୧୨.୫ ନିୟୁତ ବିଦ୍ୟୁତ୍ ଗ୍ରାହକଙ୍କୁ ବିଶ୍ୱସନୀୟ ଏବଂ ସୁଲଭ ବିଦ୍ୟୁତ୍ ସେବା ପ୍ରଦାନ କରୁଛି। ପୁରସ୍କାରପ୍ରାପ୍ତ ଲାଇନ୍‌ମ୍ୟାନ୍‌ମାନଙ୍କ ମଧ୍ୟରେ ରହିଛନ୍ତି ଟିପି ସେଂଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ଲଡୁ କିଶୋର ପ୍ରଧାନ ଏବଂ ଟାଟା ପାୱାର-ଡିଡିଏଲ୍‌ର ଜୟ ହିନ୍ଦ। ବିଦ୍ୟୁତ୍ ବିତରଣ ଏବଂ ସେବା ବିଶ୍ୱସନୀୟତାରେ ଉଲ୍ଲେଖନୀୟ ଅବଦାନ ପାଇଁ ସେମାନଙ୍କୁ ସମ୍ମାନିତ କରାଯାଇଛି। ଭାରତର ୪୫ରୁ ଅଧିକ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ବିଦ୍ୟୁତ୍ ବିତରଣ, ଉତ୍ପାଦନ ଏବଂ ସଂଚରଣ (ଟ୍ରାନ୍ସମିସନ) କମ୍ପାନିର ୧୬୦ରୁ ଅଧିକ ଲାଇନମ୍ୟାନ୍ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆନ୍ଧ୍ର ପ୍ରଦେଶ, ବିହାର, ଚଣ୍ଡୀଗଡ, ଛତିଶଗଡ, ଗୁଜରାଟ, ହରିୟାଣା, ଝାଡଖଣ୍ଡ, ଜମ୍ମୁ ଏବଂ କାଶ୍ମୀର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ, ଓଡିଶା, ରାଜସ୍ଥାନ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ପଶ୍ଚିମ ବଙ୍ଗର ପ୍ରତିନିଧିମାନେ ସାମିଲ ହୋଇଥିଲେ। ୨୦୨୧ରେ ସ୍ଥାପିତ ଲାଇନମ୍ୟାନ୍ ଦିବସ ଭାରତର ବିଦ୍ୟୁତ୍ ପ୍ରତିଷ୍ଠାନଗୁଡିକରେ ଅନବରତ କାମ କରୁଥିବା ଆଗଧାଡ଼ିର କର୍ମଚାରୀଙ୍କ ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରୁଛି। ଚଳିତ ବର୍ଷର କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବିଦ୍ୟୁତ ମନ୍ତ୍ରଣାଳୟର ସଚିବ ଏବଂ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣର ଅଧ୍ୟକ୍ଷ ଘନଶ୍ୟାମ ପ୍ରସାଦଙ୍କ ଉପସ୍ଥିତିରେ ଏହି ପେସାଦାରଙ୍କର ତ୍ୟାଗ ଉପରେ ଆଲୋକପାତ କରାଯାଇଥିଲା, ଯେଉଁମାନେ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ କରିବା ପାଇଁ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରିଥାନ୍ତି। ଓଡିଶାରେ ନିକଟରେ ହୋଇଥିବା ସାମୁଦ୍ରିକ ଝଡ଼ ଦାନା ବିଦ୍ୟୁତ୍ ନେଟୱାର୍କରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ଟାଟା ପାୱାର୍ ନେତୃତ୍ୱରେ ଥିବା ଓଡିଶା ଡିସକମ୍‌ର ଲାଇନ୍‌ମ୍ୟାନ୍‌ମାନେ ଏହି ପରିସ୍ଥିତିରେ ଦୃଢ଼ ହୋଇ ହସ୍ପିଟାଲ୍, ସ୍କୁଲ୍, ବ୍ୟାଙ୍କ୍ ଏବଂ ମୌଳିକ ସେବାଗୁଡିକରେ ବିଦ୍ୟୁତ୍ ପୁନରୁଦ୍ଧାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କର ଅସାଧାରଣ ସେବାକୁ ଜାତୀୟ ସ୍ତରରେ ମାନ୍ୟତା ମିଳିଛି, ଯାହା ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ବିଦ୍ୟୁତ୍ ପୁନରୁଦ୍ଧାରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୋହରାଉଛି। ବିଦ୍ୟୁତ୍ ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ଡିସକମ୍ ରେଟିଂ ପରେ ଟାଟା ପାୱାର୍ ଡିସକମ୍‌ଗୁଡ଼ିକ ପାଇଁ ଏହା ଦ୍ୱିତୀୟ ପ୍ରମୁଖ ଜାତୀୟ ସ୍ତରର ସ୍ୱୀକୃତି। ଟାଟା ପାୱାର୍ ନେତୃତ୍ୱରେ ପରିଚାଳିତ ହେଉଥିବା ବିଦ୍ୟୁତ୍ ବିତରଣ କମ୍ପାନିଗୁଡିକ ଭାରତର ୬୩ ବିଦ୍ୟୁତ୍ ୟୁଟିଲିଟିମାନଙ୍କ ମଧ୍ୟରେ ଶୀର୍ଷ ଜାତୀୟ ର୍ୟାଙ୍କିଂ ହାସଲ କରିଛନ୍ତି।

# ଓଡ଼ିଶାରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କର ନୂଆ ଆଉଟ୍‌ଲେଟ୍

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ଉତ୍କର୍ଷ ଏସଏଫବିଏଲ) ପକ୍ଷରୁ ମୟୂରଭଞ୍ଜ କପ୍ତିପଦାଠାରେ ଏହାର ନୂତନ ବ୍ୟାଙ୍କିଂ ଆଉଟଲେଟ ଉଦଘାଟିତ ହୋଇଯାଇଛି। ଏହି ଶୁଭାରମ୍ଭ ସହିତ ବ୍ୟାଙ୍କ ଓଡ଼ିଶାରେ ୯୫ଟି ଏବଂ ଦେଶବ୍ୟାପୀ ୧୦୬୧ଟି ବ୍ୟାଙ୍କିଂ ଆଉଟଲେଟ ଖୋଲିଛି। ଏ ସମ୍ପର୍କରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡର ଏମଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି ଯେ, 'କପ୍ତିପଦାରେ ଆମର ନୂତନ ବ୍ୟାଙ୍କିଂ ଆଉଟଲେଟ ଉଦଘାଟନ ଓଡ଼ିଶାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବୃଦ୍ଧି ଦିଗରେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସାଂସ୍କୃତିକ ସମୃଦ୍ଧ ଜିଲ୍ଲା ମୟୂରଭଞ୍ଜରେ ଅବସ୍ଥିତ କପ୍ତିପଦା ଆଦିବାସୀ ଐତିହ୍ୟ, ଜୀବନ୍ତ ପର୍ବ ଓ ଶିମିଳିପାଳ ଜାତୀୟ ଉଦ୍ୟାନର ନିକଟବର୍ତ୍ତୀ ଅଂଚଳ ପାଇଁ ଜଣାଶୁଣା। ଏହି ଅନନ୍ୟ ଅଂଚଳରେ ଉପଯୁକ୍ତ ବ୍ୟାଙ୍କିଂ ସେବା ପହଂଚାଇ ଆମେ ଏହାର ପ୍ରତିରୋଧୀ ସମୁଦାୟକୁ ସଶକ୍ତ କରିବା, ସ୍ଥାନୀୟ ବ୍ୟବସାୟକୁ ସମର୍ଥନ କରିବା ଏବଂ ଏହି ଅଂଚଳର



ସ୍ଥାୟୀ ବିକାଶରେ ଯୋଗଦାନ କରିବାକୁ ଲକ୍ଷ୍ୟ ରଖିଛୁ।' ଏହି ବ୍ୟାଙ୍କିଙ୍ଗ ଆଉଟଲେଟ ଗୁଡ଼ିକ ସୀମିତ ଆର୍ଥିକ ସେବା ଉପଲବ୍ଧ ଥିବା ଗରିବ କିମ୍ବା ନିମ୍ନ ଆୟକାରୀ ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କୁ ବ୍ୟବସାୟ ବିକାଶ ସେବା ପାଇଁ ମାଇକ୍ରୋ-ବ୍ୟାଙ୍କିଙ୍ଗ ଋଣ ପ୍ରଦାନ କରିବେ। ଗ୍ରୁପ୍ ଋଣର ଜେଏଲଜି ମଡେଲରେ ଏକ ପିୟର-ଗ୍ୟାରେଣ୍ଟି ଲୋନ ମଡେଲ ଅନ୍ତର୍ଭୁକ୍ତ ଯାହା ବ୍ୟକ୍ତିବିଶେଷଙ୍କୁ ବ୍ୟକ୍ତିଗତ ଭିତିରେ ବନ୍ଧକ କିମ୍ବା ସକ୍ୟୋରୀଟି ପ୍ରଦାନ ନକରି ଋଣ ନେବାକୁ ସକ୍ଷମ କରିଥାଏ, ଯେତେବେଳେ କି ଗୋଷ୍ଠୀ ମଧ୍ୟରେ ପାରସ୍ପରିକ ସମର୍ଥନ ଏବଂ ସେମାନଙ୍କଋଣର ତୁରନ୍ତ ପରିଶୋଧ ମାଧ୍ୟମରେ ଋଣ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିଥାଏ।

# ନୁଭୋକୋ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଏହାର ସିଏସଆର ପଦକ୍ଷେପ 'ସକ୍ଷମ ଭାରତ' ଅଧିନରେ ଯାଜପୁରର ପଙ୍କପାଳଠାରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ (ଟେଲରିଂ ଟ୍ରେନିଂ ସେଂଟର) ଆରମ୍ଭ କରିଛି। ଏହି ପଦକ୍ଷେପ ଯାଜପୁରସ୍ଥିତ ଓଡିଶା ସିମେଣ୍ଟ ପ୍ଲାଣ୍ଟ (ଓସିପି) ଆଖପାଖ ଅଂଚଳରେ ମହିଳାମାନଙ୍କୁ ସିଲେଇ ଦକ୍ଷତାରେ କୁଶଳୀ କରି ଏବଂ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରି ସେମାନଙ୍କର ଜୀବିକା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ପ୍ରଥମ ବ୍ୟାଚରେ ୨୯ ଜଣ ମହିଳାଙ୍କ ନାମ ଲେଖା ଯାଇଥିବା ବେଳେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୩ଟି ଟ୍ରେନିଂ ବ୍ୟାଚ ପରିଚାଳନା କରାଯାଉଛି। ଆସନ୍ତା ୯ ମାସ ମଧ୍ୟରେ ଏହି ସେଂଟର ୭୦ ଜଣ ମହିଳାଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛି ଯାହା ସେମାନଙ୍କୁ ମୂଲ୍ୟବାନ ଧନ୍ଦାମୂଳକ ଦକ୍ଷତା ସହ ସଶକ୍ତ କରିବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓଡିଶା ସିମେଣ୍ଟ ପ୍ଲାଣ୍ଟର ପ୍ଲାଣ୍ଟ ମୁଖ୍ୟ ରବିନ୍ଦ୍ର ଧାରକର, ଓସିପିର ଏଚ୍ଆର ମୁଖ୍ୟ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଓ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଓଡିଶା ସିମେଂଟ ପ୍ଲାଂଟର ପ୍ଲାଂଟ ହେଡ ରବିନ୍ଦ୍ର ଧାରକର କହିଛନ୍ତି, ନୁଭୋକୋରେ ଆମର ବିଶ୍ୱାସ ଯେ, ଦକ୍ଷତା ବିକାଶ ସଶକ୍ତିକରଣ ପାଇଁ ଏକ ଶକ୍ତିଶାଳୀ ଉପକରଣ। ଏହି ତାଲିମ କେନ୍ଦ୍ର ଆମ ସମୁଦାୟର ମହିଳାମାନଙ୍କୁ ସ୍ଥାୟୀ ଜୀବିକା ସୃଷ୍ଟି କରିବା ଏବଂ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ସକ୍ଷମ କରିବା ଦିଗରେ ଏକ ପଦକ୍ଷେପ। ସେମାନଙ୍କୁ ସିଲେଇ ଦକ୍ଷତା ସହ ସୁସଜ୍ଜିତ କରି ଆମେ କେବଳ ନିଯୁକ୍ତି ସୁଯୋଗ ସୃଷ୍ଟି କରୁନାହୁଁ ବରଂ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରଶୀଳତା ବିକଶିତ କରୁଛୁ। ଆମ ଆଖପାଖ ଅଂଚଳରେ ଲୋକମାନଙ୍କ ପାଇଁ ସାର୍ଥକ ସୁଯୋଗ ସୃଷ୍ଟି କରିବା ଲାଗି ଆମେ ପ୍ରତିଶ୍ରୁତିବଦ୍ଧ। ନୁଭୋକୋ ମାସନ ଓ ପ୍ରୋଜେକ୍ଟ ସମୃଦ୍ଧି ଭଳି ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପଗୁଡିକ ସହିତ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସାମାଜିକ କଲ୍ୟାଣ ପ୍ରତି ନୁଭୋକୋର ପ୍ରତିବଦ୍ଧତା ଏବଂ ପ୍ରଭାବଶାଳୀ ଓ ସ୍ଥାୟୀ ଅଭିଯାନଗୁଡିକ ମାଧ୍ୟମରେ ସମୁଦାୟଗୁଡିକର ଉନ୍ନତି ପାଇଁ ଏହାର ନିରନ୍ତର ପ୍ରୟାସକୁ ଦର୍ଶାଉଛି। ଏହି କାର୍ଯ୍ୟକ୍ରମ ଦକ୍ଷତା ବିକାଶ କରି, ସେମାନଙ୍କର ଆୟ ବୃଦ୍ଧି କରି ଏବଂ ସମାଜର ମୁଖ୍ୟଧାରାରେ ସେମାନଙ୍କର ଅନ୍ତର୍ଭୁକ୍ତୀକରଣକୁ ସକ୍ଷମ କରି ମହିଳାଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିଛି।

# ଫେବୃଆରୀରେ ସୋନାଲିକାର ରେକର୍ଡ ସଂଖ୍ୟକ ଟ୍ରାକ୍ଟର ବିକ୍ରି



ନୂଆଦିଲ୍ଲୀ : ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଫେବୃଆରୀ ମାସରେ ଚମତ୍କାର ବିକ୍ରି ପ୍ରଦର୍ଶନ ସହିତ ୨୦୨୪-୨୫ ଆର୍ଥିକ ବର୍ଷର ଶେଷ ପର୍ଯ୍ୟାୟରେ ପ୍ରବେଶ କରିଛି। କମ୍ପାନୀ ଗତ ଫେବୃଆରୀ ମାସରେ ମୋଟ ୧୦୪୯୩ ଟି ଟ୍ରାକ୍ଟର ବିକ୍ରି କରିଛି। ଏଥିସହିତ କମ୍ପାନୀ ଫେବୃଆରୀ ୨୦୨୫ରେ ୧୧୩,୨୭୯ଟି ଟ୍ରାକ୍ଟରର ଏହାର ସର୍ବୋଚ୍ଚ ଘରୋଇ ୱାଇଟିଡି (ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା) ବିକ୍ରିରେ ପହଂଚିଛି ଏବଂ ଶିଳ୍ପର ୱାଇଟିଡିକୁ ଅତିକ୍ରମ କରିଛି। ଏହା ନିଜର ଉଲ୍ଲେଖନୀୟ ଯାତ୍ରାରେ ସମ୍ପୃକ୍ତ ସମସ୍ତ ହିତାଧିକାରୀଙ୍କ ପାଇଁ ଏକ ସମାବେଶୀ ବିକାଶର ଲକ୍ଷ୍ୟ ରଖିଛି। କମ୍ପାନୀ ନିରନ୍ତର ଭାବେ ଶକ୍ତିଶାଳୀ ଓ ଆଧୁନିକ ଟେକ୍ନୋଲୋଜିରେ ସୁସଜ୍ଜିତ ଟ୍ରାକ୍ଟରଗୁଡିକୁ ନିର୍ମାଣ କରୁଛି ଯାହା କୃଷକଙ୍କୁ ଉତ୍ପାଦକତା ଓ ସ୍ଥାୟିତ୍ୱ ପ୍ରଦାନ କରୁଛି। କମ୍ପାନୀର ଏହି ଚମତ୍କାର ପ୍ରଦର୍ଶନ ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, 'ଆମେ ଫେବୃଆରୀ ୨୦୨୫ରେ ୧୦୪୯୩ ଟି ଟ୍ରାକ୍ଟରର ଏକ ଉଲ୍ଲେଖନୀୟ ବିକ୍ରି ରେକର୍ଡ ହାସଲ କରି ଏବଂ ସର୍ବକାଳିନ ଘରୋଇ ୱାଇଟିଡି ଫେବୃଆରୀ ୨୦୨୫ ବିକ୍ରି ସଫଳତାରେ ପହଂଚି ଉତ୍ସାହିତ ଅଛୁ।

# ଏନ୍‌ପିସିଆଇ ନିବେଶ ଠକେଇ ସଚେତନତା

ନୂଆଦିଲ୍ଲୀ: ନିବେଶ ସମ୍ବନ୍ଧୀୟ ଠକାମି ହେଉଛି ଆର୍ଥିକ ଅପରାଧର ସବୁଠାରୁ ପ୍ରତାରଣାମୂଳକ ମାଧ୍ୟମ ଯାହା ପ୍ରାୟତଃ ସାମାଜିକ ବ୍ୟବସ୍ଥା ଓ ମାନବ ମନୋଭାବକୁ ନିୟନ୍ତ୍ରଣ କରୁଥିବା ବିଷୟ ଜରିଆରେ କରାଯାଇଥାଏ। ଠକମାନେ ଆର୍ଥିକ ବିଶେଷଜ୍ଞଙ୍କ ଭୂମିକା ନେଇ, ପ୍ରତିଷ୍ଠିତ ସଂଗଠନଗୁଡ଼ିକର ପ୍ରତିନିଧି କିମ୍ବା ବେଳେବେଳେ ସୋସିଆଲ୍ ମିଡିଆ ପ୍ରଭାବଶାଳୀ (ଇନଫ୍ଲୁଏନ୍‌ସର୍)ଙ୍କ ନକଲି ଭିଡିଓ ବ୍ୟବହାର କରି ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି କରନ୍ତି। ସେମାନେ ଅସାଧାରଣ ଫାଇଦା, ସ୍ୱତନ୍ତ୍ର ନିବେଶ ସୁଯୋଗ କିମ୍ବା ସୀମିତ ସମୟ ଡିଲ୍ ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ଯଥାର୍ଥ ଅନୁସନ୍ଧାନ ନକରି ନିବେଶ କରିବାକୁ ଉତ୍ସାହିତ କରନ୍ତି। ଯେତେବେଳେ ଲୋକମାନେ ନିବେଶ କରନ୍ତି, ଠକମାନେ ହଠାତ୍ ଅଦୃଶ୍ୟ ହୋଇଯାଆନ୍ତି କିମ୍ବା ବ୍ୟକ୍ତି ଠକାମିର ଶିକାର ହେଉଥିବା ବୁଝିବା ପର୍ଯ୍ୟନ୍ତ ଅର୍ଥ ଆହରଣ ଜାରି ରଖନ୍ତି। ଯେହେତୁ ଠକାମି ପ୍ରଯୁକ୍ତି ସହିତ ପରିଚାଳିତ ହୁଏ, ତେଣୁ ସେହି ମାନସିକ ଚତୁରତତା ବିରୁଦ୍ଧରେ ସର୍ବୋତମ ପ୍ରତିରକ୍ଷା ହେଉଛି ସଚେତନତା। ଠକମାନେ ନକଲି ନିବେଶ ଆପ୍ କିମ୍ବା ୱେବସାଇଟ୍ ସୃଷ୍ଟି କରନ୍ତି ଯାହା ବୈଧ ବ୍ରୋକର, ଫଣ୍ଡ ହାଉସ୍ କିମ୍ବା ଏକ୍ସଚେଞ୍ଜଗୁଡ଼ିକର ୱେବସାଇଟ୍ ଭଳି ସମାନ ଦେଖାଯାଏ। ନକଲି ସ୍କିମ୍ ଉପରେ ଲୋଭନୀୟ ଲାଭ ଦେଖାଇ ପ୍ରାରମ୍ଭରେ ଲୋକମାନଙ୍କୁ ଟଙ୍କା ଜମା କରିବାକୁ ପ୍ରଲୋଭିତ କରାଯାଏ। ଯେତେବେଳେ ସେମାନେ ବହୁତ ପରିମାଣର ନିବେଶ କରନ୍ତି, ସେମାନଙ୍କୁ ପାଣ୍ଠି ଉଠାଇବାକୁ ପ୍ରତିରୋଧ କରନ୍ତି। ବ୍ୟକ୍ତିଗତ କିମ୍ବା ବ୍ୟାଙ୍କିଂ ବିବରଣୀ କଦାପି ପ୍ରଦାନ କରନ୍ତୁ ନାହିଁ: ଠକମାନେ ଏଗୁଡ଼ିକୁ ନିୟନ୍ତ୍ରଣ ଏବଂ ଅର୍ଥ ଚୋରି କରିବାକୁ ବ୍ୟବହାର କରନ୍ତି ସତର୍କ ଏବଂ ଅବଗତ ରହିବା ହେଉଛି ନିବେଶ ସମ୍ବନ୍ଧୀୟ ଠକାମିର ସର୍ବୋତମ ପ୍ରତିରକ୍ଷା। ନିବେଶ କରିବା ପୂର୍ବରୁ ସବୁବେଳେ ଅନୁସନ୍ଧାନ କରନ୍ତୁ ଏବଂ ଅନାବଶ୍ୟକ ନିବେଶ ପ୍ରସ୍ତାବ ଉପରେ ବିଶ୍ୱାସ କରନ୍ତୁ ନାହିଁ।




ନୂଆଦିଲ୍ଲୀ : ୨୦୨୫ ଚାମ୍ପିଅନ୍ସ ଟ୍ରଫିର ଆୟୋଜନ କରିଥିଲା। କିନ୍ତୁ ଏଥିରେ ପାକିସ୍ତାନର ଲଜ୍ଜାଜନକ ପ୍ରଦର୍ଶନ ଏହି ଦେଶର ପ୍ରଶଂସକଙ୍କୁ ବହୁତ ବାଧିଛି। ଚାମ୍ପିଅନ୍ସ ଟ୍ରଫିରୁ ବାହାରିଯିବା ଫଳରେ ପାକିସ୍ତାନ ରାଜନୀତିରେ ହଟଚମଟ ଦେଖାଦେଇଥିଲା। ପାକିସ୍ତାନର ପ୍ରଧାନମନ୍ତ୍ରୀ ଖେଳାଳିଙ୍କ ଉପରେ କଡା ଆଭିମୁଖ୍ୟ ଦେଖାଇଥିଲେ। ଏପରିକି ଦଳରୁ ଖେଳାଳି ମଧ ବାଦ ପଡିଥିଲେ। ସେଥିପାଇଁ ସେମାନେ ଚାମ୍ପିଅନ୍ସ ଟ୍ରଫି ଦେଖିବାକୁ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯେତିକି ଆସୁଛନ୍ତି, ଭାରତୀୟ କ୍ରିକେଟ୍ ଦଳର ପ୍ରେମରେ ପଡ଼ି ଯାଉଛନ୍ତି। ମଙ୍ଗଳବାରର ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ୍ ଦେଖିବାକୁ ହାତଗଣତି ପାକିସ୍ତାନୀ କ୍ରିକେଟ୍ ?ପ୍ରେମୀ ଦୁବାଇ ଷ୍ଟାଡିୟମ୍ ଆସିଥିଲେ। ତେବେ ଜଣେ ପାକିସ୍ତାନୀ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଇସରାର୍ ନାମକ ଏହି ପାକିସ୍ତାନୀ ନାଗରିକ ଜଣକ ଭାରତୀୟ କ୍ରିକେଟ୍ ଦଳର ବସ୍ ଚାଳକ ଥିଲେ। ଖେଳାଳିଙ୍କୁ ନେବା ଆଣିବା ଦାୟିତ୍ୱ ତାଙ୍କର ଥିଲା। ଇସରାର ଏହାକୁ ନିଜର ସୌଭାଗ୍ୟ ମାନୁଥିଲେ। ଏହି ମହତ୍ତ୍ୱପୂର୍ଣ୍ଣ କାମ ପାଇଁ ସେ ନିଜକୁ କୌଣସି ହିରୋଠାରୁ କିଛି କମ୍ ଭାବୁ ନଥିଲେ ବୋଲି ଏକ ସାକ୍ଷାତକାରରେ କହିଥିଲେ। କାରଣ ଆଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବସ୍ ସେ ହିଁ ଚଲାଉଥିଲେ। ଦୁବାଇ ପୁଲିସ ତାଙ୍କୁ ବାଟ କଢ଼େଇ ନେଉଥିଲା ବେଳେ ରାସ୍ତାଘାଟରେ ଗୋଟିଏ ହେଲେ ବି ଗାଡ଼ି ନଥିଲା। ନିଜ ଡ୍ରାଇଭିଂ ଜୀବନର ଏଭଳି ଅଭିଜ୍ଞତା ସବୁବେଳେ ତାଙ୍କର ମନେ ରହିବ ବୋଲି ଉଲ୍ଲସିତ ଇସରାର୍ ଭାବବିହ୍ୱଳ ହୋଇ କହିଥିଲେ।

## ଚାମ୍ପିଅନ୍ସ ଟ୍ରଫି
# ଫାଇନାଲରେ ଭାରତ-ନ୍ୟୁଜିଲାଣ୍ଡ ମୁକାବିଲା




ଲାହୋର: ବୁଧବାର ଚାମ୍ପିଅନ୍ସ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦକ୍ଷିଣ ଆଫ୍ରିକାକୁ ୫୦ରନ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ। ରଚିନ ରବୀନ୍ଦ୍ରଙ୍କ ୧୦୮ ରନ ଓ କେନ ୱିଲିୟମସନଙ୍କ ୧୦୨ ରନ ବଳରେ ୬ ୱିକେଟ୍ ହରାଇ ୩୬୨ ରନର ବିଶାଳ ସ୍କୋର କରିଥିଲା। ଡିରେଲ ମିଚେଲ୍ ୪୯ ରନ ଓ ଗ୍ଲେନ ଫିଲିପ୍ସ ୪୯ ରନର ଉପଯୋଗୀ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୯ ୱିକେଟ୍ ହରାଇ ୩୧୨ ରନ କରିଥିଲା। ଦଳ ପକ୍ଷରୁ ରସି ଭାନ ଡର ଡସେନ ୬୯ ରନ ଓ ତେମ୍ବା ବାଭୁମା ୫୬ ରନ କରିଥିଲେ। ଡେଭିଡ୍ ମିଲର ଅପରାଜିତ ୧୦୦ ରନର ବିସ୍ଫୋରକ ଇନିଂସ ଖେଳିଥିଲେ ମଧ ଦଳ ପାଇଁ ପର୍ଯ୍ୟାପ୍ତ ନ ଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ୍ ସାଣ୍ଟନର ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ଫାଇନାଲ୍‌ରେ ପ୍ରବେଶ କରିଛି। କିୱି ଦଳ ମୋଟ୍ ତୃତୀୟ ଥର ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ପହଞ୍ଚିଛି। ପରାଜୟ ସହ ଦକ୍ଷିଣ ଆଫ୍ରିକାର ଚାମ୍ପିଅନ୍ସ ଟ୍ରଫି ଅଭିଯାନ ସମାପ୍ତ ହୋଇଛି। ଆଉ ପୁଣି ଥରେ ସେମିରୁ ଝୁଣ୍ଟି ଚୋକର୍ସ ଧାରାକୁ ବଜାୟ ରଖିଛି ଦକ୍ଷିଣ ଆଫ୍ରିକା। ଏବେ ମାର୍ଚ୍ଚ ୯ ତାରିଖରେ ଦୁବାଇରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟାଇଟଲ୍ ମୁକାବିଲା ଖେଳାଯିବ।

# ରୋହିତଙ୍କୁ ପ୍ରଶଂସା କଲେ ଶମା ମହମ୍ମଦ



ନୂଆଦିଲ୍ଲୀ : ଦିନେ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ମୋଟା କହି ଚର୍ଚ୍ଚାରେ ଥିବା କଂଗ୍ରେସର ମୁଖପାତ୍ର ଶମା ମହମ୍ମଦ ନିଜ ମତ ପରିବର୍ତ୍ତନ କରି ରୋହିତଙ୍କୁ ପ୍ରଶଂସ କରିଛନ୍ତି। ମଙ୍ଗଳବାର ଦିନ ସେ ସୋସିଆଲ ମିଡିଆ ଏକ୍ସରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱକୁ ପ୍ରଶଂସା କରି ଆଉ ଏକ ପୋଷ୍ଟ ପୋଷ୍ଟ କରିଛନ୍ତି। ରୋହିତଙ୍କ ଉପରେ ତାଙ୍କର ମନ୍ତବ୍ୟକୁ ନେଇ ଏକ ବଡ଼ ବିବାଦ ପରେ, ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବାରୁ ଶାମା ମହମ୍ମଦ ଖୁସି ପ୍ରକଟ କରିଛନ୍ତି। ଦୁବାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ୪ ୱିକେଟ୍ ବିଜୟ ସମୟରେ ଗୁରୁତ୍ୱପୂର୍ଣ୍ଣ ୮୪ ରନ୍ କରିଥିବାରୁ କଂଗ୍ରେସ ନେତା ଷ୍ଟାର ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କୁ ବି ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଯେ ସେ ଫାଇନାଲ୍ ପାଇଁ ଅପେକ୍ଷା କରିଛନ୍ତି। ଶମା କହିଛନ୍ତି 'ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ଜିତିଥିବାରୁ ମୁଁ ବହୁତ ଖୁସି।' ୮୪ ରନ କରିବା ପାଇଁ ମୁଁ ବିରାଟ କୋହଲିଙ୍କୁ ଅଭିନନ୍ଦନ ଜଣାଉଛି। ମୁଁ ବହୁତ ଉତ୍ସାହିତ ଏବଂ ଫାଇନାଲକୁ ଅପେକ୍ଷା କରିଛି। ଆଇସିସି ଟୁର୍ଣ୍ଣାମେଣ୍ଟର ନକଆଉଟ୍ ମ୍ୟାଚ୍‌ରେ ୧୦୦୦ ରନ୍ ପୂରଣ କରିଥିବା ପ୍ରଥମ କ୍ରିକେଟର ହେବା ପାଇଁ ଶମା ବିରାଟ କୋହଲିଙ୍କୁ ମଧ ଅଭିନନ୍ଦନ ଜଣାଇଛନ୍ତି। ଶମା ମହମ୍ମଦଙ୍କ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଏକ ବିବାଦ ସୃଷ୍ଟି ହୋଇଥିଲା ଯେଉଁଥିରେ ସେ ରୋହିତ ଶର୍ମାଙ୍କୁ ମୋଟା ଏବଂ ଭାରତ ଇତିହାସର ସବୁଠାରୁ ପ୍ରଭାବହୀନ ଅଧିନାୟକ ବୋଲି କହିଥିଲେ। କିନ୍ତୁ ପରେ ସେ ତାଙ୍କ ପୋଷ୍ଟ ଡିଲିଟ କରିଦେଇଥିଲେ।

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଲେ ଷ୍ଟିଭ ସ୍ମିଥ୍



ଦୁବାଇ : ହଠାତ୍ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ଖେଳାଳି ଷ୍ଟିଭ ସ୍ମିଥ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଯାହା କ୍ରିକେଟପ୍ରେମୀଙ୍କ ମଧ୍ୟରେ ନିରାଶ ଭାବ ଦେଖାଦେଇଛି। ମଙ୍ଗଳବାର ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲ ମ୍ୟାଚ୍ ଇଣ୍ଡିଆ-ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଷ୍ଟ୍ରେଲିଆ ପରାଜିତ ହୋଇଥିଲା। ଏହି ପରାଜୟ ସହିତ ଦଳଟି ଟୁର୍ନାମେଣ୍ଟରୁ ବାଦ ପଡ଼ିଥିଲା। ଏହି ମ୍ୟାଚ ପରେ ସ୍ମିଥ ଦିନିକିଆରୁ ଅବସର ନେଇଥିଲେ। ସେ ତାଙ୍କ କ୍ୟାରିୟରର ଶେଷ ଦିନିକିଆ ମ୍ୟାଚ ଟିମ ଇଣ୍ଡିଆ ବିପକ୍ଷରେ ଖେଳିଥିଲେ। ଷ୍ଟିଭ ସ୍ମିଥଙ୍କ ଏକଦିବସୀୟ କ୍ୟାରିୟର ଚମତ୍କାର ରହିଛି। ସେ ଅଷ୍ଟ୍ରେଲିଆ ପାଇଁ ୧୭୦ଟି ମ୍ୟାଚ ଖେଳି ୫୮୦୦ ରନ କରିଛନ୍ତି। ସ୍ମିଥ ଏହି ଫର୍ମାଟରେ ୧୨ଟି ଶତକ ଏବଂ ୩୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କର ସର୍ବୋତ୍ତମ ଦିନିକିଆ ସ୍କୋର ହେଉଛି ୧୬୪ ରନ। ସ୍ମିଥ ଅଷ୍ଟ୍ରେଲିଆ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ଭାରତ ବିପକ୍ଷରେ ମଧ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ଏବେ ସେ ଦିନିକିଆ କ୍ରିକେଟକୁ ଅଲବିଦା କହିସାରିଛନ୍ତି। ସ୍ମିଥ କହିଛନ୍ତି, ଅବସର ପରେ, ପ୍ରତ୍ୟେକ ମୁହୂର୍ତ୍ତ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏହା ଏକ ସୁନ୍ଦର ଯାତ୍ରା ଥିଲା। ମୋ କ୍ୟାରିୟର ସମୟରେ ମୁଁ ବହୁତ ଭଲ ସ୍ମୃତି ସଂଗ୍ରହ କରିଛି। ଦୁଇଟି ବିଶ୍ୱକପ ଜିତିବା ମୋ କ୍ୟାରିୟରର ସବୁଠାରୁ ଗୌରବମୟ ମୁହୂର୍ତ୍ତ ଥିଲା। ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ପ୍ରସ୍ତୁତି ପାଇଁ ଅନ୍ୟ ଖେଳାଳିମାନଙ୍କ ପାଇଁ ଏବେ ଏକ ଭଲ ସୁଯୋଗ। ଅଷ୍ଟ୍ରେଲିଆର ପରାଜୟ ପରେ ଷ୍ଟିଭ ସ୍ମିଥ ତାଙ୍କର ଅବସର ଘୋଷଣା କରିଥିଲେ। ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ପହଞ୍ଚିଥିଲା। କିନ୍ତୁ ତାଙ୍କୁ ଏଠାରେ ଭାରତ ବିପକ୍ଷରେ ପରାଜୟର ସାମ୍ନା କରିବାକୁ ପଡିଲା। ସେମିଫାଇନାଲରେ ଷ୍ଟିଭ ସ୍ମିଥ ୭୩ ରନର ଇନିଂସ ଖେଳିଥିଲେ। ଷ୍ଟିଭ୍ ସ୍ମିଥ୍ ଆହୁରି କହିଛନ୍ତି, 'ଟେଷ୍ଟ କ୍ରିକେଟ୍ ଏବେ ବି ପ୍ରାଥମିକତା ଏବଂ ମୁଁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍, ଶୀତ ଋତୁରେ ୱେଷ୍ଟଇଣ୍ଡିଜ୍ ଏବଂ ତା'ପରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଖେଳିବାକୁ ଉତ୍ସାହିତ।' ମୁଁ ଭାବୁଛି ଯେ ସେହି ପ୍ଲାଟଫର୍ମରେ ମୋର ଆହୁରି ବହୁତ କିଛି ଯୋଗଦାନ ଦେବାକୁ ଅଛି।

# ହାର୍ଦ୍ଦିକଙ୍କ ଛକାରେ ଝୁମିଲେ ଗାର୍ଲଫ୍ରେଣ୍ଡ୍ ଜସ୍ମିନ



ମୁମ୍ବାଇ: ଭାରତ ଅଷ୍ଟ୍ରେଲିଆ ଠାରୁ ତା'ର ପୁରୁଣା ପ୍ରତିଶୋଧ ନେଇଛି। ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ପହଞ୍ଚିଥିବା ଭାରତ ପ୍ରଥମ ଦଳ ହୋଇଛି। ଅଷ୍ଟ୍ରେଲିଆକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିବା ଭାରତ ଏବେ ଦକ୍ଷିଣ ଆଫ୍ରିକା କିମ୍ବା ନ୍ୟୁଜିଲାଣ୍ଡ ଟକ୍କର ଦେବ। ଏହି ବିଜୟୀ ମ୍ୟାଚ୍‌ରେ ଅନେକ ଭାରତୀୟ ବ୍ୟାଟ୍ସମ୍ୟାନ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ଏଥିରେ ସାମିଲ ଥିବା ଗୋଟିଏ ନାମ ହେଉଛି ହାର୍ଦ୍ଦିକ ପାଣ୍ଡ୍ୟା। ହାର୍ଦ୍ଦିକ ୨୮ ରନର ଏକ ଦ୍ରୁତ ଇନିଂସ ଖେଳି ମ୍ୟାଚ୍‌କୁ ଶେଷ ପର୍ଯ୍ୟନ୍ତ ନେଇଗଲେ। ସେ ବିଜୟଠାରୁ ମାତ୍ର କିଛି ପାଦ ଦୂରରେ ଥିଲେ, କିନ୍ତୁ ଏହା ପୂର୍ବରୁ ସେ କିଛି ଚମତ୍କାର ଛକା ମାରିଥିଲେ। ଯାହା ୧୦୬ ମିଟର ଲମ୍ବା ଥିଲା। ଏହାକୁ ଦେଖି ବିରାଟ କୋହଲି ଓ ପ୍ରଶିକ୍ଷକ ଗୌତମ ଗମ୍ଭୀର ଖୁସିରେ ଡେଇଁ ପଡ଼ିଥିଲେ। ଏହି ଛଅଟି ଦେଖିବା ପରେ ସମଗ୍ର ଷ୍ଟାଡିୟମ ଆନନ୍ଦିତ ହୋଇଯାଇଥିଲା। ଯେତେବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଛକା ମାରିଥିଲେ, ତାଙ୍କ ପ୍ରେମିକା ଜସ୍ମିନ୍ ୱାଲିଆ ମଧ ସେଠାରେ ଉପସ୍ଥିତ ଥିଲେ। ସେ କେବଳ ଏହି ମୁହୂର୍ତ୍ତର ସାକ୍ଷୀ ନଥିଲେ, ବରଂ ତାଙ୍କର ଉତ୍ସାହ ଏବଂ ଖୁସିର ସୀମା ନଥିଲା । ସେ ମଧ ବିରାଟଙ୍କ ପରି ଛିଡା ହୋଇ ଜୋରରେ ତାଳି ମାରିଥିଲେ। ତାଙ୍କ ମୁହଁରେ ଏକ ବଡ଼ ହସ ମଧ ଦେଖାଯାଇଥିଲା। ଯାହାର ଫଟୋ ଗୁଡ଼ିକ ଖୁବ୍ ଭାଇରାଲ ହୋଇଥିଲା। ପ୍ରତ୍ୟେକ ମ୍ୟାଚ୍‌ରେ ଭାରତକୁ ସପୋର୍ଟ କରିବାକୁ ଜସ୍ମିନ୍ ପହଞ୍ଚି ଯାଉଛନ୍ତି। ବର୍ତ୍ତମାନ ଦର୍ଶକ ମଧ ତାଙ୍କର ପ୍ରତିକ୍ରିୟା ଦେବା ଆରମ୍ଭ କରିଛନ୍ତି ଏବଂ ସେମାନଙ୍କ ସମ୍ପର୍କ ବିଷୟରେ ବିଭିନ୍ନ କମେଣ୍ଟ କରୁଛନ୍ତି।

# ରୋହିତଙ୍କୁ ନେଇ ଗମ୍ଭୀରଙ୍କ ଟିପ୍ପଣୀ




ନୂଆଦିଲ୍ଲୀ : ମଙ୍ଗଳବାର ଆଇସିସି ଚମ୍ପିଆନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଦମ୍‌ଦାର ବିଜୟରେ ଖୁସି ପ୍ରକଟ କରିଛନ୍ତି ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର। ସେ ଟିମ୍‌ର ଅଧିନାୟକ ରୋହିତ ଶର୍ମାଙ୍କ ପ୍ରଶଂସା କରି ଉଚ୍ଚ ଷ୍ଟ୍ରାଇକ୍ ରେଟ୍ ଟିମ୍‌କୁ ଉତ୍ତମ ସଙ୍କେତ ଦେଇଥାଏ ବୋଲି କହିଛନ୍ତି । ରୋହିତ ଏକ ବଡ ରେକର୍ଡ ସୃଷ୍ଟି କରିବା ସହ ସମସ୍ତ ଆଇସିସି ଟୁର୍ଣ୍ଣାମେଣ୍ଟରେ ଫାଇନାଲ୍‌ରେ ପହଞ୍ଚିଥିବା କ୍ରିକେଟ୍ ଇତିହାସରେ ପ୍ରଥମ ଅଧିନାୟକ ହୋଇ ରେକର୍ଡ ବୁକ୍‌ରେ ନିଜ ନାଁ ରଖିଛନ୍ତି । ଚମ୍ପିଆନ୍ସ ଟ୍ରଫି ସେମିଫାଇନାଲରେ ଅଷ୍ଟ୍ରେଲିଆ ଉପରେ ଭାରତର ଦମ୍‌ଦାର ବିଜୟ ଟିମ୍‌କୁ ୫ମ ଚମ୍ପିଆନ୍ସ ଟ୍ରଫି ଫାଇନାଲରେ ପହଞ୍ଚାଇଥିବା ପ୍ରଥମ ଟିମ୍ ହୋଇ ପାରିଛି । ଅନ୍ୟ କୌଣସି ଟିମ୍ ୩ରୁ ଅଧିକ ଥର ଏଠାରେ ପହଞ୍ଚି ପାରି ନାହାଁନ୍ତି। ଫେବୃଆରୀ ୨୦୨୨ରେ ରୋହିତ ପୂର୍ଣ୍ଣକାଳୀନ ଅଧିନାୟକ ହେବା ପରଠାରୁ, ଭାରତ ଅନେକ ରେକର୍ଡ ଭାଙ୍ଗିଛି। ତିନି ବର୍ଷ ମଧ୍ୟରେ, ଭାରତ ପ୍ରତ୍ୟେକ ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଛି। ଯାହା ଫଳରେ ସେ ଏହି ସଫଳତା ହାସଲ କରିବାରେ ପ୍ରଥମ ଅଧିନାୟକ ହୋଇଛନ୍ତି। ସେ ଆଇସିସି ଟି୨୦ବିଶ୍ୱକପ୍ ୨୦୨୪, ଆଇସିସି କ୍ରିକେଟ ବିଶ୍ୱକପ୍ ୨୦୨୩, ଆଇସିସି ବିଶ୍ୱ ଟେଷ୍ଟ ଚମ୍ପିଆନ୍ସ ୨୦୨୩ ଏବଂ ଆଇସିସି ଚମ୍ପିଆନ୍ସ ଟ୍ରଫିର ଫାଇନାଲରେ ପହଞ୍ଚିଛନ୍ତି, ଯେଉଁଥିରୁ ସେ ୨୦୨୪ ଟି୨୦ ବିଶ୍ୱକପ୍ ଜିତିଛନ୍ତି। ମ୍ୟାଚ୍ ପରେ ସାମ୍ବାଦିକ ସମ୍ମିଳନୀରେ ରୋହିତଙ୍କ ବ୍ୟାଟିଂ ବିଷୟରେ ଗମ୍ଭୀର କହିଛନ୍ତି, ଚମ୍ପିଆନ୍ସ ଟ୍ରଫି ଫାଇନାଲ୍ ଏବେ ଆସୁଛି। ଯେଉଁ ଦଳର ଅଧିନାୟକ ଏତେ ଦ୍ରୁତ ଗତିରେ ବ୍ୟାଟିଂ କରନ୍ତି, ତେବେ ଏହା ଡ୍ରେସିଂ ରୁମ୍‌କୁ ସମ୍ପୂର୍ଣ୍ଣ ନିର୍ଭୀକ ଏବଂ ସାହସୀ ହେବାକୁ ଚାହୁଁଛୁ ବୋଲି ସଙ୍କେତ ଦେଇଥାଏ।

# ୨୭ରୁ ଚେସ୍ ପ୍ରତିଯୋଗିତା: ଯୋଗଦେବେ ୩୦୦ ପ୍ରତିଯୋଗୀ




କଟକ (ଭାସ୍କର ନ୍ୟୁଜ୍) : ଆଇ.ଏସ୍. ଚେସ ସେଣ୍ଟର ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍‌ର ମିଳିତ ଅନୁକୂଲ୍ୟରେ ମାର୍ଚ୍ଚ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ କଟକ, ମହାନଦୀ ବିହାର ସ୍ଥିତ 'ରିଦ୍ଧି ସିଦ୍ଧି କଲ୍ୟାଣ ମଣ୍ଡପ'ଠାରେ ଅନ୍ତର୍ଜାତୀୟ ଫିଡ଼େ ରେଟିଂ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ୯ ରାଉଣ୍ଡ ବିଶିଷ୍ଟ ହେବ। ଏଥିରେ ୧୦୮ ଜଣଙ୍କୁ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ଏବଂ ବୟସ ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ବୟସବର୍ଗରେ ୫ଜଣ ଲେଖାଏଁ ବାଳକ ଓ ବାଳିକାମାନଙ୍କୁ ୫୦ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିବା ଅନ୍‌ରେଟେଡ୍ ଖେଳାଳୀମାନେ ମଧ ନୂଆକରି ରେଟିଂ ପ୍ରାପ୍ତ କରିବାର ସୁବର୍ଣ୍ଣ ସୁଯୋଗ ରହିଛି ଏବଂ ଓଡ଼ିଶାର ରେଟେଡ୍ ଖେଳାଳିମାନେ ନିଜର ରେଟିଂ ବଢ଼ାଇବାର ମଧ ସୁଯୋଗ ରହିଛି ବୋଲି ଆଇ.ଏସ୍. ଚେସ୍ ସେଣ୍ଟରର ସମ୍ପାଦକ ମାନସ ପାଣି ସୂଚନା ଦେଇଛନ୍ତି। ଚେସ୍ ଖେଳକୁ ରାଜ୍ୟରେ ଅଧିକ ଲୋକପ୍ରିୟ କରିବାରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ସମସ୍ତ ସହଯୋଗ କରିବା ବୋଲି ରାଜ୍ୟ ସମ୍ପାଦକ ଇଂ. ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। କଟକରେ ଏଭଳି ଅନ୍ତର୍ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟର ଆୟୋଜନ ହେଉଥିବାରୁ କଟକ ଓ ଭୁବନେଶ୍ୱରରେ ଥିବା ଖେଳାଳୀମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଉଛି। ଅନ୍ତର୍ଜାତୀୟ ଆର୍ବିଟର୍ ସୁରେଶ ଚନ୍ଦ୍ର ସାହୁ ମୁଖ୍ୟ ଆର୍ବିଟର ଭାବେ ମ୍ୟାଚ୍ ପରିଚାଳନା କରିବେ । ନାମ ପଞ୍ଜୀକରଣ ପାଇଁ ୯୪୩୭୨୦୮୮୬୪ ନମ୍ବରରେ ଯୋଗାଯୋଗ କରି ମାର୍ଚ୍ଚ ୨୫ ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ଆୟୋଜକ ଇଂ. ଧନଞ୍ଜୟ ସାବତ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଡଃ. ହେମେନ୍ଦ୍ର ନାରାୟଣ ଦାସ, ଅମିୟ ରଞ୍ଜନ ରାଉତରାୟ, ପ୍ରିୟରନ ଦାସ, ଶଙ୍କର ରାଓ, ସଞ୍ଜୟ ଜେନା, ହିମାଂଶୁ ଷଡ଼ଙ୍ଗୀ ଓ ଭେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ଭାରତ
# ବଡ କ୍ଷତି ସହିବ ପାକିସ୍ତାନ



ନୂଆଦିଲ୍ଲୀ: ଯେତେବେଳେ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇନଥିଲା, ସେତେବେଳେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କଥା କଟାକଟି ହୋଇଥିଲା। ଶେଷରେ ଟିମ୍ ଇଣ୍ଡିଆ ପାଇଁ ଏକ ହାଇବ୍ରିଡ୍ ମଡେଲ୍ ଗ୍ରହଣ କରାଯାଇଥିଲା, ଯାହା ଯୋଗୁଁ ଏହାର ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ, ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ୍ ଲାହୋରରେ ଖେଳାଯିବାର ଥିଲା, କିନ୍ତୁ ଭାରତ ଫାଇନାଲରେ ପହଞ୍ଚିବା ଯୋଗୁଁ, ଫାଇନାଲ୍ ସ୍ଥାନକୁ ଲାହୋରରୁ ଦୁବାଇକୁ ପରିବର୍ତ୍ତନ କରାଯାଇଛି। ଏହି ପରିବର୍ତ୍ତନ ଯୋଗୁଁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)କୁ ବଡ଼ କ୍ଷତି ସହିବାକୁ ପଡ଼ିପାରେ। ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଟୁର୍ନାମେଣ୍ଟ ପାଇଁ ମୋଟ ୫୮୬ କୋଟି ଟଙ୍କାର ବଜେଟ ଅନୁମୋଦନ କରିଥିଲା। ଟୁର୍ନାମେଣ୍ଟରେ ମୋଟ ୧୫ଟି ମ୍ୟାଚ ଖେଳାଯିବାକୁ ଥିଲା ଏବଂ ପ୍ରତ୍ୟେକ ମ୍ୟାଚ ପାଇଁ ପ୍ରାୟ ୩୯ କୋଟି ଟଙ୍କା ବଜେଟ ରଖାଯାଇଥିଲା। ଏପର୍ଯ୍ୟନ୍ତ ସେମିଫାଇନାଲ ସମେତ ଭାରତର ୪ଟି ମ୍ୟାଚ ଦୁବାଇରେ ଖେଳାଯାଇଛି। ମୂଳ କାର୍ଯ୍ୟସୂଚୀ ଅନୁଯାୟୀ, ଏହି ଚାରିଟି ମ୍ୟାଚ ପାକିସ୍ତାନରେ ଖେଳାଯିବାର ଥିଲା। ଭାରତୀୟ ଦଳର ଚାରୋଟି ମ୍ୟାଚ ଯୋଗୁ ପିସିବି ଏପର୍ଯ୍ୟନ୍ତ ୧୫୬ କୋଟି ଟଙ୍କାର କ୍ଷତି ସହିଛି। ଭାରତ ଫାଇନାଲରେ ପହଞ୍ଚିଥିବାରୁ, ଏହା ଦୁବାଇରେ ମଧ ଖେଳାଯିବ। ଏହି କାରଣରୁ ପାକିସ୍ତାନର ମୋଟ କ୍ଷତି ୧୯୫ କୋଟି ଟଙ୍କାରେ ପହଞ୍ଚିବାକୁ ଯାଉଛି। ପୂର୍ବରୁ ପାକିସ୍ତାନରେ ପଡ଼ିଆଗୁଡ଼ିକର ନବୀକରଣ କରାଯାଇଥିଲା। ପୂର୍ବରୁ ରାୱଲପିଣ୍ଡି, କରାଚୀ ଏବଂ ଲାହୋରର ପଡ଼ିଆର ନବୀକରଣ ପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରାଯାଇଥିଲା। ପିସିବି ଆଶା କରୁଥିଲା ଯେ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପରେ ପଡ଼ିଆକୁ ଭରପୁର ସଂଖ୍ୟାରେ ଦର୍ଶକ ଆସିବେ, କିନ୍ତୁ ଆଶାଠାରୁ କମ୍ ଲୋକ ମ୍ୟାଚ୍ ଦେଖିବାକୁ ଆସିଥିଲେ। ଗ୍ରୁପ୍ ପର୍ଯ୍ୟାୟରୁ ପାକିସ୍ତାନ ବିଦାୟ ନେବା ଏବଂ ବର୍ଷା ଯୋଗୁଁ ଦୁଇଟି ମ୍ୟାଚ୍ ବାତିଲ ହେବା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଗଲା। ରାୱଲପିଣ୍ଡି ଗ୍ରାଉଣ୍ଡରେ ଟସ୍ ବିନା ବାତିଲ ହୋଇଥିବା ମ୍ୟାଚ୍ ପାଇଁ ପିସିବିକୁ ଟିକେଟ୍ ଟଙ୍କା ମଧ ଫେରସ୍ତ କରିବାକୁ ପଡିଲା।

कार्यालय : उप वन संरक्षक, योजना, जनजातीय क्षेत्र,राँची।
वन भवन, डोरण्डा, रांची
Gmail- dcfpta@gmail.com Phone & Fax no. 0651-2481161

शुद्धि पत्र
RFP No. 01/2025
Ref. No. PR No. 347263 dt. 25.02.2025

एतत् द्वारा सर्वसाधारण को सूचित किया जाता है कि Selection of consultancy firm as PMU to Assist Principal Chief Conservatpr of Forest (HOFF) संबंधी RFP No. 01/2025 के निविदा अभिलेख के पृष्ट संख्या 6 में Evaluation Criteria के बिन्दु C एवं बिन्दु D में निम्नवत् संशोधन किया गया है तथा पृष्ट संख्या 14 के बिन्दु 26.2 Payment Terms के प्रथम पैरा में 6 Resources के स्थान पर 12 एवं 2 year period के स्थान पर 1 year किया गया है।

Point C – 1 to 2 projects ....... 5 Marks Total:- 10 marks
3 to 5 projects ........ 7 Marks
6 or more projects ....10 Marks
Point D -- Team Composition:
1. Forest Management Expert - 10 Marks Total:- 50 Marks
2. Legal matter Expert (5x2) - 10 Marks
3. Service Matter (HR) - 5 Marks
4. Forest Conservation Act Expert - 5 Marks
5. Climate Change - 5 Marks
6. Multi Task Executives (2x5) - 10 Marks
7. Training Manager (5x1) - 5 Marks

ह0/–
उप वन संरक्षक,
योजना, जनजातीय क्षेत्र, राँची।
PR 347847 Forest, Environment and Climate Changes(24-25)D

झारखण्ड सरकार
कार्यपालक अभियंता, का कार्यालय,
ग्रामीण विकास विशेष प्रमंडल, पाकुड़

–ःशुद्धि पत्रः–
इस कार्यालय द्वारा निकाले गए अल्पकालीन ई– निविदा सूचना संख्या – RDD/SD/PAKUR/19/2024-25 जिसका PR No 345502 Rural development 2024-25 है में आंशिक सशोधन किया जाता है। जो निम्न प्रकार से है–

| पूर्व में निकाली गई | संशोधित |
|---|---|
| 01 | 02 |
| वेबसाइट में निविदा प्रकाशन की तिथि – 27.02.2025 | वेबसाइट में निविदा प्रकाशन की तिथि – 27.02.2025 |
| ई–निविदा प्राप्ति की तिथि एवं समय – दिनांक 27.02.2025 से दिनांक 07.03.2025 को अपराह्न 5:00 बजे तक | ई–निविदा प्राप्ति की तिथि एवं समय – दिनांक 27.02.2025 से दिनांक 19.03.2025 को अपराह्न 5:00 बजे तक |
| ई–निविदा खोलने की तिथि एवं समय –10.03.2025 अपराह्न 2:00 बजे | ई–निविदा खोलने की तिथि एवं समय –21.03.2025 अपराह्न 2:00 बजे |

शेष क्रमांक एवं सभी शर्ते यथावत् रहेगें।
कार्यपालक अभियंता,
ग्रामीण विकास विशेष प्रमंडल, पाकुड़
PR 347864 Rural Development(24-25)#D

कार्यपालक अभियंता का कार्यालय,
सुवर्णरेखा नहर प्रमंडल, जमशेदपुर
(Email id – eescdjsr.chandil@gmail.com)

प्रेस विज्ञप्ति/ शुद्धि पत्र
इस कार्यालय द्वारा आमंत्रित ई0 निविदा आमंत्रण सूचना संख्या WRD/SCD/JSR/SBD-01/2024-25 जो इस कार्यालय के पत्रांक 165 दिनांक 03.03.2025 के आलोक में P.R.347665 Water Resource (2024-25)_D के द्वारा दैनिक समाचार पत्रों में प्रकाशित हो चुका है, में आंशिक संशोधन किया जाता है, जिसें निम्न प्रकार से पढ़ा जाय:

| | | |
|---|---|---|
| कम संख्या–3 | Initial Bid Security (in INR) | Rs.3,50,000/- ( Rupees Three lakh Fifty thousand ) only. |
| कम संख्या–6 | Time of Completion | 360 ( Three hundred & sixty ) days . |

पूर्व में प्राकाशित निविदा की अन्य कंडिकायें एवं शर्तें यथावत् रहेंगी।
कार्यपालक अभियंता,
सुवर्णरेखा नहर प्रमंडल,
जमशेदपुर
PR 347806 Water Resource(24-25)#D

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
TP CENTRAL ODISHA DISTRIBUTION LIMITED
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

NOTICE INVITING TENDER: NIT No: TPCODL/2024-25/NIT/25
Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/100002243/2024-25 | Rate Contract for Supply of Grid Connected Roof Top Solar Panel and Installation Kit (ballast type structures) with capacity of 1 KWp per Households at all four Odisha DISCOMs |
| 2 | TPCODL/P&S/100002236/2024-25 | Rate Contract for 6KVA online UPS (with battery) along with 5 years onsite warranty |
| 3 | TPCODL/P&S/100002247/2024-25 | Construction of Transit House at Bhubaneswar |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd.06.03.2025**. Future communication / corrigendum to tender documents, if any, shall be available on TPCODL website.

जिला परिषद कार्यालय, पूर्वी सिंहभूम, जमशेदपुर
अल्पकालीन ई–निविदा आमंत्रण सूचना
(Through E-Procurement Mode only – www.jharkhandtenders.gov.in)

| क्र0 सं0 | e-Tender No. | कार्य का विवरणी | प्राक्कलित राशि | परिमाण विपत्र का मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | ESZP/JSR/Epro - 10/2024-25 | बहरागोड़ा प्रखण्ड अन्तर्गत पाटपुर में स्थित जिला परिषद के डाक बंगला परिसर में मार्केट कॉम्प्लेक्स (66 दुकान) का निर्माण। | 38472538.82 | 10,000.00 | 18 माह |
| 2 | ESZP/JSR/Epro - 11/2024-25 | बहरागोड़ा प्रखण्ड अन्तर्गत पाटपुर में स्थित जिला परिषद के डाक बंगला परिसर में मार्केट कॉम्प्लेक्स (26 दुकान) का निर्माण। | 38238734.03 | 10,000.00 | 18 माह |
| 3 | ESZP/JSR/Epro - 12/2024-25 | बहरागोड़ा प्रखण्ड अन्तर्गत पाटपुर में स्थित जिला परिषद डाक बंगला परिसर में मैरेज हॉल एंव दुकान निर्माण। | 48122066.73 | 10,000.00 | 18 माह |
| 4 | ESZP/JSR/Epro - 13/2024-25 | पोटका प्रखण्ड अन्तर्गत हाता चौक में जिला परिषद के जमीन पर बस स्टैंड एंव शॉपिंग कॉम्प्लेक्स का निर्माण। | 48287086.00 | 10,000.00 | 18 माह |

| | | | |
|---|---|---|---|
| 1 | निविदा आमंत्रित करनेवाले पदाधिकारी का नाम | :- | सचिव, जिला परिषद, पूर्वी सिंहभूम, जमशेदपुर। |
| 2 | वेवसाईड पर निविदा प्रकाशन की तिथि | :- | 15.03.2025 को पूर्वाह्न 11:00 बजे। |
| 3 | निविदा प्राप्त करने की अंतिम तिथि | :- | 22.03.2025 को अपराह्न 5:00 बजे तक। |
| 4 | निविदा खोलने की तिथि एवं समय | :- | 24.03.2025 को पूर्वाह्न 11:00 बजे। |
| 5 | ई–मेल पता | :- | ddcjsr01@gmail.com |
| 6 | निविदा से संबंधित जानकारी हेतु दुरभाष सं0 | :- | 8969990645, 8292342423 |
| 7 | जिला परिषद, पूर्वी सिंहभूम, जमशेदपुर के अन्तर्गत समूचित श्रेणी या एक श्रेणी उपर निबंधित संवेदक ही निविदा में भाग ले सकेगें। | | |
| 8 | विस्तृत जानकारी वेवसाईट http://jharkhandtenders.gov.in एवं कार्य दिवस में कार्यालय अवधि में जिला परिषद, पूर्वी सिंहभूम के सूचना पट्ट पर देखा जा सकता है। | | |

सचिव,
जिला परिषद, पूर्वी सिंहभूम, जमशेदपुर
PR.NO.347838 Panchayati Raj(24-25):D

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ଆମ ଶରୀରରେ ଦେଖାଯାଉଥିବା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିଥାଏ ସଜନା ଛୁଇଁ। ଏଥିରେ ଭିଟାମିନ-ସି ପ୍ରଚୁର ପରିମାଣରେ ରହିଛି। ଏହାଛଡା ଏହା ବିଟା କେରୋଟିନ୍, ପ୍ରୋଟିନ୍ ଓ ଅନେକ ପ୍ରକାର ଲବଣରେ ଭରପୁର୍ ଏବଂ ମାଗ୍ନେସିୟମ୍, ପୋଟାସିୟମ୍ ଓ ଫାଇବରର ଅଂଶ ମଧ୍ୟ ଏହି ସଜନା ଛୁଇଁରେ ରହିଛି। ସଜନା ଛୁଇଁକୁ ନିଜ ଖାଦ୍ୟ ତାଲିକାରେ ସାମିଲ କଲେ ଥଣ୍ଡା, ସର୍ଦ୍ଦିରୁ ରକ୍ଷା ମିଳିଥାଏ। କାଶ, ଗଳା ବସି ଯାଇଥିଲେ ଓ ଛାତିରେ କଫ ଜମି ଯାଇଥିଲେ ସଜନା ଛୁଇଁ ଖୁବ ଫଳପ୍ରଦ ହୋଇଥାଏ। ସଜନା ଛୁଇଁ ଖାଇଲେ ଏହା ଶରୀରରେ ରକ୍ତକୁ ସଫା କରିଥାଏ। ଡାଇବେଟିସକୁ କଣ୍ଟ୍ରୋଲ କରିବାରେ ମଧ୍ୟ ଏହା ଖୁବ୍ ସାହାଯ୍ୟ କରିଥାଏ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ଥିବାରୁ ଏହା ଅନେକ ରୋଗର ସଂକ୍ରମଣରୁ ରକ୍ଷା କରିଥାଏ। ସଜନା ଛୁଇଁରେ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ରହିଛି। ଏଣୁ ବୟସ୍କ ଲୋକେ ପ୍ରତ୍ୟହ ଏହାର ଭଜା ଖାଇଲେ ସେମାନଙ୍କ ଆଣ୍ଠୁଗଣ୍ଠି ଦରଜ ଭଲ ହେବା ସହ ଅଣ୍ଟା ବ୍ୟଥା ଦୂର ହୁଏ। ଗର୍ଭବତୀ ମହିଳାଙ୍କ ପାଇଁ ଏହା ଏକ ଉତ୍ତମ ପରିବା। ଦୈନନ୍ଦିନ ସେମାନେ ଏହି ପରିବାରୁ ପ୍ରସ୍ତୁତ ବ୍ୟଞ୍ଜନ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ପ୍ରସବ ପୀଡ଼ା କମ୍ ହେଉଥିବାର ବିଶେଷଜ୍ଞଙ୍କ ମତ। ସୌନ୍ଦର୍ଯ୍ୟ ଉପରେ ଅଧିକ ପ୍ରାଧାନ୍ୟ ଦେଉଥିବା ଯୁବତୀ ଓ ମହିଳାମାନେ ନିୟମିତ ଭାବେ ସଜନା ଛୁଇଁ ରସ କିମ୍ବା ଏହାର ଭଜା ଖାଇବା ଭଲ।



## ବିଚିତ୍ର ମନ୍ଦିର

### କେବଳ ଲୁଣ ଓ ଗୁଡରେ ସନ୍ତୁଷ୍ଟ ହୁଅନ୍ତି ଭଗବାନ

# ଭଲ ହୋଇଯାଏ ରୋଗ



ବୈଥୀଶ୍ୱରନ କୋଏଲ ପ୍ରଭୁ ଶିବ ମନ୍ଦିର ଏକ ପ୍ରସିଦ୍ଧ ହିନ୍ଦୁ ମନ୍ଦିର। ଏହା ଭାରତର ତାମିଲନାଡୁ ରାଜ୍ୟରେ ସ୍ଥିତ। ଏହି ମନ୍ଦିର ଖୁବ୍ ଲୋକପ୍ରିୟ ଓ ପ୍ରସିଦ୍ଧ ମଧ୍ୟ। ଏହି ମନ୍ଦିର ଦେବତାଙ୍କୁ ସ୍ୱାସ୍ଥ୍ୟର ଦେବତା ରୂପେ ଜଣାଶୁଣା। ଏଠାରେ ବୈଥୀଶ୍ୱରନଙ୍କ ରୂପରେ ପୂଜା କରାଯାଏ । ଏହାର ଅର୍ଥ ଚିକିତ୍ସାର ଦେବତା। ମାନ୍ୟତା ଅନୁଯାୟୀ, ବୈଥୀଶ୍ୱରନଙ୍କ ନିକଟରେ ପ୍ରାର୍ଥନା ଦ୍ୱାରା ସମସ୍ତ ରୋଗରୁ ମୁକ୍ତି ମିଳିଥାଏ। ବୈଥୀଶ୍ୱରନ ଶବ୍ଦର ଅର୍ଥ ହେଉଛି ବୈଦ୍ୟ ଅର୍ଥାତ୍ ଚିକିତ୍ସକ ଓ ଈଶ୍ୱର। ଏହା ନବଗ୍ରହଙ୍କ ସହ ଜଡିତ ନଅଟି ମନ୍ଦିର ମଧ୍ୟରୁ ଗୋଟିଏ ଓ ମଙ୍ଗଳ ଗ୍ରହଙ୍କ ସହ ଜଡିତ ବୋଲି କୁହାଯାଏ। ମନ୍ଦିରର ମୁଖ୍ୟଦ୍ୱାର ପାଞ୍ଚ ମହଲା ବିଶିଷ୍ଟ। ମନ୍ଦିରର କାରୁକାର୍ଯ୍ୟ ଉଚ୍ଚକୋଟୀରର। ଚିଦବରମରୁ ପ୍ରାୟ ୩୦ କିମି ଦୂରରେ ଥିବା ଏହି ମନ୍ଦିର ଏବଂ ଆଖପାଖର ଗାଁଟି ତାଳପତ୍ର ଜ୍ୟୋତିଷ ବା 'ନାଡ଼ି ଶାସ୍ତ୍ର'ର ପ୍ରସିଦ୍ଧ କଳା ପାଇଁ ମଧ୍ୟ ପ୍ରସିଦ୍ଧ। ଏଠାରେ ଭଗବାନଙ୍କୁ ଲୁଣ ଏବଂ ଗୁଡ଼ ଅର୍ପଣ କଲେ ସ୍ୱାସ୍ଥ୍ୟ ଲାଭ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ମନ୍ଦିରର ପ୍ରବେଶ ଦ୍ୱାର ନିକଟରେ ଏକ ଛୋଟ ବଜାର ଅଛି ଯେଉଁଠାରେ ପୂଜା ସାମଗ୍ରୀ, ଫୁଲ ଏବଂ ଅନ୍ୟାନ୍ୟ ଜିନିଷ ଉପଲବ୍ଧ। ଏଠାକୁ ପରିଦର୍ଶନ କଲେ, ଏହି ଗାଁର ସଂସ୍କୃତି ଏବଂ ପରମ୍ପରାକୁ ନିକଟରୁ ଦେଖିହେବ। ବୈଥୀଶ୍ୱରନ କୋଏଲ ହେଉଛି ଏକ ବଡ଼ ଏବଂ ପ୍ରାଚୀନ ମନ୍ଦିର ଯାହା ୧୦.୭ ଏକର ଜମିରେ ବ୍ୟାପିଛି। କୁହାଯାଏ ଯେ ଏହି ମନ୍ଦିରକୁ ରୋଗରୁ ମୁକ୍ତି ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇବା ପାଇଁ ବିଶେଷ ବିବେଚନା କରାଯାଏ। ମନ୍ଦିରରେ ଏକ ପାଞ୍ଚ ମହଲା ବିଶିଷ୍ଟ ଗୋପୁରମ (ମୁଖ୍ୟ ଦ୍ୱାର) ଏବଂ ଏହାର ଭିତରେ ଅନେକ ପ୍ରାଙ୍ଗଣ (ଖୋଲା ସ୍ଥାନ) ଅଛି। ଭଗବାନ ଶିବ ଗର୍ଭଗୃହରେ ଶିବଲିଙ୍ଗ ରୂପରେ ରହିଛନ୍ତି। ପ୍ରଥମ ପ୍ରାଙ୍ଗଣରେ ଭଗବାନ ମୁରୁଗନଙ୍କ ପ୍ରତିମା ସହିତ ନଟରାଜ, ସୋମସ୍କନ୍ଦ, ଦୁର୍ଗା, ସୂର୍ଯ୍ୟଦେବ ଏବଂ ଅନ୍ୟାନ୍ୟ ଦେବା ଏବଂ ଦେବୀଙ୍କ ପ୍ରତିମା ରହିଛି। ଦ୍ୱିତୀୟ ପ୍ରାଙ୍ଗଣରେ ଦେବୀ ଥାୟାଲନାୟକୀଙ୍କ ମନ୍ଦିର ଅଛି ଯିଏ ଔଷଧୀୟ ତେଲ ସହିତ ଠିଆ ହୋଇଛନ୍ତି ଏବଂ ଭକ୍ତମାନଙ୍କୁ ସେମାନଙ୍କର ରୋଗ ଆରୋଗ୍ୟ କରିବା ପାଇଁ ଆଶୀର୍ବାଦ ଦେଉଛନ୍ତି। ମନ୍ଦିର ନିକଟରେ ଏକ ପବିତ୍ର ଜଳ ପୁଷ୍କରିଣୀ ଅଛି ଯାହାକୁ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଲୋକମାନେ ଏହାର ପାଣିକୁ ଘରକୁ ନେଇ ଔଷଧ ଭାବରେ ବ୍ୟବହାର କରନ୍ତି। ମନ୍ଦିରଟି ପ୍ରତିଦିନ ସକାଳ ୬:୦୦ରୁ ରାତି ୮:୩୦ ପର୍ଯ୍ୟନ୍ତ ଖୋଲା ରହିଥାଏ। ହଜାର ହଜାର ଭକ୍ତ ଏଠାକୁ ସ୍ୱାସ୍ଥ୍ୟ ଏବଂ ମଙ୍ଗଳଙ୍କ ଆଶୀର୍ବାଦ ପାଇବା ପାଇଁ ଆସନ୍ତି। ମନ୍ଦିରର ପବିତ୍ର ଗଛ ହେଉଛି 'ନିମ' ଯାହାକୁ ଔଷଧୀୟ ଗୁଣ ମଧ୍ୟ କୁହାଯାଏ। ଏଠାରେ ମଙ୍ଗଳ ଗ୍ରହର ବିଶେଷ ପୂଜା କରାଯାଏ ଯାହା ଜୀବନରେ ବାଧା ଦୂର କରେ ବୋଲି ବିଶ୍ୱାସ କରାଯାଏ। ଏଠାରେ ନବଗ୍ରହ (ନଅଟି ଗ୍ରହ)ଙ୍କ ମୂର୍ତ୍ତିଗୁଡ଼ିକ ଗୋଟିଏ ଧାଡ଼ିରେ ସ୍ଥାପିତ ହୋଇଛି ଯାହା ଏହାକୁ ଅନ୍ୟ ମନ୍ଦିରଠାରୁ ଭିନ୍ନ କରିଥାଏ। ପ୍ରତି ମଙ୍ଗଳବାର ମନ୍ଦିର ଭିତରେ ଏକ ଶୋଭାଯାତ୍ରାରେ ମଙ୍ଗଳ ଗ୍ରହଙ୍କ ଏକ ସ୍ୱତନ୍ତ୍ର ମୂର୍ତ୍ତି ବାହାର କରାଯାଏ। ଏହି ମନ୍ଦିର ସ୍ୱାସ୍ଥ୍ୟ, ଶାନ୍ତି ଏବଂ ସମୃଦ୍ଧି କାମନା କରିବା ପାଇଁ ପ୍ରସିଦ୍ଧ।

# ତେଲଗୁରେ ଡେବ୍ୟୁ କରିବେ ସୋନାକ୍ଷୀ



ତେଲଗୁ ଅଭିନେତା ସୁଧୀର ବାବୁ ତାଙ୍କର ଆଗାମୀ ଫିଲ୍ମ 'ଜଟାଧାରା' ଲାଗି ପ୍ରସ୍ତୁତି କରୁଛନ୍ତି। ଇତିମଧ୍ୟରେ ଫିଲ୍ମ ସମ୍ପର୍କରେ ଏକ ଅପଡେଟ୍ ସାମ୍‌ନାକୁ ଆସିଛି। ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସେଥିରେ ଲିଡ୍ ରୋଲ୍‌ରେ ନଜର ଆସିପାରନ୍ତି। ସୋନାକ୍ଷୀ ଏ ନେଇ କିଛି ସ୍ପଷ୍ଟ କରିନଥିବା ବେଳେ ନିର୍ମାତାଙ୍କ ସହ ତାଙ୍କର ଆଲୋଚନା ଚୂଡ଼ାନ୍ତ ହୋଇସାରିଛି ବୋଲି ଜଣାପଡିଛି। ମାର୍ଚ୍ଚ ୮ରୁ ସୁଟିଂ ସେଟ୍‌ରେ ସେ ଯୋଗ ଦେବେ ବୋଲି ଚର୍ଚ୍ଚା ଚାଲିଛି। 'ଜଟାଧାରା' ଏକ ସୁପର ନାଚ୍ୟୁରାଲ ଫାଣ୍ଟାସି ଥ୍ରିଲର। ସେଥିରେ ସୋନାକ୍ଷୀଙ୍କୁ ଏକ ନୂଆପ୍ରକାର ଭୂମିକାରେ ଦେଖିବାକୁ ମିଳିପାରେ। ଭେଙ୍କଟ କଲ୍ୟାଣ ଏହାର ନିର୍ଦ୍ଦେଶନାରେ ଅଛନ୍ତି। ନିକଟରେ ହାଇଦ୍ରାବାଦରେ ଫିଲ୍ମର ମହୁରତ୍ ଅନୁଷ୍ଠିତ ହୋଇଥିଲା। ସୂଚନା ଥାଉକି, ଦବଙ୍ଗ, ଲୁଟେରା ଭଳି ଫିଲ୍ମରେ ନିଜର ଅଭିନୟ ପରାକାଷ୍ଠା ପ୍ରଦର୍ଶନ କରିଥିବା ସୋନାକ୍ଷୀଙ୍କୁ ଶେଷ ଥର ଲାଗି ସଞ୍ଜୟ ଲୀଲା ଭନ୍‌ସାଲିଙ୍କର ପିରିୟଡ୍ ଡ୍ରାମା ଫିଲ୍ମ 'ହୀରାମଣ୍ଡି : ଦ ଡାଇମଣ୍ଡ ବାଜାର'ରେ ଦେଖିବାକୁ ମିଳିଥିଲା। ସେ ମଧ୍ୟ ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହୋଇଥିବା ହରର୍ ଫିଲ୍ମ 'କାକୁଡ଼ା'ରେ ନଜର ଆସିଥିଲେ।



## ୩ ଦଶନ୍ଧି ପରେ ଏକାଠି ଆସିଲେ ନଜର

# ଶିଳ୍ପାଙ୍କ ହାତଧରି ନାଚିଲେ ଅକ୍ଷୟ



ବଲିଉଡ ଅଭିନେତା ଅକ୍ଷୟ କୁମାର ଏବଂ ଶିଳ୍ପା ସେଟ୍ଟୀଙ୍କ ପ୍ରେମ ସମ୍ପର୍କ କାହାକୁ ଅଛପା ନାହିଁ। କିନ୍ତୁ ଦୁହିଁଙ୍କ ପ୍ରେମ କାହାଣୀ ଅଧିକ ଦିନ ତିଷ୍ଠି ନଥିଲେ। ଦୁହେଁ ପରସ୍ପର ଠାରୁ ଅଲଗା ହୋଇ ନିଜ ଜୀବନରେ ଆଗକୁ ବଢ଼ିଥିଲେ। ୩ ଦଶନ୍ଧି ପରେ ଅକ୍ଷୟ ଏବଂ ଶିଳ୍ପା ଏକାଠି ନଜର ଆସିଛନ୍ତି। ଦୁହେଁ ନିଜ ଡ୍ୟାନ୍ସରେ ମଞ୍ଚରେ ଦୁଲକାଇ ଦେଇଥିଲେ। ଅକ୍ଷୟ ଏବଂ ଶିଳ୍ପା ନିକଟରେ ଏକ ପୁରସ୍କାର ଉତ୍ସବରେ ଯୋଗ ଦେଇଥିଲେ। ଏହି ସମୟରେ ଦୁହେଁ ଧଳା ରଙ୍ଗର ପୋଷାକରେ ଦେଖିବାକୁ ମିଳିଥିଲା। ଧଳା ରଙ୍ଗର ଶାଢ଼ିରେ ଶିଳ୍ପା ବହୁତ ସୁନ୍ଦର ଦେଖାଯାଉଥିଲେ। ଅକ୍ଷୟଙ୍କୁ ଧଳା ରଙ୍ଗର ସୁଟ ପିନ୍ଧି ଦେଖିବାକୁ ମିଳିଥିଲା। ଦୁହେଁ ମଞ୍ଚ ଉପରେ ଚୁରା କେ ଦିଲ ମେରା ଗୀତରେ ନାଚିଥିଲେ। ଏହି ଗୀତଟି 'ମୈଁ ଖିଲାଡି ତୁ ଅନାରି' ଚଳଚ୍ଚିତ୍ରର। ଏହି ଫିଲ୍ମରେ ଶିଳ୍ପା ଏବଂ ଅକ୍ଷୟ ଏକାଠି ନଜର ଆସିଥିଲେ। ଦୁହିଁଙ୍କ ଅଭିନୟ ପ୍ରଶଂସକମାନଙ୍କୁ ପାଗଳ କରିଦେଇଥିଲା। ଅକ୍ଷୟ ଶିଳ୍ପାଙ୍କ ହାତ ଧରି ନାଚିଥିଲେ। ଶିଳ୍ପା ଏବଂ ଅକ୍ଷୟ ଅନେକ ଫିଲ୍ମରେ ଏକାଠି କାମ କରିଛନ୍ତି। ସେମାନେ ମୈଁ ଖିଲାଡି ତୁ ଅନାରି, ଇନସାଫ, ଧଡକ, ଜାନଓ୍ୱାର ଭଳି ଫିଲ୍ମରେ ଏକାଠି ନଜର ଆସିଥିଲେ। ୯୦ ଦଶକରେ ଶିଳ୍ପା ଏବଂ ଅକ୍ଷୟଙ୍କ ପ୍ରେମ ସମ୍ପର୍କ ବିଷୟରେ ବହୁତ ଚର୍ଚ୍ଚା ହୋଇଥିଲା। ଦୁହେଁ ୧୯୯୪ ମସିହାରେ ଫିଲ୍ମ 'ମୈଁ ଖିଲାଡି ତୁ ଅନାରି' ସମୟରେ ଦେଖା ହୋଇଥିଲେ। ଏହା ପରେ ସେମାନଙ୍କର ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଉଭୟ ୩ ବର୍ଷ ଧରି ସମ୍ପର୍କରେ ଥିଲେ। କିନ୍ତୁ ତା'ପରେ ସେମାନଙ୍କର ରାସ୍ତା ଅଲଗା ହୋଇଯାଇଥିଲା। ଏହା ପରେ ଶିଳ୍ପା ରାଜ କୁନ୍ଦ୍ରାଙ୍କୁ ବିବାହ କରିଥିଲେ। ଶିଳ୍ପା ଦୁଇଟି ସନ୍ତାନର ମା'। ଅକ୍ଷୟ ଅଭିନେତ୍ରୀ ଟ୍ୱିଙ୍କଲ ଖାନ୍ନାଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ମଧ୍ୟ ଅଛନ୍ତି।



# କୋରାପୁଟର ପ୍ରାକୃତିକ ପରିବେଶରେ ଫିଲ୍ମ ସୁଟିଂ କରିବେ ରାଜାମୌଲୀ

ପ୍ରାକୃତିକ ପରିବେଶ ଓ ଫିଲ୍ମର କାହାଣୀ ପାଇଁ କୃତ୍ରିମ ସେଟ୍ ନିର୍ମାଣ ପରିବର୍ତ୍ତେ ପ୍ରାକୃତିକ ପରିବେଶରେ ସୁଟିଂ କରିବାକୁ ବର୍ତ୍ତମାନ ନିର୍ଦ୍ଦେଶକମାନେ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରି ବର୍ତ୍ତମାନ ଦକ୍ଷିଣ ଓଡ଼ିଶା ମୁହାଁ ହୋଇଛି। ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଲି ତାଙ୍କର ଆଗାମୀ ଫିଲ୍ମ ସୁଟିଂ ପାଇଁ ଦକ୍ଷିଣ ଓଡ଼ିଶାର ଭୂସ୍ୱର୍ଗ କୋରାପୁଟକୁ ବାଛିଛନ୍ତି। ଜିଲ୍ଲାର ଦେଓମାଳି, ତଳମାଳି, ଲମତାପୁଟ, ଜୟପୁର ଭଳି ବିଭିନ୍ନ ସ୍ଥାନରେ ସୁଟିଂ କରିବା ପାଇଁ ସେ ସ୍ଥାନ ଚିହ୍ନଟ କରିଥିବା ଜଣାପଡିଛି। ବଡ଼ ବଜେଟରେ ନିର୍ମିତ ହେଉଥିବା ଏହି ଫିଲ୍ମରେ ଟଲିଉଡର ସୁପରଷ୍ଟାର ମହେଶ ବାବୁ ମୁଖ୍ୟ ଭୂମିକରେ ଥିବା ବେଳେ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ରହିଛନ୍ତି। ଏଥିସହିତ ବଲିଉଡ୍‌ର ଆଗଧାଡ଼ିର ଅଭିନେତା ଅଭିନେତ୍ରୀମାନେ ମଧ୍ୟ ଅଭିନୟ କରୁଥିବା ସୂଚନା ମିଳିଛି। ଫିଲ୍ମର ନାମ 'ଏସ୍‌ଏସ୍‌ଏମ୍ବି-୨୯' ରହିଥିବା ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ନାଗା ପ୍ରଣିତ ଏହାର ପ୍ରଡକ୍ସନ ମ୍ୟାନେଜର ରହିଛନ୍ତି। ମାର୍ଚ୍ଚ ପହିଲାରୁ ୨୯ତାରିଖ ଯାଏଁ କୋରାପୁଟରେ ଏହାର ସୁଟିଂ ହେବ। ଏଠାରେ ପୂର୍ବରୁ ବହୁ ତେଲୁଗୁ, ତାମିଲ ଫିଲ୍ମ ସୁଟିଂ ହୋଇଥିଲେ ମଧ୍ୟ ରାଜାମୌଲିଙ୍କ ଭଳି ଜଣେ ଜଣାଶୁଣା ନିର୍ମାତା ତଥା ନିର୍ଦ୍ଦେଶକ ପ୍ରଥମ ଥର ପାଇଁ ଆସିଛନ୍ତି। ଏହି ଧାରା ଜାରି ରହିଲେ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ଜିଲ୍ଲାପାଳ ଭି କିର୍ତ୍ତୀ ଭାଷନ କହିଛନ୍ତି। ସୂଚନା ଯୋଗ୍ୟ ଏସ୍‌ଏସ୍ ରାଜାମୌଲି ବାହୁବଳି, ଆର୍‌ଆର୍‌ଆର୍, ମଗଧୀରା ଭଳି ବ୍ଲକ ବଷ୍ଟର ଫିଲ୍ମ ତିଆରି କରିଛନ୍ତି। ଏହି ଫିଲ୍ମଗୁଡ଼ିକ ଦୀର୍ଘଦିନ ଧରି ହଲ୍‌ରେ ଚାଲିଥିବା ବେଳେ ବହୁ ପୁରସ୍କାର ମଧ୍ୟ ହାତେଇଛି।



# ହୃତିକ୍-ଜୁନିୟର ଏନ୍‌ଟିଆର୍‌ଙ୍କ ମଧ୍ୟରେ ଡ୍ୟାନ୍ସ ମୁକାବିଲା



ଆସନ୍ତା ଅଗଷ୍ଟ ୧୪ରେ ଅଭିନେତା ହ୍ରିତିକ୍ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ଅଭିନୀତ ଆକ୍ସନ ଥ୍ରୀଲର ଫିଲ୍ମ 'ଓ୍ୱାର ୨' ରିଲିଜ୍ ହେବାକୁ ଯାଉଛି। ତେବେ ବିଭିନ୍ନ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମ ସମ୍ପର୍କିତ ଏକ ଅପଡେଟ୍ ସାମ୍‌ନାକୁ ଆସିଛି। 'ଓ୍ୱାର ୨' ଫିଲ୍ମର ଏକ ଗୀତର ସୁଟିଂ ମୁମ୍ବାଇର ଅନ୍ଧେରୀସ୍ଥିତ ୟଶରାଜ୍ ଷ୍ଟୁଡିଓରେ ଆରମ୍ଭ ହୋଇସାରିଛି। ଫିଲ୍ମର କାହାଣୀ ଅନୁଯାୟୀ, ଉକ୍ତ ଗୀତରେ ହ୍ରିତିକ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ମଧ୍ୟରେ କଡ଼ା ଡ୍ୟାନ୍ସ ମୁକାବିଲା ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଏହି ଗୀତରେ ଉଭୟ ହ୍ରିତିକ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ସହ ଅଭିନେତ୍ରୀ କିଆରା ଆଡ଼ଭାନୀ ଏବଂ ୫୦୦ରୁ ଅଧିକ ଡ୍ୟାନ୍ସରଙ୍କୁ ମଧ୍ୟ ଦେଖିବାକୁ ମିଳିବ। କୋରିଓଗ୍ରାଫର ବୋସ୍କୋ ମାର୍ଟିସ୍ ଏହି ଗୀତର କୋରିଓଗ୍ରାଫି ଦେଇଛନ୍ତି। ଏହି ଗୀତର ଶୁଟିଂ ପାଇଁ ୨ ସପ୍ତାହ ଧରି ରିହର୍ସାଲ କରାଯାଇଥିଲା। ଫିଲ୍ମ ନିର୍ମାତାଙ୍କ ସୂତ୍ର ଅନୁଯାୟୀ, ଆସନ୍ତା ୧୦ ତାରିଖଯାଏ ଏହି ଗୀତର ସୁଟିଂ ଜାରି ରହିଛି। 'ଓ୍ୱାର ୨' ଫିଲ୍ମରେ ଜୁନିୟର ଏନ୍‌ଟିଆର୍‌ଙ୍କୁ ଜଣେ ସାଉଥ୍ ଇଣ୍ଡିଆନ୍ ଏଜେଣ୍ଟଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏହି ଭୂମିକାରେ ଜୁନିୟର ଏନ୍‌ଟିଆର୍‌ଙ୍କ ଅନେକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ଗ୍ରାମର ବରିଷ୍ଠ କଂଗ୍ରେସ ନେତା ତଥା ମୋହରିର ସଂଘର ପୂର୍ବତନ ସଭାପତି ଗଙ୍ଗାଧର ପଣ୍ଡାଙ୍କୁ ଏକାଦଶାହ ଅବସରରେ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ପୂର୍ବତନ ସମିତିସଭ୍ୟ ଉମାକାନ୍ତ ଦାସଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଶିକ୍ଷାବିତ୍ ଯାମିନୀ ମୋହନ ପାଢ଼ୀ, ପୂର୍ବତନ ସରପଞ୍ଚ ବସନ୍ତ ପତି, ଅଜୟ ରାଉତ ଓ କୀର୍ତ୍ତନ ରାଉତ, ସମିତିସଭ୍ୟ ଚିନ୍ତାମଣି ଦାସ, ସମାଜସେବୀ ଡା. ଦୀନବନ୍ଧୁ ବେହେରା, ପୁରୁଷୋତ୍ତମ ମହାଳିକ, ହୃଷିକେଶ ପଣ୍ଡା, ପୀତାମ୍ବର ସେଠୀ, ଗଣେଶ ପ୍ରସାଦ ନାୟକ, ରତିକାନ୍ତ ଦାସ, ରଘୁନାଥ ପାତ୍ର, ସର୍ବେଶ୍ୱର ପରିଡ଼ା, ପଦ୍ମଲୋଚନ ପତି, ପ୍ରଫୁଲ୍ଲ ରାଉତ, ପ୍ରଦୋଷ ସ୍ୱାଇଁ, ଧୀରେନ୍ଦ୍ର ସାହୁ, ହିମାଦ୍ରୀ ରାଉତରାୟ, କେଶବ ବେହେରା, ସୀତାକାନ୍ତ ନାୟକ, ସୁବାସ ବେହେରା, ମଧୁସୂଦନ ନାୟକ, ତାରକେଶ୍ୱର ରାଉତ, ସୁରେଶ ମହାପାତ୍ର, କୃପାସିନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର ନିର୍ମଳ ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।



## ସୁଭଦ୍ରା ଯୋଜନା ପାଇଁ ସଚେତନତା ଶୋଭାଯାତ୍ରା

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ଏନଏସି ଅଧିନସ୍ତ ହବିବିନଗର ଅଙ୍ଗନବାଡ଼ି ଠାରୁ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ବିଭିନ୍ନ ୱାର୍ଡ ଓ ବଜାର ପରିକ୍ରମା କରି ଧାମନଗର ସିଡିପିଓ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଏହି କାର୍ଯ୍ୟକ୍ରମକୁ ସିଡିପିଓ ଦମୟନ୍ତୀ ଦେଇ ଉଦ୍‌ଘାଟନ କରିଥିଲେ। ପରେ ଏକ ସଚେତନ ସଭାରେ ରାଜ୍ୟ ସରକାର ମହିଳା ମାନଙ୍କ ପାଇଁ ଶୁଭଦ୍ରା ଯୋଜନାର ସଫଳତା ଓ ସେହି ଯୋଜନାରେ ଯେଉଁ ଟଙ୍କା ସରକାର ଦେବେ ତାକୁ ମହିଳାମାନେ କେମିତି ବିନିଯୋଗ କରି ଲାଭବାନ ହେବେ ସେ ଦିଗରେ ଆଲୋଚନା କରାଯାଇଥିଲା। ଏଥିରେ ଅଙ୍ଗନବାଡ଼ି କର୍ମୀ ତଥା ନୋଡ଼ାଲ ଅଫିସର ଜୟନ୍ତୀ ଜେନା ସଭା ସଞ୍ଚାଳନା କରିଥିବା ବେଳେ ସୁପରଭାଇଜର ଚାରୁଲତା ସାମଲ, ସଂଯୋଜିକା ସୁଜାତା ମଲିକ, କବିତା ଦାସ, ଅଳକା ମହାପାତ୍ର, ସମିମା ତରୁନୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରତେକ ପଂଚାୟତରେ ମଧ୍ୟ ଅଙ୍ଗନବାଡ଼ି କର୍ମୀ ଓ ସିଆରପି, ଏମବିକେମାନେ ବିଭିନ୍ନ ଗ୍ରାମ ପରିକ୍ରମା କରି ସଚେତନା କରିଥିଲେ।

## କେନାଲରେ ବାଇକ୍ ଖସି ଦୁଇଜଣଙ୍କ ମୃତ୍ୟୁ



କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ ପାଣ୍ଡିଆଝୋଳି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ସଡ଼କ ଦୁର୍ଘଟଣାରେ ଦୁଇ ନାବାଳକ ସାଙ୍ଗର ଜୀବନ ଚାଲିଯାଇଛି। ଘଟଣା ଅନୁଯାଇ, ମଙ୍ଗଳବାର ରାତ୍ର ୯ଟା ସମୟରେ ପାଣ୍ଡିଆଝୋଳି ଗ୍ରାମର ଦୁଇ ନାବାଳକ ସାଙ୍ଗର ବାଇକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ଦୁଇ ଜଣ ହେଲେ ପୁରୁଣା ପାଣ୍ଡିଆଝୋଳି ଗ୍ରାମର ସୁଶାନ୍ତ ସେଠୀଙ୍କ ପୁତ୍ର ପ୍ରିତମ ସେଠୀ (୧୪), ନୂଆ ପାଣ୍ଡିଆଝୋଳି ଗ୍ରାମର ସୁକୁଟା ଗୌଡ଼ଙ୍କ ପୁତ୍ର କ୍ଷମା ଗୌଡ଼(୧୫)। ଦୁହେଁ ମିଶି ଗୋଟାଏ ବାଇକ୍‌ରେ ନିଜ ଗ୍ରାମରୁ ବାହାରି କିଛି ରାସ୍ତା ଗଲାପରେ ଏକ ଗ୍ରାମ ନିକଟରେ ଥିବା କେନାଲ ବ୍ରିଜ ଠାରେ ଗାଡିଟି ଭାରସାମ୍ୟ ହରାଇ ଦୁହେଁ ବ୍ରିଜ ତଳକୁ ଖସିଯାଇଥିଲେ। ଯାହାଫଳରେ ବାଇକ୍ ଚାଳକ କ୍ଷମା ଗୌଡ଼ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ବାଇକ୍ ପଛରେ ବସିଥିବା ପ୍ରିତମ ସେଠୀ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ନେଉଥିବା ବେଳେ ମୃତ୍ୟୁ ବରଣ କରିଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଛାତ୍ର କ୍ଷମାର ମର ଶରୀରକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଥିବା ବେଳେ ଅନ୍ୟ ଯୁବକ ପ୍ରିତମ୍‌ର ମର ଶରୀରକୁ ମଧ୍ୟ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପରିବାର ଲୋକଙ୍କ ଠାରୁ ଯାହା ଜଣାପଡୁଛି ଯେ, ପ୍ରିତମ ଓ କ୍ଷମା ଦୁଇଜଣ ବହୁତ ଭଲ ସାଙ୍ଗ। ଦୁହେଁ ଗୋଟିଏ ବିଦ୍ୟାଳୟରେ ମଧ୍ୟ ପାଠ ପଢିଆସୁଥିଲେ। ପ୍ରିତମ ନବମ ଶ୍ରେଣୀରେ ପାଠ ପଢୁଥିବା ବେଳେ କ୍ଷମା ଦଶମ ଶ୍ରେଣୀରେ ପଢୁଥିଲେ। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୁବ୍ରମନ୍ୟୁ ପ୍ରଧାନ ସୂଚନା ଦେଇଛନ୍ତି।

## ଶ୍ରୀ ମେଟାଲିକ୍ସ କାରଖାନାରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବାଂଶପାଳ ବ୍ଲକ ଅଁରାସ୍ଥିତ ଶ୍ରୀ ମେଟାଲିକ୍ସ କାରଖାନା ପରିସରରେ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କାରଖାନାର ସଭାପତି ସରୋଜ କୁମାର ବିଶ୍ୱାଳ ପତାକା ଉତ୍ତୋଳନ କରି କର୍ମଚାରୀ ଏବଂ ଶ୍ରମିକଙ୍କ ସର୍ବୋତ୍ତମ ସୁରକ୍ଷା ଉପରେ କମ୍ପାନୀର ପ୍ରାଥମିକତା ବୋଲି ନିଜ ବକ୍ତବ୍ୟରେ କହିଥିଲେ। କମ୍ପାନୀର ରେକର୍ଡ ଉତ୍ପାଦନ ନିମନ୍ତେ ସମସ୍ତ କର୍ମଚାରୀ ଏବଂ ଶ୍ରମିକମାନଙ୍କ କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଉତ୍ସବରେ ଟେକ୍ନିକାଲ ହେଡ଼ ବିଏନ୍ ପ୍ରସାଦ କମ୍ପାନୀ କର୍ମଚାରୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ସମସ୍ତଙ୍କର ନିରାପତ୍ତା ନିମନ୍ତେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ଏଚ୍ଆର୍ ହେଡ ଶିଶିର କୁମାର ରାଉତ ସମସ୍ତ କର୍ମଚାରୀଙ୍କୁ ସୁରକ୍ଷା ଶପଥ ପାଠ କରାଇଥିଲେ। ଚଳିତ ମାସ ୪ ତାରିଖଠାରୁ ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେଫ୍ଟି ଅଫିସର ଇନଜାମୁଲ ହକ୍, ଦୁର୍ଗା ପ୍ରସାଦ ଦାସ କମ୍ପାନୀକୁ ସୁରକ୍ଷିତ କାର୍ଯ୍ୟସ୍ଥଳୀ କରିବା ସମସ୍ତେ ଦାୟିତ୍ୱବାନ ହେବାକୁ କହିଥିଲେ। ଏହି ଉତ୍ସବରେ ସିନିୟର ଏଜିଏମ୍ ଅପରେସନ (ପିଲେଟ) ଜ୍ଞାନ ରଞ୍ଜନ ସ୍ୱାଇଁ, ସିନିୟର ଡିଜିଏମ୍ (ଗ୍ରାଇଡିଙ୍ଗ) ଅବନୀ କୁମାର ବିଶ୍ୱାଳ, ଡିଜିଏମ (ମେକାନିକାଲ) କ୍ରୀଷ୍ଣାରାଓ ପାଏଲା, ସିନିୟର ଏଜିଏମ୍ ଲଜିଷ୍ଟିକ ବିନୋଦ କୁମାର ମହାନ୍ତି, ସିନିୟର ଏଜିଏମ୍ ସୁଶିଲ କୁମାର ଭୂୟାଁ, ଏଜିଏମ (ସିଭିଲ) ମୁକୁଲ ଦତ୍ତ, ଏଜିଏମ (ପିଲେଟ) ଅମରେଶ ଲେଙ୍କା, ସିନିୟର ମ୍ୟାନେଜର (ବେନିଫିକେସନ) ଚିନ୍ମୟ ରାଉତ,ସିନିୟର ମ୍ୟାନେଜର (ଇଲେକ୍ଟ୍ରିକାଲ) ଅରବିନ୍ଦ ନନ୍ଦ, ସିନିୟର ମ୍ୟାନେଜର (ସିକ୍ୟୁରିଟି) ଶେଷଦେବ ବେହେରା, ସିନିୟର ଏଜିଏମ୍ କ୍ୱାଲିଟି କଣ୍ଟ୍ରୋଲ ଶରତ କୁମାର ପ୍ରଧାନ,ଏଜିଏମ(ପ୍ରୋଜେକ୍ଟ) ଦେବବ୍ରତ ମେହେର, ମ୍ୟାନେଜର (ସିକ୍ୟୁରିଟି) ଅସରଫ୍ ଅଲ୍ଲୀ ହଜାରୀ, ଆସିଷ୍ଟାଣ୍ଟ ମ୍ୟାନେଜର (ଆଇଟି) ଭଗବାନ ବେହେରା, ଡେପୁଟି ମ୍ୟାନେଜର (ଏଚ୍ଆର) ବିଜୟ କୁମାର ବାରିକ, ଜୁନିୟର ମ୍ୟାନେଜର (ଏଚ୍ଆର) ଅଫ୍‌ତାବ ଆଲମ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ଲାଣ୍ଟ ପରିସରରେ ସୁରକ୍ଷା ସମ୍ବନ୍ଧରେ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ସପ୍ତାହବ୍ୟାପୀ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶ୍ରମିକ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, କୁଇଜ ପ୍ରତିଯୋଗିତା, ସ୍ଲୋଗାନ, ସୁରକ୍ଷା ସମ୍ପର୍କିତ କର୍ମଶାଳା ଆଦି ଅନୁଷ୍ଠିତ ହେବ। ୧୦ତାରିଖ ଦିନ ଉଦ୍‌ଯାପନୀ ଉତ୍ସବରେ କୃତୀ କର୍ମଚାରୀ ଏବଂ ଶ୍ରମିକମାନଙ୍କୁ ପୁରସ୍କୃତ କରାଯିବ ବୋଲି ଏଚ୍ଆର୍ ହେଡ ଶିଶିର କୁମାର ରାଉତ ପ୍ରକାଶ କରିଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବୁଧବାର ଦିନ କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ସଦର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଅଭିଯୁକ୍ତ କୁନୁ ଓରଫ୍ ଜଗନ୍ନାଥ ମୁଣ୍ଡା(୨୦)କୁ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପୀଡିତାକୁ ୭ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ୪ ତାରିଖ ଦିନ ଅଭିଯୁକ୍ତ ପୀଡିତାର ଘରକୁ ଯାଇ ଯାତ୍ରା ଦେଖାଇବା ପାଇଁ କହି ପୀଡିତାକୁ ଝୁମ୍ପୁରାକୁ ନେଇଥିଲା ଏବଂ ନେବା ରାସ୍ତାରେ ଏକ ନିଛାଟିଆ ହାଣ୍ଡିଆ ଗୋଦାମରେ ପୀଡିତା(୧୧ବର୍ଷ) ସହ ଦୁଷ୍କର୍ମ କରିଥିଲା ଏବଂ ପୀଡିତା ଘରେ ଆସି ଖବର ଦେଇଥିଲା ଯେ ପୀଡିତା ଯାତ୍ରାରେ ହଜିଯାଇଛି। ପରେ ପୀଡିତା ଘରଲୋକ ଖବର ପାଇ ଜାଣିଲେ ଯେ ପୀଡିତା ତା' ନିଜ କକା ଘରେ ଅଛି ଏବଂ ପରଦିନ ପରିବାର ଲୋକ ପୀଡିତାକୁ ଯାଇ ପଚାରିବାରୁ ପୀଡିତା ସହ ହୋଇଥିବା ଦୁଷ୍କର୍ମ କଥା ଜଣାଇବା ପରେ ପୀଡିତାର ମା' ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସଦର ଥାନାରେ ମାମଲା ରୁଜୁ କରି ଆସାମୀକୁ କୋର୍ଟ ଚାଲାଣ କରିଥିଲା।

## ଗ୍ରୀଷ୍ମପ୍ରବାହ ମୁକାବିଲାକୁ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀଙ୍କୁ ସତର୍କ ରହିବା ଓ ଅଂଶୁଘାତ ଜନିତ ସୁରକ୍ଷା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଅବଗତ କରାଇଥିଲେ ଯେ, ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅତ୍ୟଧିକ ଗରମ ଅନୁଭୂତ ହେବାର ସମ୍ଭାବନା ରହିଛି। ଏଣୁକରି ଜିଲ୍ଲାବାସୀଙ୍କୁ ସୁରକ୍ଷା ଦେବା ସହ ପ୍ରଶାସନ ପକ୍ଷରୁ ସମସ୍ତ ଆଶୁ ପଦକ୍ଷେପ ପୂର୍ବରୁ ଗ୍ରହଣ କରିବାକୁ ହେବ। ଏଥି ନିମନ୍ତେ ସମସ୍ତ ଲାଇନ୍ ବିଭାଗୀୟ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ପୂର୍ବ ପ୍ରସ୍ତୁତି କରି ସଜାଗ ରହିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ଠାରୁ ଜଳକ୍ଲିଷ୍ଟ ଅଞ୍ଚଳ ଗୁଡିକ ଚିହ୍ନଟ କରି ଜଳ ଯୋଗାଣର ବ୍ୟବସ୍ଥା, ଚିକିତ୍ସାଳୟ ଗୁଡିକରେ ଅଂଶୁଘାତ ଜନିତ ଚିକିତ୍ସା ସକାଶେ ସମସ୍ତ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଜଳଛତ୍ର କେନ୍ଦ୍ର ଖୋଲିବାକୁ ପରାମର୍ଶ ଦେଇଛନ୍ତି। ସହରାଞ୍ଚଳଗୁଡ଼ିକରେ ପ୍ରତି ଦେଢଶହ ମିଟର ଦୂରତାରେ ଗୋଟିଏ ଲେଖାଏଁ ଜଳଛତ୍ର ଖୋଲିବାକୁ ଜିଲ୍ଲାପାଳ ପରିଡା ନିର୍ଦ୍ଦେଶ ଦେଇଥିଲେ। ପଶୁପକ୍ଷୀ ମାନେ ଯେପରି ପିଇବା ପାଇଁ ଜଳ ପାଇବେ ସେଥିନିମନ୍ତେ ମଧ୍ୟ ବ୍ୟବସ୍ଥା କରିବାକୁ କହିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ବୈଠକରେ ଗ୍ରୀଷ୍ମପ୍ରବାହ ମୁକାବିଲା ସକାଶେ ବିଭିନ୍ନ କାର୍ଯ୍ୟଧାରାଗୁଡିକ ସମ୍ପର୍କରେ ଅବଗତ କରାଇ ସମସ୍ତ ବିଭାଗ ତରଫରୁ ପୂର୍ବ ପ୍ରସ୍ତୁତି କିଭଳି କରାଯାଇଛି ସେ ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ପ୍ରସ୍ତୁତ କରି ରଖିବା ସହିତ ଜିଲ୍ଲାର ବିଭିନ୍ନ ସିଏଚସି, ପିଏଚସିରେ ମଧ୍ୟ ଅଂଶୁଘାତ ଜନିତ ଚିକିତ୍ସା କରିବା ନିମନ୍ତେ ଆଗୁଆ ପ୍ରସ୍ତୁତି କରିବାକୁ ଜଣାଇଥିଲେ। ସେହିପରି ବିଭିନ୍ନ ଗ୍ରାମାଞ୍ଚଳ, ପୌର ପରିଷଦ, ବ୍ଲକ,ଏନ୍ଏସି ପକ୍ଷରୁ ଜଳଛତ୍ର ମାନ ଖୋଲାଯିବାକୁ ମଧ୍ୟ ଆଲୋଚନା ହୋଇଛି। ଜିଲ୍ଲାର ସମସ୍ତ ଦର୍ଶନୀୟ ସ୍ଥାନଗୁଡିକରେ ପାନୀୟ ଜଳ ବ୍ୟବସ୍ଥା କରାଯିବ। ଶ୍ରମିକଗଣ ଦିନ ୧୧ ଠାରୁ ଅପରାହ୍ନ ୩ ଘଣ୍ଟା ପର୍ଯ୍ୟନ୍ତ ଶ୍ରମଦାନ ନକରି ବିଶ୍ରାମ ନେବାକୁ ଶ୍ରମ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ସମ୍ପର୍କରେ ଅବଗତ କରିବା ପାଇଁ କୁହାଯାଇଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଦିନ ସାଢେ ଦଶଟା ପରେ ଶାରିରୀକ କ୍ରିୟାକଳାପ ନ କରାଇବା ପାଇଁ ଜିଲ୍ଲାପାଳ ପରିଡା ଗୁରୁତ୍ୱାରୋପ କରିଥିଲେ। ଗ୍ରୀଷ୍ମଦିନେ ବିଶେଷକରି ପାନୀୟଜଳ ସମସ୍ୟା ଯେପରି ଦେଖା ନଯାଏ, ବିଦ୍ୟୁତ ଯୋଗାଣରେ ଯେପରି ବାଧା ଉପୁଜିବ ନାହିଁ ସେ ଦିଗରେ ଆଗୁଆ ପଦକ୍ଷେପ ନେବାକୁ କୁହାଯାଇଛି। ପଶୁମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ରାଜ୍ୟ ସରକାରଙ୍କ ଗାଇଡ଼ ଲାଇନ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ଘଟେ, ତେବେ ତୁରନ୍ତ ପୋଷ୍ଟମର୍ଟମ୍ ରିପୋର୍ଟ ଓ ଏଫଆଇଆର୍ର ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପ ଜିଲ୍ଲାପାଳ ଦୀନା ଦସ୍ତଗୀର, ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶୀଷ ବରାଡ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଭିଷେକ ସାହୁଙ୍କ ସମେତ ଚିକିତ୍ସା ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନୟନ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଲାଇନ ବିଭାଗୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ୨୯ଲକ୍ଷ ଟଙ୍କା ଠକେଇ, ଜଣେ କୋର୍ଟ ଚାଲାଣ




ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ନୂଆ ସାହିର ପୀତବାସ ବାଘଙ୍କୁ (୩୦) ୨୯ଲକ୍ଷ ଟଙ୍କା ଠକେଇ ମାମଲାରେ ଆଜି କୋର୍ଟ ଚାଲାଣ କରିଛି ଓରକେଲ ପୋଲିସ। ମିଳିଥିବା ସୂଚନା ଅନୁଯାୟୀ ଗତ ଜାନୁଆରୀ ୧୬ ଦିନ ଓରକେଲ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୀତବାସ ବାଲିମେଳା ସତ୍ୟମ ପେଟ୍ରୋଲ ବଙ୍କରେ ଦୀର୍ଘ ୧୦ବର୍ଷ ହେବ କର୍ମଚାରୀ ହିସାବରେ କାର୍ଯ୍ୟ କରିଆସୁଥିଲା। ଗତ ଜାନୁଆରୀ ମାସ ୧୦ତାରିଖରେ ମାଲିକ ପୀତବାସକୁ ମାସିକ ହିସାବ ମାଗିବାରୁ ପୀତବାସ ହିସାବ ଦେବି କହି ତା' ପରଦିନ ଠାରୁ ଆଉ ବଙ୍କକୁ ଆସି ନଥିଲା। ବଙ୍କ ନ ଆସିବା ଦେଖି ବଙ୍କ ମାଲିକ ପୀତବାସ ନାମରେ ଓରକେଲ ଥାନାରେ ଏକ ମାମଲା ରୁଜୁ କରିଥିଲେ ଏବଂ ପୀତବାସର ଆକାଉଣ୍ଟ ଯାଞ୍ଚ କରିବାରୁ ଜଣା ପଡିଥିଲା ଯେ ପୀତବାସ ଯାହା ତେଲ ପଇସା ରଖୁଥିଲେ ପ୍ରାୟ ୨୯ ଲକ୍ଷ ଟଙ୍କାକୁ ଏକ ଅନଲାଇନ ଖେଳରେ ଖେଳି ଦେଇଥିବା ଜଣାପଡ଼ିଛି। ମାମଲା ରୁଜୁ ପରେ ଓରକେଲ ପୋଲିଶ ପୀତବାସକୁ ଖୋଜିବାରେ ଲାଗିପଡିଥିଲା। ବହୁତ ଖୋଜିବା ପରେ ପୀତବାସ ହାଇଦ୍ରାବାଦର ଏକ ହୋଟେଲରେ କାର୍ଯ୍ୟ କରୁଥିବା ଜାଣି ଓରକେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ଏକ ଟିମକୁ ପଠାଇ ପୀତବାସକୁ କାବୁ କରି ଓରକେଲ ଥାନାକୁ ଆଣି ଆଜି ତାକୁ କୋର୍ଟଚାଲାଣ କରିଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ମୟୂର ରାଷ୍ଟ୍ରୀୟ ସେବାସଂଘର କର୍ମକର୍ତ୍ତା ନିର୍ବାଚନ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ଅନ୍ତର୍ଗତ ତେନ୍ତୁଳିଡାଙ୍ଗୀ ଠାରେ ମୟୂର ରାଷ୍ଟ୍ରିୟ ସେବା ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଗୁରୁଜୀ ଗାର୍ଡେନ ଏଣ୍ଡ ରିସର୍ଚ୍ଚ କେନ୍ଦ୍ରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଉପଦେଷ୍ଟା ପୁରୁଷୋତ୍ତମ ପଣ୍ଡା ଓ ଆଇନଜୀବୀ ସୁବୋଧ କୁମାର ଦାଶ ପରିଚାଳନା କରିଥିଲେ। ଏଥିରେ ସଭାପତି ରୂପେ ମାୟାଧର ଆଚାର୍ଯ୍ୟ ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଓ ସମ୍ପାଦକ ଭାବେ ସୁଶାନ୍ତ କୁମାର ଲେଙ୍କା, ସହସମ୍ପାଦକ ସୀମଲ ମାଝୀଙ୍କ ସହ କୋଷାଧକ୍ଷ ଭାବେ ରତିକାନ୍ତ ପାତ୍ରଙ୍କ ସମେତ ୧୮ ଜଣ ସଦସ୍ୟ, ସଦସ୍ୟାଗଣ ନିର୍ବାଚିତ ହୋଇଥିଲେ। ତପୃରେ ନବନିର୍ବାଚିତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଗଣ ପଦ ଓ ଗୋପନୀୟତାର ଶପଥପାଠ କରିଥିଲେ।

## କେଏସ୍‌ୟୁବି କଲେଜର ବିକାଶ ପାଇଁ ଖର୍ଚ୍ଚ ହେବ ୧୦୭କୋଟି

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଶେଷ ବର୍ଷ ଛାତ୍ରୀଛାତ୍ର ମାନେ ଇଣ୍ଟର୍ନସିପ ମାଧ୍ୟମରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ସଂସ୍ଥାକୁ ତାଲିମ ନେବାକୁ ଯାଇଥିଲେ। ବୁଧବାର ଛାତ୍ରୀଛାତ୍ର ମାନେ ଗଣମାଧ୍ୟମ ସଂସ୍ଥାରୁ ଫେରି ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଭେଟି ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି। ଏହି ସମୟରେ ଛାତ୍ରୀଛାତ୍ରମାନେ ତାଲିମ ସମୟର ଅନୁଭୂତି ବାଣ୍ଟିଛନ୍ତି। ଏଥିସହ ବିଧାୟକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସମସ୍ତେ ଭଲ ମଣିଷ ଟିଏ ହୋଇ ସମାଜର ସେବା କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ସମୟରେ ବିଧାୟକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏବଂ ଚକରା ବିଷୋୟୀଙ୍କ ସମେତ ଘୁମୁସର ଇତିହାସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ଘୁମୁସର ଇତିହାସ ଉପରେ ଅଧିକ ଜାଣିବା ପାଇଁ ସେମାନକୁ ପରାମର୍ଶ ଦେଇଛନ୍ତି। ବିଧାୟକ ଆହୁରି କହିଛନ୍ତି, ଗଞ୍ଜାମ ଜିଲାରେ ବେକାର ସମସ୍ୟା ଏବଂ ଦାଦନ ସମସ୍ୟା ଦୂର ପାଇଁ ବ୍ୟାପକ ନିଯୁକ୍ତି ସୃଷ୍ଟି କରାଯାଉଛି। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମୀ ପ୍ରସ୍ତୁତ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଞ୍ଜାମ ଜିଲାର ବିକାଶ ପାଇଁ ସତନ୍ତ୍ର ଦୃଷ୍ଟି ଦେଉଛନ୍ତି। ଗୁଜରାଟର ଏକ ସୂତାକଳ ସଂସ୍ଥା ଗଞ୍ଜାମ ଜିଲାରେ ୭୦୦୦ କୋଟି ଟଙ୍କା ନିବେଶ କରିବ। ଏଥିପାଇଁ ଜିଲାର କେତେକ ସ୍ଥାନରେ ଜମି ଚୟନ ଚାଲିଛି। ସେଥିମଧ୍ୟରୁ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଗେରେଡା ନିକଟରେ ୧୦୦ ଏକର ଜମି ଦେଖା ହୋଇଛି। ଆଗାମୀ ଦିନରେ କାରଖାନା ନିର୍ମାଣ ହେଲେ ଜିଲ୍ଲାରେ ଆଉ ଦାଦନ ଶ୍ରମିକ ସମସ୍ୟା ରହିବ ନାହିଁ। ଏଥିସହ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ନିଯୁକ୍ତି ପାଇଁ ମଧ୍ୟ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏପରିକି ଭଞ୍ଜନଗର ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ସେଥିମଧ୍ୟରୁ କେବଳ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ବିକାଶ ପାଇଁ ୧୦୭ କୋଟି ଟଙ୍କା ଖର୍ଚ୍ଚ କରିବା ଯୋଜନା ରହିଛି। ଏଥିପାଇଁ ଏଷ୍ଟିମେଟ ଚାଲିଛି। ଏତେବଡ କଲେଜର ଚାରିପଟେ ପାଚେରୀ ନାହିଁ। ତେଣୁ ସମ୍ପୂର୍ଣ୍ଣ ପାଚେରୀ ହେବ। ହଷ୍ଟେଲ, ଷ୍ଟାଫ ଘର, ନୂତନ କ୍ଲାସ ରୁମ ନିର୍ମାଣ ହେବ। ଏଥିସହ ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଦେଖି ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରାଯିବ ବୋଲି ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଛାତ୍ରୀଛାତ୍ରଙ୍କୁ କହିଛନ୍ତି। ଏହି ସମୟରେ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ଅଧ୍ୟାପକ ବାବୁଲା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଡାଗୁଡା ଜଙ୍ଗଲରୁ ଗଞ୍ଜେଇ ଜବତ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସକୁ ମିଳିଛି ଏକ ବଡ ସଫଳତା। କିଛି ଗଞ୍ଜେଇ ମାଫିଆଙ୍କ ଦ୍ୱାରା ବାହାର ରାଜ୍ୟକୁ ଗଞ୍ଜେଇକୁ ବେଆଇନ ଭାବେ ଚୋରା ଚାଲାଣ କରିବାକୁ ମାଲକାନଗିରି ଜିଲ୍ଲା ନୀଳକମ୍ବେରୁ ପଞ୍ଚାୟତ ଅଧିନସ୍ତ କଣ୍ଡାଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ୧୫ ଟି ବସ୍ତାରେ ଲୁଚେଇ ରଖିଥିବା ନେଇ ଏକ ବିଶେଷ ସୂତ୍ରରୁ ଓର୍କେଲ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ ଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ସେଠାରେ ଚଢ଼ାଉ କରି ଉକ୍ତ ଜଙ୍ଗଲରେ ମୋଟ ୧୫ ଟି ବସ୍ତାରେ ଗଛିତ ଥିବା ମୋଟ ୨୩୦ କିଲୋ ଗଞ୍ଜେଇକୁ ଜବତ କରିଥିଲେ ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି। ପୋଲିସ ପକ୍ଷରୁ ଏନେଇ ଓର୍କେଲ ଥାନାରେ ମାମଲା ରୁଜୁ କରାଯିବା ସହ ପୋଲିସ ଏହି ଘଟଣାର ତଦନ୍ତ ଜାରୀ ରଖିଛି ବୋଲି ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।ତେବେ ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୨୫ ଲକ୍ଷ୍ୟ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

## ଗୋପୀନାଥ ବେହେରାଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ସଂପୁର ଗ୍ରାମର ବିଶିଷ୍ଟ ପାଲା ଗାୟକ ଗୋପୀନାଥ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଦିନ ଗୋପୀନାଥ ବେହେରା ସ୍ମୃତି ସଂସଦ ଓ ମା ବରୁଣେଇ ମଣ୍ଡଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦର ମିଳିତ ଆନୁକୂଲ୍ୟରେ ସ୍ୱର୍ଗତ ବେହେରାଙ୍କର ସଂପୁର ସ୍ଥିତ ବାସଭାବ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ପରିଷଦର ସଭାପତି ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପରିଷଦର ସଂପାଦକ ମିହିର କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି, ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟବକ୍ତା, ପାଞ୍ଚଗଡ଼ ସୃଜନଶୀଳ ସମିତିର ଉପସଭାପତି ନିରଞ୍ଜନ ନାୟକ ଓ ପାଲାଗାୟକ ଦାଶରଥୀ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଆଚାର୍ଯ୍ୟ କହିଥିଲେ 'ସ୍ୱର୍ଗତ ବେହେରାଙ୍କ ଅନୁପସ୍ଥିତି ଯୋଗୁଁ ଉପରୋକ୍ତ ପାଲାଗାୟକ ପରିଷଦ ମୁରବିହୀନ ହୋଇପଡିଛି।' ମୁଖ୍ୟବକ୍ତା ସ୍ୱାଇଁ ବ୍ୟକ୍ତ କରିଥିଲେ 'ବିଦ୍ୟାଳୟରେ ସ୍ୱର୍ଗତ ବେହେରାଙ୍କ ପ୍ରଶାସନ ଏବଂ ତାଙ୍କର ପାଲା ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା।' ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପାଲାଗାୟକ ବ୍ରଜ କିଶୋର ବେହେରା, ମୂରଲୀଧର ବେହେରା, ଦିଲ୍ଲୀପ କୁମାର ବିଶ୍ୱାଳ, ସ୍ୱର୍ଗତ ବେହେରାଙ୍କ ସହକର୍ମୀ ନିରଞ୍ଜନ ରଥ ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର,ପ୍ରିୟ ଛାତ୍ର ମହେଶ୍ୱର ମହାରଣା ଉପସ୍ଥିତ ରହି ତାଙ୍କର ଗୁଣ ଗାନ କରିଥିଲେ। ସ୍ୱର୍ଗତ ବେହେରା ଥିଲେ ପାଞ୍ଚଗଡ଼ ସୃଜନଶୀଳ ସମିତିର ଉପଦେଷ୍ଟା, ସରଳ, ମେଳାପୀ, ସଚ୍ଚରିତ୍ର, ନିରଳସ, କର୍ତ୍ତବ୍ୟନିଷ୍ଠ, ଧର୍ମ ପରାୟଣ ଓ ଛାତ୍ରବତ୍ସଳ। ଗୋପୀନାଥ ବେହେରା ସ୍ମୃତି ସଂସଦ ସହାୟତାରେ ହରିରାଜପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ସୁବୁଦ୍ଧି, ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଓ ଗୋବିନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଦ୍ୱାରା ନିଜ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ୨୦ ଜଣ ପ୍ରତିଯୋଗୀଙ୍କୁ ସ୍ମୃତିଚାରଣ ସଭାରେ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପବିତ୍ର ମୋହନ ବେହେରା ଓ ରବୀନ୍ଦ୍ର କୁମାର ବେହେରା ସହଯୋଗ କରିଥିଲେ। ପରିଶେଷରେ ସ୍ମୃତି ପରିଷଦର ସଂପାଦକ ଆଦିତ୍ୟ ପ୍ରସାଦ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ




ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ଆହ୍ୱାନ କ୍ରମେ ଡିହଡୋଳ ସ୍ଥିତ ନିଜ ବାସଭବନ ସଭାଗୃହ ଠାରେ ବୁଧବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଆବାହକ ଡାକ୍ତର ସାହୁଙ୍କ ଉପସ୍ଥିତରେ ୨ନଂ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, କଙ୍କଡ଼ାହାଡ଼ ବ୍ଲକ କୃଷି ଆତ୍ମା ସଭାପତି ରମେଶ ଚନ୍ଦ୍ର ମିଶ୍ର, ବିଜେଡି ଜିଲ୍ଲା ସମ୍ପାଦକ ଭୂପେଶ କୁମାର ପ୍ରଧାନ, ବିଜେଡି ବ୍ଲକ ଯୁବ ସଭାପତି ସୁବ୍ରତ ଦାସ,ବିଜେଡି ବ୍ଲକ ଛାତ୍ର ସଭାପତି ପ୍ରିୟଜିତ ସାମଲ, ରୋଡ଼ ସମିତି ସଭ୍ୟ ନିର୍ମଳ ଚନ୍ଦ୍ର ବାରିକ, ନାରୀ ନେତ୍ରୀ ଲିନିମା ବେହେରା ମଂଚାସୀନ ହୋଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ସମସ୍ତେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ସାରା ରାଜ୍ୟରେ ଆଜିର ଦିନକୁ ପାଳନ କରୁଥିବା ବେଳେ, ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଙ୍କଡ଼ାହାଡ଼ ବ୍ଲକ୍, ପରଜଙ୍ଗ ବ୍ଲକ ଓ କାମାକ୍ଷାନଗର ବ୍ଲକର ୬ଗୋଟି ପଂଚାୟତର ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତାମାନେ ଏକତ୍ରିତ ହୋଇ ପ୍ରବାଦ ପୁରୁଷଙ୍କ ଗୁଣଗାନ କରିଥିଲେ। ଏହି ଜୟନ୍ତୀ ଅବସରରେ ଦଳୀୟ ସାଙ୍ଗଠନିକ ସମ୍ବନ୍ଧୀୟ ବିସ୍ତୃତ ଭାବେ ଆଲୋଚନା ହୋଇଥିବା ବେଳେ, ଚଳିତ ମାସ ୮ତାରିଖରେ ପରଜଙ୍ଗ କଲ୍ୟାଣ ମଣ୍ଡପ ଠାରେ ଏକ ମହିଳା ସମାବେଶ ହେବା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଆଗାମୀ ନିର୍ବାଚନ ରେ ଦଳ ତାର ସ୍ଥିତି ବଜାୟ ରଖିବାକୁ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ରଣନୀତି ପ୍ରସ୍ତୁତ ପାଇଁ ଡାକ୍ତର ସାହୁ ସମସ୍ତଙ୍କୁ ସଜାଗ କରାଇ ମନୋବଳ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ଅଞ୍ଚଳର ନିର୍ମାଣ ଶ୍ରମିକ ନେତା ଦିଲ୍ଲୀପ ବର୍ମା,ପ୍ରାକ୍ତନ ସମିତି ସଭ୍ୟ ସର୍ବେଶ୍ୱର ବିଶ୍ୱାଳ, କାମାକ୍ଷାନଗର ବ୍ଲକର ବରିଷ୍ଠ ବିଜେଡି ନେତା ଭ୍ରମରବର ଶାସମଲ ଓ ଆଗଧାଡିର ଛାମୁଆ କର୍ମୀ ବୃନ୍ଦ, କଙ୍କଡ଼ାହାଡ଼ ବ୍ଲକର ବହୁ ଛାମୁଆ ଆଗଧାଡିର କାର୍ଯ୍ୟକର୍ତ୍ତା ବୃନ୍ଦ ସାମିଲ ହୋଇ ବିଜୁ ପଟ୍ଟନାୟକ ଜୟନ୍ତୀ ପାଳନ କରିଥିଲେ।

## ପୋଲିସ ଓ ମେଳନ କମିଟିର ସମନ୍ୱୟ ବୈଠକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ପୁଲିସ ଓ ତିହିଡ଼ି ଥାନା ଅଧୀନ ବିଭିନ୍ନ ମେଳନ କମିଟିକୁ ନେଇ ଏକ ସମନ୍ୱୟ ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତିହିଡ଼ି ଥାନା ଅଧିକାରିଣୀ ଅୁନ୍ଧତୀ ବେହେରା ପୌରୋହିତ୍ୟ କରିଥିଲେ। ମେଳନରେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ମେଳନରେ ଡିଜେ ବାଜିବ ସତ କିନ୍ତୁ ଉଚ୍ଚ ଶବ୍ଦ ନକରିବା ପାଇଁ ମେଳନ କମିଟିର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ କାଳିମେଘା, ଝାଡ଼ପଟା, ତିହିଡ଼ି, କୋହ୍ଲ ଓ ବାରୋ ମେଳନ କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଦୋଳ ପୂର୍ଣ୍ଣିମା ରାତିରେ ତିହିଡ଼ି, କାଳିମେଘା ଓ ଝାଡ଼ପଟା ମେଳନ ପରଦିନ ସନ୍ଧ୍ୟାରେ ଶେଷ ହେବାକୁ ଥିବା ବେଳେ କୋହ୍ଲ, ମୂଷାଙ୍ଗ, ବାରୋ, ବୋଡ଼କ ଇତ୍ୟାଦି ସ୍ଥାନରେ ମେଳନ ଅନୁଷ୍ଠିତ ହେବ। ବୈଠକରେ ଏସଆଇ ପ୍ରବୀଣ ଗିରି, ଏଏସଆଇ କମଳାକାନ୍ତ ଶତପଥି, ଚିତ୍ତରଞ୍ଜନ ବାରିକ, ଲକ୍ଷ୍ମଣ ମାରାଣ୍ଡି, କାଳିମେଘା ମେଳନ କମିଟି ସଭାପତି ବାଣିକଲ୍ୟାଣ ମହାପାତ୍ର, ସମ୍ପାଦକ ଗଣେଶ ପ୍ରସାଦ ନାୟକ, ପ୍ରଦୀପ ସାହୁ ପ୍ରମୁଖ କର୍ମକର୍ତ୍ତାମାନଙ୍କ ସହ ସମିତିସଭ୍ୟ ଚିନ୍ତାମଣି ଦାସ, ସମାଜସେବୀ ପୀତାମ୍ବର ସେଠୀ, ରତିକାନ୍ତ ଦାସ, ନାରାୟଣ ନାୟକ, ଅପୂର୍ବ ରଂଜନ ଦାସ, ଲକ୍ଷ୍ମୀଧର ତ୍ରିପାଠୀ, ସରପଞ୍ଚ ତାପସ ବେହେରା, ବିଶ୍ୱରଂଜନ ମହାପାତ୍ର, ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାଜ୍ୟ ଖବର






କେନ୍ଦୁଝର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ଜିଲ୍ଲାପାଳ ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଝୁମ୍ପୁରା ବ୍ଲକ,ବସନ୍ତପୁର ଲକ୍ଷ୍ମୀପଡିଆ ଠାରେ ଏକ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହାସମାଧାନ ଶିବିରରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ହୋଇ ସରକାରଙ୍କ ଜନ ହିତକର ଯୋଜନା ସମ୍ବନ୍ଧରେ ଅବଗତ କରିଥିଲେ। ବସନ୍ତପୁର,ମାଳଦା,କୁରୁଗାଁ ଏବଂ ନୟାଗଡ଼ ପଞ୍ଚାୟତର ଜନ ସାଧାରଣ ଏହି ମହା ସମାଧାନ ଶିବିରରେ ଯୋଗ ଦେଇ ନିଜ ନିଜ ବ୍ୟକ୍ତିଗତ ଏବଂ ଗୋଷ୍ଠୀ ସମ୍ପର୍କିତ ଅଭିଯୋଗ ଦାଖଲ କରିଥିଲେ । ଉପସ୍ଥିତ ଅଧିକାରୀମାନଙ୍କ ଜରିଆରେ ଅଭିଯୋଗ ଗୁଡ଼ିକର ସମାଧାନ କରାଯାଇଥିଲା। ଏହି ମହା ସମାଧାନ ଶିବିରରେ ମୋଟ ୯୮ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୮ ଗୋଟି ରାସ୍ତା, ପାନୀୟଜଳ,ବିଦ୍ୟୁତ୍,ଶିକ୍ଷା ସମ୍ବନ୍ଧିତ ଗୋଷ୍ଠୀ ସମସ୍ୟା/ଗ୍ରାମ ସମସ୍ୟା ମୂଳକ ରହିଥିବାବେଳେ ୮୦ ଗୋଟି ବ୍ୟକ୍ତିଗତ ସମସ୍ୟା ପର୍ଯ୍ୟବେଶିତ ରହିଥିଲା। ସମାଧାନ ଶିବିରରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯାଇଥିଲା। ଏହି କ୍ରମରେ ୫ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବ୍ୟାଟେରୀ ଚାଳିତ ହୁଇଲ ଚେୟାର ଏବଂ ୨ ଜଣ ଙ୍କୁ ୩ ଚକିଆ ରିକ୍ସା ପ୍ରଦାନ କରାଯାଇଥିବାବେଳେ ୧୫ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା,୪୮ ଜଣଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର,୩୦ ଜଣ ଙ୍କୁ ଅଣ ସଂଗଠିତ ଶ୍ରମିକ ପରିଚୟ ପତ୍ର, ମଧୁବାବୁ ପେନସନ ଯୋଜନାରେ ୨୦ ଜଣ ହିତାଧିକାରୀଙ୍କୁ ଭତ୍ତା,୧୬ ଜଣଙ୍କୁ ହରିଶ୍ଚନ୍ଦ୍ର ସହାୟତା, ବନ ବିଭାଗ ପକ୍ଷରୁ ୨୦ ଜଣଙ୍କୁ ଶସ୍ୟ ବାକ୍ସ ଏବଂ ୧୨ ଜଣଙ୍କୁ ଟର୍ଚ୍ଚ ଲାଇଟ, ୧୧ ଜଣଙ୍କୁ ଶୌଚାଳୟ ପାଇଁ କାର୍ଯ୍ୟାଦେଶ, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହଯୋଗ ରାଶି ପ୍ରଦାନ କରାଯାଇଥିଲା।

# ଅପ୍ରେଲ ୩ ସୁଦ୍ଧା ମେଗା ପାନୀୟଜଳ ପ୍ରକଳ୍ପ କାମ ସାରିବାକୁ ମନ୍ତ୍ରୀଙ୍କ ତାଗିଦ୍



ମାଲକାନାଗିରି (ଭାସ୍କର ନ୍ୟୁଜ୍): ଆସନ୍ତା ଏପ୍ରିଲ ୩ ତାରିଖ ସୁଦ୍ଧା ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ଭେଙ୍କଟପଲମ ମେଗା ପାନୀୟ ଜଳ ପ୍ରକଳ୍ପ କାମ ସାରିବାକୁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ପ୍ରକଳ୍ପ କାମ କରୁଥିବା ଠିକା ସଂସ୍ଥାକୁ ରୋକଠୋକ ଶୁଣାଇଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ କାମ ନ ସରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ପଛାଇବେ ନାହିଁ ବୋଲି ମନ୍ତ୍ରୀ ତାଗିଦ୍ କରିଛନ୍ତି। ମନ୍ତ୍ରୀ ଶ୍ରୀ ନାୟକ କାଲିମେଲା ବ୍ଲକର ମାନ୍ୟମକୋଣ୍ଡା ରେ ପୂଜା ପାଉଥିବା ବଡ଼ଠାକୁରଙ୍କ ଦର୍ଶନ କରି ଫେରିବା ପରେ ଭେଙ୍କଟପଲମ ନିକଟରେ ନିର୍ମାଣ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାମ ବୁଲି ଦେଖିଥିଲେ। ଏହି ପ୍ରକଳ୍ପ କାମ ସଂପୂର୍ଣ୍ଣ ହେବାର ସମୟ ଇତି ମଧ୍ୟରେ ଶେଷ ହୋଇଯାଇଥିଲେ ମଧ୍ୟ ପ୍ରକଳ୍ପ କାମ ସଂପୂର୍ଣ୍ଣ ହୋଇପାରିନି। ଆଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବାକୁ ଥିବା ବେଳେ ଲୋକେ ଯେଭଳି ପାନୀୟ ଜଳରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଆସନ୍ତା ୧ମାସ ଭିତରେ ପ୍ରକଳ୍ପ କାମ ସାରି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ପ୍ରକଳ୍ପ ଯୋଗେ ଲୋକେ କେବେ ପାଣି ପାଇବେ ତାହା ଆଗାମୀ ଦିନରେ ଜଣାପଡ଼ିଛି । କାରଣ ବର୍ତ୍ତମାନ ବି ଗାଁ ଗାଁରେ ରାସ୍ତା ଖୋଳାଯାଇ ପାଇପ୍ ବିଛାଯାଉଛି। ସୂଚନାଯୋଗ୍ୟ ୨୦୧୭-୧୮ ଆର୍ଥିକ ବର୍ଷରେ ଭେଙ୍କଟପଲମ ନଦୀ କୂଳରେ ଜେଏମ୍‌ସି ପ୍ରାଇଭେଟ ଇଣ୍ଡିଆ ଲିମିଟେଡ୍ ନାମକ ଏକ କଂପାନୀ ୩୭ କୋଟି ଟଙ୍କା ବ୍ୟୟରେ ହୋଇଥିଲା । ଏହି ପ୍ରକଳ୍ପ କାମ ହାତକୁ ନେଇଥିଲେହେଁ ୭ବର୍ଷ ପରେ ମଧ୍ୟ ପ୍ରକଳ୍ପ ଶେଷ ହୋଇନଥିବା ବେଳେ ମାତ୍ର ଗୋଟିଏ ମାସରେ କିଭଳି ପ୍ରକଳ୍ପ କାମ ସଂପୂର୍ଣ୍ଣ ହେବ ତାହାକୁ ନେଇ ସନ୍ଦେହ ଦେଖାଦେଇଛି। ଦୈନିକ ୪.୫ ୪.୫ ଏସ୍‌ଏଲ୍‌ଡି କ୍ଷମତା ବିଶିଷ୍ଟ ଏହି ମେଗା ପାନୀୟ ଜଳ ପ୍ରକଳ୍ପ ସଂପୂର୍ଣ୍ଣ ହେଲେ କାଲିମେଲା ବ୍ଲକର ୫ଟି ପଞ୍ଚାୟତର ୫୮୬୫ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରିବ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବିଭାଗୀୟ ଅଧିକାରୀ, ଠିକା ସଂସ୍ଥାର କର୍ମଚାରୀ ଓ ଜିଲ୍ଲାପାଳ ଉପସ୍ଥିତ ଥିଲେ।

# ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ଓ ବାର୍ଷିକ ଉତ୍ସବ




ଅନୁଗୋଳ(ଭାସ୍କର ନ୍ୟୁଜ୍): ଉତ୍କଳ ସାମ୍ବାଦିକ ସଂଘର ଅନୁଗୋଳ ଜିଲ୍ଲା ଶାଖା ଆନୁକୂଲ୍ୟରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଗୋଳ ଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ, ପେନ୍‌ସନ ପ୍ରଦାନ ଓ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନ ସନ୍ତତିମାନଙ୍କୁ ସାମିଲ କରିବା, ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ କରାଯିବାକୁ ଦୀର୍ଘଦିନର ଦାବି ପ୍ରତି ସମର୍ଥନ ଜଣାଇଥିଲେ। ଅତିଥିମାନେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଆଲୋଚନା କରି ଦାବି ପୂରଣ ଦିଗରେ ଯଥୋଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ମତପ୍ରକାଶ କରିଥିଲେ। ଅନୁଗୋଳ ଜିଲ୍ଲା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେଇ ସାମ୍ବାଦିକମାନଙ୍କ ବୃତ୍ତିଗତ ସମସ୍ୟା ସମାଧାନ ଦିଗରେ ସରକାର ଆଶୁ ପଦକ୍ଷେପ ଗ୍ରହଣ ନକଲେ ବ୍ୟାପକ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ସମବେତ ସାମ୍ବାଦିକମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଓ କୋଷାଧ୍ୟକ୍ଷ ରାଜେନ୍ ଚୌଧୁରୀ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲା ବେଳେ ଉପଦେଷ୍ଟା ଦେବୀ ମିଶ୍ର ସ୍ୱାଗତ ଭାଷଣ ଓ ଉପଦେଷ୍ଟା ସଂଗ୍ରାମ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ରାଜ୍ୟ ସଭାପତି ଶ୍ରୀକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଦୁଇ ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇ ସଂଗଠନ ଓ ସାମ୍ବାଦିକମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତି ପାଇଁ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାମ୍ବାଦିକମାନେ ଦ୍ୱିତୀୟ ଦିନ ଟିକରପଡ଼ାର ସାତକୋଶିଆ ଗଣ୍ଡ ଇତ୍ୟାଦି ପର୍ଯ୍ୟଟନୀସ୍ଥଳ ଭ୍ରମଣ କରିଥିଲେ।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ମହାନ ଜନନାୟକ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ବିଜୁଜନତା ଦଳ ପକ୍ଷରୁ ପାଳିତ ହୋଇଯାଇଛି। ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଅବସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ନିକଟରେ ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ବିଜେଡ଼ି ସଭାପତି ପ୍ରିୟବ୍ରତ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଜେଡ଼ି ୧୭ନମ୍ବର ଜୋନ ସଭାପତି ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ ପାରାଦ୍ୱୀପ ଡୁବୁରୀ ଜାତୀୟ ରାଜପଥ ନିର୍ମାଣ, ଚଣ୍ଡିଖୋଲକୁ ସର୍ବଭାରତୀୟ ସ୍ତରରେ ମାନ୍ୟତା ଦେବା, ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ କ୍ଷମତା ବିକେନ୍ଦ୍ରୀକରଣ ପାଇଁ ପଂଚାୟତରାଜ ବ୍ୟବସ୍ଥା ପ୍ରଚଳନ କରିବା, ମହିଳା ସଶକ୍ତି କରଣ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ, କୃଷି କ୍ଷେତ୍ରରେ ବହୁ ଯୁଗାନ୍ତକାରୀ ଯୋଜନା ତାଙ୍କୁ ଆଜି ପ୍ରତ୍ୟେକ ଓଡ଼ିଆଙ୍କ ପାଖରେ ତାଙ୍କୁ ଅମର କରି ରଖିଛି ବୋଲି କହିବା ସହିତ ରାଜନୈତିକ ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ମାର୍ଚ୍ଚ ୫ତାରିଖକୁ ଛୁଟି ବାତିଲ କରିବା ଓ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପାଳିତ ପଂଚାୟତରାଜ ଦିବସକୁ ଏପ୍ରିଲ ୨୪କୁ ଘୁଞ୍ଚାଇବାକୁ ନିନ୍ଦା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ସଭ୍ୟ ମସିର ଆଲାମ୍ ସେକ ସବିରୁଦ୍ଦିନ୍, ସତ୍ୟବ୍ରତ ଜେନା, ଘନଶ୍ୟାମ ବିଶ୍ୱାଳ, ସୁକାନ୍ତ ବିଶ୍ୱାଳ, ପ୍ରଫୁଲ୍ଲ ସ୍ୱାଇଁ ବସନ୍ତ ବାରିକ୍ ଗୌରାଙ୍ଗ ବେହେରା, ଅଫସର ଖାଁ, ପ୍ରଭାତ ବିଶ୍ୱାଳ, ପ୍ରସନ୍ନ କୁମାର ଚୌଧୁରୀ, ପଦ୍ମଲାଭ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଚଣ୍ଡିଖୋଲ ଛକ ଓ ବିଜୁ କଲ୍ୟାଣ ମଣ୍ଡପ ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରଯାଇଥିଲା।

# ବୃନ୍ଦାବନଚନ୍ଦ୍ର ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର



ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ରେଢୁଆ ବୃନ୍ଦାବନଚନ୍ଦ୍ର ମହା ବିଦ୍ୟାଳୟର +୩ଶ୍ରେଣୀର ୧ମ ବର୍ଷ ବାଳିକା ମାନଙ୍କର ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ଜ୍ୱଳନ ଉଦ୍‌ଘାଟନ କରିଥିଲେ। ପ୍ରୋଗ୍ରାମ ଅଫିସର ସୌମ୍ୟାଶ୍ରୀ ମହାନ୍ତିଙ୍କ ପରିଚାଳନାରେ ୬୩ଜଣ +୩ ପ୍ରଥମ ବର୍ଷର ବାଳିକା ଆତ୍ମସୁରକ୍ଷା କୌଶଳ ଗ୍ରହଣ କରିଥିଲେ। ଏଥିରେ ଅଧ୍ୟାପିକା ସ୍ମିତା ପ୍ରଧାନ,ସୁଜାତା ଦାସ, ସ୍ୱାଗତିକା ଦାସ, ଅଧ୍ୟାପକ କେଦାର ମୁଦୁଲି, ଆଲୋକ ପ୍ରଧାନ ଯୋଗଦେଇ ଆତ୍ମସୁରକ୍ଷାର ଆବଶ୍ୟକତା ଓ ସୁନ୍ଦର ସମାଜ ଗଠନରେ ବାଳିକାମାନଙ୍କର ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ ମାଷ୍ଟର ଟ୍ରେନର ଭାବେ ପ୍ରିୟଙ୍କା ନାୟକ ଛାତ୍ରୀମାନଙ୍କୁ କୌଶଳ ଶିକ୍ଷା ପ୍ରଦାନ କରିଥିଲେ।

# ବିଜେଡିର ରକ୍ତଦାନ ଶିବିର



ଚିକିଟୀ(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ଏହି ବ୍ଲକର ବାହିନୀପତି ଗ୍ରାମର କଲ୍ୟାଣ ମଣ୍ଡପରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଠାରେ ପାରମ୍ପରିକ ରୀତିରେ ସ୍ଥାନୀୟ ବିଜେଡି ନେତା ଶ୍ରୀରୁପ ଦେବ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କିଛି ସମୟ ବିଜୁବାବୁଙ୍କ ଅତୀତ ଓ ଅକ୍ଷୟ କୀର୍ତ୍ତି ଉପରେ ସ୍ମୃତିଚାରଣ କରି ରକ୍ତ ଦାନ ଶିବିରର ଶୁଭ ଉଦଘାଟନ କରିଥିଲେ। ଏହି କ୍ରମରେ ବିଜେଡିର ବରିଷ୍ଠ ସଂଗଠକ ସୁରେନ୍ଦ୍ର ମଣ୍ଡଳ ଶିବିରର ପ୍ରମୁଖ ହୋଇ ଦାୟିତ୍ୱ ନିଭାଇଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ଏମ. ନାଗରାଜୁ,ବ୍ଲକ ବିଜେଡି ସଭାପତି ହେରମ୍ବ ରେଡ୍ଡୀ, ଚିକିଟି ପୌର ପରିଷଦର ଅଧ୍ୟକ୍ଷା ଦୀପା କୁମାରୀ ସାହୁ ମୁଖ୍ୟ ରୂପେ ଯୋଗଦାନ କରି ଶିବିରକୁ ଆସୁଥିବା ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଦିନକୁ ଦିନ ମାନବ ସମାଜରେ ରୋଗର ମାତ୍ରା ବର୍ଦ୍ଧି,ବର୍ଦ୍ଧି ଯାଉଥିବା ବେଳେ ରକ୍ତର ଆବଶ୍ୟକତା ଅଧିକ ଦେଖାଯାଉଛି ଏହି ଅଭାବକୁ ଦୂର କରିବା ସକାଶେ ଆଜି ଏଭଳି ରକ୍ତ ଦାନ ଶିବିରର ଆୟୋଜନ କରାଯାଇଛି ବୋଲି ବରିଷ୍ଠ ସଂଗଠକ ଶ୍ରୀଯୁକ୍ତ ମଣ୍ଡଳ ପ୍ରକାଶ କରିଥିଲେ। ଏହି କ୍ରମରେ ବ୍ରହ୍ମପୁର ରକ୍ତ ଭଣ୍ଡାରର ସମସ୍ତ ଅଧିକାରୀ ନିଜର ନିଷ୍ଠାପର ଉଦ୍ୟମ ଜାରିରଖି ପାଖାପାଖି ଦୁଇଶହ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରକୁ ଆଗେଇବାକୁ ନୂଆପଡା ସରପଞ୍ଚ, ବି. ସନମୁଖ, ରାମନାଥ ପାଣିଗ୍ରାହି, ଗିରିସୋଲା ର ପୂର୍ବତନ ସରପଞ୍ଚ ଡ଼ି.କ୍ରିଷ୍ଣା ରାମଚନ୍ଦ୍ର ପୁର ସରପଞ୍ଚ ଡ଼ି.ଜୋତିଙ୍କ ସହ ବୁଲୁପାତ୍ର, କୃଷଚନ୍ଦ୍ର ପାଢ଼ୀ, ଅକ୍ଷୟ କୁମାର ସାହୁ, ରଘୁନନ୍ଦନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।

# ବ୍ଲକ୍ ଅଧ୍ୟକ୍ଷଙ୍କ ପିତୃ ବିୟୋଗ



ଗରଦପୁର(ଭାସ୍କର ନ୍ୟୁଜ) : ଗରଦପୁର ବ୍ଲକ୍‌ର ଅଧ୍ୟକ୍ଷ ଅଭୟ ମହାରାଜଙ୍କ ପିତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ଘନିଷ୍ଠ ସହଯୋଗୀ ଥିବା ୰ବାବାଜୀ ଚରଣ ମହାରାଜଙ୍କର ୮୨ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ମେଳାପି ମିଷ୍ଟଭାଷୀ ପରୋପକାରୀ ମଣିଷ ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବିଧାୟକଙ୍କ ପ୍ରତିନିଧି କ୍ଷିତିଶ୍ ଚନ୍ଦ୍ର ଦାଶ,ବିଜେଡି ଯୁବ ଜିଲ୍ଲା ସଭାପତି ରାଜେଶ୍ ଦାସ୍, ବିଜେଡି ନେତା ଅଜୟ ରାଉତ, ବିଜେପି ନେତା ଚିତ୍ତରଞ୍ଜନ ସ୍ୱାଇଁ,ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବାସୁଦେବ ବେହେରା, ତଳକୁସୁମା ପଞ୍ଚାୟତର ସମିତି ସଭ୍ୟ ବାପି ସାହୁ, ବନ୍ତଳା ପଞ୍ଚାୟତର ସମିତି ସଭ୍ୟ ବ୍ରଜ କିଶୋର ସାହୁ, ସରପଞ୍ଚ ରଞ୍ଜନ ନାୟକ, ବିଜେଡି ନେତା ଅଜୟ ଦାଶ, ଜିଲ୍ଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ବିଜେଡି ନେତା ମିର୍ ଗୁଲାବ୍ ଜିଲାନି,ଆଲୋକ ମାହାଳୀ, ରଘୁନାଥ ବାରିକ, ପ୍ରଭାତ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଧ୍ୟକ୍ଷ ଅଭୟ ମହାରାଜଙ୍କ ଘରେ ପହଞ୍ଚି ମୃତ ଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ବଡପୁଅ ଅଭୟ ମହାରାଜ ମୁଖାଗ୍ନି ଦେଇଥିବା ବେଳେ ସାନ ପୁଅ ପ୍ରତାପ ମହାରାଜ,୩ ଝିଅ ଜ୍ୱାଇଁ, ନାତି ନାତୁଣୀ,ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।ସ୍ୱର୍ଗତ ବାବାଜୀ ଚରଣ ମହାରାଜଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ବନ୍ୟା ପରେ ଅଲୋଡ଼ା

# ଖରା କାକରରେ ନଷ୍ଟ ହେଉଛି ପାୱାର ବୋଟ୍

## ୫ ବୋଟ୍ ପାଇଁ ୧୯ କର୍ମଚାରୀ



ଧାମନଗର(ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ଏକ ବନ୍ୟା ପ୍ରବଣ ଅଞ୍ଚଳ । ବୈତରଣୀ , କୋଚିଲା,ଗେଙ୍ଗୁଟି, ସାଳନ୍ଦୀ ଆଦି ନଦୀରେ ବନ୍ୟା ଦ୍ୱାରା ଧାମନଗର ବ୍ଲକରେ ପ୍ରାୟ ୨୬ ପଞ୍ଚାୟତରେ ବ୍ୟାପକ କ୍ଷତି ହୁଏ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବନ୍ୟା ନିୟନ୍ତ୍ରଣ ପାଇଁ ଓସଡମା ପକ୍ଷରୁ ଧାମନଗର ବ୍ଲକକୁ ୧୦ ଟି ପାୱାର ବୋଟ୍ ଯୋଗାଇ ଦିଆଯାଇଛି। ବନ୍ୟାବେଳେ ବିପନ୍ନଙ୍କ ନିକଟରେ ସରକାରୀ ସହାୟତା ଓ ବନ୍ୟାବିପନ୍ନଙ୍କୁ ଉଦ୍ଧାର ପାଇ ଉକ୍ତ ବୋଟ ବ୍ୟବହାର କରାଯିବ। ଏଥିପାଇଁ ଚୁକ୍ତିଭିତ୍ତିକ୬ ମାସ ପାଇଁ ୧୮ ଜଣ ଖଲାସିଙ୍କୁ ରଖାଯାଇ ସେମାନଙ୍କୁ ମାସିକ ୧୧ ହଜାର ଟଙ୍କା ଦରମା ଦିଆଯାଉଛି ।ଜଣେ ସ୍ଥାୟୀ କର୍ମଚାରୀ ସରକାରୀ ଭାବେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦରମା ପାଉଛନ୍ତି । ସବୁଠାରୁ ବଡକଥା ହେଲା ଉକ୍ତ ବୋଟ ଏବେ ରକ୍ଷଣା ବେକ୍ଷଣା ଅଭାବରୁ ସେଗୁଡିକ ନଷ୍ଟ ହେବାକୁ ବସିଲାଣି । ୧୦ ଟି ବୋଟ ମଧ୍ୟରୁ ୫ ଟି ବୋଟ ଅଚଳ ହୋଇ ପଡ଼ିଛି ହେଲେ ସେଥିପାଇଁ ଖଲାସି କିନ୍ତୁ ବସି ବସି ସରକାରୀ ଟଙ୍କା ତୋଷରପାତ କରୁଛନ୍ତି। କିନ୍ତୁ ଖରା ବର୍ଷା ରେ ନଷ୍ଟ ହେଉଥିବା ବୋଟ କୁ ନଜର ଦିଅନ୍ତୁ ନାହିଁ । ଯିଏ ସରକାରୀ କର୍ମଚାରୀ ଅଛନ୍ତି ସେ ବ୍ଲକରେ ବଡ ବାବୁ ଓ ବିଡ଼ିଓଙ୍କ ବୋଲ ହାକ କରି ସମୟ ଯାଉଥିବାରୁ ଏ ପାଇଁ ସମୟ ଦେଉ ନାହାନ୍ତି । ଏଦିଗରେ ଧାମନଗର ବ୍ଲକ ର ବିଡ଼ିଓ ବନ ବିହାରି ଦିନ୍ଦା ଙ୍କ ସହ ଯୋଗା ଯୋଗ କରିବାରୁ ସେ କୁହନ୍ତି ସେଥିପାଇଁ କର୍ମଚାରୀ ଅଛନ୍ତି ଓ ବର୍ଷ ଶେଷରେ ଓସଡମା ପକ୍ଷରୁ ମରାମତି କରାଯାଇଥାଏ ଅଧିକ କିଛି କହିପାରିବେ ନାହିଁ ବୋଲି ବିଡ଼ିଓ କହି କଥାକୁ ଏଡ଼ାଇ ଦେଇଥିଲେ। ଏ ଦିଗରେ ବୋଟ ଦାୟିତ୍ୱରେ ଥିବା କର୍ମଚାରୀ ପରେଶ ପାଇକରାୟଙ୍କ ସହ ଯୋଗାଯୋଗ କରିବାରୁ ସେ କୁହନ୍ତୁ ୧୦ ଟି ବୋଟ ମଧ୍ୟରୁ ୭ ଟି ବ୍ଲକର ଓ ୩ ଟି ଧାମନଗର ତହସିଲର ସେଥି ମଧ୍ୟରୁ କିଛି ଖରାପ ଅଛି ଓ ବଡ ବୋଟ ଥିବାରୁ ତାହା ବ୍ୟବହାର ହୋଇ ପାରୁନାହିଁ । ବନ୍ୟା ସରିବା ପରେ ଜୁନ ମାସ ପୂର୍ବରୁ ଭଦ୍ରକ ଜରୁରୀକାଳୀନ ବିଭାଗକୁ ବୋଟ ମରାମତି ପାଇଁ କୁହାଯାଇଥାଏ।ପରେ ଏସ ଆର ସି ଟେଣ୍ଡର ମାଧ୍ୟମରେ ଉକ୍ତ ବୋଟ ମରାମତି କରି ଥାଆନ୍ତି ବୋଲି କର୍ମଚାରୀ ଶ୍ରୀ ପାଇକରାୟ କହିଛନ୍ତି। ହେଲେ ମରାମତି ଆଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥାଏ । ଯଦି ବନ୍ୟା ସରିବା ପରେ ବୋଟ ଗୁଡ଼ିକୁ ଉପଯୁକ୍ତ ସ୍ଥାନରେ ରଖାଯାଇ ଥାଆନ୍ତା ତେବେ ସରକାରୀ ତହବିଲରୁ ମରାମତି ପାଇଁ ଏତେ ଟଙ୍କା ଖର୍ଚ୍ଚ ହୁଅନ୍ତା ନାହିଁ। ସେହିପରି ଅଚଳ ବୋଟ ପାଇଁ ବି ଅସ୍ଥାୟୀ କର୍ମଚାରି ବ୍ଲକ ପ୍ରଶାସନ ରଖି ସରକାରୀ ଟଙ୍କା ଅପବ୍ୟୟ କରୁଛନ୍ତି । ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# କାଳ ସାଜିଛି ଠିପିବନ୍ଦ ମଦ ଦୋକାନ




ମୁନିଗୁଡ଼ା (ଭାସ୍କର ନ୍ୟୁଜ) : ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ଲାଭଟାର ବିଦେଶୀ ଠିପି ବନ୍ଦ ମଦ ଦୋକାନ ପଡ଼ାଲୋକଙ୍କ ପାଇଁ କାଳ ସାଜିଛି। ମଦୁଆଙ୍କ ଉତ୍ପାତ ରେ ପଡ଼ାର ମହିଳା, ଝିଅ ଭୟରେ ଘରୁ ବାହାରୁନାହାନ୍ତି, ଅମ୍ଲାଭଟ୍ଟା ର ଶାନ୍ତିଛକ ଠାରୁ କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁରକୁ ସଂଯୋଗ ହେଉଥିବା ରାସ୍ତା କଡ଼ରେ ଏହି ବିଦେଶୀ ଦୋକାନ ଅବସ୍ଥିତ ହୋଇ ଥିବାବେଳେ ଅନେକ ଦିନରୁ ଅସୁବିଧାରେ ପଡିଛନ୍ତି ଅମ୍ଲାଭଟ୍ଟା ଏବଂ ଆମ୍ବଦଳା ଗ୍ରାମବାସୀ । ଦୀର୍ଘ ଦିନ ଧରି ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇଥିବା ଏହି ଠିପି ବନ୍ଦ ମଦ ଦୋକାନ ଖୋଲାଯାଇଥିବା ବେଳେ ସରକାରଙ୍କ ଯେଉଁ ସବୁ ନିୟମ ଥିଲେ ମଧ୍ୟ ଖାତିର ନ କରି ଏହି ଠିପି ବନ୍ଦ ମଦ ଦୋକାନ ଖୁଲମ୍ ଖୁଲା ଠିପି ଖୋଲି ମଦ ବିକିବାର ଦେଖିବାକୁ ମିଳୁଛି। ଏହି ଦୋକାନ ରେ କେବଳ ସିଲ ଥିବା ମାଲ ବିକିବା ପାଇଁ ଅନୁମତି ମିଳିଥିବାବେଳେ ଏହି କାଉଣ୍ଟରରେ ତାର ବ୍ୟତିକ୍ରମ ଦେଖାଦେଇଛି। ଅବକାରୀ ବିଭାଗ ଏବଂ ପ୍ରଶାସନ ଆଖିରେ ଧୂଳି ଦେଇ କାଉଣ୍ଟରରେ ଖୁଲମ ଖୁଲମ ଚାଲିଛି ଲୁଜ ମାଲ। ଏଥିପାଇଁ ଅନେକ ଥର ଝଗଡା, ମାରପିଟ୍ ହେବାର ନଜରକୁ ଆସିଚଛି। ଅନେକ ମଦୁଆ ଗାଲିଗୁଲଜ ଦେଉଥିବା ଦେଖିବାକୁ ମିଳୁଛି । ଏହି ରାସ୍ତା ଦେଇ ବିଶ୍ୱନାଥପୁର କଲେଜ କୁ ଯାଉଥିବା ଛାତ୍ରଛାତ୍ରୀ ଏବଂ ଲୋକେ ଯାତାୟାତ କରୁଥିବାବେଳେ ଅନେକ ଅସୁବିଧାରେ ସମ୍ମୁଖୀନ ଦେଖିବାକୁ ମିଳେ। ପ୍ରତିଦିନ ସକାଳ ୧୦ ଟା ସମୟରେ ଏହି ରାସ୍ତା ଦେଇ ସ୍କୁଲ ଛାତ୍ର ଛାତ୍ରୀ, କଲେଜ ଛାତ୍ର ଛାତ୍ରୀ, ପରିବାର ଲୋକେ, ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଯିବା ଆସିବା କରିଥାନ୍ତି । ହେଲେ ପ୍ରତ୍ୟେକ ଦିନ ସେହି ବିଦେଶୀ ମଦ ଦୋକାନ ରେ କିଛିନା କିଛି କଥା ପାଇଁ ଝଗଡା ହେଉଛି। ସେହି ସମୟରେ ଯିବା ଆସିବା କରୁଥିବା କଲେଜ ଛାତ୍ର ଛାତ୍ରୀ, ପରିବାର ସହ ଯାଉଥିବା ଲୋକ, ସେହି ପଡ଼ାର ମହିଳା କେତେ ସୁରକ୍ଷିତ ମନେ କରୁଥିବେ ତାହା ଆପଣ ମାନେ ନିର୍ଣ୍ଣୟ କରିବେ। ଏହି ଠିପି ବନ୍ଦ ମଦ ଦୋକାନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର କିଛି ମିଟର ଦୂରତାରେ ଅବସ୍ଥିତ ହେଉଥିବା ବେଳେ ମଦ ଦୋକାନ ର ପାଖରେ ରହିଛି ହନୁମାନ ମନ୍ଦିର । ଏହା ସରକରାଙ୍କ ନିୟମକୁ ପୁରାପୁରି ଉଲଙ୍ଘନ କରିଥିବା ଦେଖିବାକୁ ମିଳିଛି। କିଛି ଲୋକଙ୍କ ଅଭିଯୋଗ କାଉଣ୍ଟରରେ ଯିଏ ରହୁଛନ୍ତି ଗ୍ରାହକଙ୍କ ଠାରୁ ବିଅର କିମ୍ବା ଲିକରରେ ପ୍ରିଣ୍ଟ ରେଟରୁ ଅଧିକା ନେଉଛନ୍ତି। ଯଦି ଅଧିକା ନଦେଲେ ଗ୍ରାହକଙ୍କୁ ଭୟଭୀତ କରାଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି । ଅନେକ ସମୟରେ ସ୍କୁଲ ଭିତରେ, କାହାର ଜମିରେ, କାହାର ଛାତ ଉପରେ କାଚ ବୋତଲ ଦେଖିବାକୁ ମିଳିଥାଏ। ଅନେକ ଅସାମାଜିକ ଚିତ୍ର କଳା ମଧ୍ୟ ସ୍କୁଲର କାନ୍ଥ ରେ ଦେଖିବାକୁ ମିଳିଥାଏ । ପ୍ରତଦିନ ମଦପିଇ ବେପରୁଆ ଭାବରେ ଗାଡ଼ି ଚଳାଇ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଏହିପରି ଅନେକ ଅସୁବିଧାରେ ସାଧାରଣ ଲୋକେ ମଧ୍ୟପଡିଥାନ୍ତି । ଏହି ଠିପି ବନ୍ଦ ମଦ ଦୋକାନ କିଛି ବର୍ଷ ହେଇଥିବାବେଳେ ଆଉ କିଛି ବର୍ଷ ସରକାରୀ ଚୁକ୍ତି ବାକି ରହିଛି । ସରକାରଙ୍କ ଅନେକ ପ୍ରକାର ଉନ୍ନତି କରଣ କାର୍ଯ୍ୟ ଥିଲେ ମଧ୍ୟ ଏହି ପରି ଏକ ଅସାମାଜିକ କାର୍ଯ୍ୟକୁ ସରକାର କିପରି ଆଖିବୁଜି ଦେଇ ବସିଛି ଏବଂ ସରକାରଙ୍କ ନିୟମ ଉଲଙ୍ଘନ କରି ଅସାମାଜିକ କାର୍ଯ୍ୟ ଆରମ୍ଭ ହେଉଛି ଏହା ଏକ ପରିତାପର ବିଷୟ ପାଲଟିଛି। କାଲି ଯଦି କିଛି ଅଘଟଣ ହୋଇଯାଏ ଏଥିପ୍ରତି କିଏ ଦାୟୀ ରହିବ ବୋଲି ଗ୍ରାମବାସୀଏବଂ ସାହିର ଯୁବ ସମାଜ ଗଣମାଧ୍ୟମ ଆଗରେ ପ୍ରଶ୍ନ କରିଛନ୍ତି । ଏହିପରି ଏତେ କିଛି ଘଟିଲେ ମଧ୍ୟେ ପ୍ରଶାସନ ଚୁପ୍ ମାରି ବସିଛନ୍ତି ବୋଲି ବୁଦ୍ଧିଜୀବି ମହଲ ରେ ଚର୍ଚ୍ଚାର ବିଷୟ ପାଲଟିଛି । ଏବଂ ଅନେକ ଦିନରୁ ଏହି ପରି ଅସାମାଜିକ କାର୍ଯ୍ୟକଳାପ ହେଉଥିବାବେଳେ ଆଗକୁ ଆହୁରି ଅସୁବିଧା ଭୋଗିବାକୁ ଯାଉଛନ୍ତି ସାଧାରଣ ଲୋକେ ଏବଂ ସେହି ପଡା ର ଅନେକ ପରିବାର । ଏହାର ସ୍ଥାୟୀ ସମାଧାନ କେବେ ହେବ ତାହା ଦେଖିବାକୁ ବାକି ରହିଲା ।

# ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଏକ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ କାର୍ଯ୍ୟକ୍ରମ ଅର୍ଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ପ୍ରାକ୍ ସୂଚନା ପ୍ରଦାନ ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଶିରପାଣି ନାୟକ ଚିଟଫଣ୍ଡ କମ୍ପାନୀ ମାନଙ୍କରେ ଟଙ୍କା ବିନିଯୋଗ କରିବାର ଅପକାରୀତା ବିଷୟରେ ବୁଝାଇଥିଲେ । ବିଭିନ୍ନ ପ୍ରକାରର ସୁରକ୍ଷିତ ସଞ୍ଚୟ ଉପରେ ଆଲୋଚନା କରିଥିଲେ । ଝାରସୁଗୁଡ଼ା ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ବସନ୍ତ କୁମାର ପଟେଲ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା ଏବଂ ଅଟଳ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ । ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କର ଲୋକ ସମ୍ପର୍କ ଅଧିକାରୀ ସୁମିତ ପ୍ରମାଣିକ ଡିଜିଟାଲ କାରବାର ଓ ତଦଜନିତ ସାଇବର ଅପରାଧ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । । ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶ୍ରୀମତୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଥିଲି ବ୍ଲକ ଦାୟିତ୍ୱ ରେ ଥିବା ମାଲକାନାଗିରି ବିଡ଼ିଓ ତପନ କୁମାର ସେନାପତିଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖୋଲ ଯୋଗ ଦେଇଥିବାବେଳେ ମାଥିଲି ବ୍ଲକ ଉପାଧ୍ୟକ୍ଷା ଦେବକୀ ଦଳେଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଓ ସମ୍ମାନିତ ଅତିଥି ଭାବରେ ମାଥିଲି ଜିଲ୍ଲା ପରିଷଦ ଜୋନ-୩ ର ସଭ୍ୟା ସସ୍ମିତା ମାଝୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ, ଚାଉଳମେଦି ସରପଞ୍ଚ ଜଳନ୍ଧର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧି ଅଧିକାରୀ ନିର୍ମଳ ଧାରୁଆ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ମାଥିଲି ସରପଞ୍ଚ କାନାମ ରାଜୁ ନାୟକ, ସମିତି ସଭ୍ୟ ବାଲ ରାଜୁ କୋପେ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ ଯୋଗଦେଇ ଥିଲେ । ମାଥିଲି ବ୍ଲକର ସମସ୍ତ ୨୦ଟି ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମ ମାନଙ୍କୁ ଅଭିଜ୍ଞ ଡାକ୍ତରମାନେ ପରୀକ୍ଷା କରିଥିଲେ। ଦିବ୍ୟାଙ୍ଗ ମାନଙ୍କୁ ସହାୟତା ଉପକରଣ ବଣ୍ଟନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା । ୬ରୁ ୭ ଶହ ଦିବ୍ୟାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ବୋଲି ସମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ ସୂଚନା ଦେଇଛନ୍ତି ଓ ଓ ବ୍ଲକ ସ୍ୱଚ୍ଛ ଭାରତ ମିଶନର ବିଆରସି ଦିଲ୍ଲିପ କୁମାର ଡାକୁଆ ମଞ୍ଚ ପରିଚାଳନା କରିଥିବା ସହିତ ବ୍ଲକର ସମସ୍ତ ଅଙ୍ଗନବାଡି ଓ ଆଶାକର୍ମୀ ଦିବ୍ୟାଙ୍ଗମାନଙ୍କୁ ନିଜ ଅଞ୍ଚଳରୁ ଆଣିବାକୁ ସହଯୋଗ କରିଥିଲେ । ଶିବିର ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାମଲ ପରିଚାଳନା କରୁଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଆଉ ଦୁଇଶାଖା ଲୋକାର୍ପିତ

କେନ୍ଦୁଝର(ଭାସ୍କର ନ୍ୟୁଜ): ମଣ୍ଡୁଆ ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝରର ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଆଉ ଦୁଇ ନୂତନ ଶାଖା ଗତକାଲି ଲୋକାର୍ପିତ ହୋଇଛି। ଗ୍ରାହକଙ୍କୁ ହାତ ପାଆନ୍ତାରେ ଉତ୍କୃଷ୍ଟ ସେବା ଯୋଗାଇବା ଲକ୍ଷ୍ୟରେ ଏହି ଦୁଇ ଶାଖା ଖୋଲି ଥିବା ବେଳେ ଖୁବ ଶୀଘ୍ର ଆଉ ଦୁଇଟି ଶାଖା ଖୋଲିବ ବୋଲି ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଯୁକ୍ତ ହିମାଦ୍ରୀ ଶେଖର ଦାଶ କହିଛନ୍ତି। ଗତକାଲି ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ରଜନୀଶ କର୍ଣ୍ଣାଟକ ସାରା ଦେଶରେ ୧୧୧ଟି ନୂତନ ଶାଖାକୁ ଲୋକ ସେବାରେ ଉତ୍ସର୍ଗ କରିଥିବା ବେଳେ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ କ୍ଷେତ୍ରର ଛେଣ୍ଡିପଦା ଓ ଖମାର ରେ ନୂତନ ଶାଖା କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି। ଚଳିତ ମାସ ଆଉ ଦୁଇ ନୂତନ ଶାଖା ରସୋଳ ଓ କୁଆଁଖିଆରେ ଖୋଲିବ ବୋଲି ଏହି କାର୍ଯ୍ୟକ୍ରମରେ ସୂଚନା ଦିଆ ଯାଇଛି। ସୂଚନା ଯୋଗ୍ୟ ଯେ କେନ୍ଦୁଝରେ ଆଞ୍ଚଳିକ କାର୍ଯ୍ୟାଳୟ କ୍ଷେତ୍ରରେ କେନ୍ଦୁଝର,ଯାଜପୁର, ଢେଙ୍କାନାଳ, ଅନୁଗୁଳ ଓ ଦେବଗଡ଼ ଜିଲା ମଧ୍ୟରେ ମୋଟ ୫୪ ଟି ଶାଖା ରହିଥିବା ବେଳେ କେନ୍ଦୁଝରରେ ଏହା ଅଗ୍ରଣୀ ଜିଲା ବ୍ୟାଙ୍କ ଭାବେ କାର୍ଯ୍ୟ କରୁଛି।



# ଆମ କଳାହାଣ୍ଡି





ଗୁରୁବାର, ୦୬ ମାର୍ଚ୍ଚ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର




## ସରିଲା କ୍ଲଷ୍ଟରସ୍ତରୀୟ ଟିଏଲ୍‌ଏମ୍ ମେଳା




### ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଏଠାରୁ ପ୍ରାୟ ୨୦ କି.ମି. ଦୂରବର୍ତ୍ତୀ ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ କର୍ଲାପଡା ଠାରେ ୪ ତାରିଖ ମଙ୍ଗଳବାର ଦିନ କ୍ଲଷ୍ଟର ସ୍ତରୀୟ ଟିଏଲ୍‌ଏମ୍ ମେଳାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ସହ ଶିକ୍ଷକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ସଫଳ କରିବାରେ ସହଯୋଗ କରିଥିଲେ । କର୍ଲାପଡା କ୍ଲଷ୍ଟର ସଂଯୋଜକ ପ୍ରଦ୍ୟୁମ୍ନ କୁମାର ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଯୋଗ ଦେଇଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମାଟି, କାଠି, କାର୍ଡ ଆଦି ସ୍ଥାନୀୟ ସମ୍ବଳକୁ ବ୍ୟବହାର କରି ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କିତ ଶିକ୍ଷଣ ସାମଗ୍ରୀକୁ ଅତ୍ୟନ୍ତ ଚିତ୍ତାକର୍ଷକ ତଥା ଆକର୍ଷଣୀୟ ଭାବେ ପ୍ରସ୍ତୁତ କରିଥିଲେ । ଶିକ୍ଷାଦାନ ଓ ଶିକ୍ଷାଗ୍ରହଣରେ ସହାୟକ ହେଉଥିବା ଏହି ଭଳି ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସାମଗ୍ରୀ ଏହି ମେଳାରେ ପ୍ରଦର୍ଶିତ ହୋଇଥିବା ଦେଖିବାକୁ ମିଳିଥିଲା। ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ଜଗନ୍ନାଥ ଦାଶ, କାଳୀ ପ୍ରସାଦ ରଥ, ଶୁକ୍ରୁ ଜାନି, କ୍ଷେତ୍ରୀ କୁମାର ରାଉତ, ସୁଶାନ୍ତ କୁମାର ପ୍ରଧାନ, ସରୋଜ ମିଶ୍ର ଏବଂ ସିଆରସିସି ପ୍ରଦ୍ୟୁମ୍ନ କୁମାର ହୋତା ପ୍ରମୁଖ ପ୍ରଦର୍ଶିତ ସାମଗ୍ରୀ ଗୁଡିକ ପର୍ଯ୍ୟବେକ୍ଷଣ କରିଥିଲେ ଓ ଶିକ୍ଷଣ ସାମଗ୍ରୀ ଗୁଡିକ ଯଥେଷ୍ଟ ଉପାଦେୟ ତଥା ଉଚ୍ଚକୋଟୀର ବୋଲି ମତ ପ୍ରକାଶ କରିବା ସହ ଏ ସବୁକୁ ପ୍ରସ୍ତୁତ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିଷ୍ଠା ଓ ଚେଷ୍ଟାର ଉଚ୍ଚ ପ୍ରଶଂସା କରିଥିଲେ। ଶେଷରେ ସିଆରସିସି ଶ୍ରୀ ହୋତା କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଶୋଭାରାଣୀ ନାୟକ, କସ୍ତୁରୀ ଚାଲାଣ, ମୃତ୍ୟୁଞ୍ଜୟ ପ୍ରଧାନ, ବିକାଶ ଗଡତିଆ, ସଂଯୁକ୍ତା ଖିଲାର, ସୁଜାତା ବାରିକ୍, ନିରୂପମା ଦୁର୍ଗା, ତୃଷ୍ଣା ଦାଶ, ସରସ୍ୱତୀ ସାହୁ, ବିଶେଶ୍ୱରୀ ଦାଶ, ରଶ୍ମିତା ପତି, ଉଦ୍ଧବ ଜାନି, କାଳନ୍ଦ୍ରି ସ୍ୱାଇଁ ପ୍ରମୁଖ କର୍ଲାପଡା କ୍ଲଷ୍ଟରର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ବିଶେଷ ଭାବେ ସହଯୋଗ କରିଥିଲେ।

## ଜଙ୍ଗଲ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା, ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଦୁଇଦିନିଆ କଳାହାଣ୍ଡି ଗସ୍ତରେ ଆସିଛନ୍ତି। ୪ତାରିଖ ମଙ୍ଗଳବାର ଦିନ ଜିଲ୍ଲାପରିଷଦ ସଭାଗୃହଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ ସରକାରଙ୍କର ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । କଳାହାଣ୍ଡି ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ଜଳସେଚନ, ଗମନାଗମନ, ଗ୍ରାମ୍ୟ ଉନ୍ନୟନ, ପ୍ରଧାନମନ୍ତ୍ରୀ ଆବାସ, ବେସାମରିକ ଯୋଗାଣ, ଖରିଫ ଧାନ ସଂଗ୍ରହ, ନିର୍ମାଣ ଶ୍ରମିକ, ବାର୍ଦ୍ଧକ୍ୟ ଭତ୍ତା, ଅଙ୍ଗନବାଡି କେନ୍ଦ୍ରର ସ୍ଥିତି ଓ ପରିଚାଳନା, ଜଙ୍ଗଲ, ଉଦ୍ୟାନ କୃଷି ଇତ୍ୟାଦି ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ମନ୍ତ୍ରୀ ବିସ୍ତୃତ ଆଲୋଚନା କରିଥିଲେ । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ଜନକଲ୍ୟାଣ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ ସଫଳତାର ସହିତ ଜନହିତରେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଜନହିତ ଉଦ୍ଦେଶ୍ୟରେ ସରକାରୀ ଯୋଜନାରୁ କୌଣସି ଯୋଗ୍ୟ ବ୍ୟକ୍ତି ଯେପରି ବାଦ ନ ପଡ଼ନ୍ତି ସେଥିପ୍ରତି ଅଧିକ ଧ୍ୟାନ ଦେବାପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମଋତୁରେ ଗ୍ରାମାଞ୍ଚଳରେ ପାନୀୟଜଳର ସଙ୍କଟ ଆଶଙ୍କା ଥିବାରୁ ବିଡିଓ ମାନେ ଏହାକୁ ଗୁରୁତ୍ୱ ଦେଇ ଗ୍ରାମାଞ୍ଚଳରେ ଲୋକଙ୍କ ସୁବିଧା ପାଇଁ ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦ, ଏସ୍‌ପି ନାଗରାଜ ଡି., ଅତିରିକ୍ତ ଜିଲ୍ଲାପାଳ (ସା.) ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟା ପାଢୀ, ଡିଏଫ୍‌ଓ (ଉତ୍ତର) ଅନୁରାଗ ମିଶ୍ର, ଡିଏଫ୍‌ଓ (ଦକ୍ଷିଣ) କଳାଇ ଭାନାନ. ଆର., ଉପଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚକମା, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟା ପାଢୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ ବିଇଓଙ୍କୁ ପ୍ରାଥମିକ ଶିକ୍ଷକ ସଙ୍ଘର ସ୍ୱାଗତ ସମ୍ବର୍ଦ୍ଧନା



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ନୂତନ ଭାବେ ଯୋଗ ଦେଇଥିବା ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ରୁଷିଆ ମେହେରଙ୍କୁ ଲାଞ୍ଜିଗଡ ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଘର ଏକ ପ୍ରତିନିଧିମଣ୍ଡଳ ବିଶ୍ୱନାଥପୁର ସ୍ଥିତ ବିଇଓ କାର୍ଯ୍ୟାଳୟକୁ ଯାଇ ଶ୍ରୀ ମେହେରଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଜିଲ୍ଲା ସଭାନେତ୍ରୀ ଅର୍ଚ୍ଚନା ମିଶ୍ର, ଜିଲ୍ଲା କୋଷାଧ୍ୟକ୍ଷ ଶିବ ପ୍ରସାଦ ଦାସ, ଲାଞ୍ଜିଗଡ଼ ବ୍ଲକ୍ ସଭାପତି ପ୍ରମୋଦ କୁମାର ମହାନ୍ତି, ସଂପାଦକ ଏମ୍.ଏସ୍. ଶେଖର, ଉପ-ସଭାପତି ପ୍ରକାଶ ପ୍ରଧାନ ଓ ରତ୍ନାକର ଦୋରା, ଉପ-ସଭାନେତ୍ରୀ ମୋନାଲିସା ଜେନା, ବ୍ଲକ୍ ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଗୁରୁଗୋବିନ୍ଦ ମହାନ୍ତି, ଯୁଗ୍ମ ସଂପାଦକ ଜଳନ୍ଧର ମାଝୀ, ଶରତ ଚନ୍ଦ୍ର ସାହାଣୀ ଓ ଚିନ୍ମୟ ପ୍ରସାଦ ମୁଦୁଲି, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପଦ୍ମଲୋଚନ ସୁନା, ତପନ କୁମାର ଭୋଇ ଓ ସୁବାସ ନାୟକ, ବ୍ଲକ୍ କୋର କମିଟି ସଦସ୍ୟ ଜିତେନ୍ଦ୍ର ନାୟକ, ପରମେଶ୍ୱର ନାଏକ, ଚନ୍ଦନ ସାହୁ, ନରୋତ୍ତମ ନାଗ, ବିକ୍ରମ ମାଝୀ ଓ ହେମନ୍ତ ଛତର, ବରିଷ୍ଠ ଶିକ୍ଷକ ଜି. ଶଙ୍କର ଦାସ ଓ ଗଣେଶ୍ୱର ଠେଲା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଏବିଇଓ ସୁଢଳଦେବ ମୁଣ୍ଡ ଓ ଭାରତ ଭୂଷଣ ସାହୁ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବ୍ଲକରେ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ସମସ୍ୟା ନେଇ ସଂଘ ପକ୍ଷରୁ ବିଇଓଙ୍କ ସହ ଆଲୋଚନା କରାଯାଇଥିଲା। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଠାରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପାଇଁ ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଏଥିସହ ପିଏମ୍ ପୋଷଣ (ମଧ୍ୟାହ୍ନ ଭୋଜନ) ବ୍ୟବସ୍ଥାର ମାସିକ ଖର୍ଚ୍ଚ, ଚାଉଳ ଓ ପାଚିକାମାନଙ୍କ ପାରିଶ୍ରମିକ ଠିକ ସମୟରେ ମିଳୁ ନଥିବାରୁ ଅନେକ ସମସ୍ୟା ହେଉଛି। ବ୍ଲକର ଅଧିକାଂଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ନଥିବାରୁ ଅନେକ ଅସୁବିଧା ଦେଖାଦେଉଛି। ଏଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଅବସରକାଳୀନ କାଗଜପତ୍ର ଗୁଡିକ ଶୀଘ୍ର ପ୍ରସ୍ତୁତ କରି ସେମାନଙ୍କ ପ୍ରାପ୍ୟ ଯଥାଶୀଘ୍ର ପ୍ରଦାନ କରିବା ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ ସମ୍ପର୍କିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଉପରୋକ୍ତ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଇଓ ଶ୍ରୀ ମେହେର ପ୍ରତିଶ୍ରୁତି ଦେଇଥିଲେ।

## ଘରେ ଘରେ ସୁଭଦ୍ରା ପାଇଁ ଶୋଭାଯାତ୍ରା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସମଗ୍ର ରାଜ୍ୟର ପଞ୍ଚାୟତ ମାନଙ୍କରେ ସୁଭଦ୍ରା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ଏମ୍‌ବିକେ, ସିଆର୍‌ପି, ଇସି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସାଧାରଣ ମହିଳା ମାନେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ



ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ୍ୟ ସୁଭଦ୍ରା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲେ। ଘରେ ଘରେ ସୁଭଦ୍ରା ଯୋଜନା ପହଞ୍ଚିବାକୁ ନାନା ପ୍ରକାର ସଚେତନା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବିହାରୀ, ଏଡିଓ-ବିଶ୍ୱ ଦୀପକ ପାଣିଗ୍ରାହୀ, ଜିଓ ଟେକର ସ୍ୱରୂପ କୁମାର ପୁରୋହିତ,ଏମ୍‌ବିକେ-ପଙ୍କଜିନି ଜାଲ ପ୍ରତ୍ୟେକ ସିଆର୍‌ପି, ଇସି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ସାମିଲ ହୋଇଥିଲେ।

### ମୁଟୁରା ନଦୀରୁ ବେଆଇନ ବାଲି ଉଠାଣକୁ ବିରୋଧ

## ତହସିଲଦାରଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଚିକିଲି ଗାଁ କଛାରପଡା ଦେଇ ପ୍ରବାହିତ ହେଉଥିବା ମୁଟୁରା ନଦୀ କୂଳରୁ ବେଆଇନ୍ ଭାବେ ଶହ ଶହ ଟ୍ରିପ୍ ବାଲି ଉଠାଣ ହୋଇଛି। ଏହାକୁ ବନ୍ଦ କରିବା ସହ ବାଲି ମାଫିଆ ମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୋମବାର ଚିକିଲି ଗ୍ରାମର କଛାରପଡାବାସୀ କୋକସରା ତହସିଲ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ଚିକିଲି ଗ୍ରାମର ଜୈନେକ ବ୍ୟକ୍ତି ଦୀର୍ଘ ଦୁଇ ବର୍ଷ ହେବ କଛାରପଡା ନିକଟ ମୁଟୁରା ନଦୀ ଘାଟରୁ ବିନା ରେଏଲଟିରେ ଟ୍ରାକ୍ଟର ଲଗାଇ ବେଆଇନ ଭାବେ ଦୈନିକ ଶହ ଶହ ଟ୍ରିପ୍ ବାଲି ନେଇ ଯାଉଛନ୍ତି। ପଡାବାସୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାରମ୍ବାର ମନା କରିଥିଲେ ମଧ୍ୟ କାହାରି କଥାକୁ ଶୁଣ ନାହାଁନ୍ତି। ପ୍ରତିଦିନ ଟ୍ରିପ୍ ଟ୍ରିପ୍ ବାଲି ଉଠାଣ ହେବା ଯୋଗୁଁ ବିରାଟ ଗାତ ହେବା ସହ ନଦୀକୂଳ ଖାଇ ଗଲାଣି। ଯାହା ଫଳରେ କଛାର ପଡାବାସୀଙ୍କ ମୁଣ୍ଡ ଉପରେ ବିପଦ ରହିଛି। ଏଣେ ବର୍ଷା ଦିନେ ମୁଟୁରା ନଦୀରେ ପ୍ରବଳ ପାଣି ପ୍ରଭାବିତ ହୋଇଥାଏ। ତେଣୁ ବେଆଇନ ବାଲି ଉଠାଣକୁ ବନ୍ଦ କରା ନଗଲେ ଆଗକୁ ବର୍ଷା ଦିନେ ବନ୍ୟା ଜଳରେ ଭାସି କଛାରପଡା ନିମଗ୍ନ ହୋଇଯିବାର ଆଶଙ୍କା ରହିଛି। ତେଣୁ ପଡାବାସୀ ବେଆଇନ୍ ବାଲି ଉଠାଣକୁ ବିରୋଧ କରି କୋକସରା ତହସିଲ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ୱଳିତ ଏକ ଦାବିପତ୍ର ବିଭାଗୀୟ ଅଧିକାରୀ ଧବଳେଶ୍ୱର ବେହେରାଙ୍କୁ ପ୍ରଦାନ କରିଛନ୍ତି। ଏହା ସହିତ ତହସିଲଦାର କ୍ଷିରୋଦ ବିହାରୀ ଭାରତ ନାଗଙ୍କୁ ସାକ୍ଷାତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବେଆଇନ ବାଲି ଉଠାଣକୁ ବନ୍ଦ କରିବା ପାଇଁ ପଡାବାସୀ ନିବେଦନ କରିଛନ୍ତି।

## ଖତ ଖାଉଛି ଟ୍ରଲି, ସ୍ୱଚ୍ଛତା ମିଶିନ ବାଟ ବଣା !



ଧର୍ମଗଡ଼ (ଭାସ୍କର ନ୍ୟୁଜ) : କେନ୍ଦ୍ର ହେଉ ଅବା ରାଜ୍ୟ ସରକାର-ବିଭିନ୍ନ ଉଦ୍ଦେଶ୍ୟ ମୂଳକ ଯୋଜନା ନିର୍ମାଣ କରୁଛନ୍ତି ସତ। କିନ୍ତୁ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କ ଅବହେଳା ଯୋଗୁ ବିଫଳ ଦେଖାଦେଇଛି। ଗତ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ମିଶନ କାର୍ଯ୍ୟକ୍ରମ। କେନ୍ଦ୍ର ସରକାରଙ୍କ ଏହି ମହତ ଉଦ୍ଦେଶ୍ୟ -ପରିବେଶ ସ୍ୱଚ୍ଛତା ଆଣିବ ବୋଲି ସର୍ଭିଏ ଭାବିଥିଲେ। ସେ ଗାଁ ହେଉ କି ସହର ସବୁଠି ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖି ସୁସ୍ଥ ସମାଜ ଗଠନ ରଖିବାରେ ବେଶ ଏହି ମିଶନ ସହାୟକ ହୋଇପାରିବ ବୋଲି ଆଶା କରାଯାଇଥିଲା। ହେଲେ କେବଳ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ଦେଶ୍ୟ ସୀମିତ ରହିଯାଇଥିବା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ପଞ୍ଚାୟତ, ବ୍ଲକ, ଉପଖଣ୍ଡ ଓ ଜିଲ୍ଲାସ୍ତରରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ବ୍ଲକ ତରଫରୁ ପ୍ରତ୍ୟେକ ପଞ୍ଚାୟତ ମାନଙ୍କୁ ଗୋଟାଏ ଟ୍ରଲି ସାଇକେଲ ଯୋଗାଇ ଦିଆଯାଇଥିଲା। ପଞ୍ଚାୟତସ୍ତରରେ ଏହି ସାଇକେଲ ପରିଚାଳନା କରିବାକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କିମ୍ବା ବ୍ୟକ୍ତି ବିଶେଷକୁ ଅସ୍ଥାୟୀ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ରହିଥିଲା। ମାସର ପ୍ରତ୍ୟେକ ବୁଧବାର ଦିନ ଗାଁର ଘର ଘର, ରାସ୍ତା ଘାଟ ମଇଲା ଅବର୍ଜନା ସଂଗ୍ରହ କରିବା ବ୍ୟବସ୍ଥା ରହିଛି। ଏଥିପାଇଁ ଘର ପ୍ରତି ୫ଟଙ୍କା ପାରିଶ୍ରମିକ ବାବଦକୁ ଦେବାକୁ ବ୍ୟବସ୍ଥା ରହିଛି। ହେଲେ ସ୍ୱଚ୍ଛ ଭାରତ ମିଶନ ଆରମ୍ଭର କେତେ ଦିନ ପରେ ଟ୍ରଲି ସାଇକେଲ ଗୁଡିକ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପଡିରହିଛି। ନା ରାସ୍ତା ଘାଟ ସଫା ହେଉଛି ନା ଘର ଘର ବୁଲି ଆବର୍ଜନା ସଂଗ୍ରହ କରାଯାଉଛି। କେବଳ ପଞ୍ଚାୟତ ମାନଙ୍କରେ କାଗଜ କଲମରେ କାର୍ଯ୍ୟକ୍ରମ ଚାଲୁ ରହିଥିବା ଆଲୋଚନା ହେଉଛି। ସରକାରଙ୍କ ମହତ ଉଦ୍ଦେଶ୍ୟକୁ ପ୍ରଶାସନ ବାଟବଣା ଜାଣିଶୁଣି କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଥିପ୍ରତି ବ୍ଲକ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ପଚାରିବାରୁ ଏ ବିଷୟ ନେଇ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସହ କଥା ହୋଇ ତୁରନ୍ତ ସ୍ୱଚ୍ଛତା ମିଶନକୁ ସଫଳ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ପ୍ରକାଶ କରିଥିଲେ।

## ଦୀର୍ଘଦିନ ପରେ ପୂରଣ ହେଲା ଦାବି

### ଧନବାଦ ଆଲେପି ଟ୍ରେନ ନର୍ଲାରୋଡ ଠାରେ ରହିଲା

ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲାରୋଡ ରେଳ ଷ୍ଟେସନରେ କୋଭିଡ -୧୯ ଯୋଗୁଁ ୬ଗୋଟି ଟ୍ରେନର ଷ୍ଟପେଜ୍ ବାତିଲ କରାଯାଇଥିଲା। କୋଭିଡ ପରେ ୩ଟି ଏକ୍ସପ୍ରେସ ଟ୍ରେନ ରହିଲା ଓ ଅନ୍ୟ ୩ଟି ଟ୍ରେନ ଆଲେପି- ଧନବାଦ, ତିରୁପତି, ସମତା ଏକ୍ସପ୍ରେସ ରହୁ ନ ଥିବାରୁ ରେଳଯାତ୍ରୀ ସୁରକ୍ଷା ସଂଘ ନର୍ଲାରୋଡ ଏବଂ ସ୍ଥାନୀୟ ଜନସାଧାରଣ ମିଳିତ ଉଦ୍ୟମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଗ୍ରହଣ କରି ଖୁବଶୀଘ୍ର ଟ୍ରେନ ରହଣି ପାଇଁ କଥା ଦେଇ ଥିଲେ। ବୁଧବାର ୩ଟି ଟ୍ରେନ ମଧ୍ୟରୁ ଏଲେପି - ଧନବାଦ ଟ୍ରେନଟି ନର୍ଲା ରୋଡ଼ ଠାରେ ଅଟକି ଥିବାରୁ ନର୍ଲା ଅଞ୍ଚଳବାସୀ କଳାହାଣ୍ଡି ସାଂସଦଙ୍କୁ ଧନ୍ୟବାଦ ଜଣାଇଥିବା ବେଳେ ଟ୍ରେନ ରହଣି ପାଇଁ ନର୍ଲାରୋଡ ରେଳ ଷ୍ଟେସନ ଠାରେ ରେଳ ବିଭାଗ ତରଫରୁ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର ସେଠ, ରେଳ ବିଭାଗ ଡ଼ିସିଏମ ଗାରିମା ତିୱାରୀ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦ, ସଂଯୋଜକ ମନ୍ମୟ ଚାନ୍ଦ, ରେଳଯାତ୍ରୀ ସୁରକ୍ଷା ସଂଘର ସଭାପତି ପ୍ରଦୀପ କୁମାର ନାଏକ, ଜହରଲାଲ ବିଶ୍ୱାଳ, କୁମୁଦ ନାଏକ, ଏଲ. ଗୁଣନିଧି, ଥବିରାମ ବୁଢ଼ିଆ, ଦିବାକର ବାଗ୍ ସମେତ ବହୁ ସଂଖ୍ୟାରେ ନର୍ଲା ଓ ମ.ରାମ୍‌ପୁରର ଜନସାଧାରଣ ଉପସ୍ଥିତ ଥିଲେ। କଳାହାଣ୍ଡି ସାଂସଦ ମାଳବିକା ଦେଓ ଏବଂ ରାଜ୍ୟସଭା ସାଂସଦ ସୁଜିତ୍ କୁମାର୍ ପତାକା ଦେଖାଇ ଉକ୍ତ ଟ୍ରେନ୍ ରହଣିର ଶୁଭାରମ୍ଭ କରିଥିଲେ।



## ବ୍ଲକସ୍ତରୀୟ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ



ନର୍ଲା, (ଭାସ୍କର ନ୍ୟୁଜ୍) : ଶିଶୁ ଶ୍ରମିକ, ବାଲ୍ୟ ବିବାହ ଓ ୧୮ ବର୍ଷରୁ କମ ଅନାଥ ଶିଶୁମାନଙ୍କୁ ଥଇଥାନ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ତେବେ ଏହାର ଜନସଚେତନତା ଓ ଆଲୋଚନା ସକାଶେ ନର୍ଲା ଠାରେ ବ୍ଲକସ୍ତରୀୟ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ହୋଇଛି। ନର୍ଲା ସିଡିପିଓ ଅଞ୍ଜଳି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ, ଡଃ ଅକ୍ଷୟ ଗୋଛାୟତ, ନର୍ଲା ଡିଗ୍ରୀ କଲେଜ୍ ଅଧ୍ୟକ୍ଷ ନାରାୟଣ ନାଏକ, ଏବିଓ ଗୋବର୍ଦ୍ଧନ ମାଝୀ, ଗୋପକୂଳ ଗଉଡ ସମାଜର ସଭାପତି ତ୍ରିଲୋଚନ ଗଉଡ ପ୍ରମୁଖ ଉପସ୍ଥିତ ରହି ଶିଶୁଙ୍କ ଭବିଷ୍ୟତ ସୁନିଶ୍ଚିତ କରିବାରେ ବିଭିନ୍ନ ମତାମତ ଦେଇଥିଲେ। ଏଥିରେ ପ୍ରତି ଗ୍ରାମରେ ବୈଠକ କରି ସଚେତନତା ସୃଷ୍ଟି କରିବା ପାଇଁ ମତ ପ୍ରକାଶ ପାଇଥିଲା।

## ରାଶିଫଳ

ଗୁରୁବାର, ୦୬ ମାର୍ଚ୍ଚ ୨୦୨୫



**ମେଷ:** କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସାମ୍ପ୍ରତିକ ପରିସ୍ଥିତି ଉପରେ ନଜର ରଖିବା ଆବଶ୍ୟକ ହେବ। ଏକ ବୃତ୍ତିଗତ ସ୍ତରର ସମସ୍ୟାର ସମାଧାନ ପାଇଁ ଆପଣ ପୁରସ୍କାର ପାଇପାରିବେ। ନବ ବିବାହିତାମାନେ ସେମାନଙ୍କର ଦାମ୍ପତ୍ୟ ଜୀବନକୁ ପୂର୍ଣ୍ଣ ଉପଭୋଗ କରିବାକୁ ସକ୍ଷମ ହେବେ।



**ବୃଷ:** ଅଧ୍ୟୟନ ସ୍ତରରେ ଯେଉଁମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେମାନେ ସ୍ଥିତିର ଉନ୍ନତି ପାଇଁ କଠିନ ପରିଶ୍ରମ ଆରମ୍ଭ କରିବେ। ସମ୍ପତ୍ତି ଭଲ ଫଳ ଆଣିବ ବୋଲି ଆଶା କରାଯାଉଛି । ଏହି ସପ୍ତାହରେ ଅଳଙ୍କାର କିମ୍ବା ସୁନା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ଆୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।



**ମିଥୁନ:** ଆପଣ ବିଶ୍ୱାସ ଯୋଗ୍ୟ ବ୍ୟକ୍ତିଙ୍କର ସହଯୋଗରେ ସଠିକ୍ ରାସ୍ତାରେ କାର୍ଯ୍ୟ ପାଇପାରିବେ। ସାମାଜିକ କ୍ଷେତ୍ରରେ ଆପଣ ସାମ୍ନା କରୁଥିବା ଯେ କୌଣସି ଘଟଣାରେ ଆପଣଙ୍କୁ ସାହସିକ ପଦକ୍ଷେପ ନେବାକୁ ପଡିପାରେ ।



**କର୍କଟ:** ଆପଣ ଜୀବନର ସେହି ଅଦ୍ଭୁତ ପର୍ଯ୍ୟାୟ ଦେଇ ଗତି କରୁଛନ୍ତି ଯାହା ଏପର୍ଯ୍ୟନ୍ତ ମିଳି ନାହିଁ । ସ୍ୱାସ୍ଥ୍ୟ ଭଲ ହେବ ଏବଂ ଆପଣ ଏହାକୁ ଉପଭୋଗ କରିବାକୁ ସକ୍ଷମ ହେବେ । ବ୍ୟବସାୟ ବୃଦ୍ଧିରେ କିମ୍ବା ବୃତ୍ତିଗତ ଭାବରେ ତୁମର କ୍ୟାରିୟରର ସମ୍ଭାବନା ବଢାଇବାରେ ଆପଣ ସଫଳ ହେବାକୁ ଯାଉଛନ୍ତି।



**ସିଂହ:** ଏକ ଭଲ ଆସାଇନମେଣ୍ଟ ପାଇବାର ସମ୍ଭାବନା ଅଛି । କାର୍ଯ୍ୟକ୍ଷେତ୍ରରେ ଏକ ଚମତ୍କାର ସପ୍ତାହ ଅତିବାହିତ ହେବ ବୋଲି ଆଶା କରାଯାଏ । ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ଲୋକମାନେ ବର୍ତ୍ତମାନ ଆରାମ ପାଇବାକୁ ଆଶା କରୁଛନ୍ତି । ଚାପଗ୍ରସ୍ତ ପରିବାର ପରିବେଶରେ ସକରାତ୍ମକ ପରିବର୍ତ୍ତନ ସମ୍ଭବ ।



**କନ୍ୟା:** ପରିବାରର ଲୋକଙ୍କ ସହିତ ଭଲ ସମ୍ପର୍କ ରଖିବା ଦ୍ୱାରା ଆପଣ ପୂର୍ବ ଅପେକ୍ଷା ଏକ ଭଲ ପରିବେଶ ସୃଷ୍ଟି କରିବାରେ ସକ୍ଷମ ହେବେ । ସମାଜ ସହିତ ସଂଯୁକ୍ତ ରହିବାର ପ୍ରବୃତ୍ତି ଆପଣଙ୍କୁ ଅନେକ ବନ୍ଧୁ ଏବଂ ଶୁଭେଚ୍ଛୁ ସାହାଯ୍ୟ ପ୍ରଦାନ କରିବାକୁ ଯାଉଛନ୍ତି ।



**ତୁଳା:** ଆପଣ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କଠାରୁ ଆଶା କରାଯାଉଥିବା ସାହାଯ୍ୟ ପାଇବାକୁ ସାମାନ୍ୟ ଆଶା ଅଛି । ଆପଣଙ୍କ ଆଗ୍ରହ ପ୍ରତି ଧ୍ୟାନ ଦିଅନ୍ତୁ, ଯେହେତୁ ଅନ୍ୟର ମାମଲାରେ ହସ୍ତକ୍ଷେପ କରିବା ମହଙ୍ଗା ପଡ଼ିପାରେ । ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିବାକୁ ଆପଣଙ୍କୁ ସକ୍ରିୟ ହେବାକୁ ପଡିବ ।



**ବିଛା:** ସାମାଜିକ କ୍ଷେତ୍ରରେ ତୁମର ଉତ୍କଣ୍ଠା ମନୋଭାବ ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରିବ। କେହି ଜଣେ ଲୋକ ଆପଣଙ୍କୁ ସାହାଯ୍ୟ କରିବାକୁ ଯାଉଛନ୍ତି । ପ୍ରେମ ଜୀବନ ଆରମ୍ଭ ହେବାକୁ ଯାଉଛି। ଏକ କାର୍ଯ୍ୟ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ଆଶା କରାଯାଏ ।



**ଧନୁ:** ପରିବାର ସଦସ୍ୟଙ୍କ ପରିବର୍ତ୍ତିତ ଆଚରଣ ଆପଣଙ୍କ ପାଇଁ ଏକ ପଜଲ୍ ହୋଇପାରେ, ଯାହା ସମାଧାନ କରିବା ସହଜ ହେବ ନାହିଁ । ଘରେ ଏକ ଘଟଣା ବିଷୟରେ ଆପଣ କାହାର ପରାମର୍ଶ ଶୁଣିବାକୁ ପସନ୍ଦ କରିବେ ନାହିଁ । ବୃତିଗତ କ୍ଷେତ୍ରର ସିନିୟରମାନଙ୍କ ସହିତ ଆପଣଙ୍କ ବୁଦ୍ଧିର ବ୍ୟବହାର କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିପାରିବେ ।



**ମକର:** ପରେ କୌଣସି ସମସ୍ୟାରେ ନ ପଡ଼ିବା ପାଇଁ ଆଇନଗତ ଔପଚାରିକତା ପୂରଣ କରିବା ଆବଶ୍ୟକ ହେବ । ଯେଉଁମାନେ ବର୍ତ୍ତମାନ କାର୍ଯ୍ୟ ଆରମ୍ଭ କରିଛନ୍ତି ସେମାନଙ୍କ ପାଇଁ ଭଲ ଜୀବନଯାପନର ଲକ୍ଷଣ ଅଛି । ମାର୍କେଟିଂ ଲୋକମାନେ ସେମାନଙ୍କର ଯୋଜନାରେ ସଫଳ ହେବାକୁ ଯାଉଛନ୍ତି । ଜୀବାନସାଥୀଙ୍କ ନୀରବତା ଆପଣଙ୍କୁ ବ୍ୟଥିତ କରିପାରେ କିନ୍ତୁ ଆପଣ ନିଜ ଉପାୟରେ ଚେଷ୍ଟା ଜାରି ରଖିବେ ।



**କୁମ୍ଭ:** ବୃତ୍ତିଗତ ସ୍ତରରେ, ଆପଣ ନିଜକୁ ଏପରି ଏକ ସ୍ଥାନରେ ରଖିବେ ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେବ। ବହୁଦିନର ହଜିଯାଇଥିବା ବା ବୁଡିଯାଇଥିବା ସଂପତ୍ତି ହାସଲ ହେବ। ଆଜି ଆପଣ ଜଣେ ଶକ୍ତିଶାଳୀ ତଥା ପ୍ରଭାବଶାଳି ଲୋକଙ୍କର ସାହାଯ୍ୟ ହାସଲ କରିବେ। ପରିବାର ମଧ୍ୟରେ ବେଶ୍ ସୁଖମୟ ପରିବେଷ ରହିବ। ଖୁସି ହେବେ।



**ମୀନ:** ଯଦି ଆପଣଙ୍କର ଆତ୍ମବିଶ୍ୱାସ ଅଛି ତେବେ ଆପଣ କୌଣସି କାର୍ଯ୍ୟ କରିବାରେ ସଫଳ ହେବେ, ହୃଦୟ ହରାନ୍ତୁ ନାହିଁ । ସମସ୍ତଙ୍କ ସହିତ ଚାଲିବାର କ୍ଷମତା ଆପଣଙ୍କୁ ପରିବାରରେ ପ୍ରଶଂସା ଯୋଗ୍ୟ କରିପାରେ । ଆପଣ ସାମାଜିକ କ୍ଷେତ୍ରରେ ଯେକୌଣସି କାର୍ଯ୍ୟ ପାଇଁ ଗର୍ବିତ ହେବାର ସୁଯୋଗ ପାଇବେ ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯